# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୭/୨୦୧୮ (୧୬ ପୃଷ୍ଠା) | Bhubaneswar, Monday, September 17 / 2018 | ★★★★

୪୪ଶ ଭାଗ ୨୯୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






**ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା କରେ ଫିଲ୍ମ: କାଜଲ୍**

ଟିଭି ଓ ଫିଲ୍ମ ପରଦାରେ ଅଭିନୟ କରିବା ଦ୍ୱାରା ଜଣେ ମହିଳା ପାଇଁ ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା ହୋଇପାରେ ବୋଲି ବଲିଉଡ୍ ଅଭିନେତ୍ରୀ କାଜଲ୍ ମୁଖାର୍ଜୀ ପ୍ରକାଶ କରିଛନ୍ତି।

୦୨

୧୫

**ମାରାଥନରେ କିପ୍‌ଚୋଗେଙ୍କ ବିଶ୍ୱ ରେକର୍ଡ**

ବର୍ଲିନ ମାରାଥନରେ ୨ ଘଣ୍ଟା ୧ ମିନିଟ୍ ଓ ୩୯ ସେକେଣ୍ଡ ଟାଇମିଂ ସହ କେନିଆର ଇଲିଉଡ୍ କିପ୍‌ଚୋଗେ ନୂଆ ବିଶ୍ୱ ରେକର୍ଡ କରିଛନ୍ତି।






# ଓଡ଼ିଆଙ୍କୁ ଚାପୁଡ଼ା

ଭାରତୀୟ ହକି ଦଳରେ ଓଡ଼ିଆ ଖେଳାଳିଙ୍କ ଅବଦାନ ସ୍ମରଣୀୟ ରହିଆସିଛି। ଦିଲୀପ ତିର୍କି, ଲାଜରୁସ ବାର୍ଲା, ଇଗ୍ନେଶ ତିର୍କି, ପ୍ରବୋଧ ତିର୍କିଙ୍କ ଭଳି ଓଡ଼ିଆ ଖେଳାଳିଙ୍କ ଉତ୍ତମ ପ୍ରଦର୍ଶନ ଦେଶକୁ ବହୁ ଅନ୍ତର୍ଜାତୀୟ ସ୍ତରୀୟ ଖେଳରେ ବିଜୟ ଆଣିଦେଇଛି। ନିକଟରେ ଏସିଆନ୍ ଗେମ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବା ବୀରେନ୍ଦ୍ର ଲାକ୍ରା ଓ ଅମିତ ରୋହିଦାସଙ୍କ ଭଳି ଯୁବ ଖେଳାଳି ଓଡ଼ିଆଙ୍କୁ ଗର୍ବିତ କରିଛନ୍ତି। ଆସନ୍ତା ନଭେମ୍ବର ୨୮ରୁ ଡିସେମ୍ବର ୧୬ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଯାଉଛି। ସେଥିପାଇଁ ଭୁବନେଶ୍ୱରରେ ସେପ୍ଟେମ୍ବର ୧୭ରୁ ହକି ଇଣ୍ଡିଆର ଜାତୀୟ ପ୍ରଶିକ୍ଷଣ ଶିବିର ଆରମ୍ଭ ହେଉଛି। ଆଶ୍ଚର୍ଯ୍ୟର ବିଷୟ, ସେପ୍ଟେମ୍ବର ୧୨ରେ ଘୋଷିତ ୨୫ ଜଣିଆ କୋର୍ ଗ୍ରୁପ୍ ତାଲିକାରେ ଜଣେ ହେଲେ ଓଡ଼ିଆ ଖେଳାଳି ନାହାନ୍ତି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ଆସନ୍ତା ହକି ବିଶ୍ୱକପ୍‌ର ଆୟୋଜକ ଥିବା ସତ୍ତ୍ୱେ ହରବିନ୍ଦର ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ୧୩ ଜଣିଆ 'ହକି ଇଣ୍ଡିଆ ସିଲେକ୍‌ଶନ୍ କମିଟି' ଏଠାକାର ଦକ୍ଷ ଖେଳାଳିଙ୍କୁ ମନୋନୀତ କରିନାହିଁ। ସ୍ୱାଭାବିକ ଭାବେ ବିଶ୍ୱ କପ୍ ହକିରେ ଘରୋଇ ପଡ଼ିଆରେ ଓଡ଼ିଆ ଖେଳାଳିଙ୍କୁ ଦେଖିବାକୁ ମିଳିବ ନାହିଁ। ସେହିପରି ଓମାନ୍ ରାଜଧାନୀ ମସ୍କଟଠାରେ ଅକ୍ଟୋବର ୧୮ରୁ ୨୮ ଯାଏ ଏସିଆନ୍ ହକି ଚାମ୍ପିୟନ୍ସ ଟ୍ରଫି ଅନୁଷ୍ଠିତ ହେବ। ଏହି କ୍ୟାମ୍ପରୁ ଖେଳାଳି ମନୋନୟନ ହେବାର ଥିବାରୁ ଚାମ୍ପିୟନ୍ସ ଟ୍ରଫିରେ ମଧ୍ୟ କୌଣସି ଓଡ଼ିଆ ଖେଳାଳି ସ୍ଥାନ ପାଇବେ ନାହିଁ ବୋଲି ଏବେଠାରୁ ସ୍ପଷ୍ଟ ହୋଇଯାଇଛି।

ଦେଖିବାକୁ ଗଲେ ଆସନ୍ତା ହକି ବିଶ୍ୱକପ୍‌କୁ ସ୍ମରଣଯୋଗ୍ୟ କରିବା ସହ ଏହାର ପରିଚାଳନା ସୁଗମ କରିବାକୁ ରାଜ୍ୟ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି। ହେଲେ ଓଡ଼ିଶାରେ ପ୍ରତିଭାବାନ୍ ଖେଳାଳି ଥିବା ସତ୍ତ୍ୱେ କେଉଁ ମାନଦଣ୍ଡକୁ ନେଇ ଖେଳାଳି ଚୟନ କରାଯାଇଛି, ତାହା ଓଡ଼ିଆ ହକି ଖେଳାଳି, ବିଶେଷଜ୍ଞ ଓ ସର୍ବୋପରି ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ଓଡ଼ିଶାରେ ଖେଳ ଆୟୋଜନ ହେଉଛି ବୋଲି ନୁହେଁ, ଦକ୍ଷ ଖେଳାଳି ଥିବାରୁ ସେମାନେ ପ୍ରଶିକ୍ଷଣ ଶିବିରରେ ସ୍ଥାନ ପାଇବା ଆଶା ରହିବା ସ୍ୱାଭାବିକ। ଏଠାରେ ଅଯୋଗ୍ୟ ଖେଳାଳିଙ୍କୁ ଜୋରଜବରଦସ୍ତ ଅନ୍ତର୍ଭୁକ୍ତ କରାଯିବା ପାଇଁ ଦାବି କରାଯାଉ ନାହିଁ। ସେଥିପାଇଁ ଏ ସମ୍ପର୍କରେ ରାଜ୍ୟ ସରକାର ମଧ୍ୟ ନିଜର ଦାବିକୁ ସ୍ପଷ୍ଟ ଭାବେ ରଖିବା ଦରକାର।

ଜୁନିୟର ହକି ବିଶ୍ୱକପ୍‌ରେ ଦୀପସାନ୍ ତିର୍କି ଚମତ୍କାର ପ୍ରଦର୍ଶନ କରିଥିଲେ। ସେହିଭଳି ନିଲମ ସଞ୍ଜୀପ ଖେସ୍ ଜୁନିୟର ସ୍ତରରେ ଉତ୍ତମ ଖେଳ ଦେଖାଇ ସାରିଛନ୍ତି। ବିଶେଷଜ୍ଞଙ୍କ ମତରେ, ଘରୋଇ ପରିବେଶରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଉଥିବାରୁ ଏମାନଙ୍କୁ ମଧ୍ୟ ଉଦୀୟମାନ୍ ଖେଳାଳି ଭାବେ ଅନ୍ତର୍ଭୁକ୍ତ କରାଯାଇ ପାରିଥାଆନ୍ତା। ସେମାନେ ବରିଷ୍ଠମାନଙ୍କଠାରୁ ବହୁ କୌଶଳ ଶିଖି ଅଭିଜ୍ଞତା ଅର୍ଜନ କରିବାର ସୁଯୋଗ ପାଇପାରିଥା'ନ୍ତେ। କେବଳ ସେତିକି ନୁହେଁ, ନିଜ ମାଟିରେ ବିଶ୍ୱକପ୍ ଖେଳିବା ଲାଗି ଓଡ଼ିଆ ଖେଳାଳି ମନୋନୀତ ହୋଇଥିଲେ, ଭାରତୀୟ ଦଳ ପାଇଁ ପ୍ରଶଂସକଙ୍କ ଉତ୍ସାହ ବହୁଗୁଣିତ ହୋଇଥାଆନ୍ତା ବୋଲି କୁହାଯାଇପାରେ।

ଓଡ଼ିଶା କଥା ଦେଖିଲେ ରାଜ୍ୟର ଅଧିକାର ଓ ସମ୍ମାନ ପାଇଁ କେହି ସ୍ୱର ଉଠାଉ ନାହାନ୍ତି। ଏଭଳି କ୍ଷେତ୍ରରେ ସବୁଆଡ଼ୁ ପ୍ରତିବାଦ ହେବା ଜରୁରୀ। ଏପରିକି ଓଡ଼ିଶା ସରକାର ଏଥିରେ

**ତଥାଗତ ସତପଥୀ**

ହସ୍ତକ୍ଷେପ କରିବା ଉଚିତ। ହକି ଇଣ୍ଡିଆ ସିଲେକ୍‌ଶନ କମିଟିକୁ ଏ ନେଇ ପ୍ରଶ୍ନ ହେବା ଦରକାର। ସୁନ୍ଦରଗଡ଼ ଓଡ଼ିଶାର ହକି ପାଇଁ ଅନ୍ତୁଡ଼ିଶାଳ। ସର୍ବଭାରତୀୟ ସ୍ତରରେ ଅଧଡଜନରୁ ଊର୍ଦ୍ଧ୍ୱ ଖେଳି ସେମାନଙ୍କ ଉତ୍ତମ ପ୍ରଦର୍ଶନ ମାଧ୍ୟମରେ ଦେଶ ସକାଶେ ସୁନାମ ଅର୍ଜନ କରିସାରିଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶା ନିଜ ଖେଳାଳିଙ୍କ ଅଧିକାରକୁ ଠିକ୍ ଭାବେ ଉପସ୍ଥାପନ କରୁ। ହକି ଟିମ୍‌ର ପ୍ରାୟୋଜକ ସହ ବିଶ୍ୱକପ୍ ଆୟୋଜନ କରୁଥିବାରୁ ସେଥିପାଇଁ ଓଡ଼ିଶାକୁ ପ୍ରଶଂସା ମିଳିଗଲେ ସେଥିରେ ସନ୍ତୁଷ୍ଟ ହେବା ଠିକ୍ ନୁହେଁ। ଏହାର ଦକ୍ଷ ଖେଳାଳିଙ୍କୁ ସୁଯୋଗ ମିଳିଲେ ରାଜ୍ୟକୁ ଉପଯୁକ୍ତ ସମ୍ମାନ ମିଳିପାରିବ। ଆମେ ଆହୁରି ଏକପାଦ ଆଗକୁ ଯାଇ ଏହା ମଧ୍ୟ କହିବୁ ଯେ, ଏହି ପ୍ରଶିକ୍ଷଣ ଶିବିରରେ ଯଦି ଓଡ଼ିଆ ଖେଳାଳିଙ୍କୁ ନେବା ପାଇଁ ଜାତୀୟ ଚୟନକର୍ତ୍ତା କୁଣ୍ଠାବୋଧ କରନ୍ତି, ତେବେ ରାଜ୍ୟ ସରକାର ଏହି ଖେଳ ପାଇଁ ପ୍ରବଳ ମାତ୍ରାରେ ଖର୍ଚ୍ଚ କରିବାକୁ ଯାଉଥିବା ଅର୍ଥରୁ ବିରତ ହୁଅନ୍ତୁ। ନ ହେଲେ ଚୟନ କମିଟିର ନିଷ୍ପତ୍ତି ଓଡ଼ିଆଙ୍କୁ ଚାପୁଡ଼ା ବୋଲି ଧରାଯିବ।

■ ଚିଠା ପେସେଣ୍ଟ ଚାର୍ଟର ଜାରି କଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ

# ରୋଗୀଙ୍କୁ ରୋକିପାରିବନି ହସ୍ପିଟାଲ

**ନୂଆଦିଲ୍ଲୀ,୧୬।୯**

ପେମେଣ୍ଟ ବିବାଦକୁ କେନ୍ଦ୍ରକରି ରୋଗୀଙ୍କୁ ହସ୍ପିଟାଲ ରୋକିପାରିବେ ନାହିଁ। ରୋଗୀଙ୍କୁ ଅଟକାଇଲେ କିମ୍ବା ତାଙ୍କ ମୃତଦେହକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର ନ କଲେ ଏହାକୁ ଅପରାଧ ଭାବେ ବିଚାର କରାଯିବ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ପେମେଣ୍ଟ ସମ୍ପର୍କିତ ଚିଠା ପେସେଣ୍ଟ ଚାର୍ଟରରେ ଏଭଳି ନିୟମ କରାଯାଇଛି।

ପେମେଣ୍ଟ ବିବାଦକୁ କେନ୍ଦ୍ରକରି ଦେଶର ବିଭିନ୍ନ ସ୍ଥାନରେ ନର୍ସିଂହୋମ୍ ଓ ହସ୍ପିଟାଲ କର୍ତ୍ତୃପକ୍ଷ ରୋଗୀ କିମ୍ବା ରୋଗୀଙ୍କ ମୃତଦେହକୁ ପ୍ରଶାସନିକ କାର୍ଯ୍ୟ ଚାଲିଥିବା ଆଳରେ ଦୀର୍ଘ ଦିନ ଅଟକାଇ ରଖୁଥିବାର ବହୁ ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ପକ୍ଷରୁ ଏକ ପେସେଣ୍ଟ ଚାର୍ଟର ପ୍ରସ୍ତୁତ କରାଯାଇଛି। ଏହାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୱେବସାଇଟରେ ଅପଲୋଡ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ରୋଗୀଙ୍କ ସହ କୌଣସି ପେମେଣ୍ଟ ବିବାଦ ଉପୁଜିଲେ ଟଙ୍କା ପାଇବା ପର୍ଯ୍ୟନ୍ତ ପ୍ରଶାସନିକ କାର୍ଯ୍ୟ ଚାଲିଥିବା ଆଳ ଦେଖାଇ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କୁ ଛାଡିବାରେ ବିଳମ୍ବ କରିପାରିବେ ନାହିଁ। ଚାର୍ଟରରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ, ଚିକିତ୍ସାଧୀନ ରୋଗୀ ଅଥବା ମୃତଦେହକୁ ଅନ୍ୟାୟ ଭାବେ ଅଟକାଯାଇନି ଏହା ଦେଖିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ରୋଗୀଙ୍କୁ ଦେଖାଶୁଣା ପାଇଁ ଆସିଥିବା ତାଙ୍କ ପରିବାର ଲୋକେ ଯେପରି ମୃତଦେହ ଫେରିପାଇବେ ତାହା ଦେଖିବା ମଧ୍ୟ ହସ୍ପିଟାଲର କର୍ତ୍ତବ୍ୟ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଧୀର କୁମାରଙ୍କ ସ୍ୱାକ୍ଷରରେ ଏ ସଂକ୍ରାନ୍ତରେ ନୋଟିସ ଜାରି କରାଯାଇଛି। ହସ୍ପିଟାଲଗୁଡିକ ଯେପରି ସୁଚାରୁ ରୂପେ ସ୍ୱାସ୍ଥ୍ୟସେବା ଯୋଗାଇବେ ସେଥିଲାଗି ରାଜ୍ୟ ସରକାରଙ୍କ ମାଧ୍ୟମରେ ମନ୍ତ୍ରଣାଳୟ ଉକ୍ତ ଚାର୍ଟରକୁ ଲାଗୁ କରିବ। ଚିଠା ଚାର୍ଟର ଅନୁଯାୟୀ ଆଗତ ଅଭିଯୋଗର ତ୍ୱରିତ୍ ତଥା ନ୍ୟାୟପୂର୍ଣ୍ଣ ସମାଧାନ ପାଇବା ଲାଗି ରୋଗୀ କିମ୍ବା ତାଙ୍କର କେୟାରଟେକରଙ୍କ ସମ୍ପୂର୍ଣ୍ଣ ଅଧିକାର ରହିଛି। ଅଭିଯୋଗ ପାଇବାର ୧୫ ଦିନ ମଧ୍ୟରେ ବିବାଦର ସମାଧାନ କିପରି କରାଗଲା ସେ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷ ସବିସ୍ତାରେ ଜଣାଇବାକୁ ବାଧ୍ୟ ରହିବେ। ଏଥିରେ ଦର୍ଶାଯାଇଛି ଯେ, ପ୍ରତ୍ୟେକ ହସ୍ପିଟାଲ କିମ୍ବା ଚିକିତ୍ସାଳୟର ଦାୟିତ୍ୱ ହେଉଛି, ବିବାଦର ସମାଧାନ ଲାଗି ସେମାନେ ନିଜସ୍ୱ ବ୍ୟବସ୍ଥା ପ୍ରତିଷ୍ଠା କରିବେ। ଅନୁରୂପ ଭାବେ ସରକାରୀ ବିବାଦର ସମାଧାନ ପାଇଁ ଏଭଳି ବ୍ୟବସ୍ଥା କାର୍ଯ୍ୟ କରିବ। ପେସେଣ୍ଟ ଚାର୍ଟର ଅଥବା ପ୍ରଚଳିତ ଆଇନ ଅନୁଯାୟୀ ବିବାଦର ସମାଧାନ ଲାଗି ସମସ୍ତ ସୂଚନା ସେମାନଙ୍କୁ ଉପଲବ୍ଧ କରିବାକୁ ପଡ଼ିବ। ଚାର୍ଟରରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ବିବାଦର ସମାଧାନ ଲାଗି ଯଥେଷ୍ଟ ଅଧିକାର ଦିଆଯାଇଛି। ସରକାରଙ୍କ ଦ୍ୱାରା ଗଠିତ ପେସେଣ୍ଟ ରାଇଟ୍ସ ଟ୍ରିବ୍ୟୁନାଲ ଫୋରମ୍ ଅଥବା କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ରେଗୁଲେଟୋରୀ ଅଥରିଟିଙ୍କ ନିକଟରେ ରୋଗୀ ଅଥବା ତାଙ୍କ ☞ପୃଷ୍ଠା-୪

- ■ ମୃତଦେହ ଅଟକାଇବା ମଧ୍ୟ ଅପରାଧ
- ■ ପେମେଣ୍ଟ ମିଳି ନ ଥିବା ଆଳରେ ବିଳମ୍ବ କରିବା ମନା
- ■ ଅଭିଯୋଗର ୧୫ ଦିନ ଭିତରେ ବିବାଦର ସମାଧାନ



■ ବିଦ୍ୟୁତ୍ ଲାଇନ ବିଚ୍ଛିନ୍ନ ବେଳେ ଯୁବକ ଆହତ

# ମୃତ ଘୋଷଣା କରିବାରୁ ଡାକ୍ତରଙ୍କୁ ପିଟିଲେ ଲୋକେ

**ଖୋର୍ଦ୍ଧାଅଫିସ/ବାଲୁଗାଁ,୧୬।୯(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଆହତ ହୋଇଥିବା ଜଣେ ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିବାରୁ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଗୋଡାଇ ଗୋଡାଇ ପିଟିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବାଣପୁର ଥାନା ଖୁଣ୍ଟୁପଲ୍ଲୀ ଗାଁର ନାରାୟଣ ସାହୁଙ୍କ ରବିବାର ପୂର୍ବାହ୍ନ ୧୦ଟାରେ ଘର ନିର୍ମାଣ କାର୍ଯ୍ୟ ଚାଲିଥିଲା। ସମ୍ପୃକ୍ତ ଘରେ ଏକ ବିଦ୍ୟୁତ୍ ଲାଇନ୍ ସଂଯୋଗକୁ ନାରାୟଣଙ୍କ ପୁଅ ପ୍ରଶାନ୍ତ (୨୨) ବିଚ୍ଛିନ୍ନ କରୁଥିଲେ। ତେବେ ବିଦ୍ୟୁତ୍ କାର୍ଯ୍ୟ କରିବାବେଳେ ସେ ଚପଲ ପିନ୍ଧି ନ ଥିଲେ। ଏପରି କି ଓଦା ସ୍ଥାନରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରୁଥିଲେ। ନିଜର ଅବହେଳା ଯୋଗୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରଶାନ୍ତ ଅଚେତ ହୋଇ ତଳେ ପଡିଯାଇଥିଲେ। ପରେ ପରିବାର ଓ ଗାଁ ଲୋକେ ପ୍ରଶାନ୍ତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ☞ପୃଷ୍ଠା-୪

# ବଜ୍ରପାତ ନେଲା ୮ ଜୀବନ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

- ■ ୧୨ ଆହତ
- ■ ୧୮ରେ ଲଘୁଚାପ
- ■ ୨୧ ଯାଏ ପ୍ରବଳ ବର୍ଷା

ରାଜ୍ୟରେ ରବିବାର ବଜ୍ର ବିପ୍ରାତରେ ୮ ଜୀବନ ଚାଲିଯାଇଛି। ୧୨ ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତକ ଏବଂ ଆହତମାନେ କୋରାପୁଟ, ରାୟଗଡା, ଅନୁଗୋଳ, କଳାହାଣ୍ଡି, ଗଞ୍ଜାମ, ମୟୂରଭଞ୍ଜ, ବରଗଡ ଏବଂ ବଲାଙ୍ଗୀର ଜିଲାର।

ସୂଚନା ମୁତାବକ, କଳାହାଣ୍ଡି ଜିଲା ଏମ୍. ରାମପୁର ଅନ୍ତର୍ଗତ ତଳସାଗରପଡା ଗାଁର ୧୦ ଜଣ ବଲାଙ୍ଗୀର ଜିଲା ଟିଟିଲାଗଡ଼ର ମାଥନପଲ୍ଲୀ ପ୍ରୋଜେକ୍ଟ ନିକଟରେ ବଣଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ବଣଭୋଜି ଚାଲିଥିବାବେଳେ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସିଆରପିଏଫ୍ ଯବାନ ମନୋରଞ୍ଜନ ମହାକୁଡ(୪୩) ଏବଂ ଏଲ୍‌ଆଇସି ଏଜେଣ୍ଟ ନିମାଇଁ ମହାକୁଡ(୪୩)ଙ୍କ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪




**ଆଜିର ମନ୍ତବ୍ୟ**

"ଦରଦାମ୍ ବୃଦ୍ଧିକୁ ନିୟନ୍ତ୍ରଣ ନ କରିବା ନରେନ୍ଦ୍ର ମୋଦି ସରକାରଙ୍କୁ ଭାରି ପଡ଼ିବ।

–ରାମଦେବ, ଯୋଗଗୁରୁ

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୫ ମଧ୍ୟରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା(ପିଏମ୍‌ଜେଡିୱାଇ) ଅନ୍ତର୍ଗତ ୩୨ କୋଟି ୬୧ ଲକ୍ଷ ଆକାଉଣ୍ଟରେ ୧୨୬୬ କୋଟି ଟଙ୍କା ଜମା ହୋଇଛି।

–ଅର୍ଥ ମନ୍ତ୍ରଣାଳୟ


୨୦ରେ ଶ୍ରୀମନ୍ଦିର ଆସିବେ ଆମିକସ୍‌କ୍ୟୁରି ........୧୧........

ଛାତ୍ରୀଛାତ୍ରଙ୍କ ପାଇଁ ତାଲୁକସ୍ତରରେ ରହିବ ଆଧାର ପଞ୍ଜୀକରଣ ମେଶିନ ........୧୩........



NECC NATIONAL EGG CO-ORDINATION COMMITTEE | 16.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 54 | 98 | 108 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |

*Conditions Apply

Eggs Retail Price- 47/-Dozen

Issued in the Interest of Consumers



"ଭାଜପା ଶାସିତ ରାଜ୍ୟଗୁଡ଼ିକରେ ଗୋସୁରକ୍ଷା ନାଁରେ ଭିଡ଼ହିଂସା ଘଟିବା ଗଣତନ୍ତ୍ର ପାଇଁ ଏକ କଳାଦାଗ ସଦୃଶ । ସବୁ ଦେଖି ସୁଦ୍ଧା ସେଠାକାର ସରକାର ଚୁପ୍ ବସୁଛନ୍ତି ।
- ମାୟାବତୀ, ବିଏସ୍‌ପି ମୁଖ୍ୟ

# ଉଣେଇଶରେ ଟି-୨୦

**ନୂଆଦିଲ୍ଲୀ, ୧୬।୯(ପି.ଟି.)**

୨୦୧୯ ସାଧାରଣ ନିର୍ବାଚନ ପାଇଁ ଏବେଠାରୁ ଜାତୀୟ ରାଜନୀତି ସରଗରମ ହେଲାଣି। ଶାସନ ଗାଦିରେ ବସିବା ପାଇଁ ବଳ ଲଗାଇବାକୁ ରଣନୀତି ପ୍ରସ୍ତୁତ କଲେଣି ଜାତୀୟସ୍ତରର ଦୁଇ ପ୍ରମୁଖ ଦଳ। ମୁଖ୍ୟତଃ ଭାରତୀୟ ଜନତା ପାର୍ଟି (ଭାଜପା) ପାଇଁ ଏହି ନିର୍ବାଚନ ଜିତିବା ସମ୍ମାନର ବିଷୟ। ତେଣୁ ଭୋଟରଙ୍କ ସମର୍ଥନ ପାଇବାକୁ ଦଳ କୌଣସି ବାଟ ଛାଡ଼ିବାକୁ ଚାହୁଁନାହିଁ। ତୃଣମୂଳ ସ୍ତରରେ ସଙ୍ଗଠନକୁ ମଜଭୁତ କରି ନିର୍ବାଚନ ରଣକ୍ଷେତ୍ରକୁ ଏହା ଓହ୍ଲାଇବ। 'ମୋ ବୁଥ୍ ସବୁଠୁ ମଜଭୁତ୍' ପରେ ଗୈରିକ ଦଳ ଆଉ ଏକ ମନ୍ତ୍ର ଆପଣାଇବାକୁ ଯାଉଛି। ତାହା ହେଉଛି 'ଟି-୨୦ ଫର୍ମୁଲା'। ଏ ସମ୍ପର୍କରେ ଭାଜପାର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଅଧିକାଂଶ ଲୋକ ସଭା ନିର୍ବାଚନମଣ୍ଡଳୀର କର୍ମୀଙ୍କ ସହ ସିଧାସଳଖ ଯୋଗାଯୋଗ କରିବେ।

କ୍ରିକେଟ ଖେଳର ଟି-୨୦ ମ୍ୟାଚ୍ ସହ ଭାଜପାର ଟି-୨୦ ଫର୍ମୁଲାରେ ସମାନତା ନାହିଁ। ଏହି ନୂଆ ତରିକା ଅନୁଯାୟୀ, ଭାଜପା ଦଳୀୟ କର୍ମୀଙ୍କ ପାଇଁ ଏକ ଟାର୍ଗେଟ ପ୍ରସ୍ତୁତ କରିଛି। କର୍ମୀମାନେ ନିଜ ଅଞ୍ଚଳରେ ୨୦ ଘରକୁ ଯିବେ। ସେଠାରେ ଚା' ପିଇବା ସହ ନରେନ୍ଦ୍ର ମୋଦି ସରକାରଙ୍କ ସଫଳତା ବଖାଣିବେ ଏବଂ ଭାଜପା ପାଇଁ ସମର୍ଥନ ଲୋଡ଼ିବେ। ପୁନଃ କ୍ଷମତାସୀନ ହେବାକୁ ଆଶାୟୀ ଥିବା ଭାଜପା ଘରେ ଘରେ ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଷୟରେ କହି ଲୋକଙ୍କ ମନ ଜିଣିବାକୁ ଦଳ ଉଦ୍ୟମ କରିବ। ଏଥିଲାଗି ଟି-୨୦ ଫର୍ମୁଲା ବାଦ୍ 'ହର୍ ବୁଥ୍ ଦଶ୍ ୟୁଥ୍' (ସବୁ ବୁଥ୍‌ରେ ଦଶ ଯୁବକ), ନମୋ ଆପ୍, ବୁଥ୍ 'ଟୋଳି' ଜରିଆରେ ଭୋଟରଙ୍କ ନିକଟତର ହେବାକୁ ଦଳୀୟ କର୍ମୀମାନଙ୍କୁ କୁହାଯାଇଛି। ଭାଜପା ସିଧାସଳଖ ଲୋକଙ୍କ ସହ ଯୋଡ଼ିହେବାକୁ ଚାହେଁ। ଚାରିବର୍ଷ ଭିତରେ ମୋଦି ସରକାର ଯେଉଁସବୁ ପଦକ୍ଷେପ ଗ୍ରହଣ କରିଛନ୍ତି, ସେ ବିଷୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ଏମ୍‌ପି, ବିଧାୟକ, ସ୍ଥାନୀୟ ନେତା ଓ ବୁଥ୍‌ସ୍ତରୀୟ କର୍ମୀଙ୍କୁ ଭାଜପାର ଶୀର୍ଷସ୍ତରୀୟ ନେତୃବୃନ୍ଦ ପରାମର୍ଶ ଦେଇଛନ୍ତି।

୨୦୧୪ ନିର୍ବାଚନରେ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ଭାଜପା ସୂଚନା ଓ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିଥିଲା। ୩-ଡି ରାଲି କରିଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ମୋଦି। ୩-ଡି ପ୍ରୋଜେକ୍ସନ୍ ଜରିଆରେ ସେ ପ୍ରଚାର କରି ବିପୁଳ ଜନସମର୍ଥନ ପାଇଥିଲେ। ଏଥର ମଧ୍ୟ ଟି-୨୦ ଫର୍ମୁଲା ସହିତ ନରେନ୍ଦ୍ର ମୋଦି ଆପ୍ (ନମୋ ଆପ୍)ର ନୂଆ ଭର୍ସନ ବ୍ୟବହାର ହେବ। ସବୁ ପୋଲିଂ ବୁଥ୍‌ରେ ୧୦୦ ଲୋକଙ୍କୁ ନମୋ ଆପ୍‌ରେ ସାମିଲ କରିବାକୁ ଭାଜପା ଯୋଜନା କରିଛି। ପ୍ରତି ବୁଥ୍‌ରେ ମୁଖ୍ୟ କର୍ମୀଙ୍କ ଏକ 'ଟୋଳି' ଟିମ୍ ପ୍ରସ୍ତୁତ ହେବ। ସେମାନେ ଦ୍ୱାର ଦ୍ୱାର ବୁଲି ସରକାରୀ ସରକାରୀ ଯୋଜନାରୁ ଲୋକେ ପାଉଥିବା ଫାଇଦା ସମ୍ପର୍କରେ ବୁଝାଇବେ। ସେହିପରି ସବୁ ବୁଥ୍‌ରେ ଅଧିକ ୨୦ କର୍ମୀଙ୍କୁ ସାମିଲ କରିବାକୁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ସେପଟେ କଂଗ୍ରେସ ମଧ୍ୟ ଭାଜପାକୁ ଅନୁସରଣ କରି ବୁଥ୍ ସ୍ତରରେ ଦଳକୁ ମଜଭୁତ କରିବାକୁ ଯୋଜନା ରଖିଛି। ଦେଶବ୍ୟାପୀ ୧ କୋଟି ବୁଥ୍ ସହକାରୀଙ୍କୁ ଏହା ନିଯୁକ୍ତ କରିବ।

### ପୁନଃ କ୍ଷମତା ପାଇଁ ରଣନୀତି

- ପ୍ରତି ବୁଥ୍‌ର ୨୦ ଘରକୁ ଯିବେ ଭାଜପା କର୍ମୀ
- ନମୋ ଆପ୍, ବୁଥ୍ 'ଟୋଳି'ରେ ହେବେ ସାମିଲ
- କର୍ମୀଙ୍କ ସହ ସିଧାସଳଖ ଯୋଡ଼ିହେବେ ମୋଦି
- ୧ କୋଟି ବୁଥ୍ ସହକାରୀଙ୍କୁ ନିଯୁକ୍ତ କରିବ କଂଗ୍ରେସ



### ସାଇବର ସେନା ପ୍ରସ୍ତୁତ

**ନୂଆଦିଲ୍ଲୀ, ୧୬।୯(ପି.ଟି.):** ଆଗାମୀ ନିର୍ବାଚନରେ ଦଳଗୁଡ଼ିକ ସୋସିଆଲ ମିଡିଆ ଏବଂ ଡାଟା ଆନାଲିଟିକ୍ସକୁ ମାଧ୍ୟମ କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ ଚଳାଇଛନ୍ତି। ଏଥିପାଇଁ ପ୍ରସ୍ତୁତି ମଧ୍ୟ ସରିଛି। ତେଣୁ ୨୦୧୯ରେ ସାଇବର ଯୁଦ୍ଧ ହେବ ବୋଲି କୁହାଯାଉଛି। କଂଗ୍ରେସ ଏବଂ ଭାଜପା ନିଜର ସାଇବର ସେନା ପ୍ରସ୍ତୁତ କରିସାରିଛନ୍ତି। ଡିଜିଟାଲ ପ୍ଲାଟ୍‌ଫର୍ମ ଜରିଆରେ ଡାଟା ଆନାଲିଟିକ୍ସ ଓ ଯୋଗାଯୋଗ ରକ୍ଷା କରିବା ଲାଗି ହଜାର ହଜାର କର୍ମୀ ତାଲିମ ନେଲେଣି। ଏହି କ୍ରମରେ ଏଏପି ଏବଂ ସିପିଏମ୍ ମଧ୍ୟ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### କୋଲ୍‌କାତା ବାଗ୍ରୀ ବଜାରରେ ନିଆଁ



**କୋଲ୍‌କାତା, ୧୬।୯(ପି.ଟି.):** ପଶ୍ଚିମବଙ୍ଗର କେନ୍ଦ୍ରୀୟ କୋଲ୍‌କାତାର ବାଗ୍ରୀ ବଜାରରେ ରବିବାର ଏକ ବଡ଼ଧରଣର ଅଗ୍ନିକାଣ୍ଡ ଘଟିଛି। ଏକ ବହୁ ମହଲା ବିଶିଷ୍ଟ ବାଣିଜ୍ୟିକ କୋଠାରେ ନିଆଁ ଲାଗି ଚାରିଆଡ଼େ ବ୍ୟାପିଯାଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କିନ୍ତୁ କୌଣସି ବ୍ୟକ୍ତି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଉକ୍ତ କୋଠାରେ ପାଖାପାଖି ୧୦୦୦ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଭୋର ୨ଟା ୪୫ରେ ଅଗ୍ନିକାଣ୍ଡ ଘଟିଥିଲା। ୧୨ ଘଣ୍ଟା ପର୍ଯ୍ୟନ୍ତ ଉଦ୍ୟମ କରିବା ସତ୍ତ୍ୱେ ନିଆଁକୁ ନିୟନ୍ତ୍ରଣ କରାଯାଇପାରି ନ ଥିଲା। ପରେ ଦମକଳ ବାହିନୀ ନିଆଁ ଲିଭାଇପାରିଥିଲେ। ସେହିପରି ଦିଲ୍ଲୀର ଉଦୟନଗରରେ ଦୁଇଟି ଜୋତା କାରଖାନାରେ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଛି। ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲାରେ ଏକ ଶପିଂ କମ୍ପ୍ଲେକ୍ସରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ୭ ଜଣ ଆହତ ହୋଇଛନ୍ତି।

### ସ୍କୁଲରେ ୨ ଛାତ୍ରଙ୍କୁ ଯୌନ ନିର୍ଯାତନା

**ମୁମ୍ବାଇ, ୧୬।୯(ପି.ଟି.):** ମହାରାଷ୍ଟ୍ରର ପାରଭନୀ ଜିଲାରେ ଏକ ବୈଦିକ୍ ସ୍କୁଲରେ ଦୁଇ ଛାତ୍ରଙ୍କୁ ର୍‍ୟାଗିଂ କରାଯିବା ସହ ଯୌନ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ଆସିଛି। ଦୁହିଙ୍କ ଗୁପ୍ତାଙ୍ଗକୁ ଅଭିଯୁକ୍ତମାନେ ତାରରେ ବାନ୍ଧି ଦେଇଥିଲେ। ଏଭଳି ଲଜ୍ଜାଜନକ ଘଟଣା ଘଟିବା ପରେ ସ୍କୁଲର ୪୨ ବର୍ଷୀୟ ନିର୍ଦ୍ଦେଶକଙ୍କୁ ଗିରଫ କରାଯାଇଛି। ଅନ୍ୟ ଦୁଇ ଛାତ୍ରଙ୍କୁ ଅଟକ ରଖାଯାଇଥିବା ରବିବାର ପୋଲିସ କହିଛି। ପୀଡ଼ିତ ଛାତ୍ରଙ୍କ ବୟସ ୯ରୁ ୧୦ ବର୍ଷ ମଧ୍ୟରେ ହେବ। ଅଗଷ୍ଟ ୨୬ରୁ ସେପ୍ଟେମ୍ବର ୧୨ ମଧ୍ୟରେ ଏହି ଘଟଣା ଘଟିଥିଲା।

### ଚାଇନା ଛୁଇଁଲା 'ମାଙ୍ଗଖୁଟ୍'

**ବେଜିଂ, ୧୬।୯(ପି.ଟି.):** ଫିଲିପାଇନ୍ସ ପରେ ଏବେ ଚାଇନାରେ ମାଙ୍ଗଖୁଟ୍ ରଚିଛି ତାଣ୍ଡବ । ଦକ୍ଷିଣ ଚାଇନାର ଗ୍ୱାଙ୍ଗଡଙ୍ଗ ରାଜ୍ୟରେ ରବିବାର ସନ୍ଧ୍ୟାରେ ଏହି ଝଡ଼ ଲ୍ୟାଣ୍ଡ ଫଲ୍ କରିଥିଲା। ପ୍ରବଳ ବର୍ଷା ଓ ପବନ ମଧ ବହିଥିଲା । ଏହି ବାତ୍ୟା ଆସିବା ପୂର୍ବରୁ ୨୪ ଲକ୍ଷରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା । ପ୍ରାୟ ୪୦୦ରୁ ଅଧିକ ବିମାନକୁ ବାତିଲ କରାଯାଇଥିବା ବେଳେ ମତ୍ସ୍ୟଜୀବୀଙ୍କ ୪୮ ହଜାର ବୋଟକୁ କୂଳକୁ ଫେରାଇ ଅଣାଯାଇଛି। ଝଡ଼ର ପ୍ରଭାବ ଭୟଙ୍କର ହେବ ବୋଲି ଚାଇନାର ପାଣିପାଗ ବିଭାଗ ସତର୍କ ସୂଚନା ଦେଇଛି। ଏଥର ଏହି ବାତ୍ୟା ଖୁବ୍ ଭୟଙ୍କର ରହିଛି।

### ମହିଳା ଆତଙ୍କବାଦୀ ଗିରଫ

**ଇମ୍ଫାଲ, ୧୬।୯(ପି.ଟି.):** ମଣିପୁରର ଇମ୍ଫାଲ ଇଷ୍ଟ ଜିଲାରୁ ଜଣେ ମହିଳା ଆତଙ୍କବାଦୀ ଧରାପଡ଼ିଛନ୍ତି। ସେ ଆତଙ୍କବାଦୀ ସଙ୍ଗଠନ ୟୁନାଇଟେଡ ନ୍ୟାଶନାଲ ଲିବରେଶନ ଫ୍ରଣ୍ଟ (ୟୁଏନ୍‌ଏଲ୍‌ଏଫ୍)ର ଜଣେ ସକ୍ରିୟ ସଦସ୍ୟ। ଲାମ୍‌ଲାଇ ମାଖା ଲିକାଇ ଅଞ୍ଚଳରୁ ତାଙ୍କୁ ସୁରକ୍ଷାକର୍ମୀମାନେ ଗିରଫ କରିଥିବା ରବିବାର ପୋଲିସ ସୂଚନା ଦେଇଛି।

## ଜେଡିୟୁରେ ପ୍ରଶାନ୍ତ କିଶୋର



**ପାଟନା, ୧୬।୯(ପି.ଟି.)**

ଖ୍ୟାତନାମା ନିର୍ବାଚନ ରଣନୀତି ପ୍ରସ୍ତୁତକାରୀ ପ୍ରଶାନ୍ତ କିଶୋର ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁରେ ଯୋଗଦେଇଛନ୍ତି। ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ପୂର୍ବରୁ ନୀତୀଶ ତାଙ୍କୁ ଜେଡିୟୁରେ ସାମିଲ କରିଛନ୍ତି। ତେଣୁ ଏବେ ୪୧ ବର୍ଷୀୟ ପ୍ରଶାନ୍ତ ରଣନୀତିଜ୍ଞରୁ ଜେଡିୟୁ ନେତା ପାଲଟିଯାଇଛନ୍ତି ବୋଲି ଦଳର ମୁଖପାତ୍ର ସଞ୍ଜୟ ସିଂ କହିଛନ୍ତି। ରାଜନୀତିରେ ନୂଆ ଯାତ୍ରା ଆରମ୍ଭ କରିଥିବା ଖୋଦ୍ ପ୍ରଶାନ୍ତ ମଧ୍ୟ ଟୁଇଟ୍ କରିଛନ୍ତି। ତେବେ ତାଙ୍କୁ ଜେଡିୟୁରେ କେଉଁ ଦାୟିତ୍ୱ ମିଳିବ, ତାହା ଜଣାପଡ଼ି ନାହିଁ। ଲୋକ ସଭା ନିର୍ବାଚନର କିଛିମାସ ପୂର୍ବରୁ ପ୍ରଶାନ୍ତ ଜେଡିୟୁରେ ମିଶିବା ନୀତୀଶଙ୍କ ପାଇଁ ବଡ଼ ବଳ ବୋଲି କୁହାଯାଉଛି।

ବିହାରର ବକ୍ସର ଜିଲା ନିବାସୀ ପ୍ରଶାନ୍ତ ୨୦୧୪ରେ ଖବରର ଶିରୋନାମାରେ ସ୍ଥାନ ପାଇଥିଲେ। ସେତେବେଳେ ଭାଜପାର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହୋଇଥିବା ନରେନ୍ଦ୍ର ମୋଦିଙ୍କ ପାଇଁ ସେ ନିର୍ବାଚନ ପ୍ରଚାରର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଏହା ଫଳପ୍ରଦ ହୋଇଥିଲା। ବର୍ଷେ ପରେ ବିହାର ବିଧାନସଭା ନିର୍ବାଚନରେ ସେ ନୀତୀଶଙ୍କ ପାଇଁ ମଧ୍ୟ ରଣନୀତି ପ୍ରସ୍ତୁତକାରୀ ଭାବେ କାର୍ଯ୍ୟ କଲେ । ଆର୍‌ଜେଡି ଓ କଂଗ୍ରେସ ସହ ସେତେବେଳେ ମେଣ୍ଟ କରି ଲଢୁଥିବା ଜେଡିୟୁକୁ ଅନେକ ସଫଳତା ମିଳିଥିଲା। ଖୁସି ହୋଇ ନୀତୀଶ ତାଙ୍କୁ ଉପଦେଷ୍ଟା ଭାବେ ନିଯୁକ୍ତ କଲେ। ଏହାପରେ ପ୍ରଶାନ୍ତ ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ କାମ କଲେ। ସେଠାରେ ଶିରୋମଣି ଅକାଳୀ ଦଳକୁ ଗାଦିଚ୍ୟୁତ କରିବାରେ ସଫଳ ହେଲା କଂଗ୍ରେସ । ତେବେ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ କଂଗ୍ରେସ ପାଇଁ ପ୍ରଶାନ୍ତଙ୍କ ରଣନୀତି କାମ ଦେଲା ନାହିଁ।

■ ଜେଏନ୍‌ୟୁ ଛାତ୍ର ସଂସଦ ନିର୍ବାଚନ: ଏବିଭିପିକୁ ଝଟକା

# ପୋଛିନେଲା ବାମ ମେଣ୍ଟ



**ନୂଆଦିଲ୍ଲୀ, ୧୬।୯(ପି.ଟି.)**

- ବାଲାଜୀ ସଭାପତି, ସାରିକା ଉପସଭାପତି
- ଖାତା ଖୋଲିପାରିଲେନି ଏନ୍‌ଏସ୍‌ୟୁଆଇ, ବାପ୍‌ସା

ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ (ଜେଏନ୍‌ୟୁଏସ୍‌ୟୁ) ନିର୍ବାଚନ ଫଳାଫଳ ରବିବାର ଘୋଷଣା ହୋଇଛି। ଏଥର ଚାରି ବାମ ଦଳର ଛାତ୍ର ସଙ୍ଗଠନକୁ ନେଇ ଗଠିତ 'ୟୁନାଇଟେଡ୍ ଲେଫ୍ଟ' ମେଣ୍ଟ ବିଜୟ ଲାଭ କରିଛି। ଆର୍‌ଏସ୍‌ଏସ୍‌ର ଛାତ୍ରଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ମାତ୍ ଦେଇ ଏହା କେନ୍ଦ୍ରୀୟ କମିଟିର ସମସ୍ତ ୪ ପଦବୀରେ ଜିତିଯାଇଛି। ବାମ ମେଣ୍ଟର ସଭାପତି ପ୍ରାର୍ଥୀ ଏନ୍. ସାଇ ବାଲାଜୀ ବିଜୟୀ ହୋଇଛନ୍ତି। ତାଙ୍କ ବିପକ୍ଷରେ ପ୍ରାର୍ଥୀ ହୋଇଥିବା ଏବିଭିପିର ଲଳିତ ପାଣ୍ଡେଙ୍କୁ ପରାଜୟର ମୁଖ ଦେଖିବାକୁ ପଡ଼ିଛି। ସବୁ ପଦ ପୋଛିନେବା ପରେ ବାମ ଦଳ ହାତରେ ଏବେ ଜେଏନ୍‌ୟୁ ଛାତ୍ର ସଂସଦ।

ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟରେ ନିର୍ବାଚନଲାଗିବାମସମର୍ଥିତସର୍ବଭାରତୀୟ ଛାତ୍ର ସଂଘ (ଏଆଇଏସ୍‌ଏ), ଷ୍ଟୁଡେଣ୍ଟସ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଏଫ୍‌ଆଇ), ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଡିଏସ୍‌ଏଫ୍) ଏବଂ ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଫେଡେରେଶନ (ଏଆଇଏସ୍‌ଏଫ) ଏକାଠି ହୋଇ ମିଳିତ ବାମ ମେଣ୍ଟ ଗଠନ କରିଛନ୍ତି। ଛାତ୍ର ସଂସଦ ଦଖଲ ଲାଗି ଏହି ପ୍ରମୁଖ ଛାତ୍ର ସଙ୍ଗଠନର ନେତାମାନେ ହାତ ମିଳାଇ ଏବିଭିପି ବିରୋଧରେ ଲଢ଼େଇ କରିଥିଲେ। ଏଥିରେ ସେମାନେ ସଫଳ ହୋଇଛନ୍ତି। ଜେଏନ୍‌ୟୁ ନିର୍ବାଚନ କମିଟିର ସୂଚନା ମୁତବାକ ଏଆଇଏସ୍‌ଏର ଛାତ୍ରନେତା ବାଲାଜୀ ଏବିଭିପିର ଲଳିତଙ୍କୁ ୧,୧୭୯ ଖଣ୍ଡ ଭୋଟରେ ହରାଇଛନ୍ତି। ବାଲାଜୀଙ୍କୁ ମିଳିଛି ୨,୧୬୧ ଛାତ୍ରଙ୍କ ସମର୍ଥନ। ଉପସଭାପତି ପଦରେ ଡିଏସ୍‌ଏଫ୍ ନେତ୍ରୀ ସାରିକା ଚୌଧୁରୀ ଏବିଭିପି ପ୍ରାର୍ଥୀ ଗୀତାଶ୍ରୀ ବୋରୁଆଙ୍କୁ ୧,୬୮୦ ଭୋଟ ବ୍ୟବଧାନରେ ପଛରେ ପକାଇଛନ୍ତି। ସାରିକାଙ୍କୁ ମିଳିଛି ୨,୬୯୨ ଖଣ୍ଡ ଭୋଟ। ସେହିପରି ସାଧାରଣ ସମ୍ପାଦକ ପଦରେ ଏସ୍‌ଏଫ୍‌ଆଇ ନେତା ଐଜାଜ୍ ଅହମଦ ଏବଂ ଯୁଗ୍ମ ସମ୍ପାଦକ ପଦରେ ଏଆଇଏସ୍‌ଏଫ୍‌ର ଅମୁଥା ବିଜୟ ଲାଭ କରିଛନ୍ତି।

ବିଜୟୀ ସଭାପତି ବାଲାଜୀ ହେଉଛନ୍ତି ଜେଏନ୍‌ୟୁର ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଷ୍ଟଡିଜ୍‌ର ଛାତ୍ର। ଚୌଧୁରୀ, ଅହମଦ ଏବଂ ଅମୁଥା ସ୍କୁଲ ଅଫ୍ ସୋସିଆଲ ସାଇନ୍ସରେ ପଢୁଛନ୍ତି। ବାମ ମେଣ୍ଟ ଏବଂ ଏବିଭିପି ବାଦ୍ କଂଗ୍ରେସର ଛାତ୍ର ସଙ୍ଗଠନ ନ୍ୟାଶନାଲ ଷ୍ଟୁଡେଣ୍ଟସ୍ ୟୁନିୟନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଏବଂ ଦଳିତଙ୍କ ପାଇଁ ସ୍ୱର ଉଠାଉଥିବା ବିର୍ସା ଆମ୍ବେଡକର ଫୁଲେ ଷ୍ଟୁଡେଣ୍ଟସ୍ ଆସୋସିଏଶନ (ବାପ୍‌ସା) ମଧ୍ୟ ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରାର୍ଥୀ ଦେଇଥିଲେ। କିନ୍ତୁ ଏହି ଦୁଇ ସଙ୍ଗଠନ ମଧ୍ୟ ଖାତା ଖୋଲିପାରି ନାହାନ୍ତି। ଗତବର୍ଷ ମଧ୍ୟ ବାମ ଛାତ୍ର ସଙ୍ଗଠନ ବିଶ୍ୱବିଦ୍ୟାଳୟ କେନ୍ଦ୍ରୀୟ କମିଟିର ଚାରୋଟି ଯାକ ପଦରେ ଜିତିଥିଲେ।

ପ୍ରକାଶ ଯେ, ଶୁକ୍ରବାର ଜେଏନ୍‌ୟୁଏସ୍‌ୟୁ ନିର୍ବାଚନ ପାଇଁ ୬୭.୮ ପ୍ରତିଶତ ମତଦାନ ହୋଇଥିଲା। ଭୋଟଗଣତିକୁ ନେଇ ଶନିବାର ବିବାଦ ଉପୁଜିଥିଲା।

## ଫୁର୍‌ସତ

### ପୋର୍ଟେବଲ୍ ଅଲଟ୍ରାସାଉଣ୍ଡ ମେଶିନ୍



**ଟରଣ୍ଟୋ:** ବୈଜ୍ଞାନିକମାନେ ଏକ କ୍ଷୁଦ୍ର ଅଲଟ୍ରାସାଉଣ୍ଡ ମେଶିନ୍ ବିକାଶ କରିଛନ୍ତି। ଏହା ସ୍ମାର୍ଟଫୋନ୍ ଦ୍ୱାରା ଶକ୍ତିସମ୍ପନ୍ନ ହୋଇପାରିବ। ଏହାଦ୍ୱାରା ମେଡିକାଲକୁ ଯାଇ ସ୍କାନିଂ କରିବାରେ ହେଉଥିବା ବ୍ୟୟଭାରକୁ ହ୍ରାସ କରାଯାଇପାରିବ।

ପାରମ୍ପରିକ ଅଲଟ୍ରାସାଉଣ୍ଡ ମେଶିନ୍‌ରେ ପିଜୋଇଲେକ୍ଟ୍ରିକ୍ କ୍ରିଷ୍ଟାଲ୍ ବ୍ୟବହାର ହୋଇଥାଏ। ଏହାଦ୍ୱାରା ଶରୀର ଭିତର ଫଟୋକୁ କମ୍ପ୍ୟୁଟର ସ୍କ୍ରିନ୍‌ରେ ପ୍ରତିଫଳିତ କରାଯାଏ। କାନାଡାସ୍ଥିତ ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆ(ୟୁବିସି)ର ଇଞ୍ଜିନିୟରମାନେ ଏହି ଡିଭାଇସ୍ ବିକାଶ କରିଛନ୍ତି। ଅଲଟ୍ରାସାଉଣ୍ଡ ସ୍କାନର ଅପେକ୍ଷା ଏହାର ଦାମ୍ ଖୁବ୍ କମ୍।

### ଦେଶର ପ୍ରଥମ ଡଗ୍ ପାର୍କ




**ହାଇଦ୍ରାବାଦ୍:** ସ୍ଥାନୀୟ କୋନ୍ଦାପୁରଠାରେ ଦେଶରେ ପ୍ରଥମ 'ଡଗ୍ ପାର୍କ' ଉଦ୍‌ଘାଟିତ ହେବାକୁ ଯାଉଛି। ୧.୩ ଏକର ବିଶିଷ୍ଟ ଉକ୍ତ ପାର୍କ ଗ୍ରେଟର ହାଇଦ୍ରାବାଦ୍ ମ୍ୟୁନିସିପାଲ କର୍ପୋରେଶନ୍ (ଜିଏଚ୍‌ଏମ୍‌ସି) ଦ୍ୱାରା ନିର୍ମାଣ କରାଯାଇଛି। ଏଥିପାଇଁ ୧.୧ କୋଟି ଟଙ୍କା ବ୍ୟୟ ହୋଇଛି। ପୂର୍ବରୁ ଏହି ସ୍ଥାନ ଏକ ଡମ୍ପିଂ ୟାର୍ଡ ଥିଲା। ଆସନ୍ତା ୧୦ ଦିନ ମଧ୍ୟରେ ଏହି ପାର୍କ ଉଦ୍‌ଘାଟନ କରାଯିବ।

ଏଠାରେ କୁକୁର ତାଲିମ କେନ୍ଦ୍ର, ବ୍ୟାୟାମ ଉପକରଣ, ଦୁଇଟି ଲନ୍, ବଡ ଓ ଛୋଟ କୁକୁରଙ୍କ ନିମନ୍ତେ ପୃଥକ୍ ଆବଦ୍ଧ ଗୃହ ସମେତ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ଏହା ହେଉଛି ଦେଶର ପ୍ରଥମ ପ୍ରମାଣିତ ଡଗ ପାର୍କ ବୋଲି ଜିଏଚ୍‌ଏମ୍‌ସିର ଜୋନାଲ କମିଶନର ଡି. ହରିଚନ୍ଦନା ପ୍ରକାଶ କରିଛନ୍ତି। ହରିଚନ୍ଦନା ନିଜେ କୁକୁର ପ୍ରିୟ। ସେ ଦେଶ ବାହାରେ ଏଭଳି ଡଗ୍‌ପାର୍କ ଦେଖିଛନ୍ତି। ସେଭଳି ଅନ୍ତର୍ଜାତୀୟ ମାନର ଡଗ୍‌ପାର୍କ ଏଠାରେ କାହିଁକି ପ୍ରତିଷ୍ଠା କରାଯାଇ ପାରିବ ନାହିଁ ବୋଲି ତାଙ୍କ ମନରେ ପ୍ରଶ୍ନ ଉଠିଥିଲା। ଏଥିପାଇଁ ଡିଜାଇନର, ପୋଷା ଜୀବ ପରାମର୍ଶଦାତାଙ୍କୁ ଡକାଯାଇ ଯଥାସ୍ଥାନରେ ଉପକରଣମାନ ସ୍ଥାପନ କରାଯାଇଛି। ସର୍ଭେ ଅନୁଯାୟୀ, ଦେଶର ପଶ୍ଚିମ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍‌ରେ ୨.୫ ଲକ୍ଷ ପୋଷା କୁକୁର ରହିଥିବା ବେଳେ ଉକ୍ତ ପାର୍କ ସେମାନଙ୍କ ପାଇଁ ନିକଟବର୍ତ୍ତୀ ହୋଇପାରିବ। ଜନସାଧାରଣ ସେମାନଙ୍କ ପୋଷା କୁକୁର ଆଣି ପାର୍କରେ ବିଭିନ୍ନ ସୁବିଧାର ସୁଯୋଗ ନେଇପାରିବେ।

ଇତିହାସର ଆଇନାରେ

### ସେପ୍ଟେମ୍ବର ୧୭ର ପ୍ରମୁଖ ଘଟଣା

୧୯୮୦ ସେପ୍ଟେମ୍ବର ୧୭ରେ ନିକାରଗୁଆର ପୂର୍ବତନ ରାଷ୍ଟ୍ରପତି ଆନାଷ୍ଟାସିଓ ସୋମଜା ଦେବୟାଲେଙ୍କୁ ପାରାଗୁଏରେ ହତ୍ୟା କରାଯାଇଥିଲା। ୩ ଜଣ ବନ୍ଧୁକଧାରୀ ଆତତାୟୀ ତାଙ୍କ ଗାଡି ଉପରକୁ ଗୁଳି କରିଥିଲେ। ନିକାରଗୁଆର ସେ ୭୩ ଓ ୭୬ ତମ ରାଷ୍ଟ୍ରପତି ଥିଲେ।

୨୦୦୧ ସେପ୍ଟେମ୍ବର ୧୭ରେ ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ପୁଣି ଥରେ ଖୋଲିଥିଲା। ୯/୧୧ଆକ୍ରମଣ ପରେ ଏହା ବନ୍ଦ ରହିଥିଲା। ନ୍ୟୁୟର୍କ ଷ୍ଟକ୍ ଏକ୍ସଚେଞ୍ଜ ବା ଆମେରିକାନ୍ ଷ୍ଟକ୍ ଏକ୍ସଚେଞ୍ଜ ୧୧ ୱାଲଷ୍ଟ୍ରିଟ୍, ଲୋୟର ମନହ୍ୟାଟନ୍, ନ୍ୟୁୟର୍କରେ ରହିଛି।



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ସମେତ ବିଭିନ୍ନ ଜିଲାରେ ବର୍ଷା ହେବା ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୬ | ୨୪.୪ |
| ଚାନ୍ଦବାଲି | ୩୧.୮ | ୨୫.୦ |
| କଟକ | ୩୦.୫ | ୨୩.୨ |
| ପାରାଦ୍ୱୀପ | ୨୯.୭ | ୨୫.୯ |
| ଭୁବନେଶ୍ୱର | ୩୧.୦ | ୨୪.୨ |
| ଗୋପାଳପୁର | ୩୫.୮ | ୨୬.୯ |
| ପୁରୀ | ୩୧.୬ | ୨୫.୨ |
| ଅନୁଗୋଳ | ୩୨.୭ | ୨୨.୬ |
| ବାରିପଦା | ୩୩.୪ | ୨୫.୫ |
| ଝାରସୁଗୁଡ଼ା | ୩୨.୫ | ୨୫.୦ |
| କେନ୍ଦୁଝର | ୩୦.୮ | ୨୨.୬ |
| ସମ୍ବଲପୁର | ୩୪.୮ | ୨୫.୦ |
| ସୁନ୍ଦରଗଡ଼ | ୩୨.୦ | ୨୦.୫ |
| ହୀରାକୁଦ | ୩୨.୫ | ୨୫.୬ |
| ତାଳଚେର | ୩୨.୦ | ୨୫.୬ |
| ଭବାନୀପାଟଣା | ୩୨.୨ | ୨୩.୪ |
| ବଲାଙ୍ଗୀର | ୩୪.୦ | ୨୬.୦ |
| କୋରାପୁଟ | ୨୮.୬ | ୧୯.୨ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୪.୫ |
| ମାଲକାନଗିରି | ୨୭.୦ | --- |
| ସୋନପୁର | ୩୪.୨ | ୨୪.୪ |
| ଦାରିଙ୍ଗିବାଡ଼ି | ୨୮.୦ | ୨୦.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

### କାଜଲ

## ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା କରିଛି ଫିଲ୍ମ



**ନୂଆଦିଲ୍ଲୀ:** ଟିଭି ଓ ଫିଲ୍ମ ପରଦାରେ ଅଭିନୟ କରିବା ଦ୍ୱାରା ଜଣେ ମହିଳା ପାଇଁ ଆଦର୍ଶ ମା'ର ଭାବମୂର୍ତ୍ତି ପ୍ରତିଷ୍ଠା ହୋଇପାରେ । ପ୍ରଥମ କରି ଅଭିନୟରେ ପାଦ ଦେଉଥିବା ଅଧିକାଂଶ ମହିଳା ଏହି ଅନୁଭୂତି ହାସଲ କରିଥାଆନ୍ତି। ଜଣେ ଆଦର୍ଶ ମା'ର ଭୂମିକା ହେଉଛି ସେ ଖାଦ୍ୟ ପ୍ରସ୍ତୁତ କରେ । ପିଲା ଓ ପରିବାର ନିମନ୍ତେ ନିଜକୁ ଉତ୍ସର୍ଗ କରେ । ପିଲା ଯଦି ଭାବେ, ମୋ ମା' ହେଉଛି ଜଣେ ଆଦର୍ଶ ମହିଳା ତେବେ ତାହା ହିଁ ଯଥାର୍ଥ। ବର୍ତ୍ତମାନ ସୋସିଆଲ ମିଡିଆର ଯୁଗ। ଏହାଦ୍ୱାରା ଅନେକ କିଛିର ପରିବର୍ତ୍ତନ ଘଟୁଛି। ତେବେ କୌଣସି ବ୍ୟକ୍ତି ଏହାର ପ୍ରଭାବରୁ ସେମାନଙ୍କ ପିଲାଙ୍କୁ ମୁକ୍ତ କରିପାରିବ ନାହିଁ। ତାଙ୍କ ପିଲା ଅଭିନୟ କ୍ଷେତ୍ରରେ କେବେ ପ୍ରତିବନ୍ଧକ ହୋଇନାହାନ୍ତି ବୋଲି କାଜଲ ମୁଖାର୍ଜୀ ପ୍ରକାଶ କରିଛନ୍ତି। ଅବଶ୍ୟ ଶୈଶବାବସ୍ଥାରେ ପିଲାମାନେ, ମୁଁ କାହିଁକି ବାହାରକୁ ଯାଉଛି ବୋଲି ପ୍ରଶ୍ନ କରନ୍ତି। କିନ୍ତୁ ମୋ ଝିଅ ଏବେ କହୁଛି, ମା' ମୁଁ ତୋ ପାଇଁ ଖୁବ୍ ଗର୍ବିତ। ଝିଅର ଏହି ସ୍ୱୀକୃତି ପାଇବାପରେ ଏହା ଅପେକ୍ଷା ଅଧିକ କିଛି ପାଇ ଗର୍ବ କରିବି ତାହା ମୁଁ ଭାବିପାରୁ ନାହିଁ। ମୋ ସେଲିବ୍ରିଟି ମାନ୍ୟତା ଦ୍ୱାରା ପିଲାମାନେ ପ୍ରଭାବିତ ନୁହନ୍ତି। ସେମାନେ ଯଥାସମ୍ଭବ ସ୍ୱାଭାବିକ ଜୀବନଯାପନ କରନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




## ସଂକ୍ଷେପରେ

### ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ରାଜନଗର,୧୬।୯(ଡି.ଏନ୍.ଏ.): ସୁଦୂର ଦୁବାଇରେ କାମ କରୁଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ଗତ ଶୁକ୍ରବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତ ଅନ୍ତର୍ଗତ ମଧପଡା ଗ୍ରାମର ବାମନ ଜେନାଙ୍କ ପୁତ୍ର ଦେବାଶିଷ । ପରିବାର ଲୋକଙ୍କ କହିବାନୁଯାୟୀ, ସେ ୨ବର୍ଷ ହେବ ଦୁବାଇର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଅନ୍ୟ ରାଜ୍ୟର ୫ ଜଣ ଯୁବକଙ୍କ ସହ ମିଳିମିଶି ସେ ରହୁଥିଲେ। ସେଠାରେ କାମକରୁଥିବା ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ଖଣ୍ଡେଇପଡା ଓ ସନ୍ଥପଡାର ୨ ଜଣ ଯୁବକ ଶନିବାର ଘରକୁ ଫୋନ କରି ଦେବାଶିଷଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା ଦେଇଥିଲେ। ଶୁକ୍ରବାର ରାତିରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସେମାନେ କହିଥିଲେ। ଦୁବାଇ ପୋଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏଥିସହ ସାଙ୍ଗରେ ରହୁଥିବା ୫ ଜଣ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଛି ବୋଲି ସେମାନେ ପ୍ରକାଶ କରିଥିଲେ। ଅପରପକ୍ଷେ କାମକରୁଥିବା କମ୍ପାନୀ ଓ ସାଙ୍ଗରେ ରହୁଥିବା ଯୁବକଙ୍କ ପକ୍ଷରୁ ଦେବାଶିଷଙ୍କ ମୃତ୍ୟୁ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ଏନେଇ ପରିବାର ପକ୍ଷରୁ ସନ୍ଦେହ ବ୍ୟକ୍ତ କରାଯାଇଛି। ଅକ୍ଟୋବର ୩ରେ ତାଙ୍କର ଘରକୁ ଆସିବାର ଥିଲା। ଏଥିପାଇଁ ସେ ବିମାନ ଟିକେଟ ବୁକିଂ କରିଥିଲେ। ଏବେ ମୃତ୍ୟୁ ଖବରପାଇ ପରିବାର ଓ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

■ ତୈଳ ଦର ବୃଦ୍ଧି ନେଇ ଟଣାଓଟରା

# କର ହ୍ରାସ ପାଇଁ ରାଜ୍ୟକୁ ଧର୍ମେନ୍ଦ୍ରଙ୍କ ପରାମର୍ଶ

■କେନ୍ଦ୍ର ଅଧିକ ଉତ୍ପାଦ ଶୁଳ୍କ ଲାଗୁ କରିଛି: ବିଜେଡି

■ହ୍ରାସ ନ କରି ଆରୋପ-ପ୍ରତ୍ୟାରୋପ: କଂଗ୍ରେସ


ପ୍ରତାପ କେଶରୀ ଦେବ


ଧର୍ମେନ୍ଦ୍ର ପ୍ରଧାନ


ବିଶ୍ୱରଞ୍ଜନ ମହାନ୍ତି

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ନେଇ ସାଧାରଣ ଜନଜୀବନ ପ୍ରଭାବିତ ହୋଇ ଚାଲିଛି। ଏହି ପରିସ୍ଥିତିରୁ ଜନସାଧାରଣଙ୍କୁ ମୁକୁଳାଇବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ହେଲେ କେନ୍ଦ୍ର ହେଉ କି ରାଜ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାନ୍ତି। ଓଲଟି ନିଜ ମୁଣ୍ଡରୁ ଦୋଷ ଖସାଇବା ପାଇଁ ରାଜନୈତିକ ଆରୋପ-ପ୍ରତ୍ୟାରୋପରେ ମାତିଛନ୍ତି। ସେହିକ୍ରମରେ ରବିବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ରାଜ୍ୟ ସଭା ସଦସ୍ୟ ପ୍ରତାପ ଦେବଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ପ୍ରଦେଶ କଂଗ୍ରେସ ପକ୍ଷରୁ ଉଭୟ ବିଜେଡି-ଭାଜପାକୁ ସମାଲୋଚନା କରାଯାଇଛି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ଦ୍ୱାରା ରାଷ୍ଟ୍ର ଅପେକ୍ଷା ରାଜ୍ୟ ଅଧିକ ଲାଭବାନ ହୋଇଥାଏ। ୨୦୧୪ ମସିହାରେ ଓଡ଼ିଶା ସରକାର କେବଳ ତୈଳ ବାବଦରେ ୩୦୦୦ କୋଟି ଟଙ୍କା ରାଜସ୍ୱ ପାଉଥିଲେ। ବର୍ତ୍ତମାନ ସମୟରେ ସେହି ରାଜସ୍ୱର ପରିମାଣ ୭୦୦୦ କୋଟିରେ ପହଞ୍ଚିଛି। ତେଣୁ ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଲାଗୁ କରିଥିବା କର ହ୍ରାସ କରୁ, ଯାହା ଦ୍ୱାରା ଓଡ଼ିଶାରେ ତୈଳ ଦର ହ୍ରାସ ପାଇବେ। ଅନ୍ୟ ରାଜ୍ୟ ଗୁଡିକ ଏହି ପନ୍ଥା ଆପଣେଇ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ନିୟନ୍ତ୍ରଣ ଆଣିଥିବା ଧର୍ମେନ୍ଦ୍ର କହିଛନ୍ତି।

କେନ୍ଦ୍ରମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖିଛନ୍ତି ବିଜେଡି ମୁଖପାତ୍ର ପ୍ରତାପ କେଶରୀ ଦେବ। ସେ କହିଛନ୍ତି ଯେ, ପେଟ୍ରୋଲ ଉପରେ କେନ୍ଦ୍ର ୬ ପ୍ରତିଶତରୁ ୧୯ ପ୍ରତିଶତ ଉତ୍ପାଦ ଶୁଳ୍କ ଲାଗୁ କରିଛି। ଅନୁରୂପ ଭାବେ ଡିଜେଲ ଉପରେ ୧୫ ପ୍ରତିଶତ ଉତ୍ପାଦ ଶୁଳ୍କ ଲାଗୁ କରାଯାଇଛି। ତେଣୁ ତୈଳ ଦର ବୃଦ୍ଧି ପାଇଁ କିଏ ଦାୟୀ, ଏଥିରୁ ସ୍ପଷ୍ଟ ଅନୁମେୟ। ସେହିପରି ରାଜ୍ୟକୁ କର କମାଇବା ପାଇଁ ଉପଦେଶ ଦେଉଥିବା କେନ୍ଦ୍ର ଗତ ୪ ବର୍ଷରେ ତୈଳରୁ ମିଳିଥିବା ଲାଭାଂଶରେ କି କାର୍ଯ୍ୟ ହୋଇଛି, ତାହାର ହିସାବ ପ୍ରଥମେ ଦିଅନ୍ତୁ ବୋଲି ପ୍ରତାପ ଦେବ କହିଛନ୍ତି।

ଏହି ପ୍ରସଙ୍ଗରେ ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, କେନ୍ଦ୍ର-ରାଜ୍ୟ ପରସ୍ପରକୁ ଆରୋପ-ପ୍ରତ୍ୟାରୋପ କରିବାରେ ଲାଗିପଡିଛନ୍ତି। ସାଧାରଣ ବୁଦ୍ଧିରେ ଯଦି ବିଚାର କରାଯାଏ, ଯଦି କେନ୍ଦ୍ର ୩ରୁ ୪ ଟଙ୍କା କର ହ୍ରାସ କରେ, ତେବେ ଦର ହ୍ରାସ ପାଇପାରିବ। ଅନୁରୂପ ଭାବେ ରାଜ୍ୟ ସରକାର ସଂଗ୍ରହ କରୁଥିବା ରାଜସ୍ୱ ମଧ୍ୟ ହ୍ରାସ କରିବାର ଆବଶ୍ୟକତା ରହିଛି। ଉଭୟ ଏଥିପ୍ରତି ଦୃଷ୍ଟି ନ ଦେଇ ଦରବୃଦ୍ଧି ପ୍ରସଙ୍ଗରୁ ନଜର ହଟାଉଛନ୍ତି। ଦୁଇ ଦଳ ମଧ୍ୟରେ ଶାସନ କ୍ଷମତାରେ ରହିବା ଏବଂ ରାଜସ୍ୱ ସଂଗ୍ରହ ପାଇଁ ଥିବା ବୁଝାମଣା ଜନସାଧାରଣଙ୍କ ପାଇଁ କାଳ ହୋଇଛି।

**୩୨ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଆନ୍ଦୋଳନ**

# ୩୦ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ଚାଲିଥିବା ଅହୋରାତ୍ର ଗଣଧାରଣା ରବିବାର ୩୨ଦିନରେ ପହଞ୍ଚିଛି। ୪୦ହଜାର ବିଦ୍ୟାଳୟ ଓ ୧୫୦୦ ମହାବିଦ୍ୟାଳୟର ୬୦ହଜାର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଫଳତଃ ସରକାରୀ ଶିକ୍ଷା ବ୍ୟବସ୍ଥାରେ ଅଚଳାବସ୍ଥା ଉପୁଜିଛି। ଶିକ୍ଷକ, ଅଧ୍ୟାପକଙ୍କ ଆନ୍ଦୋଳନ ଯୋଗୁ ୩୦ଲକ୍ଷ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରଭାବିତ ହୋଇଛି। କିନ୍ତୁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଶିକ୍ଷକଙ୍କ ଦାବି ପୂରଣ ନ କରି ସରକାର ପରୋକ୍ଷରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ମିଳିତ ମଞ୍ଚର କହିବାନୁଯାୟୀ, ଗୋଟିଏ ଗଣତାନ୍ତ୍ରିକ ସରକାର ଉପରେ ଥିବା ବିଶ୍ୱାସ ତୁଟିଯିବାକୁ ବସିଲାଣି। ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲାଣି। ଏଥର ଜନତା ଦରବାରରେ ଫେରାଦ ହେବୁ। ଏହା ସତ୍ତ୍ୱେ ଯଦି ସରକାର ସମସ୍ୟା ସମାଧାନର ସୂତ୍ର ବାହାର ନ କରନ୍ତି, ତେବେ ଆସନ୍ତା ୨୦ତାରିଖ ଦିନ ସମସ୍ତ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀଙ୍କ ସହିତ ଶିକ୍ଷା ବିକାଶ ମଞ୍ଚର ସମସ୍ତ ସଦସ୍ୟ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ମିଳିତ ମଞ୍ଚର ଆବାହକମଣ୍ଡଳୀ ସଦସ୍ୟ ପବିତ୍ର ମହାଲା ସୂଚନା ଦେଇଛନ୍ତି।

# ହାଇକୋର୍ଟ ସ୍ଥାୟୀ ବେଞ୍ଚକୁ ନେଇ ରାଜନୀତି

■ସି.ଆର. ପାଲ ରିପୋର୍ଟକୁ ସାର୍ବଜନୀନ କରିବା ପାଇ କଂଗ୍ରେସର ଦାବି

■କମିଶନ ବାବଦକୁ ଖର୍ଚ୍ଚ ୧,୫୨,୫୮, ୭୨୨ ଟଙ୍କା

■ଫାଇଲ ତଳେ ରିପୋର୍ଟ


ସତ୍ୟ ପ୍ରକାଶ ନାୟକ

ଭୁବନେଶ୍ୱର,୧୬।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ରାଜନୀତି କରୁଛନ୍ତି। କେନ୍ଦ୍ର ସହ ବେଞ୍ଚ ପ୍ରତିଷ୍ଠା ଦିଗରେ ଚିଠି ଲେଖା ବନ୍ଦ କରି ସି.ଆର. ପାଲ ରିପୋର୍ଟକୁ ସାର୍ବଜନୀନ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ରବିବାର ଦାବି କରାଯାଇଛି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ରାଜ୍ୟ ସରକାର ୨୮ ସେପ୍ଟେମ୍ବର ୨୦୧୩ରେ ତତ୍କାଳୀନ ଆଇନ ମନ୍ତ୍ରୀ କପିଲ ସିବଲଙ୍କୁ ଚିଠି ଲେଖିଥିଲେ। ଏହା ପରେ ଡି.ଭି. ଶେଷାନନ୍ଦ ଗୌଡ଼ାଙ୍କୁ ୧୩ ଫେବୃୟାରୀ ୨୦୧୪ରେ ଓ ରବିଶଙ୍କର ପ୍ରସାଦଙ୍କୁ ସେପ୍ଟେମ୍ବର ୫, ୨୦୧୮ରେ କେବଳ ଚିଠି ଲେଖି ଦାୟିତ୍ୱ ସାରିଦେବା ପ୍ରୟାସ ଦୁର୍ଭାଗ୍ୟଜନକ। ଏହି ସଂକ୍ରାନ୍ତ କମିଶନ ବାବଦକୁ ରାଜ୍ୟ ସରକାର ରାଜକୋଷରୁ ୧,୫୨,୫୮,୭୨୨ ଟଙ୍କା ଖର୍ଚ୍ଚ କରିଛନ୍ତି। ହେଲେ ଉକ୍ତ କମିଟି ରିପୋର୍ଟ ଶୀତଳ ଭଣ୍ଡାରରେ ରହିଥିବା ସତ୍ୟ ପ୍ରକାଶ କହିଛନ୍ତି।

ପ୍ରକାଶ ଯେ, ଗତ ୬ ବର୍ଷ ଧରି ଚାଲିଥିବା କମିଶନ ଶେଷରେ ୩୧ ମେ ୨୦୧୪ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ୪ ବର୍ଷରୁ ଅଧିକ ସମୟ ବିତି ଯାଉଥିଲେ ବି ରିପୋର୍ଟ ସାର୍ବଜନୀନ ନ ହେବାର କାରଣ କ'ଣ ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ୨୦୧୫ ଅଗଷ୍ଟରେ କେନ୍ଦ୍ରକୁ ଅବଗତ କରାଇଥିଲେ। ଯେହେତୁ ଏକ ସ୍ୱତନ୍ତ୍ର ବିଚାର ବିଭାଗୀୟ କମିଶନ ଗଠନ ହୋଇଥିଲା, ତେଣୁ ସି.ଆର. ପାଲଙ୍କ ରିପୋର୍ଟରେ କ'ଣ ପ୍ରସ୍ତାବ ରହିଛି ତା'ର ଅନୁଧ୍ୟାନର ଆବଶ୍ୟକତା ଥିବା କୁହାଯାଇଥିଲା। ରାଜ୍ୟ ସରକାର ଏ ସମସ୍ତ ପ୍ରସଙ୍ଗରେ ଅବଗତ ଥାଇ ପଦକ୍ଷେପ ନ ନେବା ନିନ୍ଦନୀୟ ବୋଲି କଂଗ୍ରେସ ପକ୍ଷରୁ ସତ୍ୟ ଅଭିଯୋଗ କରିଛନ୍ତି। ସମ୍ବଲପୁର ବାର ଆସୋସିଏଶନ ଏବଂ ସେଣ୍ଟ୍ରାଲ ଆକ୍ସନ କମିଟି ଆନ୍ଦୋଳନର ଡାକରା ଦେଇଛନ୍ତି।



## ସଂକ୍ଷେପରେ

### ମନୋଷା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ମନୋନୀତ



ନବରଙ୍ଗପୁର,୧୬।୯(ବି.ପ୍ର.): ଜାତୀୟ ସେବା ସଂସ୍ଥା (ଏନଏସଏସ) ପକ୍ଷରୁ ୨୦୧୭-୧୮ ବର୍ଷ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନ ନବରଙ୍ଗପୁର ମହାବିଦ୍ୟାଳୟର ଯୁକ୍ତ ୩ ଶେଷ ବର୍ଷ ରାଜନୀତି ବିଜ୍ଞାନ ସମ୍ମାନ ଛାତ୍ରୀ ମନୋଷା ତ୍ରିପାଠୀ ମନୋନୀତ ହୋଇଛନ୍ତି। ଆସନ୍ତା ୨୪ ତାରିଖ ଜାତୀୟ ସେବା ଦିବସରେ ଭୁବନେଶ୍ୱର ସ୍ଥିତ ଇଡିକଲ ଅଡିଟୋରିୟମ ଠାରେ ରାଜ୍ୟପାଳ ତାଙ୍କୁ ପୁରସ୍କାର ପ୍ରଦାନ କରିବେ। ମହାବିଦ୍ୟାଳୟର ଅଧକ୍ଷଙ୍କୁ ଏ ସମ୍ପର୍କରେ ଉଚ୍ଚ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଚିଠି ମାଧମରେ ଜଣାଇଛନ୍ତି। ଜାତୀୟ ସେବା ସଂସ୍ଥା ପକ୍ଷରୁ ରାଜ୍ୟର ୫ଶହ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୧୧ ଜଣଙ୍କୁ ଜୁରୀ କମିଟି ମନୋନୀତ କରିଛନ୍ତି। ମନୋଷାଙ୍କ ନାମ ସର୍ବାଗ୍ରେ ରହିଛି। ଯୁବ ଓ କ୍ରୀଡା ବ୍ୟାପାର ମନ୍ତ୍ରଣାଳୟର ଜାତୀୟ ସେବା ସଂସ୍ଥା ନିର୍ଦ୍ଦେଶକ ଏବଂ ଓଡିଶାର ଏହି ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଚୟନ କମିଟିରେ ରହିଥିଲେ। ପୂର୍ବରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ସଂସ୍ଥାରେ ମନୋନୀତ ହୋଇ ସାଧାରଣତନ୍ତ୍ର ଦିବସରେ ଦିଲ୍ଲୀ ରାଜପଥ ଠାରେ ସେ ପରେଡରେ ଭାଗ ନେଇଥିଲେ।

# ୧୩ ଜିଲାରେ ହେବ ସିଟି ଗ୍ୟାସ୍ ଯୋଜନା

ଢେଙ୍କାନାଳ ଅଫିସ,୧୬।୯

ଫର୍ଟିଲାଇଜର ପ୍ରକଳ୍ପ ଲାଗି ୭୦ଦଶକରେ ସୁନାମ ଅର୍ଜନ କରିଥିଲା ଅବିଭକ୍ତ ଢେଙ୍କାନାଳ ଜିଲା। ଟେକ୍ନୋଲୋଜି ଅଭାବ ଏବଂ ଆର୍ଥିକ ସଙ୍କଟ ଯୋଗୁ ଏହି ପ୍ରକଳ୍ପ ବନ୍ଦ ହୋଇଯାଇଥିଲା। ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ସହାୟତାରେ ଏହାର ପୁନରୁଦ୍ଧାର କରାଯିବ। ଭାରତୀୟ କୋଲ୍‌କୁ ଉପଯୋଗ କରି ଗ୍ୟାସ୍ ଏବଂ ୟୁରିଆ ବାହାରିବ। ଏଥିରେ ୧୩ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯାଉଛି। ବିଶ୍ୱସ୍ତରୀୟ କମ୍ପାନୀ ଗେଲ୍ ଏହାର ମୁଖ୍ୟ ପୁନରୁଦ୍ଧାର ଦାୟିତ୍ୱ ନେଇଛି। ୧୦୦ରୁ ଉର୍ଦ୍ଧ୍ୱ କୋଟି ଟଙ୍କାର ଟେଣ୍ଡର ପରେ କାର୍ଯ୍ୟାଦେଶ ଦିଆସରିଛି। ସେପ୍ଟେମ୍ବର ୨୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଳଚେର ଗସ୍ତ କରି ଏହାର ଶୁଭଦେବେ। ସେହିଦିନ ହିଁ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଢେଙ୍କାନାଳ ସର୍କିଟ୍ ହାଉସରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି।

ପେଟ୍ରୋଲିୟମ ମନ୍ତ୍ରୀ ଆହୁରି ମଧ କହିଲେ ଯେ, ପୂର୍ବାଞ୍ଚଳର ବିକାଶ ବ୍ୟତିରେକ ଭାରତର ବିକାଶ ଅସମ୍ଭବ। ଏଥି ପାଇଁ ପ୍ରଧାନମନ୍ତ୍ରୀଙ୍କ ସଭାକୁ ବିକାଶ ସମାବେଶ ନାମରେ ନାମିତ କରାଯାଇଛି। ଅତିଶୀଘ୍ର ରାଜ୍ୟର ୧୩ ଜିଲାକୁ ସହରାଞ୍ଚଳ ସିଟି ଗ୍ୟାସ୍ ଯୋଜନାରେ ସାମିଲ କରାଯିବ। ପାଇପ୍ ଲାଇନ ମାଧ୍ୟମରେ ଉପଭୋକ୍ତାମାନେ ସିଧାସଳଖ ଗ୍ୟାସ୍ ବ୍ୟବହାର କରିପାରିବେ।



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନେ।

**ସ୍ପଷ୍ଟ କଲେ ଧର୍ମେନ୍ଦ୍ର**

- ପୁନରୁଦ୍ଧାର ହେବ ତାଳଚେର ଫର୍ଟିଲାଇଜର ପ୍ରକଳ୍ପ
- ୧୩ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ
- ୨୦୧୯ ସୁଦ୍ଧା ୮୦ରୁ ୮୫% ଘରେ ଗ୍ୟାସ୍ ସଂଯୋଗ

ଏହି ଯୋଜନାରେ ଢେଙ୍କାନାଳ, ଅନୁଗୋଳ, ଯାଜପୁର, ଭଦ୍ରକ, ଜଗତସିଂହପୁର, କେନ୍ଦ୍ରାପଡ଼ା ସମେତ ଅନ୍ୟ ୭ଟି ଜିଲାକୁ ଧାମରାରୁ ଗ୍ୟାସ୍ ସଂଯୋଗ ଆରମ୍ଭ କରାଯିବ। ଢେଙ୍କାନାଳ ଏବଂ ଅନୁଗୋଳ ଜିଲା ପାଇଁ ଜିଏ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ଅକ୍ଟୋବର କିମ୍ବା ନଭେମ୍ବର ସୁଦ୍ଧା ଢେଙ୍କାନାଳରେ କାମ ଆରମ୍ଭ ହେବ। ଜିଲାବାସୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହା ଲକ୍ଷ୍ମୀପୂଜା ଭେଟି ବୋଲି ସେ ମତବ୍ୟକ୍ତ କରିଛନ୍ତି।

ପ୍ରଗତି ସମୀକ୍ଷାରେ ଢେଙ୍କାନାଳ ସମେତ ଅନ୍ୟ ୩ ଜିଲାରେ ମେଡିକାଲ କଲେଜ ଖୋଲିବାକୁ ସୁପାରିସ କରାଯାଇଛି। ସେହିପରି ବିଶ୍ୱପ୍ରସିଦ୍ଧ ମହିମାଧର୍ମ ପୀଠସ୍ଥଳୀ ଯୋରନ୍ଦା, କାଲୁରିଆ ପଞ୍ଚାୟତରେ ଲାଗି ରହିଥିବା ଉତ୍କଟ ପାନୀୟ ଜଳ ସମସ୍ୟାର ସମାଧାନ ଲାଗି ୧୮ରୁ ୨୦ କୋଟି ଟଙ୍କା ଖର୍ଚ୍ଚ ହେବ। ଓଏନ୍‌ଜିସି ୫ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନେବ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଏଥିଲାଗି ବ୍ୟୟ ଅଟକଳ କରାଯାଇଛି। ହେଲେ ରାଜ୍ୟ ସରକାରଙ୍କ ସହଯୋଗ ମିଳୁ ନ ଥିବାରୁ କାର୍ଯ୍ୟ ଆଗେଇ ପାରୁନାହିଁ। ନରେନ୍ଦ୍ର ମୋଦି ସରକାର ଆସିବା ପରେ ଓଡ଼ିଶାର ଏଲ୍‌ପିଜି ଗ୍ରାହକଙ୍କ ସଂଖ୍ୟା ୨୧ରୁ ୬୩ ଲକ୍ଷରେ ପହଞ୍ଚିଛି। ରାଜ୍ୟରେ ୪୨ ଲକ୍ଷ ନୂତନ ସଂଯୋଗ ଦିଆଯାଇଥିବାବେଳେ ସେଥିରୁ ୩୨ ଲକ୍ଷ ଉଜ୍ଜ୍ୱଳ ଯୋଜନାରେ ଅନ୍ତର୍ଭୁକ୍ତ। ୨୦୧୮-୧୯ ସୁଦ୍ଧା ୮୦ରୁ ୮୫% ଘରେ ଗ୍ୟାସ୍ ସଂଯୋଗ କରାଯିବାକୁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା କେନ୍ଦ୍ର ତୈଳମନ୍ତ୍ରୀ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ଦୁଇ ଓଡ଼ିଆଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର

- ଓଡ଼ିଶୀରେ ଜାହ୍ନବୀ, ଲୋକନୃତ୍ୟରେ ସର୍ବେଶ୍ୱରଙ୍କୁ ମିଳିଲା ପୁରସ୍କାର



ଜାହ୍ନବୀ ବେହେରା ପୁରସ୍କାର ଗ୍ରହଣ କରୁଛନ୍ତି।



ସର୍ବେଶ୍ୱର ଭୋଇ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୨୦୧୭ ମସିହା ଲାଗି ବହୁ ପ୍ରତୀକ୍ଷିତ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ମେଘାଳୟ ରାଜଧାନୀ ସିଲଂର ୟୁ ସୋ ସୋ ଥାମ୍ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଉତ୍ସବରେ ସମଗ୍ର ଦେଶରୁ ମନୋନୀତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଓଡ଼ିଶାର ଦୁଇଜଣଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶୀ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷ ଲାଗି ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀ ଜାହ୍ନବୀ ବେହେରା ଏବଂ ଲୋକନୃତ୍ୟ ପାଇଁ ସମ୍ବଲପୁରର ସର୍ବେଶ୍ୱର ଭୋଇଙ୍କୁ ଉସ୍ତାଦ୍ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାରରେ ପୁରସ୍କୃତ କରାଯାଇଛି। ମେଘାଳୟର ରାଜ୍ୟପାଳ ତଥାଗତ ରୟ ମୁଖ୍ୟଅତିଥି ଭାବେ ଉପସ୍ଥିତ ରହି ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

ସମଗ୍ର ଦେଶରୁ ୩୪ ଜଣ ଉସ୍ତାଦ ବିସ୍‌ମିଲ୍ଲା ଖାନ୍ ଯୁବ ପୁରସ୍କାର ୨୦୧୭ ପାଇବାକୁ ମନୋନୀତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ ଓଡ଼ିଆ ଜାହ୍ନବୀ ଏବଂ ସର୍ବେଶ୍ୱର ଚୟନ ହୋଇଥିଲେ। ଜାହ୍ନବୀ ଜଣେ ଯୁବ ପ୍ରତିଭାଭାବେ ଓଡିଶୀ ନୃତ୍ୟ କ୍ଷେତ୍ରରେ ନିଜ ପରାକାଷ୍ଠା ପ୍ରଦର୍ଶନ କରିବା ସହ ଦେଶ ବିଦେଶରେ ଓଡିଶୀ ପରିବେଷଣ କରିଛନ୍ତି। ସେହିଭଳି ସମ୍ବଲପୁରର ସର୍ବେଶ୍ୱର ଓଡ଼ିଶାର ଲୁପ୍ତପ୍ରାୟ ଲୋକନୃତ୍ୟର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

- ହାଜତରୁ ଫେରାର ଯୁବକଙ୍କ ମୃତ୍ୟୁ ଘଟଣା

# ଅନଶନକାରୀଙ୍କୁ ଭେଟିଲେ ଆଇଏଚ୍‌ଆର୍‌ସି ଟିମ୍

କେନ୍ଦ୍ରାପଡା ଅଫିସ, ୧୬।୯




ଅନଶନସ୍ଥଳରେ ମୂଷାଙ୍କ ପରିବାର ସଦସ୍ୟଙ୍କ ସହ ଆଇଏଚ୍‌ଆର୍‌ସି ଟିମ୍ ଆଲୋଚନା କରୁଛନ୍ତି।

ମହାକାଳପଡା ଥାନା ହାଜତରୁ ଫେରାର ଯୁବକ ଅବିନାଶ ପାଇଟାଳ ଓରଫ ମୂଷା(୨୩) ମୃତ୍ୟୁ ଘଟଣାରେ ଅଭିଯୁକ୍ତ ଥାନାଧିକାରୀ ଶ୍ୟାମଘନ ବେହେରାଙ୍କ ଗିରଫ ଦାବି କରି ପରିବାର ସଦସ୍ୟ ଗତ ବୁଧବାରଠାରୁ ଜିଲାପାଳଙ୍କ ଅଫିସ୍ ଆଗରେ ଅନଶନରେ ବସି ରହିଛନ୍ତି। ଏହି ଘଟଣାର ଅନୁଧ୍ୟାନ ପାଇଁ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ (ଆଇଏଚଆରସି)ର ରାଜ୍ୟସ୍ତରୀୟ ଏକ ଟିମ୍ ରବିବାର ଅନଶନସ୍ଥଳରେ ପହଞ୍ଚିଥିଲେ। ପରିଷଦର ରାଜ୍ୟ ବୋର୍ଡ ସଭାପତି ଶିବସୁନ୍ଦର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ ଓ ସଦସ୍ୟ ସୀମାଞ୍ଚଳ ପଣ୍ଡା ଅନଶନକାରୀଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ମହାକାଳପଡା ଥାନା ଓ କେତେକ ପ୍ରଶାସନିକ ଅଧିକାରୀଙ୍କୁ ଭେଟିଥିଲେ। ଏହି ଅବସରରେ ରାଜ୍ୟ ବୋର୍ଡ ସଭାପତି ସ୍ୱାଇଁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଏହା ଏକ ହାଜତ ମୃତ୍ୟୁ ଘଟଣା। ଏହି ଘଟଣାରେ ବହୁ ସ୍ଥାନରେ ମାନବିକ ଅଧିକାର ଉଲ୍ଲଂଘନ କରାଯାଇଛି। ଏହାକୁ ମାନବାଧିକାର ପରିଷଦ ଗୁରୁତ୍ୱ ଦେଇଥିବା ସେ ପ୍ରକାଶ କରିଛନ୍ତି। ସେହିପରି ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାସ ଏହି ଘଟଣାକୁ ନେଇ ଗତ ୨୮ ତାରିଖରେ ଜାତୀୟ ମାନାବାଧିକାର କମିଶନ ନିକଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏଥିରେ ମାନବାଧିକାର ଉଲ୍ଲଂଘନ ହୋଇଥିବା ଉଲ୍ଲେଖ କରିବା ସହ ପରିବାର ସଦସ୍ୟଙ୍କୁ କ୍ଷତିପୂରଣ ଦେବା ପାଇଁ ନିବେଦନ କରାଯାଇଛି।

ସୂଚନାଯୋଗ୍ୟ, ମହାକାଳପଡ଼ା ଥାନା ଚଢ଼େଇଗୁଆଁ ଗ୍ରାମର ଶାନ୍ତିଲତା ସାମଲଙ୍କ ଘରୁ ହୋଇଥିବା ଚୋରି ଘଟଣାରେ ପୋଲିସ ମୂଷାଙ୍କୁ ଗତ ଅଗଷ୍ଟ ୨୫ ତାରିଖରେ ଉଠାଇ ନେଇଥିଲା। ସେହିଦିନ ରାତିରେ ମୂଷା ପୋଲିସ ହେପାଜତରୁ ଫେରାର ହୋଇ ଯାଇଥିବା ପୋଲିସ କହୁଥିବା ବେଳେ ପରଦିନ ସକାଳେ ଥାନାଠାରୁ ୨୦୦ ମିଟର ଦୂରରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ମୂଷାଙ୍କୁ ପୋଲିସ ପିଟିପିଟି ମାରି ଦେଇଥିବା ତାଙ୍କ ବଡବାପା ଦୈତାରୀ ପାଇଟାଳ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ୯୧/୧୮ ନଂ. ଏକ ମାମଲା ରୁଜୁ ହୋଇଛି। ପରେ ପରିସ୍ଥିତିକୁ ଅନୁଧ୍ୟାନ କରାଯାଇ ଆଇଆଇସି ଶ୍ୟାମଘନଙ୍କୁ ନିଲମ୍ବିତ କରାଯାଇଥିଲା।

- ଚିଲିକାରେ ସି-ପ୍ଲେନ୍ ବୁଲିବା ନେଇ ଚର୍ଚ୍ଚା

# ପର୍ଯ୍ୟଟନ ମନ୍ତ୍ରୀ କହିଲେ ଏହା ଠିକ୍ ନୁହେଁ

ଭୁବନେଶ୍ୱର, ୧୬।୯(ବ୍ୟୁରୋ)

ଚିଲିକାରେ ୱାଟର ଏରୋଡ୍ରମ କରିବା ପାଇଁ କେନ୍ଦ୍ର ସରକାର ନିକଟରେ ନିଷ୍ପତ୍ତି ନେଇଥିଲେ। ଏହାକୁ ଶାସକ ଦଳର କେତେଜଣ ନେତା ଓ ମନ୍ତ୍ରୀ ବିରୋଧ କରିବା ଆରମ୍ଭ କରିଛନ୍ତି। ଏହାଦ୍ୱାରା ଚିଲିକାର ଜୈବ ବିବିଧତା ନଷ୍ଟ ହେବ ବୋଲି ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ପକ୍ଷରୁ ମଧ୍ୟ କୁହାଯାଇଥିଲା। ଫଳରେ ଏହି ଯୋଜନାକୁ ନିକଟରେ କେନ୍ଦ୍ର ସରକାର ବାତିଲ କରିଦେଇଛନ୍ତି। ମାତ୍ର ଶନିବାର ହଠାତ୍ ଏକ ସି-ପ୍ଲେନ୍ ଚିଲିକାରେ ଅବତରଣ କରିଥିବା ନେଇ ଦୁଇଜଣ ପ୍ରତ୍ୟକ୍ଷଦର୍ଶୀ ମତ ରଖିବା ପରେ ଏହା ଠିକ୍ ନୁହେଁ ବୋଲି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା କହିଛନ୍ତି। ସେ କହିଛନ୍ତି ଯେ, ଚିଲିକାର ଜୈବ ବିବିଧତାକୁ କୌଣସି ସ୍ଥିତିରେ ହରାଇବାକୁ ଚାହୁଁନାହୁଁ। ଏଥିରେ ଲୋକଙ୍କ ପେଟପାଟଣା କଥା ମଧ୍ୟ ରହିଛି। ବହୁ ମତ୍ସ୍ୟଜୀବୀ ଏହା ଉପରେ ନିର୍ଭରଶୀଳ। ଚିଲିକାକୁ ଏସିଆର ବୃହତ୍ତମ ହ୍ରଦ ଭାବେ ମିଳିଥିବା ମାନ୍ୟତା ମଧ୍ୟ ହରାଇବାକୁ ପଡିବ। ଏଭଳି ହେବା ଉଚିତ୍ ନୁହେଁ। ଜଙ୍ଗଲ ଓ ପରିବେଶ ବିଭାଗ ସହ ଆଲୋଚନା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ସୂଚନାଯୋଗ୍ୟ ଯେ, ଚିଲିକାର ନୂଆ ମୁହାଣରେ ଏକ ସି-ପ୍ଲେନ ଶନିବାର ଚକର କାଟି ଯାଇଥିବା ଚର୍ଚ୍ଚା ହେଉଛି। ପ୍ରତ୍ୟକ୍ଷଦର୍ଶୀ ଅରଖକୁଦା ଗାଁର ପ୍ରଦୀପ ବେହେରା ଓ ବଳରାମ ବେହେରାଙ୍କ କହିବା ଅନୁଯାୟୀ ଚିଲିକାର ନୂଆ ମୁହାଣଠାରେ ଏକ ହେଲିକପ୍ଟର ଆସି ସମୁଦ୍ରର ଅତି ନିକଟରୁ ଚକର କାଟିଥିଲା।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ | ନୟାପଲ୍ଲୀ ଶାଖା
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଫୋନ୍ ନଂ.: ୦୬୭୪-୨୫୩୮୫୨୨

**ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)**

[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନୟାପଲ୍ଲୀ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ନଂ.: ୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ଶ୍ରୀ ବାଲାଜୀ ଇଣ୍ଟରନ୍ୟାସନାଲ୍, ଅଂଶୀଦାରମାନେ: ୧) ଶ୍ରୀ ଆନନ୍ଦ କୁମାର ଗୁପ୍ତା, ୨) ଶ୍ରୀମତୀ ଅରୁଣା ଦେବୀ ଗୁପ୍ତା,** ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୧ ଏବଂ ୪୦୨, ଭଗବାନ ଟାୱାର, କଟକ ରୋଡ୍, ଭୁବନେଶ୍ୱର-୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲକ୍ଷ୍ମଣ ଲାଲ ମହିପାଲ,** ଏନ୍-୩/୮୭, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର | ଟ.୨,୬୦,୨୨,୦୦୦/- + ସେବାବଦ ସୁଧ | ୨୮.୦୭.୨୦୧୭ / ୧୨.୦୯.୨୦୧୮ | **୧) ଶ୍ରୀମତୀ ଅରୁଣା ଦେବୀ ଗୁପ୍ତାଙ୍କ** ନାମରେ ଭଗବାନ ଟାୱାର, କଟକ ରୋଡ୍, ଭୁବନେଶ୍ୱର-୬ର ୪ର୍ଥ ମହଲାରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୪୦୧ ଏବଂ ୪୦୨, ପ୍ଲଟ୍ ନଂ.: ୨୫୫, ଅନୁରୂପ ହାଲ୍ ପ୍ଲଟ୍ ନଂ.: ୫୩, ପ୍ଲଟ୍ ନଂ.: ୫୪, ପରିମିତ କ୍ଷେତ୍ର: ୨୮୧୪ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶଙ୍କର ଭୂୟାଁ, ପଶ୍ଚିମ: ରାସ୍ତା, ଉତ୍ତର: ଓମ୍ ପ୍ରକାଶ ଲାଠ, ଦକ୍ଷିଣ: ରାସ୍ତା, **୨) ଶ୍ରୀମତୀ ଅରୁଣା ଦେବୀ ଗୁପ୍ତାଙ୍କ** ନାମରେ ଭଗବାନ ଟାୱାର, କଟକ ରୋଡ୍, ଭୁବନେଶ୍ୱର-୬ ଠାରେ ଥିବା ବାସୋପଯୋଗୀ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ନଂ.: ୪୦୬, ପ୍ଲଟ୍ ନଂ.: ୨୫୫, ଅନୁରୂପ ହାଲ୍ ପ୍ଲଟ୍ ନଂ.: ୫୩, ପ୍ଲଟ୍ ନଂ.: ୫୩/୧୩୮୪, ପ୍ଲଟ୍ ନଂ.: ୫୪, ପରିମିତ କ୍ଷେତ୍ର: ୧୩୬୭ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶଙ୍କର ଭୂୟାଁ, ପଶ୍ଚିମ: ରାସ୍ତା, ଉତ୍ତର: ଓମ୍ ପ୍ରକାଶ ଲାଠ, ଦକ୍ଷିଣ: ରାସ୍ତା, **୩) ୰ ନରେଶ କୁମାର ଗୁପ୍ତାଙ୍କ** ନାମରେ ଭଗବାନ ଟାୱାର, କଟକ ରୋଡ୍, ଭୁବନେଶ୍ୱର-୬ର ତଳ ମହଲାରେ ଥିବା ନିମ୍ନଲିଖିତ ୧୩ଟି ଦୋକାନର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୫୫, ଅନୁରୂପ ହାଲ୍ ପ୍ଲଟ୍ ନଂ.: ୫୩ (କ୍ଷେତ୍ର: ଏକର୦.୩୬୩ଡିସିମିଲି), ପ୍ଲଟ୍ ନଂ.: ୫୩/୧୩୮୪ (କ୍ଷେତ୍ର: ଏକର୦.୦୭୭ଡିସିମିଲି), ପ୍ଲଟ୍ ନଂ.: ୫୪ (କ୍ଷେତ୍ର: ଏକର୦.୦୩୫ଡିସିମିଲି), **କ)** ଦୋକାନ ନଂ.: ୮, ୯ ଏବଂ ୧୦, ପରିମିତ କ୍ଷେତ୍ର: ୨୨୦୬.୫୨ ବର୍ଗଫୁଟ, ସମୁଦାୟ କ୍ଷେତ୍ର: ଏକର୦.୪୭୫ଡିସିମିଲିରୁ ଅବିଭକ୍ତ ଜମିର ଅଂଶ ଏକର୦.୦୧୨ଡିସିମିଲି, **ଖ)** ଦୋକାନ ନଂ.: ୧୮, ୨୬, ୩୪, ୩୫, ୩୬ ଏବଂ ୩୭, ପରିମିତ କ୍ଷେତ୍ର: ୧୧୩୪ ବର୍ଗଫୁଟ, ସମୁଦାୟ କ୍ଷେତ୍ର: ଏକର୦.୪୭୫ଡିସିମିଲିରୁ ଅବିଭକ୍ତ ଜମିର ଅଂଶ ଏକର୦.୦୦୫ଡିସିମିଲି, **ଗ)** ଦୋକାନ ନଂ.: ୧୭, ୧୯, ୨୫ ଏବଂ ୨୭, ପରିମିତ କ୍ଷେତ୍ର: ୭୨୦ ବର୍ଗଫୁଟ, ସମୁଦାୟ କ୍ଷେତ୍ର: ଏକର୦.୪୭୫ଡିସିମିଲିରୁ ଅବିଭକ୍ତ ଜମିର ଅଂଶ ଏକର୦.୦୦୪ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶଙ୍କର ଭୂୟାଁ, ପଶ୍ଚିମ: ରାସ୍ତା, ଉତ୍ତର: ଓମ୍ ପ୍ରକାଶ ଲାଠ, ଦକ୍ଷିଣ: ରାସ୍ତା |

ସ୍ଥାନ : ଭୁବନେଶ୍ୱର, ତାରିଖ: ୧୫.୦୯.୨୦୧୮ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ






ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି- ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି- ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ- ତେବେ ତୁମେ ସବୁ କିଛି ହରାଇ ବସିବ।
-ଶ୍ରୀଅରବିନ୍ଦ



# କୁମ୍ଭକର୍ଣ୍ଣଙ୍କୁ କୋଟି ପ୍ରଣାମ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

ସବୁଠୁ ବଡ ଅଳସୁଆ କିଏ ? ଯିଏ ପେଟେ ଖାଇ ନିର୍ଦ୍ଧୁମ ଶୋଇବା ବ୍ୟତୀତ କିଛି କାମ କରେନାହିଁ।

ଏମିତି ଆମେ ଯଦି ଗୋଟିଏ ମାପକାଠି ଦେଖିବା, ତେବେ ରାମାୟଣରେ ବର୍ଣ୍ଣିତ କୁମ୍ଭକର୍ଣ୍ଣ ଏହାର ପ୍ରକୃଷ୍ଟ ଆଦର୍ଶ ଦୃଷ୍ଟାନ୍ତ ହେବ। କେତେକ ପୁରାଣକାରଙ୍କ ମତରେ କୁମ୍ଭକର୍ଣ୍ଣ ଛଅମାସ ଶୁଅନ୍ତି। ନିଦରୁ ଉଠିବା ମାତ୍ରେ ରାକ୍ଷସ ରାବଣର ଏହି ସାନ ଭାଇଟି ସାମ୍ନାରେ ମଣିଷ ସମେତ ଯେଉଁ ପ୍ରାଣୀକୁ ଦେଖନ୍ତି, ତାକୁ ଉଦରସ୍ଥ କରିଦିଅନ୍ତି। ଭୋଜନ ପର୍ବ ସରିବା ପରେ ଆରମ୍ଭ ହୋଇଯାଏ ଛଅମାସିଆ ନିଦ୍ରା।

ବିଭିନ୍ନ ରାମାୟଣରେ କୁମ୍ଭକର୍ଣ୍ଣଙ୍କ ବିଷୟରେ ବର୍ଣ୍ଣିତ ଅଛି ଯେ, ଭାଇ ରାବଣ ଓ ବିଭୀଷଣ ସହ ସେ ବ୍ରହ୍ମାଙ୍କୁ ସନ୍ତୁଷ୍ଟ କରିବା ପାଇଁ କଠୋର ତପସ୍ୟାରେ ନିମଗ୍ନ ହେଲେ। ବରଦାନ ସମୟ ଆସିବା ବେଳେ ଈର୍ଷାରେ ଜର୍ଜରିତ, ଭୟଭୀତ ଇନ୍ଦ୍ର କାଳେ ନିଜ ଆସନ କୁମ୍ଭକର୍ଣ୍ଣ ହସ୍ତଗତ କରିବେ ବୋଲି ଦେବୀ ସରସ୍ୱତୀଙ୍କୁ ଆତ୍ମରକ୍ଷା ପାଇଁ ଅନୁରୋଧ କଲେ। ସରସ୍ୱତୀ କୁମ୍ଭକର୍ଣ୍ଣଙ୍କ ଜିହ୍ୱାକୁ ଏମିତି ବନ୍ଧନ କଲେ ଯେ, କୁମ୍ଭକର୍ଣ୍ଣ ବରସ୍ୱରୂପ 'ଇନ୍ଦ୍ରାସନ' ଭିକ୍ଷା କରିବା ବେଳେ ତାହା ଉଚ୍ଚାରିତ ହୋଇଗଲା 'ନିଦ୍ରାସନ'। ପରେ ରାବଣ ଏହି ଦୁର୍ଭାଗ୍ୟଜନକ ସ୍ଖଳନ ବୁଝିପାରି ବ୍ରହ୍ମାଙ୍କୁ ଅନୁରୋଧ କଲେ ଏହାକୁ କୋହଳ କରିବାକୁ। ଫଳରେ ଛଅମାସ ଲେଖାଏ 'ନିଦ୍ରା ଓ ଭୋଜନ'ର ବାର୍ଷିକ ଚକ୍ର ଦ୍ୱାରା କୁମ୍ଭକର୍ଣ୍ଣ ଅବଶିଷ୍ଟ ଜୀବନ ବଞ୍ଚିଲେ।

ତେବେ ଏଥିରୁ ସ୍ପଷ୍ଟ ଯେ, ଏମିତି ଖାଇବା ଓ ଶୋଇବା ବ୍ୟତୀତ ଅନ୍ୟ କୌଣସି କାମ ନ କରିବା ଆଳସ୍ୟର ଅକାଟ୍ୟ ପ୍ରମାଣ ଏବଂ ଏହା କୁମ୍ଭକର୍ଣ୍ଣ ପରି ଅଭିଶପ୍ତ ବ୍ୟକ୍ତିମାନେ ଭୋଗ କରିଥାନ୍ତି। ଏହା ଆମ ପାଇଁ ଗ୍ରହଣୀୟ ନୁହେଁ।

ତେବେ ଆଳସ୍ୟ କ'ଣ ସତରେ ଗୋଟିଏ ଅଭିଶାପ ? ଏହାକୁ ଏକ ଦୁର୍ଗୁଣ ବୋଲି ଆମେ ବିବେଚନା କରିବାକୁ ବାଧ କି, ବିଶେଷତଃ ଆଗାମୀ ଯୁଗରେ ?

ପ୍ରସିଦ୍ଧ ବ୍ରିଟିଶ ଗଣିତଜ୍ଞ ଓ ଦାର୍ଶନିକ ବାର୍ଟ୍ରଣ୍ଡ ରସେଲ (ଜୀବନକାଳ, ମେ ୧୮୭୨ରୁ ଫେବୃୟାରୀ ୧୯୭୦) 'ଇନ୍ ପ୍ରେଜ୍ ଅଫ୍ ଆଇଡିଲ୍‌ନେସ' ନାମକ ଗୋଟିଏ ବହୁ ପଠିତ ପ୍ରବନ୍ଧ ପୁସ୍ତକ (ପ୍ରକାଶକ ଜର୍ଜ ଆଲେନ୍ ଆଣ୍ଡ୍ ଆନ୍‌ୱିନ, ଲଣ୍ଡନ) ୧୯୩୫ରେ ପ୍ରକାଶ କରିଥିଲେ। ଉକ୍ତ ବହିରେ ସନ୍ନିବେଶିତ ବିଷୟଟିର ସାରାଂଶ ନିମ୍ନ ଉଦ୍ଧୃତାଂଶରେ ପ୍ରତିଫଳିତ।

''ଆମେ ଅଧିକ ଉତ୍ପାଦନ ପାଇଁ ଚିନ୍ତା କରୁଛେ ଏବଂ ଏହାର ବ୍ୟବହାରଜନିତ ସୁଖ ସକାଶେ କମ୍ ଧ୍ୟାନ ଦେଉଛେ। ଏହାର ଗୋଟିଏ ଫଳ ହେଉଛି ଯେ, ଆମେ ଉପଭୋଗ ଓ ସିଧାସଳଖ ଆନନ୍ଦ ପାଇବାକୁ କମ୍ ଗୁରୁତ୍ୱ ଦେଉଛେ। ଉତ୍ପାଦିତ ବସ୍ତୁର ବ୍ୟବହାର ଦ୍ୱାରା ଗ୍ରାହକ ଯେଉଁ ତୃପ୍ତି ପାଇବ, ତାହା ବିଚାରକୁ ଆମେ ନେଉନାହୁଁ।'' ଦୈନନ୍ଦିନ ଜଞ୍ଜାଳରୁ ଆମେ ଯେଉଁ ଅପର୍ଯ୍ୟାପ୍ତ ବିରାମ ବା ଛୁଟି ପାଇବା, ତାହା ଭୁଲିଯାଉଛେ। ରସେଲ ଏଥିରେ ଆମର ମାନସିକତାକୁ ଘୋର ନାପସନ୍ଦ କରିଛନ୍ତି। ପ୍ରକାଶଥାଉ କି, ସେ ଏମିତି ଅପ୍ରିୟ ବାକ୍ୟ ପ୍ରକାଶ କରିଥିଲେ ଗତ ଶତାବ୍ଦୀର ପ୍ରଥମ ଭାଗରେ। ସେତେବେଳକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଯଥେଷ୍ଟ ଉନ୍ନତି ହୋଇସାରିଥିଲା। ବିଭିନ୍ନ ଘରୋଇ ଉପକରଣ ଓ ଯନ୍ତ୍ରପାତି ସହାୟତାରେ ଆମର କେବଳ ଶାରୀରିକ ପରିଶ୍ରମ ଲାଘବ ହେଲା ନାହିଁ, ଆମେ ଅଧିକ ସମୟ ଅବକାଶ ପାଇଁ ମଧ୍ୟ ପାଇଲେ। କୌଣସି କାମ କରିବାକୁ ଆଉ ବାକି ନ ଥିବାରୁ ଆମକୁ ଅଧିକ ମୁକ୍ତ ଅବସର ମିଳିଲା। ତେବେ ତାହାକୁ ପୁରୁଣାକାଳିଆ ଲୋକମାନେ କଟୁ ସମାଲୋଚନା କରିପାରନ୍ତି ଯେ, ତାହା ହେଉଛି ଅଳସୁଆମି ପାଇଁ ସୁଯୋଗ ଓ ପ୍ରେରଣା ଯାହାକି ଆଦୌ ସ୍ୱାଗତଯୋଗ୍ୟ ନୁହେଁ।

ଏହା ଅନସ୍ୱୀକାର୍ଯ୍ୟ ଯେ, ପୂର୍ବ କାଳରେ ଲୋକେ ବଞ୍ଚିବା ପାଇଁ ଯେମିତି ପ୍ରାଣପଣେ ଶାରୀରିକ ଉଦ୍ୟମ କରୁଥିଲେ, ଯାନ୍ତ୍ରିକ ସଭ୍ୟତା ଦ୍ୱାରା ଆମେ ସେଥିରୁ ଅନେକାଂଶରେ ନିସ୍ତାର ପାଇଲେ। ତେଣୁ ଆମେ ପ୍ରଚୁର ଅବସର-ସମୟ ପାଇବା ଅବଧାରିତ। ରସେଲ୍‌ଙ୍କ ସମୟର ଯାନ୍ତ୍ରିକ ଉଦ୍‌ଯୋଗ ଅପେକ୍ଷା ବର୍ତ୍ତମାନ ଶତ ଶତ ଗୁଣରେ ଏହା ଉନ୍ନତ ହେଲାଣି। ତେଣୁ ଆମେ କ୍ରମବର୍ଦ୍ଧିଷ୍ଣୁ ଭାବେ ଅବକାଶ ପାଉଛେ। ଫଳରେ ଆମେ ଉପଭୋଗ କରିବାକୁ ପ୍ରଚୁର ସମୟ ପାଉଛେ, ଯାହା ଅନ୍ୟ ଭାଷାରେ ଆଳସ୍ୟପରାୟଣତା ପଦବାଚ୍ୟ।

ହୁଏତ ଏମିତି ସ୍ଥିତିକୁ ବହୁ ନିନ୍ଦୁକ ବର୍ଜନୀୟ ବୋଲି ମତଦେବେ। ଏହା କାର୍ଯ୍ୟକାରୀ ହେଲେ, ମଣିଷମାନେ ଶାରୀରିକ ପରିଶ୍ରମ ଅଭାବରୁ ରୋଗଗ୍ରସ୍ତ ହୋଇ ଶେଷରେ ଶଯ୍ୟାଶାୟୀ ଭାବେ ଦୁଃଖଯନ୍ତ୍ରଣାରେ ଅକାଳ ମରଣ ଲଭିବେ ବୋଲି ସେମାନେ ଆମ ଭବିଷ୍ୟତର ଏକ ଭୟଙ୍କର ଛବି ଉପସ୍ଥାପନ କରିବେ। କିନ୍ତୁ ଏମିତି ଏକ ପୂର୍ବାନୁମାନ ଭ୍ରାନ୍ତ ହେବା ସମ୍ଭବ। ଏହି ବିଷୟରେ ଅନୁଶୀଳନ କରାଯାଇପାରେ।

ଯୁକ୍ତରାଷ୍ଟ୍ର ଅନ୍ତର୍ଗତ କ୍ୟାନସସ୍ ୟୁନିଭରସିଟିରେ କାର୍ଯ୍ୟରତ ଡକ୍ଟର ଲ୍ୟୁକ୍ ଷ୍ଟ୍ରୋଟନଙ୍କ ତତ୍ତ୍ୱାବଧାନରେ ଏକ ଦଳ ପ୍ରାଣୀର ବିବର୍ତ୍ତନ ବିଷୟରେ ଗବେଷଣା କରିଛନ୍ତି। ୨୯୯ଟି ପ୍ରଜାତିର ବିଗତ ୫ ନିୟୁତ ବର୍ଷ ବ୍ୟାପୀ ମେଟାବୋଲିକ୍ ହାର ସେମାନେ ଅନୁଧ୍ୟାନ କରିଛନ୍ତି। ଉକ୍ତ ପ୍ରାଣୀମାନଙ୍କ ଶରୀରର ବୃଦ୍ଧିକାରୀ ଓ ଶକ୍ତି ପ୍ରଦାୟକ ବିଭିନ୍ନ ରାସାୟନିକ ପ୍ରକ୍ରିୟା ବିଷୟରେ ସେମାନେ ବିଶ୍ଲେଷଣ କଲେ। ସେମାନଙ୍କ ଦ୍ୱାରା ନିର୍ବାଚିତ ପ୍ରଜାତି ମଧ୍ୟରେ ଗେଣ୍ଡା ବା ଶାମୁକା ଜାତୀୟ ଜୀବ (ମୋଲୁସ୍କା) ଅନ୍ତର୍ଭୁକ୍ତ। ମେରୁଦଣ୍ଡ ନ ଥିବା ତଥା କଠିନ ଆବରଣ ମଧ୍ୟରେ ନରମ ଶରୀର ବହନ କରିଥିବା ଏହି ପ୍ରାଣୀ ଉପରେ ଅଧିକ ଧ୍ୟାନଦେବା କାରଣ ହେଉଛି ଯେ, ପାଞ୍ଚ ନିୟୁତ ବର୍ଷ ବ୍ୟାପୀ ସେମାନଙ୍କ ମୃତ ଓ ଜୀବିତ ପ୍ରଜାତିର ଇତିହାସ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ। ତେଣୁ ସେମାନଙ୍କ ମେଟାବୋଲିକ୍ ହାରକୁ ଅଧିକ ବ୍ୟାପକ ଓ ଗଭୀର ଭାବେ ଅନୁଶୀଳନ କରିବା ସମ୍ଭବପର। ଏତାଦୃଶ ବ୍ୟାପକତା ଗବେଷଣାକୁ ଦୃଢ କରିବ।

ଷ୍ଟ୍ରୋଟନଙ୍କ ଗବେଷଣା-ଦଳ ଯେଉଁ ନିଷ୍କର୍ଷରେ ପହଞ୍ଚିଲେ, ତାହା ଥିଲା ଅତି ଚମକପ୍ରଦ। ଚାର୍ଲସ ଡାରଉଇନ (୧୨ ଫେବୃୟାରୀ ୧୮୦୯ରୁ ୧୯ ଏପ୍ରିଲ ୧୮୮୨) ହେଉଛନ୍ତି ବିବର୍ତ୍ତନବାଦର ଜନକ। ତାଙ୍କର ତତ୍ତ୍ୱ ହେଉଛି 'ଯୋଗ୍ୟତମ ହିଁ ତିଷ୍ଠେ ବା ବଞ୍ଚେ' (ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ)। କିନ୍ତୁ ଷ୍ଟ୍ରୋଟନଙ୍କ ଗବେଷଣା ଏଥିରେ ଏକ ନୂତନ ଦିଗ ଯୋଡିଲା। ତାଙ୍କ ଦଳର ଜଣେ ପ୍ରମୁଖ ଗବେଷକ ପ୍ରଫେସର ବ୍ରୁସ୍ ଲିବର୍‌ମ୍ୟାନ ଜଣାଇଲେ ଯେ, 'ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ' ବଦଳେ। 'ସର୍ଭାଇଭାଲ୍ ଅଫ୍ ଦ ଲେଜିଏଷ୍ଟ' ନୀତି ଅଧିକ ଉଚିତ ହେବ। ଅନ୍ତତଃ 'ସର୍ଭାଇଭାଲ୍ ଅଫ୍ ଦ ସ୍ଲଗିଶ୍' ବୋଲି ଗ୍ରହଣ କରାଯାଇପାରିବ। ଅର୍ଥାତ୍ ସବୁଠାରୁ ଯେଉଁ ପ୍ରଜାତି ଅଧିକ ଅଳସୁଆ ବା ଅତ୍ୟନ୍ତ ମନ୍ଥର (ଆଳସ୍ୟ ପରାୟଣତାରୁ) ସେ ହିଁ ବଞ୍ଚିବ। ସେମାନେ ଏମିତି ଚାଞ୍ଚଲ୍ୟକର ଉପସଂହାରରେ ପହଞ୍ଚିବା ପଛର କାରଣ ହେଉଛି ଯେ, ଗେଣ୍ଡା ଜାତୀୟ ପ୍ରଜାତିମାନଙ୍କ ମଧ୍ୟରୁ ଯାହାର ମେଟାବୋଲିକ ହାର ଅଧିକ (ଅର୍ଥାତ୍ ଯାହା ଅଧିକ ସକ୍ରିୟ) ଥିଲା, ଇତ୍ୟବସରରେ ତାହା ବିଲୁପ୍ତ ହୋଇଗଲାଣି। କିନ୍ତୁ ଯେଉଁ ପ୍ରଜାତିର ମେଟାବୋଲିକ ହାର କମ୍ ଅର୍ଥାତ୍ ଯେଉଁମାନେ ଅଳସୁଆ, ସେମାନେ ଅଦ୍ୟାବଧି ବଞ୍ଚି ରହିଛନ୍ତି। ତେଣୁ ଶୋଇବା ପୁଅର ଭାଗ ନାହିଁ ବୋଲି କହିବା ବେଳେ ଆମେ ଦୋଦୋପାଞ୍ଚ ହେବା। ସେମିତି ଗଛମୂଳେ କୋଳି ଖାଇବା ପାଇଁ ପାଟିମେଲା କରି ଉପରକୁ ଚାହିଁ ରହିଥିବା ବିଲୁଆକୁ ଆଉ ନିନ୍ଦା କରିବା ନାହିଁ।

ପ୍ରିୟ ପାଠକେ! ଆଜିକାଲି ଆମେ ପ୍ରତି ଗାଁରେ ରାମ ମନ୍ଦିର ଦେଖୁଛେ। କିନ୍ତୁ କୁମ୍ଭକର୍ଣ୍ଣଙ୍କ ମନ୍ଦିର ଖୋଜି ପାଇବା ପ୍ରାୟତଃ ଅସମ୍ଭବ। କିନ୍ତୁ କିଏ ଜାଣେ ଭବିଷ୍ୟତରେ ପ୍ରତି ଗାଁର ସାହି ସାହିରେ କୁମ୍ଭକର୍ଣ୍ଣ ଆମର ଆଦର୍ଶ ଦେବତା ହେବେ ଓ ସର୍ବଜନପୂଜିତ ହେବେ। ସେ ଆମକୁ ଭବିଷ୍ୟତରେ ବଞ୍ଚି ରହିବାର ସୂତ୍ର ପ୍ରଚାର କରିବେ! ଇନ୍ଦ୍ର ଓ ସରସ୍ୱତୀ ତାଙ୍କୁ ଅଭିଶପ୍ତ କରିବା ପରିବର୍ତ୍ତେ ବରଦାନ କରିଛନ୍ତି।

ମୋ-୯୪୩୭୦୨୬୬୫୧

# ଟିକସ କମିଲେ କମିବ ତୈଳଦର

ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ପେଟ୍ରୋଲ ଓ ଡିଜେଲର ଦର ବୃଦ୍ଧିକୁ ନେଇ ବଡ଼ଧରଣର ହଇଚଇ ସୃଷ୍ଟି ହୋଇଛି। ପେଟ୍ରୋଲ ଓ ଡିଜେଲର ଲିଟର ପିଛା ଦର ସର୍ବକାଳୀନ ରେକର୍ଡ କରିଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃଦ୍ଧି ତଥା ଟଙ୍କାର ମୂଲ୍ୟ ହ୍ରାସ ପରିପ୍ରେକ୍ଷୀରେ ସରକାର ପେଟ୍ରୋଲ ଓ ଡିଜେଲ ଉପରେ ନେଉଥିବା ବିପୁଳ ଟିକସକୁ କମାଇବାର ନାଁ ଧରୁ ନ ଥିବାରୁ ଆଗାମୀ ଦିନରେ ଏହା ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି।

କେନ୍ଦ୍ର ସରକାର ତୈଳ ଦରରେ ହୋଇଥିବା ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧିକୁ ଦାୟୀ କରିଛନ୍ତି। ଯେହେତୁ ଆମର ତୈଳ ଚାହିଦାର ୮୦%ରୁ ଅଧିକ ଆମେ ବିଦେଶରୁ ଆମଦାନୀ କରିଥାଉ, ତେଣୁ ବିଶ୍ୱ ବଜାରରେ ଦର ବୃଦ୍ଧି ହେଲେ ଆମ ଦେଶରେ ତୈଳ ଦର ବଢ଼ିବା ଅବଶ୍ୟମ୍ଭାବୀ ହୋଇଉଠେ। ସମାନ ଯୁକ୍ତିରେ ବିଶ୍ୱ ବଜାରରେ ତୈଳ ଦର ହ୍ରାସ ପାଇଲେ ଏଠାରେ ବି ତେଲ ଦର ଶସ୍ତା ହେବା କଥା। କିନ୍ତୁ ଗତ ଚାରିବର୍ଷ ଧରି ଅନ୍ତର୍ଜାତୀୟ ଦରରେ ରେକର୍ଡ ହ୍ରାସ ସତ୍ତ୍ୱେ କେବେ ବି ତୈଳ ଦର ହ୍ରାସ କରି ନ ଥିବା ମୋଦି ସରକାର ଆଜି ଦର ବୃଦ୍ଧି ପାଇଁ ଅନ୍ତର୍ଜାତୀୟ ଦରକୁ ଦାୟୀ କରିବା ହାସ୍ୟାସ୍ପଦ ମନେହୁଏ।

ଏହା ସତ ଯେ ଇରାନ୍ ସହିତ ହୋଇଥିବା ପରମାଣୁ ଚୁକ୍ତିରୁ ଆମେରିକା ଓହରିଯିବା ପରେ ସୃଷ୍ଟି ହୋଇଥିବା ଅନିଶ୍ଚିତତା, ବିଶ୍ୱର ଅନ୍ୟତମ ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଭେନେଜୁଏଲା ବିରୋଧରେ ଆମେରିକାର କଟକଣା ତଥା ପ୍ରମୁଖ ତୈଳ ଉତ୍ପାଦକ ରାଷ୍ଟ୍ର ସୌଦୀ ଆରବର ଉତ୍ପାଦନ ହ୍ରାସ ପରି ଭୂ-ରାଜନୈତିକ କାରଣରୁ ବିଶ୍ୱ ବଜାରରେ ତୈଳ ଦର ବ୍ୟାରେଲ ପିଛା ଏବେ ୮୫ ଡଲାରରେ ପହଞ୍ଚିଛି। କିନ୍ତୁ ବିଶ୍ୱ ବଜାରରେ ଏହି ମୂଲ୍ୟ ବୃଦ୍ଧି ଆଦୌ ଅସ୍ୱାଭାବିକ ନୁହେଁ। କାରଣ ଅତୀତରେ ଉପା ସରକାରଙ୍କ ଶାସନ କାଳରେ ତୈଳ ଦରରେ ଯେପରି ରେକର୍ଡ ବୃଦ୍ଧି ଘଟିଥିଲା ସେଦୃଷ୍ଟିରୁ ଦେଖିଲେ ଚଳିତ ମୂଲ୍ୟ ବୃଦ୍ଧି ଏତେ ବେଶି ବି ନୁହେଁ। ବରଂ ଉପା ସରକାରର ଶେଷ ବର୍ଷରେ ଅର୍ଥାତ ୨୦୧୩ ଶେଷ ଆଡ଼କୁ ଅଶୋଧିତ ତେଲର ବ୍ୟାରେଲ ପିଛା ଦର ୧୧୩ ଡଲାର ହୋଇଥିବା ସତ୍ତ୍ୱେ ପେଟ୍ରୋଲ ଲିଟର ପିଛା ୭୦ ଟଙ୍କାରେ ମିଳୁଥିବା ବେଳେ ମୋଦି ସରକାରର ଗତ ଚାରି ବର୍ଷର ଶାସନ କାଳରେ ଅଶୋଧିତ ତୈଳ ଦର ହାରାହାରି ୬୦ ଡଲାରକୁ ହ୍ରାସ ପାଇଥିଲେ ବି ଆମକୁ ପେଟ୍ରୋଲ ଲିଟର ପିଛା ୭୮ ଟଙ୍କାରେ କିଣିବାକୁ ପଡିଛି। ଗତ ଚାରି ବର୍ଷ ମଧ୍ୟରେ ଦେଶର ତୈଳ ବିପଣନ କମ୍ପାନୀଙ୍କ ମୁନାଫା ହେଉ ବା ସରକାରଙ୍କ ଟିକସ ଆୟ ହେଉ କିମ୍ବା ଡିଲରଙ୍କ କମିଶନ ସବୁଥିରେ ଆଖିଦୃଶିଆ ବୃଦ୍ଧି ଦେଖାଯାଇଛି। ତୈଳ ବିଶୋଧନ ଏବଂ ବିପଣନ କ୍ଷେତ୍ରରେ କାର୍ଯ୍ୟରତ ଆଇଓସିଏଲ୍, ବିପିସିଏଲ୍, ଏଚ୍‌ପିସିଏଲ ଆଦି ୫ଟି କମ୍ପାନୀଙ୍କ ଶୁଦ୍ଧ ମୁନାଫାରେ ୨୦୦୦ ମସିହାଠାରୁ ପ୍ରତିବର୍ଷ ଲଗାତର ଦର ବୃଦ୍ଧିପାଇ ଚାଲିଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ସଂଗୃହୀତ ଟିକସ ପରିମାଣରେ ପ୍ରାୟ ୧୦୦% ବୃଦ୍ଧି ପରିଲକ୍ଷିତ ହୋଇଛି। ପେଟ୍ରୋଲ ଓ ଡିଜେଲରେ ଲିଟର ପିଛା ଡିଲର କମିଶନ ବି ଗତ ଚାରି ବର୍ଷ ମଧ୍ୟରେ ଯଥାକ୍ରମେ ୧୦୨% ଓ ୧୩୧% ବୃଦ୍ଧି ପାଇଛି। କେବଳ ସାଧାରଣ ଖାଉଟି ହିଁ କ୍ଷତିରେ ରହିଛି।

ଆମ ଦେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ତୈଳ ବିକ୍ରିରୁ ନିଆଯାଉଥିବା ଟିକସର ପରିମାଣ ଅନ୍ୟ ଦେଶମାନଙ୍କ ତୁଳନାରେ ଯଥେଷ୍ଟ ଅଧିକ। ଆମ ଦେଶରେ ସରକାରମାନେ ତୈଳ ମୂଲ୍ୟର ପ୍ରାୟ ଅର୍ଦ୍ଧେକ କେବଳ ଟିକସ ବାବଦରେ ସଂଗ୍ରହ କରି ସାଧାରଣ ଜନତାଙ୍କୁ ଏକରକମ ଲୁଟୁଛନ୍ତି ବୋଲି କୁହାଯାଇପାରେ। ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସଂଗୃହୀତ ଟିକସର ପରିମାଣ ୨୦୧୪-୧୫ରେ ୧.୩ ଲକ୍ଷ କୋଟି ଥିବାବେଳେ ୨୦୧୬-୧୭ ବେଳକୁ ତାହା ୧୧୭% ବୃଦ୍ଧି ପାଇ ତାହା ୨.୭ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ରାଜ୍ୟ ସରକାରମାନେ ବି ପେଟ୍ରୋଲ ଓ ଡିଜେଲ ଉପରେ ଭାଟ୍ ବାବଦରେ ୨୦୧୪-୧୫ରେ ୧.୬ ଲକ୍ଷ କୋଟି ସଂଗ୍ରହ କରିଥିବା ବଳେ ତାହା ୧୮% ବୃଦ୍ଧି ପାଇ ୧.୯ ଲକ୍ଷ କୋଟିରେ ପହଞ୍ଚିଛି।

ତୈଳ ଉପରେ ବିପୁଳ ଟିକସ ଆଦାୟ କରିବା ପଛରେ ସରକାରଙ୍କ ଯୁକ୍ତି ହେଲା ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟସେବା ତଥା ଭିତ୍ତିଭୂମିର ବିକାଶ ପାଇଁ ତାକୁ ବିନିଯୋଗ କରିବା। ଏଠାରେ ପ୍ରଶ୍ନ ଉଠେ ଯେ ଗତ ଚାରିବର୍ଷ ମଧ୍ୟରେ ତେଲରୁ ବାର୍ଷିକ ଅତିରିକ୍ତ ଦୁଇ ଲକ୍ଷ କୋଟି ହିସାବରେ ମୋଟ ଆଠ ଲକ୍ଷ କୋଟିର ଅତିରିକ୍ତ ରାଜସ୍ୱ ସଂଗ୍ରହ କରିଥିବା ସରକାର ପ୍ରତିବର୍ଷ ବଜେଟ୍‌ରେ ଶିକ୍ଷା, ସ୍ୱାସ୍ଥ୍ୟସେବା ପରି ସାମାଜିକ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରିବା ପରିବର୍ତ୍ତେ ତାକୁ ହ୍ରାସ କରୁଛନ୍ତି କିପରି ? ଯଦି ବିକାଶ ପାଇଁ ଆବଶ୍ୟକ ଅର୍ଥ ସଂଗ୍ରହ କରିବାକୁ ତୈଳ ଉପରେ ବିପୁଳ ଟିକସ ନେବା ଜରୁରୀ, ତା'ହେଲେ ବିଶ୍ୱର ଉନ୍ନତ ଦେଶମାନେ ତୈଳ ଉପରେ ଟିକସର ହାର ଏତେ କମ୍ ସତ୍ତ୍ୱେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ବାବଦରେ ଆମଠାରୁ ଅଧିକ ପୁଞ୍ଜି ବିନିଯୋଗ କରି ପାରୁଛନ୍ତି କିପରି ?

ଆଜି ଦେଶରେ ତେଲର ଚଢ଼ା ମୂଲ୍ୟ ପଛରେ ସରକାରଙ୍କ ଦ୍ୱାରା ନିଆଯାଉଥିବା ବିପୁଳ ଟିକସ, ତେଲ କମ୍ପାନୀଙ୍କ ବିପୁଳ ମୁନାଫା ଏବଂ ଡିଲର କମିଶନ ପ୍ରମୁଖ କାରଣ। ଅତଏବ ଏହାକୁ ଶସ୍ତା କରିବାକୁ ହେଲେ ଉପଭୋକ୍ତାଙ୍କଠାରୁ ଅନ୍ୟାୟ ଭାବେ ନିଆଯାଉଥିବା ଉପରୋକ୍ତ ଟିକସ ତଥା ମୁନାଫାକୁ କମାଇବା ଜରୁରୀ।

ମୋ-୯୪୩୭୧୬୬୩୯୧,
ଇ-ମେଲ:bhalachandra.odisha@gmail.com

## ଏଇ ଭାରତରେ

ବିପଦରେ ପଡିଥିବା ବ୍ୟକ୍ତିକୁ ସହାୟତା କରିବା ମାନବିକତାର ଏକ ଲକ୍ଷଣ। ନିକଟରେ ପ୍ରବଳ ବନ୍ୟା ଦ୍ୱାରା କେରଳ ବିପନ୍ନ ହୋଇପଡିଥିବା ବେଳେ ଦେଶ ଏବଂ ଦେଶ ବାହାରୁ ସହାୟତାର ସୁଅ ଛୁଟୁଛି। କିଏ ଆର୍ଥିକ ସହାୟତା ଯୋଗାଉଛି ତ କିଏ ବିଭିନ୍ନ ଖାଦ୍ୟ ସାମଗ୍ରୀ, ଗୃହ ସରଞ୍ଜାମ ଏବଂ ପୋଷାକ ପତ୍ର ଦାନ କରୁଛନ୍ତି। କେତେକ ଅନୁଷ୍ଠାନ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି କ୍ରମରେ ଦିଲ୍ଲୀରେ ହାତବୁଣା ଶାଢ଼ି ନିଲାମ କରାଯାଇ ତହିଁରୁ ୧.୫ ଲକ୍ଷ ଟଙ୍କା ଆୟ ହୋଇପାରିଛି। କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏହି ଅର୍ଥ ପ୍ରଦାନ କରାଯିବ। ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟର ଡିଜିଟାଲ୍ ଏନସାଇକ୍ଲୋପେଡିଆ 'ସାହାପେଡିଆ' ଦ୍ୱାରା ଉକ୍ତ ନିଲାମ କାର୍ଯ୍ୟକ୍ରମ କରାଯାଇଥିଲା। ୨୬୦ଟି ଶାଢ଼ିର ନିଲାମ ବିକ୍ରି ଦ୍ୱାରା ଦେଢ଼ ଲକ୍ଷ ଟଙ୍କା ଆୟ ହୋଇପାରିଥିବା ସାହାପେଡିଆ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କରିଛନ୍ତି। ଏଥିପାଇଁ ଗୋଟିଏ ଶାଢ଼ି ସର୍ବାଧିକ ୧୦,୫୦୦ ଟଙ୍କାରେ ନିଲାମ ହୋଇଥିଲା। ନିଲାମ ସମୟସୀମା ଦୁଇଘଣ୍ଟା ଧାର୍ଯ୍ୟ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ଅଧିକାଂଶ ର୍‌ୟାକ୍ ଖାଲି ହୋଇଯାଇଥିଲା। ଉକ୍ତ ସଂସ୍ଥା ଦ୍ୱାରା ବାର୍ଷିକ ଶାଢ଼ି ବିକ୍ରି ତୃତୀୟ ବର୍ଷରେ ପଦାର୍ପଣ କରିଛି। ବିଭିନ୍ନ ରାଜ୍ୟରୁ ସଂଗ୍ରହ କରାଯାଇଥିବା ଶାଢ଼ିରେ ସମ୍ପୃକ୍ତ ରାଜ୍ୟର କଳା ଓ ସଂସ୍କୃତିର ଛବି ରହିଥାଏ। ଏହାଦ୍ୱାରା ଭାରତର ମହାନ୍ ସାଂସ୍କୃତିକ ଐତିହ୍ୟ ବିଷୟରେ ଜନସାଧାରଣ ଅବଗତ ହୋଇପାରିବେ ବୋଲି ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି।

# ଅତିବଡ଼ ଜଗନ୍ନାଥ ଦାସ

ଜଗନ୍ନାଥ ଦାସଙ୍କ ଜୟନ୍ତୀ ଉପଲକ୍ଷେ

ଡ. ଉଦ୍ଧବ ଚରଣ ନାୟକ

ଆଗେ ଆମ ଓଡ଼ିଶାର ଗାଁ ଗାଁରେ ଥିଲା ଭାଗବତ ଟୁଙ୍ଗୀ। ପୂଜା ପାଉଥିବା ଏଇ ତାଳପତ୍ର ପୋଥିଙ୍କୁ ଲୋକେ ଭକ୍ତିରେ କହୁଥିଲେ ଭାଗବତ ଗାଦି। ପ୍ରତିଦିନ ସନ୍ଧ୍ୟା ସମୟରେ ବ୍ରାହ୍ମଣ ପଣ୍ଡିତ ଭାଗବତ ପାଠ କରନ୍ତି। ଲୋକେ ଏକାଠି ବସି ପଣ୍ଡିତଙ୍କ ମୁହଁରୁ ଭାଗବତ ଶୁଣନ୍ତି। ଯେଉଁଠାରେ କଷ୍ଟ ଲାଗେ ପଣ୍ଡିତ ମହାଶୟ ସରଳ ଭାଷାରେ ବୁଝାଇଦିଅନ୍ତି। ପୁଣ୍ୟାତ୍ମା ଜଗନ୍ନାଥ ଦାସ ହେଉଛନ୍ତି ଏହି ଓଡ଼ିଆ ଭାଗବତର ରଚୟିତା। ସେ ସଂସ୍କୃତ ଭାଗବତକୁ ଆକ୍ଷରିକ ଓଡ଼ିଆ କରିନାହାନ୍ତି। ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ଏହି ଭାଗବତକୁ ଲେଖିଯାଇଛନ୍ତି।

ଜଗନ୍ନାଥ ଦାସ ପଣ୍ଡିତମାନଙ୍କ ପାଇଁ ଏହି ଭାଗବତ ରଚନା କରି ନ ଥିଲେ, ସେ ଲେଖିଥିଲେ ଉତ୍କଳର ଅଗଣିତ ନିରକ୍ଷର ଜନତାଙ୍କ ପାଇଁ। ଜଗନ୍ନାଥ ଦାସଙ୍କ ଭାଗବତ ହେଉଛି ଓଡ଼ିଆ ଜାତୀୟତାର ପ୍ରତୀକ। ଓଡ଼ିଆ ଜାତିକୁ ଏହି ଭାଗବତ ଏକତା ସୂତ୍ରରେ ବାନ୍ଧିରଖିଛି। ଯେଉଁଠି ଓଡ଼ିଆ, ଯେଉଁଠି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର, ସେଇଠି ରହିଛି ଏହି ଓଡ଼ିଆ ଭାଗବତ। ଏବେ ବି ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପାଯାଇ ପାଠ କରାଯାଉଛି। ଜଗନ୍ନାଥ ଦାସଙ୍କ ଭାଗବତରୁ ପଦିଏ କାନରେ ପଡିଲେ ମନରେ ଓଡ଼ିଆତ୍ୱ ଭାବ ସଞ୍ଚରି ଉଠେ। ଜଗନ୍ନାଥ ଦାସଙ୍କ ଭାଗବତର ଅମର ପଙ୍‌କ୍ତି ଗାଉଁଲି ଖଟିଖିଆ ଚାଷୀଙ୍କ ମୁହଁରୁ ବାହାରି ଆସେ- ''କହଇ ଦାସ ଜଗନ୍ନାଥ, କୃଷ୍ଣ ଚରିତ ଭାଗବତ।'' ''କଳ୍ପନା ମୁଖେ କାଳ ଥାଇ, ପ୍ରାଣୀ ତା ଜାଣି ନ ପାରଇ।'' ''ଆତ୍ମା କୁଶଳେ ସର୍ବସିଦ୍ଧି, ତରଇ ସଂସାର ବାରିଧି।'' ''ଆତ୍ମାକୁ ଆତ୍ମା ଯେହ୍ନୁ ସ୍ମରେ, ପରମାନନ୍ଦରେ ବିହରେ।'' ''ଆପଣା ହସ୍ତେ ଜିହ୍ୱା ଛେଦି, କେ ତା'ର ଅଛି ପ୍ରତିବାଦୀ।'' ଇତ୍ୟାଦି।

ଏହି ମହାପୁରୁଷଙ୍କର ଜନ୍ମ ୧୪୯୦ ମସିହା ଭାଦ୍ର ଶୁକ୍ଳ ଅଷ୍ଟମୀ (ରାଧାଷ୍ଟମୀ) ତିଥିରେ ପୁରୀ ଶ୍ରୀକ୍ଷେତ୍ର ଅନ୍ତର୍ଗତ କପିଳେଶ୍ୱରପୁର ଶାସନରେ। ତାଙ୍କ ପିତାଙ୍କ ନାମ ପଣ୍ଡିତ ଭଗବାନ ଦାସ। ମାତାଙ୍କ ନାମ ପଦ୍ମାବତୀ ଦେବୀ। ପିତା ଥିଲେ ପୁରାଣ ପଣ୍ଡିତ। ସେ ଗୁଣଗ୍ରାହୀ ରାଜା ପୁରୁଷୋତ୍ତମ ଦେବଙ୍କଠାରୁ ଏହି ପୁରାଣ ପଣ୍ଡା ଉପାଧି ପ୍ରାପ୍ତ ହୋଇଥିଲେ। ଜଗନ୍ନାଥ ଦାସ ରାଧାଷ୍ଟମୀରେ ଜନ୍ମ ହୋଇଥିବାରୁ ଲୋକେ ତାଙ୍କୁ ସାକ୍ଷାତ୍ ରାଧାଙ୍କ ଅବତାର ବୋଲି ମାନ୍ୟ କରୁଥିଲେ।

ବାଲ୍ୟକାଳରୁ ଜଗନ୍ନାଥ ଦାସ ଥିଲେ ଅଗାଧ ଜ୍ଞାନର ଅଧିକାରୀ। ପ୍ରାଥମିକ ଶିକ୍ଷା ଲାଭ କରୁଥିବା ସମୟରେ ସେ ପିତାଙ୍କଠାରୁ ଅମରକୋଷ ସମେତ ଅନ୍ୟ ବ୍ୟାକରଣ ପୁସ୍ତକ ଅଧ୍ୟୟନ କରି ହୋଇପାରିଥିଲେ ଭାଷାରେ ପ୍ରବୀଣ। ଅଠର ବର୍ଷ ବୟସରେ ସେ ପୁରାଣଶାସ୍ତ୍ରରେ ଅଦ୍ୱିତୀୟ ପଣ୍ଡିତ ଭାବେ ଖ୍ୟାତି ଅର୍ଜନ କଲେ। ବୟସ ବୃଦ୍ଧି ଫଳରେ ପ୍ରତ୍ୟହ ଶ୍ରୀକ୍ଷେତ୍ରକୁ ଯାଇ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭାଗବତ ପଢ଼ିବାରେ ଲାଗିଲେ। ବଡ଼ ଦେଉଳର ଦକ୍ଷିଣ ଦିଗରେ ବାଟଗଣେଶଙ୍କ ପାଖରେ ପୁରାଣ ପାଠ ପାଇଁ ତାଙ୍କ ନିମନ୍ତେ ସ୍ଥାନ ନିର୍ଦ୍ଦିଷ୍ଟ କରିଦିଆଗଲା। ପ୍ରତ୍ୟହ ତାଙ୍କ ମୁଖରୁ ଭାଗବତ ଶୁଣିବା ପାଇଁ ସେଠାରେ ଲୋକେ ରୁଣ୍ଡ ହେଲେ। ଫଳରେ ପୁରାଣ ପାଠ ପାଇଁ ରାଜା ତାଙ୍କ ନିମନ୍ତେ ବୃତ୍ତି ଖଞ୍ଜିଦେଲେ। ଏବେ ବି ସେହି ବୃତ୍ତି ଖଞ୍ଜାହୋଇ ରହିଛି।

ଜଗନ୍ନାଥ ଦାସଙ୍କୁ ଉଣେଇଶ ବର୍ଷ ହୋଇଥିବା ବେଳର କଥା। ଏହି ସମୟରେ ବଙ୍ଗ ଦେଶରୁ ଶ୍ରୀଚୈତନ୍ୟ ଆସିଲେ ଶ୍ରୀକ୍ଷେତ୍ର ପୁରୀକୁ। ବଟମୂଳରେ ଶ୍ରୀଚୈତନ୍ୟଙ୍କ ସହ ଜଗନ୍ନାଥ ଦାସଙ୍କ ସାକ୍ଷାତ୍ ହେଲା। ସେତେବେଳେ ଜଗନ୍ନାଥ ଦାସ ଭାଗବତ ଦଶମ ସ୍କନ୍ଧର ବ୍ରହ୍ମସ୍ତୁତି ଗାୟନ କରୁଥାଆନ୍ତି। ତାଙ୍କର ଜ୍ଞାନଗରିମା ଦେଖି ଶ୍ରୀଚୈତନ୍ୟ ତାଙ୍କ ଅନୁଗାମୀମାନଙ୍କୁ କହିଲେ, ଏ ଜଗନ୍ନାଥ ଦାସ ଏମିତି ସେମିତି ବ୍ୟକ୍ତି ନୁହନ୍ତି, ସେ ମହାପ୍ରଭୁ ଜଗନ୍ନାଥଙ୍କର ସଙ୍ଗୀ। ଜଗନ୍ନାଥ ଶ୍ରୀଚୈତନ୍ୟଙ୍କୁ ଗୁରୁ ଭାବରେ ସମ୍ମାନ ପ୍ରଦର୍ଶନ କରିବାରେ ଲାଗିଲେ। ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ବଳରାମ ଦାସ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ଜଗନ୍ନାଥ ଦାସଙ୍କୁ ଦୀକ୍ଷା ପ୍ରଦାନ କରିଥିବା ଜଣାଯାଏ। ଫଳରେ ଜଗନ୍ନାଥ ଦାସ ଶ୍ରୀଚୈତନ୍ୟ ଓ ବଳରାମ ଦାସଙ୍କୁ ଗୁରୁ ରୂପରେ ମାନିବାରେ ଲାଗିଲେ। ଜଗନ୍ନାଥ ଦାସଙ୍କ ଅସାଧାରଣ ପ୍ରେମଭକ୍ତି ଦେଖି ଦିନେ ଶ୍ରୀଚୈତନ୍ୟ ତାଙ୍କୁ କହିଲେ, ଦାସେ! ତୁମେ ଅତି ବଡ଼। ଏହା କହି ଶ୍ରୀଚୈତନ୍ୟ ନିଜର ଗୈରିକ ଉତ୍ତରୀୟକୁ ଜଗନ୍ନାଥ ଦାସଙ୍କ ମୁଣ୍ଡରେ ବାନ୍ଧିଦେଲେ। ସେହିଦିନଠାରୁ ଲୋକେ ତାଙ୍କୁ ଅତିବଡ଼ ବା ଅତିବଡ଼ୀ ଗୋସ୍ୱାମୀ ଭାବରେ ସମ୍ବୋଧନ କରିବାରେ ଲାଗିଲେ।

ସମ୍ରାଟ୍ ପ୍ରତାପରୁଦ୍ର ଜଗନ୍ନାଥ ଦାସଙ୍କୁ ବହୁ ସମ୍ମାନ ପ୍ରଦର୍ଶନ କରୁଥିଲେ। ନିଜ ମହାରାଣୀଙ୍କ ନିର୍ମିତ ପ୍ରାସାଦରେ ରହିବା ପାଇଁ ସେ ଜଗନ୍ନାଥ ଦାସଙ୍କୁ ଅନୁରୋଧ କରିବାରୁ ସେଠାରେ ଜଗନ୍ନାଥ ଦାସ କିଛି କାଳ ଅବସ୍ଥାନ କରିଥିଲେ। ସେହି ସ୍ଥାନ ଆଧୁନିକ ଓଡ଼ିଆ ମଠ ଭାବରେ ଆଜି ପରିଚିତ। ସେଠାରେ ଜନଗହଳି ଲାଗିବାରୁ ଜଗନ୍ନାଥ ଦାସ ସମୁଦ୍ରକୂଳରେ ମଠ ନିର୍ମାଣ କରି ରହିଲେ। ସେହି ମଠ ବର୍ତ୍ତମାନ ସାତଲହଡ଼ି ମଠ ନାମରେ ପରିଚିତ। ଜଗନ୍ନାଥ ଦାସ ଭାଗବତ ବ୍ୟତୀତ ସଂସ୍କୃତରେ ଜଗନ୍ନାଥ ଚରିତାମୃବୋଧ ସରଣୀ, ଦହିଖେଳା, ଗୁପ୍ତ ଭାଗବତ, ତୁଳାଭିଣା(ଗଦ୍ୟ) ଓ ଇତିହାସ ପୁରାଣ ଆଦି ଗ୍ରନ୍ଥ ରଚନା କରିଯାଇଛନ୍ତି। ୧୫୪୭ ମସିହା ମାଘ ଶୁକ୍ଳ ସପ୍ତମୀ ଚନ୍ଦ୍ରଭାଗା ସ୍ନାନଯୋଗ ତିଥିରେ ସାତଲହଡ଼ି ମଠରେ ସ୍ଥୂଳଶରୀର ତ୍ୟାଗକରି ସେ ବୈକୁଣ୍ଠ ଯାତ୍ରୀ ହେଲେ। ସେ ମରି ମଧ୍ୟ ଆଜି ଅମର।

ମୋ-୯୪୩୮୨୯୯୧୭୪

## ଚିରନ୍ତନୀ

ସନ୍ଧ୍ୟା ରହିଛି ମୋହରି ଆଶାରେ
ରଞ୍ଜିବି ତା'ର ଭାଲ
ପ୍ରଭାତ ଡାକଇ ବିରହ-ଭାଷାରେ
ମୋହରି ପାଇଁ ବିକଳ।
କାନନେ ଡାକେ ମୟୂରୀ
ନଦୀରେ ଡାକେ ଭଉଁରି
ଶିଖରି ଚୂଳରେ ମେଘ ଡାକିଲାଣି,
ଭୁବନେ ଡାକିଲେ ସକଳ,
ମୋହରି ପାଇଁ ସେ ବିକଳ।
ଧାନକ୍ଷେତ ପରେ ବଉଦ ଭାସୁଛି
ସେ ଚାହିଁଛି ମୋର ଆଶାରେ,
ନୀଳ ଆକାଶରେ ଚାତକ ମିଶଇ
ମୋହରି ବିରହ ଦଶାରେ।
(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

ସେପ୍ଟେମ୍ବର ୧୦- ତୈଳଦର ବୃଦ୍ଧି ବିରୋଧରେ କଂଗ୍ରେସ ସମେତ ୨୧ଟି ଦଳ ତରଫରୁ ଭାରତ ବନ୍ଦ୍ ପାଳିତ।
୧୧- ତେଲେଙ୍ଗାନାର ଜଗତିଆଲ ଜିଲାରେ ଏକ ସରକାରୀ ବସ୍ ଖାଇକୁ ଖସିପଡ଼ିବାରୁ ୫୭ ଜଣଙ୍କ ମୃତ୍ୟୁ ଘଟିଛି।
୧୨- ବିବାଦୀୟ ମନ୍ତବ୍ୟ ଦେବା ଯୋଗୁ ବରିଷ୍ଠ ବିଜେଡି ନେତା ତଥା ପାରାଦୀପ ବିଧାୟକ ଡ. ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରାଯାଇଛି।
୧୩- ସାରିଡନ୍ ଭଳି ଯନ୍ତ୍ରଣାନାଶକ ଔଷଧଠାରୁ ଆରମ୍ଭ କରି ସ୍କିନ୍ କ୍ରିମ୍ ପେନ୍‌ଡ୍ରମ୍ ସମେତ ୩୨୮ ପ୍ରକାର ଏଫ୍‌ଡିସି ଔଷଧକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷିଦ୍ଧ କରିଛି।
* ଜମ୍ମୁ-କଶ୍ମୀରର ତିନିଟି ସ୍ଥାନରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ୮ ଆତଙ୍କବାଦୀଙ୍କ ମୃତ୍ୟୁ
୧୪- ଜମ୍ମୁ-କଶ୍ମୀର କିସ୍ତୱାର ଜିଲାରେ ଏକ ମିନିବସ୍ ଖାତକୁ ଖସିପଡ଼ିବା ଫଳରେ ୧୭ ଜଣଙ୍କ ମୃତ୍ୟୁ।

## ଆମ ସମସ୍ୟା

### ରାସ୍ତା ଖାଲଖମାରେ ପୂର୍ଣ୍ଣ

ମହାଶୟ,

ଭଦ୍ରକ ବ୍ଲକ ଅଧୀନ ସାବରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଖାଲଖମା ସୃଷ୍ଟି ହୋଇ ବର୍ଷା ପାଣି ଭରି ରହୁଛି। ଆଖପାଖ ତିନି ଚାରିଟି ପଞ୍ଚାୟତର ଲୋକେ ଓ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ହାଟ ବଜାର ନିମନ୍ତେ ଦିନକୁ ଶହ ଶହ ଲୋକ ଏଠାକୁ ଆସିଥାନ୍ତି। ଏହାର ମରାମତି ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେବାକୁ ଅନୁରୋଧ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

### ମଶା ପ୍ରାଦୁର୍ଭାବ

ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ଡେଙ୍ଗୁ ଓ ମ୍ୟାଲେରିଆ ବ୍ୟାପୁଥିବାର ଦେଖାଯାଉଛି। ଏହାର ମୂଳ କାରଣ ମଶା। ମଶାରି ବ୍ୟବହାର କଲେ ମଶାଠାରୁ ଆମେ ସୁରକ୍ଷିତ ରହିବା। ତା'ଛଡା ପରିବେଶକୁ ସଫାସୁତରା ରଖିଲେ ମଶା ପ୍ରାଦୁର୍ଭାବ ହ୍ରାସ ପାଇବ।

ସାରଥି ମଲ୍ଲିକ, ଅମରପାଲି, ବୀରମହାରାଜପୁର, ସୋନପୁର,

### ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହେଉ

କେନ୍ଦ୍ରାପଡ଼ାରେ ବସ୍‌ଯାତ୍ରୀମାନଙ୍କ ପାଇଁ ବିଶ୍ରାମାଗାର ନିତାନ୍ତ ଆବଶ୍ୟକ ମନେହେଉଛି। କଟକରୁ ଭାୟା ସାଲେପୁର ଦେଇ ଭଦ୍ରକ ପର୍ଯ୍ୟନ୍ତ, କଟକରୁ ଭାୟା ଚଣ୍ଡିଖୋଲ ଦେଇ ଭଦ୍ରକ ପର୍ଯ୍ୟନ୍ତ ଶହ ଶହ ଯାତ୍ରୀବାହୀ ବସ୍ ଯାତାୟାତ କରୁଛି। କେନ୍ଦ୍ରାପଡା ସହରର ତିନିମୁହାଣି ଛକରୁ ଶହ ଶହ ବସ୍ ଯାତ୍ରୀ ଯାତ୍ରା କରୁଛନ୍ତି। ତେଣୁ ସରକାର ଏହି ଛକରେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କଲେ ହଜାର ହଜାର ଯାତ୍ରୀ ଉପକୃତ ହୋଇପାରନ୍ତେ।

ଆଦିକନ୍ଦ ସାହୁ, ଦୁର୍ଗା ନର୍ସିଂହୋମ୍, ସାଆନ୍ତସାଇ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକାଙ୍କ ମୃତ୍ୟୁ

**ରାଜନଗର, ୧୬।୯(ଡି.ଏନ୍.ଏ.):** ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତ ଅନ୍ତର୍ଗତ ଦାରୁଓରା ଗାଁର ବିଷ୍ଣୁଚରଣ ଜେନାଙ୍କ ଝିଅ ଲକ୍ଷ୍ମୀପ୍ରିୟା(୯)ଙ୍କ ଶନିବାର ବିଳମ୍ବିତ ରାତିରେ ସାପ କାମୁଡାରେ ମୃତ୍ୟୁ ଘଟିଛି। ସେ ରାତିରେ ବାପା ମାଆଙ୍କ ପାଖରେ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ କାନ୍ଦିବାରୁ ପରିବାର ଲୋକେ ନିଦରୁ ଉଠି ପଡିଥିଲେ। ଏହି ସମୟରେ ଲକ୍ଷ୍ମୀପ୍ରିୟାଙ୍କ ଗୋଡରେ କ୍ଷତ ଓ ଏକ ରଣା ସାପ ଘର ଛାତ ଆଡକୁ ଯିବା ଦେଖି ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହାପରେ ତାଙ୍କ ମୃତଦେହକୁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି ବୋଲି ପରିବାର ପକ୍ଷରୁ କୁହାଯାଇଛି।

### ସ୍ୱାସ୍ଥ୍ୟସେବା ଶିବିର



**ଡେରାବିଶ, ୧୬।୯ (ସ୍ୱ.ପ୍ର.):** କେନ୍ଦ୍ରାପଡା ବ୍ଲକ ଅଧୀନ ଭାଗବତପର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଟକସ୍ଥିତ ଆୟୁଶ ୱେଲନେସ ହବ ପକ୍ଷରୁ ଆୟୋଜିତ ଏହି ଶିବିରରେ ପଞ୍ଚାୟତର ୪୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଡା. ବିଶ୍ୱନାଥ ଚକ୍ରବର୍ତ୍ତୀ, ଡା. ହିମାଂଶୁ ଶେଖର ମହାନ୍ତି, ସହାୟକ ବିଜୟ କୁମାର ମହାନ୍ତି ପ୍ରମୁଖ ରୋଗୀମାନଙ୍କ ଚିକିତ୍ସା କରିବା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ପର୍କରେ ପରାମର୍ଶ ଦେଇଥିଲେ।

### ୮୧ ୟୁନିଟ୍ ରକ୍ତ ସଂଗୃହୀତ

**ଡେରାବିଶ, ୧୬।୯ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ବଜାର ଭଗବତୀ ମାର୍କେଟ କମ୍ପ୍ଲେକ୍ସରେ ଚାନ୍ଦୋଳ ବଜାର କମିଟି ପକ୍ଷରୁ ରବିବାର ଆୟୋଜିତ ରକ୍ତଦାନ ଶିବିରରେ ମୋଟ ୮୧ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କମିଟି କର୍ମକର୍ତ୍ତା ନିଶାମଣି ବେହେରା, ମିହିର କୁମାର ସାମଲ, ଭଗବାନ ସାହୁ, ପ୍ରଶାନ୍ତ ସାହୁ, ଦେବରାଜ ମହାପାତ୍ର, ଜ୍ଞାନରଞ୍ଜନ ନାୟକ, ପ୍ରଦୀପ୍ତ ମହାନ୍ତିଙ୍କ ପ୍ରଚେଷ୍ଟାରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହାକୁ ମୁଖ୍ୟଅତିଥି ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଜାର କମିଟି ଉପଦେଷ୍ଟା ଶିକ୍ଷାବିତ୍ ପଞ୍ଚାନନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କଳିଙ୍ଗ ଆବାସିକ ବିଦ୍ୟାଳୟର ପ୍ରତିଷ୍ଠାତା ମନୋଜ କୁମାର ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡେରାବିଶ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ମୁକୁନ୍ଦପୁର ସରଂପଚ ଯୋଗାନନ୍ଦ ମହାନ୍ତି, ଚାନ୍ଦୋଳ ସମିତିସଭ୍ୟ ମଧୁସୂଦନ ଘଡ଼େଇ ପ୍ରମୁଖ ରକ୍ତଦାନ କରିବା ସହ ଶିବିରରେ ଉପସ୍ଥିତ ରହିଥିଲେ। ପ୍ରାଧାପକ ଅଜୟ କୁମାର ରାଉତ, ପ୍ରଦୀପ୍ତ କୁମାର ଲେଙ୍କା ଓ ସନ୍ଦିପ କୁମାର ପୃଷ୍ଟି, ଦେବାଶିଷ ବେହେରା, ସର୍ବେଶ୍ୱର ରାଉତ, ଗଗନ ବିହାରୀ ସାହୁ, ଦୁର୍ଗାପ୍ରସାଦ ବେହେରା ପ୍ରମୁଖ ଶିବର ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ବ୍ଲଡ ବ୍ୟାଙ୍କ ଅଧିକାରୀ ଡା. ମାନସ କୁମାର ଜେନାଙ୍କ ନେତୃତ୍ୱରେ କମଳା କୁମାରୀ ପତି, ରାକେଶ କୁମାର ମିଶ୍ର, ମନୋଜ ଦାସ, ରାଜୀବ ଲେଙ୍କା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

### ଅସହାୟ ପରିବାରକୁ ସହାୟତା

**କେନ୍ଦ୍ରାପଡା ଅଫିସ, ୧୬।୯:** କେନ୍ଦ୍ରାପଡ଼ା ବ୍ଲକ ପୁରୁଷୋତ୍ତମପୁର ଗ୍ରାମର ବିଧବା ଅନସୂୟା ବେହେରା ବିଧବା ଭତ୍ତା ଓ ରାଶନକାର୍ଡରେ ମିଳୁଥିବା ଚାଉଳ ଗହମରେ କୌଣସି ପ୍ରକାରରେ ପରିବାର ଚଳାଉଛନ୍ତି। ୩ ଝିଅଙ୍କ ଭରଣପୋଷଣ ପାଇଁ କୌଣସି କର୍ମସଂସ୍ଥାନ ନ ଥିବା ବେଳେ ପିଲାଙ୍କ ପାଠପଢ଼ା ପାଇଁ ଆର୍ଥିକ ସମ୍ବଳ ନାହିଁ। ଏହାକୁ ଦୃଷ୍ଟିରେ ରଖି ସାମାଜିକ କର୍ମୀ ଧୃତିରଞ୍ଜନ ବାରିକ, ଅଭୟ କୁମାର ସୂତାର ଓ ବୀରେନ୍ଦ୍ର କୁମାର ଦାସ ପ୍ରମୁଖ ଶୁଖିଲା ଖାଦ୍ୟ, ଲୁଗା, ବିଛଣା ଓ ପିଲାଙ୍କ ପାଇଁ ପାଠ୍ୟ ଉପକରଣ ପ୍ରଭୃତି ରବିବାର ପ୍ରଦାନ କରିଛନ୍ତି। ଏଥିସହ ଏହି ଅସହାୟ ପରିବାରକୁ ସରକାର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ପ୍ରଦାନ କରିବାକୁ ସେମାନେ ନିବେଦନ କରିଛନ୍ତି।

# ବୁଡି ରହିଛି ଚାଷଜମି, ଚିନ୍ତାରେ ଚାଷୀକୁଳ

- ଭେଡାରୁ ନିଷ୍କାସନ ହେଉନାହିଁ ବର୍ଷା ଜଳ
- ପାଣିରେ ଭାସୁଛି ପଚିଯାଇଥିବା ଧାନଗଛ
- ୮୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ
- କ୍ଷତିପୂରଣ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ରାଜକନିକା, ୧୬।୯(ଡି.ଏନ୍.ଏ.)**



ଚାଷଜମିରେ ପାଣି ଜମିରହିଛି।

କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳ ଭାବେ ପରିଚିତ ରାଜକନିକା ବ୍ଲକର ହାଟସାହି ସିହୋପଡା ଭେଡାରୁ ଦୀର୍ଘ ଦିନ ଧରି ବର୍ଷା ଓ ବନ୍ୟାଜଳ ନିଷ୍କାସନ ହୋଇପାରୁନାହିଁ। ଏବେ ବି ବହୁ ହେକ୍ଟର ଚାଷଜମି ପାଣିରେ ବୁଡି ରହିଛି। ଫଳରେ ରୁଆ ବେଉଡା ହୋଇଥିବା ଧାନଗଛଗୁଡିକ ପଚିଯାଇ ପାଣିରେ ଭାସୁଛି। ବିଭିନ୍ନ କୃଷି ସମବାୟ ସମିତିରୁ ଋଣ ଆଣି ଧାନଫସଲ କରିଥିବା ଚାଷୀମାନଙ୍କ ଚିନ୍ତା ବଢ଼ିଯାଇଛି। ପରିବାର କିପରି ଚଳାଇବେ, ଋଣ କିପରି ଶୁଝିବେ ସେନେଇ ଚାଷୀଙ୍କ ନିଦ ହଜିଯାଇଛି। ଏହି ଭେଡାରେ ହାଟସାହି, ବଟରପଡା, ଅବଦୁଲପୁର, ଅହମ୍ମଦପୁର, ପଧାନପଡା, କଣ୍ଡିଆ, ନମତରା, ଦେଉଳତରା ଓ ସିହୋପଡା ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମି ରହିଛି। ଚଳିତ ବର୍ଷ ଏହି ଭେଡାରେ ଭଲ ଫସଲ ହୋଇଥିଲା। ଭଲ ଫସଲ ଦେଖି ଚାଷୀମାନେ ବହୁ ସ୍ୱପ୍ନ ଦେଖିଥିଲେ। ଫସଲରୁ ବର୍ଷକର ଦାନା ଯୋଗାଡ କରିବା ସହ ଋଣ କରଜ ଶୁଝି ବାକି ଟଙ୍କା ପିଲାଙ୍କ ପାଠପଢାରେ ଖର୍ଚ୍ଚ କରିବା ପାଇଁ ଭାବିଥିଲେ। ହେଲେ ଲଗାଣ ବର୍ଷା ସେମାନଙ୍କ ସବୁ ସ୍ୱପ୍ନ ଭାଙ୍ଗି ଚୁରମାର କରି ଦେଇଛି। ଏବେ ଧାନ କିଆରିରେ ବନ୍ୟା ଓ ବର୍ଷାଜଳ ଯୋଗୁ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଦେଇଛି ବୋଲି ହାଟସାହି ପଞ୍ଚାୟତର ଅଭୟକୁମାର ବେଉରିଆ, ସନ୍ତୋଷ ବେଉରିଆ, ଗୋଲୋଖ ମଳିକ, ଚକ୍ରଧର ପାଣ୍ଡବ, ବାସୁଦେବ ଦାସ, ରାମଚନ୍ଦ୍ର ଦାସ, ସୋମନାଥ ପରିଡା, ନରହରି ଯେନା ପ୍ରମୁଖ ଚାଷୀ ପ୍ରକାଶ କରିଛନ୍ତି। ଏହି ଅଞ୍ଚଳର ଶତକଡା ୮୦ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ଫସଲ ନଷ୍ଟ ଯୋଗୁ ସେମାନଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡିଛି। ପ୍ରତିବର୍ଷ ବନ୍ୟା, ବାତ୍ୟା, ଲଗାଣ ବର୍ଷା, ମରୁଡି ଭଳି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ବହୁ ଚାଷୀ ଏବେ ଚାଷ କାର୍ଯ୍ୟ ଛାଡି ବାହାରକୁ ଯିବାକୁ ଇଚ୍ଛା ପକାଶ କରୁଛନ୍ତି।

କିଛିଦିନ ତଳେ କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ରାଜକନିକା ବନ୍ୟା ଅଞ୍ଚଳ ଗସ୍ତ କରି ଚାଷୀଙ୍କ ଦୁଃଖ ଶୁଣିଥିଲେ। ଏହି ସମୟରେ ଚାଷୀମାନେ କ୍ଷତିପୂରଣ ପାଇଁ ଆର୍ଥିକ ସହଯୋଗ ଦାବି କରିଥିଲେ। କ୍ଷତିପୂରଣ ନ ମିଳିଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଶତପଥୀ କହିଛନ୍ତି, ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ଅଛି। ଏନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ଡେଙ୍ଗୁ ବ୍ୟାପିବା ଆଶଙ୍କା

**ପଟ୍ଟାମୁଣ୍ଡାଇ, ୧୬।୯(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଅଳିଆ, ଆବର୍ଜନା ବିକ୍ଷିପ୍ତ ଭାବେ ପଡିରହିଛି। ଏହାଛଡା କଚେରୀ ପୋଖରୀ, ଡେଲି ମାର୍କେଟ ପଡିଆ ଓ ଉତିକଣ ବନ୍ୟାବନ୍ଧ ତନୁପୁର ବାଇପାସ ନିକଟରେ ଅଳିଆ ଗଦା ହୋଇ ରହିଛି। ଫଳରେ ପରିବେଶ ଅସ୍ୱାସ୍ଥ୍ୟକର ହୋଇପଡିଛି। ଗତ ସପ୍ତାହରେ ହୋଇଥିବା ଲଘୁଚାପ ବର୍ଷା ପରିସ୍ଥିତିକୁ ଆହୁରି ଜଟିଳ କରିଛି। ପୂତି ଗନ୍ଧମୟ ପରିବେଶ ସାଙ୍ଗକୁ ମଶା ଉପଦ୍ରବ ଅସହ୍ୟ ହୋଇପଡିଛି।

ପ୍ରତିବର୍ଷ ବର୍ଷାଦିନ ପୂର୍ବରୁ ଅଳିଆ, ଆବର୍ଜନା ସଫେଇ ହେଉଥିବା ବେଳେ ଅନାବନା ଘାସ ନଷ୍ଟ କରାଯାଇଥାଏ। କିନ୍ତୁ ଏ ବର୍ଷ ତାହା କରାଯାଇନାହିଁ। ସେହିପରି ପଟ୍ଟାମୁଣ୍ଡାଇ ବଜାର, ବଜାର ତଳି ଅଞ୍ଚଳ ଓ ବିଭିନ୍ନ ୱାର୍ଡରେ ମଶା ଧୂଆଁ ଛଡାଯାଏ। ଚଳିତବର୍ଷ ଥରେ ହେଲେ ମଶା ଔଷଧ ସ୍ପ୍ରେ ହୋଇନାହିଁ। ମଶାଧୂଆଁ ପାଇଁ ଥିବା ଟିଫା ମେଶିନ ଆଦୌ ବ୍ୟବହାର ହୋଇନାହିଁ। ଫଳରେ ମଶା ଉପଦ୍ରବ ବଢି ଚାଲିଥିବା ବେଳେ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି। ଲୋକେ ଦିନରେ ଶୋଇଲା ବେଳେ ମଶାରୀ ଟାଙ୍ଗୁଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ପୌର ପରିଷଦ ପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରା ଯାଇନାହିଁ। କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ନ ପକାଇ ସୁଇପରମାନେ ମନଇଚ୍ଛା ବିଭିନ୍ନ ସ୍ଥାନରେ ଅଳିଆ ଗଦା କରି ରଖିବା ଦେଖିବାକୁ ମିଳୁଛି। ଏଥିନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପୌର କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେବା ଆଶଙ୍କାକୁ ଏଡାଇ ଦିଆ ଯାଇ ନ ପାରେ। ପୌରାଞ୍ଚଳକୁ ସଫା ସୁତୁରା ରଖିବା ସହ ସନ୍ତୁଳିତ ପରିବେଶ ସୃଷ୍ଟି କରିବା ଦିଗରେ ମାସିକ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କାହା ସ୍ୱାର୍ଥରେ ବ୍ୟୟ କରାଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଗରଦପୁରରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ପାଟକୁରା, ୧୬।୯ (ଡି.ଏନ୍.ଏ.)**



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା ୫ ସଦସ୍ୟ।

ଗରଦପୁର ବ୍ଲକ ଅଧୀନ ଲୋକନାଥ ମହାବିଦ୍ୟାଳୟ ପରିସରରେ ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଟକୁରା ବିଧାୟକ ବେଦପ୍ରକାଶ ଅଗ୍ରୱାଲ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ, ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡା, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ବିଡିଓ ଧରଣୀଧର ବେହେରା, ତହସିଲଦାର ଉମାକାନ୍ତ ବିଶ୍ୱାଳ ଓ ବ୍ଲକ ଚେୟାରମ୍ୟାନ ସ୍ୱର୍ଣ୍ଣପ୍ରଭା ସେଠୀ, ମହାବିଦ୍ୟାଳୟ ଅଧକ୍ଷ ଶରତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଯୁବକମାନଙ୍କ ଯୁବ ସୁଲଭ ଗୁଣକୁ ଦେଶଗଠନ ବିନିଯୋଗ କରିବାକୁ ଉପସ୍ଥିତ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଜୁ ଯୁବବାହିନୀର ୫ ଜଣ ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ହେଲେ କରିସ୍ମା ଦାଣ୍ଡିଆ, ଗୌତମ ସାହୁ, ଦେବେନ୍ଦ୍ର କୁମାର ରାଉଳ, ପ୍ରମୋଦ କୁମାର ମହାରଣା ଓ ଦିଲ୍ଲୀପ କୁମାର ସାହୁ।

# ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମ ଉତ୍ସବ

**ମାର୍ଶାଘାଇ, ୧୬।୯(ଡିଏନ୍‌ଏ)**

ମାର୍ଶାଘାଇ ବ୍ଲକ ଗରଜଙ୍ଗାଠାରେ ଥିବା ସତ୍‌ସଙ୍ଗ ମନ୍ଦିରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ତମ ଜନ୍ମଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ନଗର ପରିକ୍ରମା ସହ ମାତୃ ସମ୍ମିଳନୀର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ତଥା ଋତ୍ୱିକ୍ ନିତ୍ୟାନନ୍ଦ ମହାନ୍ତି, ସରୋଜ କୁମାର ଦାସ, ଶିଶିର କୁମାର ଦାସ, ମନୋଜ କୁମାର ଦାସ, ମନୋରଞ୍ଜନ ଦାସ, ନିରଞ୍ଜନ ବେହେରା, ଆଶୁତୋଷ ମହାପାତ୍ର ଯୋଗଦେଇଥିଲେ। ସେହିପରି ମାର୍ଶାଘାଇ ବଜାରସ୍ଥିତ ସତ୍‌ସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳଚନ୍ଦ୍ରଙ୍କର ଜନ୍ମ ଉତ୍ସବ ପାଳିତ ହୋଇଯାଇଛି।

# ମାର୍ଶାଘାଇରେ ଗଜାନନଙ୍କ ଭସାଣି ଯାତ୍ରା

**ମାର୍ଶାଘାଇ, ୧୬।୯(ଡିଏନ୍‌ଏ)**

ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ ପୂଜା ପାଉଥିବା ଗଣେଶଙ୍କ ଭସାଣି ଯାତ୍ରା ରବିବାର ଶେଷ ହୋଇଛି। ମାର୍ଶାଘାଇ ବଜାରର ଗଣପତି ଛକ ମେଢ ଅପରାହ୍ନରୁ ବାହାରି ବଜାର ପରିକ୍ରମା କରିବା ପରେ ଜୁଣଛକ, କଲେଜ ଛକ, ଲକ୍ ଛକ ଦେଇ ଦୁର୍ଗାଘାଟରେ ବିସର୍ଜିତ ହୋଇଥିଲା। ଏଥର ଡିଜେ ବାଜା ବଦଳରେ ସଂକୀର୍ତ୍ତନ ମଣ୍ଡଳୀଙ୍କ କୀର୍ତ୍ତନ ଓ ଭଜନ ତାଳେ ତାଳେ ପୂଜା କମିଟିର ସଦସ୍ୟ ରଶ୍ମି ରଞ୍ଜନ ଦାସ, ବିକ୍ରମ କେଶରୀ ସାହୁ, ଦେବାଶୀଷ ରଥ, ସୁଭାଶିଷ ରାଉତ, ରାଜେଶ ବାରିକ, ମାନସ ନାୟକ, ରମେଶ ସ୍ୱାଇଁ ପ୍ରମୁଖ ଗଜାନନଙ୍କୁ ବିସର୍ଜନ ଘାଟ ପର୍ଯ୍ୟନ୍ତ ନେଇଥିଲେ।

ଜୁଣଛକର ବୁଷ୍ଟାର କ୍ଲବ ତରଫରୁ ଅନୁଷ୍ଠିତ ପୂଜା ମଣ୍ଡପର ମେଢ ସନ୍ଧ୍ୟାରେ ବିସର୍ଜିତ ହୋଇଥିଲା। ପୂଜା କମିଟି ସଦସ୍ୟ ଅଦୈତ୍ୟ ପ୍ରସାଦ କର, ଗିରିଶ ବେହେରା, ଦେବୀ ପ୍ରସାଦ ରଥ, ନରେଶ ବେଉରା ପ୍ରମୁଖ ଭସାଣି ଉତ୍ସବର ସୁପରିଚାଳନା କରିଥିଲେ। ସେହିପରି ଆରିଷ୍ଟୋକାଟ୍ କ୍ଲବର ମେଢ, ପୁରୁଷୋତ୍ତମପୁର, ଗାଁ ମାର୍ଶାଘାଇ ପ୍ରଭୃତି ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଗଣେଶ ମେଢ ବିସର୍ଜିତ ହୋଇଯାଇଛି। ଶିଳିପୁର ପଞ୍ଚାୟତ ଉଁଅରମୁଣ୍ଡ ଗ୍ରାମର ୩ ଗୋଟି ମଣ୍ଡପରେ ଗଣେଶ ପୂଜା ହୋଇଥିବା ବେଳେ ଶନିବାର ଓ ରବିବାର ୨ ଦିନ ଧରି ଭଷାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରରୁ ଆସିଥିବା ଶିଙ୍ଗ ବାଜା ଭସାଣି ଉତ୍ସବର ମୁଖ୍ୟ ଆକର୍ଷଣ ପାଲଟିଥିଲା। ମେଢକୁ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରାଯାଇ ଗୋବରୀ ଘାଟରେ ବିସର୍ଜନ କରାଯାଇଥିଲା।

■ ଆମ ଗାଁ ସାହିତ୍ୟ ପରିଷଦର ସ୍ୱନକ୍ଷତ୍ର ଦିବସ

# ସାହିତ୍ୟ ସଂସ୍କୃତିକୁ ବଞ୍ଚାଏ ଭାଷା



ସ୍ୱନକ୍ଷତ୍ର ଦିବସ ଅବସରରେ ଉପସ୍ଥିତ ଅତିଥି।

**କେନ୍ଦ୍ରାପଡ଼ା ଅଫିସ, ୧୬।୯**

ପରିବର୍ତ୍ତିତ ଯୁଗରେ ଓଡ଼ିଆ ଭାଷାର ବିକୃତୀକରଣ ହେଉଛି। ଏହାର ପ୍ରତିକାର ପାଇଁ ଓଡ଼ିଶାରେ ଓଡ଼ିଆ ଭାଷାର ପ୍ରୟୋଗ ପାଇଁ ସରକାରୀ ନିୟମର ଆବଶ୍ୟକତା ପଡୁଛି। ତେବେ ମାତୃଭାଷାର ଆଦର ଓ ଭାଷା ସାହିତ୍ୟର ପ୍ରଚାର ପ୍ରସାର ଦ୍ୱାରା ଏହି ଭାରତୀୟ ସଂସ୍କୃତି ତିଷ୍ଠି ରହି ପାରିବ ବୋଲି ଆମ ଗାଁ ସାହିତ୍ୟ ପରିଷଦର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସରେ ବକ୍ତାମାନେ ରବିବାର ମତ ଦେଇଛନ୍ତି। ସହରର ଗୁଲନଗରସ୍ଥ ସଞ୍ଜିବନୀ ବିଦ୍ୟାମନ୍ଦିରରେ ପରିଷଦର ସଭାପତି ସଞ୍ଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକା ଅରୁନ୍ଧତୀ ଦେବୀ, ସାହିତ୍ୟିକ ଡା. ହରିହର କାନୁନ୍‌ଗୋ, ଶିକ୍ଷାବିତ୍ ହେମନ୍ତ କୁମାର ରାଉତ, ଡା. ସର୍ବେଶ୍ୱର ସେଣ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ପରିଷଦର ବାର୍ଷିକ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବକୁ କବି ଶୈଳଜା ଶଙ୍କର ସାମଲ, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ନିରୁପମା ଦାସ ସଂଯୋଜନା କରିଥିଲେ। ଏଥିରେ ୭୦ରୁ ଊର୍ଦ୍ଧ୍ୱ ସ୍ୱରଚିତ କବିତା ପାଠ କରିଯାଇଥିଲା। ଉତ୍ସବରେ କବି ଜନାର୍ଦ୍ଦନ ପରିଡ଼ା, ଡା. ରତ୍ନାକର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଶୋକ କୁମାର ସାହୁ, ମେଜର ଭରତ ଚନ୍ଦ୍ର ଜେନା, ସ୍ୱପ୍ନାଂଶୁ କୁମାର ଦାସ, ଅସିତ କୁମାର ସାହୁ, ସବିତା ମୁଦୁଲି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତର ପାଣିଓଳା ୟୁଥ କ୍ଲବ ଓ ଜଅଁରା ବାରିମୂଳ ପଞ୍ଚାୟତର ତିନିଘରିଆଠାରେ ପୂଜା ପାଉଥିବା ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।

# ବ୍ଲକସ୍ତରୀୟ ଜନସେବା କେନ୍ଦ୍ର ସଂଘ ପୁନର୍ଗଠିତ



ସାଂଗଠନିକ ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

**ଆଳି, ୧୬।୯ (ଡି.ଏନ୍.ଏ.)**

ଆଳି ବ୍ଲକସ୍ତରୀୟ ଜନସେବା କେନ୍ଦ୍ର ସଞ୍ଚାଳକ ସମ୍ମିଳନୀ ଓ ସାଂଗଠନିକ ବୈଠକ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଦେମାଳ ପଞ୍ଚାୟତ ସଭାଗୃହ ପରିସରରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧୀନ ୩୪ଟି ଜନସେବା କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ ଜନସେବା କେନ୍ଦ୍ର ସଂଘ ପୁନର୍ଗଠନ କରାଯିବା ସହ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଆଳି ବ୍ଲକ ଜନସେବା କେନ୍ଦ୍ର ସଂଘ ସଭାପତି ଭାବେ ରାଜେନ୍ଦ୍ର ସ୍ୱାଇଁ, ସମ୍ପାଦକ ଶରତ କୁମାର ପାତ୍ର, ସହ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଖିଲାର, ଉପ ସଭାପତି ସୁନୀଲ କୁମାର ପଣ୍ଡା, ବିକାଶ ବେହେରା, ଦେବାନନ୍ଦ ବେହେରା, କୋଷାଧ୍ୟକ୍ଷ ଭାବେ ଶୁଭ୍ରଜିତ ରାୟଙ୍କୁ ସର୍ବ ସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ବୈଠକରେ ଜନସେବା କେନ୍ଦ୍ରଗୁଡିକର ସେବା କିଭଳି ଭାବେ ଲୋକାଭିମୁଖୀ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହିତ ବିଭିନ୍ନ ଗଠନ ମୂଳକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଥିଲା। ଶେଷରେ ସଂଘ ଉପଦେଷ୍ଟା ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।

■ ଗୋଚାରଣ ଜମିରେ ପାଣି

# ୫ବ୍ଲକ ଅଞ୍ଚଳରେ କୁମ୍ଭୀର ଭୟ

**କେନ୍ଦ୍ରାପଡ଼ା ଅଫିସ, ୧୪।୯**

ଗତ ଲଘୁଚାପଜନିତ ବର୍ଷା ଓ ବନ୍ୟା କେନ୍ଦ୍ରାପଡ଼ା ଜିଲାର ଭିତ୍ତିଭୂମିକୁ ବିପର୍ଯ୍ୟସ୍ତ କରିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳର ଅସୁବିଧା ଦେଖାଦେଇଥିବା ବେଳେ ଗୋଚାରଣ ଜମିରେ ଅଦ୍ୟାବଧି ପାଣି ଜମିରହିଛି। ଫଳରେ ଜିଲାର ଆଳି, ରାଜନଗର, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜକନିକା ବ୍ଲକ ଅଞ୍ଚଳରେ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଗତ ଲଗାଣ ବର୍ଷା ଓ ବନ୍ୟାରେ ଜିଲାର ୧୭୧ ପଞ୍ଚାୟତସ୍ଥିତ ୯୪୩ଟି ଗ୍ରାମର ୪.୨ ଲକ୍ଷ ଅଧିବାସୀ ପାଣି ଘେରରେ ଥିଲେ। ସେହିପରି ପ୍ରାୟ ୭୦ ହଜାର ହେକ୍ଟର ଚାଷ ଜମିରେ ପାଣି ଜମିରହିଛି। ଜଳ ନିଷ୍କାସନ ଅଦ୍ୟାବଧି ହୋଇପାରି ନଥିବାରୁ ବହୁ ଗୋଚାରଣ ଜମିରେ ପାଣି ଜମି ରହିଥିବା ସାମାଜିକ କର୍ମୀ ମନୋଜ ନାୟକ କହିଛନ୍ତି। କେତେକ ଗୋଚାରଣ ଜମିରେ ପଟୁ ପଡିଯାଇଛି। ପ୍ରଶାସନ ପକ୍ଷରୁ ଗୋଖାଦ୍ୟ ଦିଆ ଯାଇ ନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ସେହିପରି ଓଡ଼ିଶା ମାନବାଧିକାର ପରିଷଦ ଜିଲା ସଭାପତି ପ୍ରତାପ କୁମାର ପାଢ଼ୀ କହିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଅଦ୍ୟାବଧି ପାନୀୟ ଜଳ ଉତ୍ସକୁ ସଜଡା ଯାଇନାହିଁ। ଜମି ରହିଥିବା ପାଣିକୁ ବ୍ୟବହାର କରି ରାଜନଗର ଅଞ୍ଚଳରେ ମଙ୍ଗଳବାର ୭ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ପରିମଳ ବିପର୍ଯ୍ୟସ୍ତ ହେତୁ ରୋଗ ବ୍ୟାପିବା ସମ୍ଭାବନା ଦେଖାଦେଇଥିବା ସେ ପ୍ରକାଶ କରିଛନ୍ତି।

ସେହିପରି ରାଜନଗର ବ୍ଲକ ବାର୍‌ହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ଚଳିତ ବର୍ଷ ୧୭୦୦ରୁ ଅଧିକ ଲୁଣା କୁମ୍ଭୀର ଥିବା ଗଣନା ସମୟରେ ଜଣାପଡିଥିଲା। ଏହି କୁମ୍ଭୀର ଜଳବନ୍ଦୀ ଅଞ୍ଚଳକୁ ପଳାୟନ କରିଥିବା ସନ୍ଦେହ ସୃଷ୍ଟି ହୋଇଛି। ଜାତୀୟ ଉଦ୍ୟାନ ନିକଟସ୍ଥ ବାର୍‌ହାପୁର, ଓସ୍ତିଆ, ନଗଡ଼, ବନ୍ଧପାଟଣା, ନଳଦିଆ, ଶ୍ରୀରାମପୁର ଆଦି ଗ୍ରାମ ଅଦ୍ୟାବଧି ଜଳବନ୍ଦୀରେ ଅଛି। ଏହିସବୁ ଗ୍ରାମରେ ଲୁଣା କୁମ୍ଭୀର ଦେଖାଯାଇଛି। ଜଳବନ୍ଦୀ ହଟିଲେ କୁମ୍ଭୀର ବିଭିନ୍ନ ପୋଖରୀ, ଗଡିଆରେ ରହିଯିବା ବଡ କଥାନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଏଥିପାଇଁ ସ୍ଥାନୀୟ ଅଧିବାସୀ ଆତଙ୍କିତ ଥିବା ବେଳେ ବନବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଏଥିସହ ସେ କହିଛନ୍ତି ଯେ, ଗତ ବର୍ଷ ବନବିଭାଗ ପକ୍ଷରୁ ୩୪ଟି ନଦୀତୁଠକୁ ଫେରି କରିଥିବା ବେଳେ ଚଳିତ ବର୍ଷ ଜିଲାର ଅନ୍ୟ ସମସ୍ତ ନଦୀତୁଠକୁ ଫେରୀ କରିବା ଆବଶ୍ୟକ ହୋଇପଡିଛି। ବର୍ଷା ଓ ବନ୍ୟ ବିପ୍ରାତ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି ଯେ, ଅବସ୍ଥା ସୁଧୁରିବା ଆରମ୍ଭ ହୋଇଛି। ଚାଷ କ୍ଷୟକ୍ଷତି ଆକଳନ ହେଉଛି। ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳକୁ ସଜାଡିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଂକ୍ଷେପରେ

### ଘରପୋଡ଼ିରେ ଆହତ ଯୁବକଙ୍କ ମୃତ୍ୟୁ

ବିରିଡ଼ି,୧୬।୯(ଡି.ଏନ.ଏ.): ବିରିଡି ବ୍ଲକ ୨୨ ମୌଜା ରଘୁନାଥପୁର କାଉପଡା ଗ୍ରାମରେ ଗତ ୯ ତାରିଖ ରାତିରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲିଭାଇବାକୁ ଯାଇ ସୁଜିତ ଭୋଇ (୧୮) ନାମକ ଜଣେ ଯୁବକ ଗୁରୁତର ହୋଇଥିଲେ। କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ସୁଜିତ୍ ନିଜ ଘରୁ ନିଆଁ ଲିଭାଇବାକୁ ଉଦ୍ୟମ କରୁଥିବାବେଳେ ଗ୍ୟାସ୍ ସିଲିଣ୍ଡର ଫାଟି ବିସ୍ଫୋରଣ ହୋଇଥିଲା।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ



ବିରିଡ଼ି,(ଡି.ଏନ.ଏ.)/ବାଲିଆ,୧୬।୯: ବିରିଡ଼ି ବ୍ଲକ ବାଲିଆଷ୍ଟୋର ସ୍ଥିତ ସତ୍‌ସଙ୍ଗ କେନ୍ଦ୍ରରେ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ ତମ ଜନ୍ମ ମହୋତ୍ସବ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଭାତରୁ ଲଗ୍ନ ଘୋଷଣା, ସମବେତ ପ୍ରାର୍ଥନା, ଭଜନ କୀର୍ତ୍ତନ ଓ ହୋମ ଯଜ୍ଞ କରାଯାଇଥିଲା। ସହ ପ୍ରତି ରତିକ ଧ୍ରୁବ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସହ ପ୍ରତି ରତିକ ପ୍ରଫୁଲ୍ଲ କୁମାର ଖୁଣ୍ଟିଆ ପ୍ରାରମ୍ଭିକ ସୂଚନା ଦେବା ସହିତ ଠାକୁରଙ୍କ ଭାବ ବାଣୀ ଉପରେ ଆଲୋକପାତ କରିଥିଲେ। ରତିକ ପ୍ରମୋଦ କୁମାର ସାହୁ ଯୋଗ ଦେଇ ପ୍ରତ୍ୟେକ ବ୍ୟକ୍ତି ସତସଙ୍ଗରେ ଯୋଗ ଦେଲେ ବିବେକ ଜାଗ୍ରତ ହୋଇଥାଏ ବୋଲି କହିଥିଲେ। ଲିଙ୍ଗରାଜ ଦାସ, ଭାଗବତ ପ୍ରସାଦ ଦାସ, କରୁଣାକର ସାହୁ, ମନୋରଞ୍ଜନ ସିଂହ, ପ୍ରଭାବତୀ ରାୟ ପ୍ରମୁଖ ସହାୟତା କରିଥିଲେ।

### ମହିମା ଟୁଙ୍ଗିରେ ନବାହ୍ନ ମହୋତ୍ସବ



ବିରିଡ଼ି,୧୬।୯(ଡି.ଏନ.ଏ.): ବିରିଡ଼ି ବ୍ଲକ ମାଳିଅଁଥିତ ମହିମା ଟୁଙ୍ଗି ବ୍ରହ୍ମ ଅବଧୂତ ବ୍ରହ୍ମାନନ୍ଦ ବାବାଙ୍କ ସ୍ମୃତି ପୀଠରେ ରବିବାର ନବାହ୍ନ ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ରହ୍ମ ଅବଧୂତ ସନ୍ନ୍ୟାସୀ ବାବାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବ ଅବସରରେ ପୂର୍ବାହ୍ନରେ ୨୧ ହାଣ୍ଡି ମୃର୍ତ୍ତିକା ଭାଣ୍ଡରେ ନବାହ୍ନ ବିଶ୍ୱ ଅଲେଖ ବ୍ରହ୍ମଙ୍କ ଉଦ୍ଦେଶ୍ୟରେ ଜଗତ କଲ୍ୟାଣ ପାଇଁ ଉତ୍ସର୍ଗ କରାଯାଇଥିଲା। ଏଥିସହ ଅଖଣ୍ଡ ଘୃତ ବତୀ ପ୍ରଜ୍ୱଳନ, ସାଧୁ ଭିକ୍ଷା, ସର୍ବ ଆତ୍ମ ସେବା, ମହିମା ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ସାଧୁ କୃଷ୍ଣଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରବଚନ କାର୍ଯ୍ୟକ୍ରମରେ ଅଧାପକ ଶରତ କୁମାର ରାଉତରାୟ ଯୋଗଦେଇ ମହିମାସ୍ୱାମୀଙ୍କୁ ନବାହ୍ନ ସମର୍ପଣ କରାଗଲେ ଜଗତ ଉଦ୍ଧାର ହେବା ସଙ୍ଗେ ସଙ୍ଗେ ପୃଥିବୀ ଶସ୍ୟଶ୍ୟାମଳା ହେବ ବୋଲି କହିଥିଲେ। ଭକ୍ତ ବୈଷ୍ଣବ ଓଝା, ପ୍ରଦୀପ୍ତ ମହାନ୍ତି, ସର୍ବେଶ୍ୱର ବେହେରା, ମନୋଜ ସ୍ୱାଇଁ, କାହ୍ନୁ ଚରଣ ପ୍ରଧାନ, ଦୈତାରୀ ମହାନ୍ତି, ଅମୂଲ୍ୟ ବାରିକ, ଦିଲୀପ ଓଝା, ସୁକାନ୍ତ କୁମାର ରାଉତ ପ୍ରମୁଖ ସହାୟତା କରିଥିଲେ।

### ଚଷାପଡା ଗାଁରେ ମେଡିକାଲ ଟିମ୍

ବାଲିକୁଦା,୧୬।୯(ସ୍ୱ.ପ୍ର.): ବାଲିକୁଦା ବ୍ଲକ କୃଷ୍ଣଦାସପୁର ପଞ୍ଚାୟତର ଚଷାପଡା ଗାଁରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାସକ ତଳେ ଉକ୍ତ ଗାଁର ଦୁଇ ଭଉଣୀଙ୍କଠାରେ ଡେଙ୍ଗୁ ରୋଗ ଦେଖାଦେଇଥିଲା। ପୁଣି ଏହି ଗାଁରେ ଗତ ୨ ଦିନ ତଳେ ଆଉ ୩ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. ଅଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରାଇବା ସହିତ ରୋଗର ଲକ୍ଷଣ, କାରଣ, ନିରାକରଣ ଓ ପ୍ରତିଷେଧକ ସମ୍ପର୍କରେ ବୁଝାଇଥିଲେ। ଏହି ଟିମ୍‌ରେ ସ୍ୱାସ୍ଥ୍ୟ ପରିଦର୍ଶକ ଶିବ ଚରଣ ଦାଶ, ପ୍ରଭାସିନୀ ମହାରଣା, ସ୍ୱାସ୍ଥ୍ୟକର୍ମୀ ଡଲିରାଣୀ ବାରିକ, ଶରତ ଚନ୍ଦ୍ର ଗିରି, କୈଳାସ ପୂର୍ତ୍ତୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ସାମିଲ ହୋଇଥିଲେ।

# ଆମ୍ବୁଲାନ୍ସ ସେବା ନ ମିଳିବାରୁ ଉତ୍ତେଜନା

**ଜିଲା ମୁଖ୍ୟ ଚିକିତ୍ସାଳୟ**
- ଡାକ୍ତରଙ୍କୁ ଠେଲାପେଲା, ଭଙ୍ଗାରୁଜା ଅଭିଯୋଗ
- ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ

ଜଗତ୍‌ସିଂହପୁର ଅଫିସ,୧୬।୯

ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ନାଉଗାଁ ଅଞ୍ଚଳର ଜଣେ ବ୍ୟକ୍ତି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କ ଅବସ୍ଥା ଦେଖି କଟକ ସ୍ଥାନାନ୍ତର କରି ଦେଇଥିଲେ। ଏହାପରେ ଆହତଙ୍କ ସମ୍ପର୍କୀୟମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆମ୍ବୁଲାନ୍ସ ସହାୟତା ଚାହିଁଥିଲେ ସୁଦ୍ଧା ମିଳି ନ ଥିଲା। ତେଣୁ କେତେଜଣ ଯୁବକ ଉତ୍ତ୍ୟକ୍ତ ହୋଇ ଜରୁରୀ ସେବା ଦାୟିତ୍ୱରେ ଥିବା ଡାକ୍ତରଙ୍କ କଲର୍ ଧରି ଧମକାଇବା ସହ ଆମ୍ବୁଲାନ୍ସ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଉପରେ ଜଗତ୍‌ସିଂହପୁର ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯିବା ସହ ୨ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ନାଉଗାଁ ଥାନା କାନୁନ୍‌ଗୋ ସାହିର ସୌମ୍ୟ ରଞ୍ଜନ ମହାନ୍ତି (୨୫) ଓ ସୁବାସ ଦାଶ (୨୬)।

ଜଗତ୍‌ସିଂହପୁର ଥାନା ସିଏସଆଇ ରଶ୍ମିରଞ୍ଜନ ମଲ୍ଲିକଙ୍କ ଅଭିଯୋଗ କରିଛନ୍ତି ଯେ ଶନିବାର ରାତିରେ କେତେଜଣ ଯୁବକ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଖବର ମିଳିଥିଲା। ତେଣୁ ଆଇଆଇସିଙ୍କ ନିର୍ଦ୍ଦେଶରେ ତାଙ୍କ ସହ ସିଏସ୍‌ଆଇ ଏ. ଡବ୍ଲ୍ୟୁ. ଖାନ୍, ଏଏସ୍‌ଆଇ ରବୀନ୍ଦ୍ର ନାଥ ସେନାପତି ଓ ଅନ୍ୟ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲେ। ସେଠାରେ ପାଟିତୁଣ୍ଡ ହେଉଥିବା ଦେଖି ପରିସ୍ଥିତିକୁ ନିୟନ୍ତ୍ରଣ ପାଇଁ ସେମାନେ ଚେଷ୍ଟା କରିଥିଲେ। କିନ୍ତୁ ଏହି ଯୁବକମାନେ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଶାନ୍ତ ହେବା ପରିବର୍ତ୍ତେ ପୋଲିସକୁ ଚ୍ୟାଲେଞ୍ଜ କରିବାକୁ ଚେଷ୍ଟା କରିଥିଲେ। ଏପରି କି ଆପରାଧିକ ମାନସିକତା ନେଇ ବଳ ପ୍ରୟୋଗ କରିଥିଲେ। ଏଥିସହ ଏକ ଆମ୍ବୁଲାନ୍ସ (ନଂ. ଓଆର୍ ୨୧ ଏ ୭୬୫୫) କୁ ଭଙ୍ଗାରୁଜା ପାଇଁ ଉଦ୍ୟମ କରିଥିଲେ। ପରିସ୍ଥିତି ଦେଖି ପୋଲିସ ବଳ ପ୍ରୟୋଗ କରି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଗହଳି ଥିବାରୁ କେତେଜଣ ଖସି ଯିବାକୁ ସମର୍ଥ ହୋଇଥିଲେ। ତେବେ ରଞ୍ଜନ ଓ ସୁବାସ ଧରାପଡିଥିଲେ। ସେମାନେ ଜରୁରୀ ସେବା ଦାୟିତ୍ୱରେ ଥିବା ଭେଷଜ ବିଶେଷଜ୍ଞ ଡି. ଡି. ସେନାପତିଙ୍କ କଲର ଧରି ଧମକାଇଥିବା ମଧ୍ୟ ଜଣାପଡିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସମ୍ପର୍କିୟଙ୍କ କହିବା କଥା ହେଲା, ତାଙ୍କ ଲୋକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ଘଟଣାସ୍ଥଳରୁ ୧୦୮ ଆମ୍ବୁଲାନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଆଣି ଛାଡି ଚାଲି ଯାଇଥିଲା। ଡାକ୍ତର କଟକ ସ୍ଥାନାନ୍ତର କରିବାକୁ କହିବା ପରେ ଅନ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇ ନ ଥିଲା। ଏନେଇ ସ୍ୱାଭାବିକ ଭାବେ ଅସନ୍ତୋଷ ପ୍ରକାଶ ପାଇଥିଲା। ଡାକ୍ତରଙ୍କୁ ଦୁର୍ବ୍ୟବହାର କିମ୍ବା ଆମ୍ବୁଲାନ୍ସ ଭଙ୍ଗାରୁଜା କରାଯାଇ ନ ଥିଲା। ସେମାନଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଇଛି। ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ନିରାଶ କରାଯାଇଛି।



ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଦଳୀୟ ନେତା ଓ କର୍ମୀ ସମ୍ବର୍ଦ୍ଧିତ କରୁଛନ୍ତି।

# ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସମ୍ବର୍ଦ୍ଧନା

ବାଲିକୁଦା,୧୬।୯(ସ୍ୱ.ପ୍ର.)

ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଜଗତ୍‌ସିଂହପୁର ଜିଲା କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ରବିବାର ତାଙ୍କୁ ଦଳୀୟ କର୍ମୀ ଓ ନେତାମାନେ ତାଙ୍କ ବାସଭବନରେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ବୋରିକିନା କଲେଜ ପଡିଆଠାରୁ ଶୋଭାଯାତ୍ରାରେ ବିଧାୟକଙ୍କ ତିରିଟିସ୍ଥିତ ବାସଭବନକୁ ଯାଇଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବବିତା ସ୍ୱାଇଁ, ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଏରସମା ବ୍ଲକର ପୂର୍ବତନ ଅଧକ୍ଷ ମାନସ ସେଠୀ, ସରପଞ୍ଚ ପର୍ଶୁରାମ ସେଠୀ, ପଲ୍ଲିଶ୍ରୀ ସାମଲ, ନିରଞ୍ଜନ ପଣ୍ଡା, ଅଜୟ ମହାନ୍ତି, ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର, ଛାତ୍ର ବିଜେଡି ସଭାପତି କମଲ କିରଣ ବିଶ୍ୱାଳ, ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବପ୍ରସାଦ ପାତ୍ର, ଏମପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର ପ୍ରମୁଖ ଏଥିରେ ସାମିଲ ଥିଲେ। ଏଥିସହ ୩୦ ପଞ୍ଚାୟତର ବିଜେଡି କର୍ମୀ ଓ ନେତା ତଥା ଏରସମା ବ୍ଲକର ମୁଖିଆ, କର୍ମୀ ଓ ନେତାମାନେ ବିଧାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ବିଦ୍ୟୁତ୍ ବିଭ୍ରାଟ ପ୍ରତିବାଦରେ ରାସ୍ତାରୋକୋ

ତିର୍ତ୍ତୋଲ,୧୬।୯(ଡି.ଏନ.ଏ.)



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି କୋଲର-ଗରଦପୁର ରାସ୍ତା ଅବରୋଧ କରିଛନ୍ତି।

ତିର୍ତ୍ତୋଲ ବିଦ୍ୟୁତ୍ ଉପଖଣ୍ଡ (ସେସୁ) ଅଧୀନ କୋଲର ସେକ୍ସନରେ କ୍ରମାଗତ ଭାବେ ହେଉଥିବା ବିଦ୍ୟୁତ ବିଭ୍ରାଟ ପ୍ରତିବାଦରେ ଆମ୍ବେରୀ ଏବଂ ସାମନ୍ତରାପୁର ପଞ୍ଚାୟତର ଉପଭୋକ୍ତାମାନେ ରବିବାର ରାସ୍ତାରୋକୋ କରିଥିଲେ। ଏହି ବ୍ଲକ ଅନ୍ତର୍ଗତ କୋଲର-ଗରଦପୁର ରାସ୍ତାର ବିଳାସପୁରଠାରେ ୨୦୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଟାୟାର ଜାଳି ରାସ୍ତା ଉପରେ ବସି ରହିଥିଲେ। ଫଳରେ ଏହି ରାସ୍ତାରେ ଯାତ୍ରୀବାହୀ ବସ ସମେତ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀ ମୋବାଇଲ ଦ୍ୱାରା ଯନ୍ତ୍ରୀ କଳିଙ୍ଗ କେଶରୀ ପଣ୍ଡାଙ୍କ ସହ ଯୋଗାଯୋଗ କରିଥିଲେ। ରବିବାର ଛୁଟି ଦିବସ ଥିବାରୁ ସେ ଘଟଣାସ୍ଥଳକୁ ନ ଆସି ଫୋନ ଦ୍ୱାରା ଏହି ବିଦ୍ୟୁତ ବିଭ୍ରାଟ ସମସ୍ୟାର ସମାଧାନ ପାଇଁ ଆଉ ଏକ ସବଷ୍ଟେସନ ବିଳାସପୁର ଛକରେ ସ୍ଥାପନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହି ରାସ୍ତାରୋକୋରେ ଆମ୍ବିରୀ ସରପଞ୍ଚ ଅଭୟ ସାହୁ, ସ୍ଥାନୀୟ ବିଧାୟକଙ୍କ ବ୍ଲକ ପ୍ରତିନିଧି ସୂର୍ଯ୍ୟନାରାୟଣ ବେହେରା, ପୂର୍ବତନ ସରପଞ୍ଚ ଅଧିର ସ୍ୱାଇଁ, ବାପୁନି ମହାନ୍ତି, ମଳୟ ପଣ୍ଡା, ଅରୁଣ ମଲ୍ଲିକ, ପ୍ରଫୁଲ୍ଲ ଦାସ, ଅତନୁ ଆଚାର୍ଯ୍ୟ, ଋଷିନାଥ ବେହେରା, ରଞ୍ଜିତ ମହାନ୍ତି, ସାଇରଞ୍ଜନ ନାୟକ, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

### ଘରୋଇ ଜାଗାରେ ନଳକୂପ ଖନନକୁ ବିରୋଧ

ବାଲିକୁଦା,୧୬।୯(ସ୍ୱ.ପ୍ର.): ବାଲିକୁଦା ବ୍ଲକ ବାହାରଣା ପଞ୍ଚାୟତର ଟାଇଁକୂଳ ରାଜସ୍ୱ ଗ୍ରାମର ପଡାଗ୍ରାମ ବିରିଧୁଆରେ ବ୍ୟକ୍ତିଗତ ଜାଗାରେ ଏକ ସରକାରୀ ନଳକୂପ ଖନନ କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବା ପରେ ନଳକୂପ ଖନନ ବନ୍ଦ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗାଁର ପ୍ରଶାନ୍ତ ଦାସଙ୍କ ଘର ନିକଟରେ ଏହି ନଳକୂପ ଖନନ ହେବାକୁ ଥିବାବେଳେ ତଣ୍ଡିକୁଳ ପଞ୍ଚାୟତର ତିହୁଡି ଗାଁର ଏକ ସ୍ଥିତିବାନ ଜାଗା ଉପରେ ନଳକୂପ ଖନନ ଆରମ୍ଭ ହୋଇଥିଲା। ୩୮୦ ଫୁଟ ଖନନ ହୋଇଥିବାବେଳେ ଗାଁର କେତେକ ମୁରବୀ ବିଡିଓ କଲ୍ୟାଣି ପଟ୍ଟନାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ନଳକୂପ ଖନନ କାର୍ଯ୍ୟ ଅଧାରେ ବନ୍ଦ ରହିଛି।

# ଭାଜପା ଜିଲା କୃଷକ ମୋର୍ଚ୍ଚା ବୈଠକ

ବାଲିଆ,୧୬।୯

ଜଗତ୍‌ସିଂହପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ପଦାଧିକାରୀଙ୍କ ଏକ ବୈଠକ ରବିବାର ପୂର୍ବାହ୍ନରେ ବିରିଡିଠାରେ ଅନୁଷ୍ଠିତ ହୋଇଛି। ଜଗତ୍‌ସିଂହପୁର ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପ୍ରଭାରୀ କ୍ଷୀରୋଦ ଚନ୍ଦ୍ର ଦଳାଇ, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଦାସ, କୃଷକ ମୋର୍ଚ୍ଚା ଜିଲା ଉପସଭାପତି ଶିଶିର ଦାସ, ସୁବୋଧ ରାୟ, ସଞ୍ଜୟ ବସ୍ତିଆ, ଯୁବରାଜ ଖୁଣ୍ଟିଆ, ସାଧାରଣ ସମ୍ପାଦକ ଦେବାଶିଷ ମହାନ୍ତି, ଆଦିତ୍ୟ ରାଉତରାୟ, ସମ୍ପାଦକ ନାରାୟଣ ସ୍ୱାଇଁ, ଅଶୋକ ବେହେରା ଏବଂ ଜିଲା କୃଷକ ମୋର୍ଚ୍ଚାର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ। କୃଷକ ମୋର୍ଚ୍ଚା ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ କରିବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ପଞ୍ଚାୟତସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମକୁ ପହଞ୍ଚାଇ କୃଷି ଓ କୃଷକର ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ସହ କେନ୍ଦ୍ରୀୟ ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

- ରେଡୁଆ ମଜୁରାଇ ୱାର୍ଡ ନଂ. ୫ , ୬

# ମହିଳାଙ୍କୁ ଡେଙ୍ଗୁ, ଗାଁର ବହୁ ଲୋକ ଜ୍ୱରରେ ଆକ୍ରାନ୍ତ

- ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ବଢ଼ିଲା ଚିନ୍ତା
- ଗାଁ କଲ୍ୟାଣ ସମିତି କାର୍ଯ୍ୟଧାରା ପ୍ରତି ଉଠିଲା ପ୍ରଶ୍ନ

ରଘୁନାଥପୁର, ୧୬।୯( ଡି.ଏନ.ଏ.)

ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରେଡୁଆ ମଜୁରାଇ ଗାଁ ୱାର୍ଡ ନଂ. ୫, ୬ରେ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଲୋକଙ୍କ ଚିନ୍ତା ବଢିବାରେ ଲାଗିଛି। ଗାଁର ଶାନ୍ତିଲତା ଜେନା ଜ୍ୱରରେ ଆକ୍ରାନ୍ତ ହୋଇ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ନମୁନା ପରୀକ୍ଷା କରିବା ପରେ ଡେଙ୍ଗୁ ପଜେଟିଭ ବାହାରିଥିଲା। ଏହାକୁ ନେଇ ଗ୍ରାମବାସୀ ଚିନ୍ତିତ ହୋଇପଡିଛନ୍ତି। ଗାଁରେ ଥିବା ୨ରୁ ୩ ପରିତ୍ୟକ୍ତ ପୋଖରୀ ଏହାର କାରଣ ବୋଲି ଗ୍ରାମବାସୀ କହୁଛନ୍ତି। ଗାଁ କଲ୍ୟାଣ ସମିତିର କାର୍ଯ୍ୟଧାରା ପ୍ରତି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏବେ ଗାଁରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବହୁ ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ସରୋଜ କୁମାର ମଲ୍ଲିକ, ବିଚିତ୍ର କୁମାର ମହାନ୍ତି କୁହନ୍ତି, ଗାଁରେ ଥିବା ପୋଖରୀଗୁଡିକ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଛି। ସେଗୁଡିକ ସଫା କରିବାକୁ ସରପଞ୍ଚଙ୍କଠାରୁ ଆରମ୍ଭ କରି ଗାଁ କଲ୍ୟାଣ ସମିତି କେହି ମୁଣ୍ଡ ପୂରାଉନାହାନ୍ତି। ଫଳରେ ଏହିଠାରୁ ବିଭିନ୍ନ ପ୍ରକାର ମଶା ବଂଶ ସୃଷ୍ଟି ହୋଇ ଗାଁ ପାଇଁ ବିପଦ ସାବ୍ୟସ୍ତ ହେଉଛି। ଏପରି କି ଆଶା କର୍ମୀଙ୍କଠାରୁ ବ୍ଲିଚିଂ ପାଉଡର ପାଇବା କାଠିକର ପାଠ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେହିପରି ମନୋରଞ୍ଜନ ସ୍ୱାଇଁ ଗାଁ କଲ୍ୟାଣ ସମିତିର ବୈଠକ ନ ହୋଇ ଘରକୁ ଘର ବୁଲି ଦସ୍ତଖତ କରାଯାଇ ଆସୁଥିବା ଅନୁଦାନକୁ ହଡ଼ପ କରାଯାଉଥିବା ଅଭିଯୋଗ କରିଛନ୍ତି। ତେବେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଉକ୍ତ ଗାଁକୁ ଆସି ତଦାରଖ କରିବା ସହ ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ମଶା ତେଲ ପକାଇବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏହାଛଡା ଏକ ମେଡିକାଲ ଟିମ୍ ଜ୍ୱରରେ ଆକ୍ରାନ୍ତ ବ୍ୟକ୍ତିଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରିବା, ଲୋକମାନଙ୍କ ମନରେ ଉପୁଜିଥିବା ସନ୍ଦେହକୁ ଦୂର କରିବାକୁ ବୈଷ୍ଣବ ଚରଣ ପୃଷ୍ଟି, ଦୀପ୍ତିରଞ୍ଜନ ଦାସ, ଗୁରୁଚରଣ ସାମଲଙ୍କ ସମେତ ଗ୍ରାମବାସୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ମଜୁରାଇ ଗାଁରେ ସୃଷ୍ଟି ହୋଇଥିବା ଅସ୍ୱାସ୍ଥ୍ୟକର ପରିବେଶ।

### ପ୍ରଶାନ୍ତ ଓ ପ୍ରତାପଙ୍କୁ ବ୍ଲକ ବିଜେଡିର ଶୁଭେଚ୍ଛା

ବିରିଡ଼ି,(ଡି.ଏନ୍.ଏ.)/ବାଲିଆ, ୧୬।୯: ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ଜଗତ୍‌ସିଂହପୁର ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଓ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଜିଲା ବିଜେଡି ସହ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଏହି ଦୁଇ ନେତାଙ୍କୁ ବିରିଡ଼ି ବ୍ଲକ ବିଜେଡି ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ବିରିଡ଼ି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ରନାଥ ରାଉଳ, ପୂର୍ବତନ ସଭାପତି ବିଭୂଦତ୍ତ ସାହୁ, ଜିଲା ସମ୍ପାଦକ ପବିତ୍ର ପଶାୟତ, ସବିତା ଦାସ, ମହାଶ୍ୱେତା ଜେନା, କାଳନ୍ଦୀ ଚରଣ ବସ୍ତିଆ, ରବୀନ୍ଦ୍ର ସାହୁ, ବିଧାନ ଚନ୍ଦ୍ର ଜେନା, ଅମୀୟ ରାୟ, ପ୍ରଶାନ୍ତ ବେହେରା, ଅରବିନ୍ଦ ରାୟ, ହେମନ୍ତ କର, ଅଲେଖ ବାରିକ, ଗୌରାଙ୍ଗ ପଟ୍ଟନାୟକ, ପୁଷ୍ପପ୍ରକାଶ ପ୍ରଧାନ, ପ୍ରବୀର ଦାସ ପ୍ରମୁଖ ଉଭୟଙ୍କୁ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି।

# ଯୁବକଙ୍କୁ ନିଷ୍ଠୁର ଭାବେ ପିଟିଲା ପୋଲିସ

- ଚିକିତ୍ସା ପାଇଁ ଅର୍ଥ ନ ଥିବା କହିଲେ ପରିବାର

ଜଗତ୍‌ସିଂହପୁର ଅଫିସ, ୧୬।୯



ଲିଙ୍ଗରାଜ ଦାଶ।

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଓଡ଼ିଶୋ ପଞ୍ଚାୟତରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ପଞ୍ଚାୟତର ସରପଞ୍ଚଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗରେ ଜଗତ୍‌ସିଂହପୁର ପୋଲିସ ଲିଙ୍ଗରାଜ ଦାଶ ନାମକ ଜଣେ ବ୍ୟକ୍ତିଙ୍କୁ ରାତିଅଧରେ ଉଠାଇ ଆଣି ନିଷ୍ଠୁର ଭାବରେ ପିଟିଛି। ପୋଲିସ ମାଡରେ ଦାଶଙ୍କ ଶରୀରରେ ଗୁରୁତର ଆଘାତ ଲାଗିଛି। ତେବେ ତାଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବା ପରିବାର ଲୋକେ କହିଛନ୍ତି। ସେମାନେ କହିଛନ୍ତି ଯେ ସରପଞ୍ଚଙ୍କୁ ଅନ୍ୟ ଜଣେ ଗାଳିଗୁଲଜ କରିଥିବା ବେଳେ ପୋଲିସ ଦାଶଙ୍କୁ ନିର୍ଦ୍ଦୟ ଭାବରେ ନିର୍ଯାତନା ଦେଇଛି। ହଠାତ୍ ରାତି ପ୍ରାୟ ୧୨.୩୫ରେ ଜଗତ୍‌ସିଂହପୁର ଥାନାର ଏଏସ୍‌ଆଇ ସେନାପତି ବାବୁ, ସାହୁ ବାବୁ ଓ ଶିବ ଜାନି ପ୍ରମୁଖ ତାଙ୍କ ଘରେ ପହଞ୍ଚି କବାଟ ବାଡେଇଥିଲେ। କବାଟ ଖୋଲିଲା ପରେ ପୋଲିସ ବାବୁମାନେ କିଛି ବୁଝିବା ପୂର୍ବରୁ ଗାଳିଗୁଲଜ କରି ଭୟଭୀତ କରାଇଥିଲେ। ତା'ପରେ ଦାଶଙ୍କୁ ନିସ୍ଚୁକ ପିଟିଥିଲେ। ଏ ସମ୍ପର୍କରେ ଦାଶ କହିଛନ୍ତି, ପ୍ରଥମେ ତାଙ୍କୁ ସାର୍ଟ ପିନ୍ଧିବାକୁ କହିଥିଲେ। ସାର୍ଟ ପିନ୍ଧି ସାରିଲା ପରେ ହାତ ଟେକି ଛିଡା ହେବାକୁ ବାଧ କରିଥିଲେ। ଏହା ପରେ ପୋଲିସ କର୍ମଚାରୀମାନେ ତାଙ୍କୁ ଅଧଘଣ୍ଟା ଧରି ନିଷ୍ଠୁର ଭାବରେ ପିଟିଥିଲେ। ସେ ଯେତେ ନେହୁରା ହେଲେ ବି ଶୁଣି ନ ଥିଲେ। ବେଶି ପାଟିକଲେ ଅନୁସୂଚିତ ଜାତି ଦଫା ଲଗାଇ ଜେଲ ପଠାଇ ଦେବେ ବୋଲି ଚେତାବନୀ ଦେଇଥିଲେ। ଜେଲ ଯିବା ଭୟରେ ସେ ପାଟି ଖୋଲି ନ ଥିଲେ। ଏବେ ଔଷଧ ଖାଇଲେ ସୁଦ୍ଧା ଯନ୍ତ୍ରଣା କମୁନି। ଅଧିକ ଚିକିତ୍ସା ପାଇଁ ପାଖରେ ଅର୍ଥ ନାହିଁ। ଏ ସମ୍ପର୍କରେ ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ଗତ ୧୨ ତାରିଖ ରାତିରେ ସରପଞ୍ଚଙ୍କୁ ସନ୍ତୋଷ ପ୍ରଧାନ ଓ ଦାଶ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା। ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ ସେଠୀଙ୍କ ଅଭିଯୋଗ ଉପରେ ଗତ ୧୩ ତାରିଖରେ ପୋଲିସ ପଦକ୍ଷେପ ନେଇଥିଲା। ରାତିରେ ତାଙ୍କୁ ଥାନାକୁ ଅଣାଯାଇଥିଲା। କିନ୍ତୁ ୧୪ ତାରିଖରେ ଅଭିଯୋଗକାରୀ ସେଠୀ ମାମଲାକୁ ଆଗକୁ ନ ବଢାଇବା ପାଇଁ କହିବାରୁ ପୋଲିସ କିଛି କରି ନ ଥିଲା। ଏବେ ଦାଶଙ୍କୁ ମାଡ ହୋଇଛି ବୋଲି ଖବର ମିଳୁଛି। କିନ୍ତୁ ସେ ଥାନାରେ କୌଣସି ଅଭିଯୋଗ କରିନାହାନ୍ତି। ଅଭିଯୋଗ କଲେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମିଶ୍ର ସୂଚନା ଦେଇଛନ୍ତି।

# ବନ୍ଦର ମେଡିକାଲକୁ ସୁପର ସ୍ପେଶିଆଲିଟି କରିବା ହାସ୍ୟାସ୍ପଦ

- କେନ୍ଦ୍ରମନ୍ତ୍ରୀ ଗଡ଼କରୀଙ୍କ ଘୋଷଣା ମିଥ୍ୟା
- ବନ୍ଦର ଚକ୍ରାନ୍ତକୁ ନିନ୍ଦା କଲା ଆଞ୍ଚଳିକ ସୁରକ୍ଷା ସମିତି

କୁଜଙ୍ଗ,୧୬।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦର ଓ ତତ୍‌ସଂଲଗ୍ନ ୧୫ରୁ ଉର୍ଦ୍ଧ୍ୱ ଶିଳ୍ପ ବିରୋଧରେ କୁଜଙ୍ଗ ପାରାଦୀପ ଅଞ୍ଚଳ ବାସିନ୍ଦା ଶନିବାର ଏକ ବିଶାଳ ଜନସମାବେଶ କରିଥିଲେ। କୁଜଙ୍ଗଠାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟ ଦାବି ଥିଲା ଯେ ପାରାଦୀପ ବନ୍ଦର ଓ ଶିଳ୍ପ ସମୁଦାୟ ଭୂତମୁଣ୍ଡାଇଠାରେ ଏକ ମେଡିକାଲ କଲେଜ ଓ ସୁପରସ୍ପେଶିଆଲିଟି ହସ୍‌ପିଟାଲ ତୁରନ୍ତ ପ୍ରତିଷ୍ଠା କରନ୍ତୁ। ହେଲେ ଏହି ସମାବେଶର ୨ ଦିନ ପୂର୍ବରୁ ପାରାଦୀପ ବନ୍ଦର ପ୍ରଶାସନ ତରବର ଭାବେ ବୋର୍ଡ ବୈଠକ ଡକାଇ ପାରାଦୀପ ପୋର୍ଟ ମେଡିକାଲକୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଥିବା ଖବର ସମସ୍ତଙ୍କୁ ଚକିତ କରିଛି। ବନ୍ଦର କର୍ତ୍ତୃପକ୍ଷ ଏଥିନିମନ୍ତେ କାଳେ ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବୈଠକକୁ ଆମନ୍ତ୍ରଣ କରିଥିଲେ। ଉକ୍ତ କମ୍ପାନୀମାନେ ହସ୍‌ପିଟାଲ ନିମନ୍ତେ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିବା କୁହାଯାଉଛି। ତେବେ ବନ୍ଦର କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ସମ୍ପର୍କରେ କୌଣସି ପ୍ରେସ୍ ବିଜ୍ଞପ୍ତି ଦେଇ ନ ଥିବାବେଳେ ଜଣେ ଶ୍ରମିକନେତା ବନ୍ଦରର ଏଭଳି ନିଷ୍ପତ୍ତିକୁ ବଧେଇ ଜଣାଇ ଉକ୍ତ ଖବରକୁ ସୋସିଆଲ ମିଡିଆରେ ଭାଇରାଲ କରିଛନ୍ତି, ଯାହାକି ସାଧାରଣରେ ହାସ୍ୟାସ୍ପଦ ଘଟଣା ହୋଇଛି। ବନ୍ଦର ସଂଲଗ୍ନ ଭୁତମୁଣ୍ଡାଇଠାରେ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ଦାବି କରୁଥିବା ଅଞ୍ଚଳବାସୀଙ୍କ ଦ୍ୱାରା ଗଠିତ ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ଏନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପାରାଦୀପ ବନ୍ଦର ପ୍ରଶାସନର ଏଭଳି କାର୍ଯ୍ୟକୁ ସମିତି ନିନ୍ଦା କରିଛି। ରବିବାର ଭୁତମୁଣ୍ଡାଇଠାରେ ଏନେଇ ସମିତିର ଆବାହକ ମଣ୍ଡଳି ବୈଠକ ହୋଇଥିଲା। ଏଥିରେ ପାରାଦୀପ ବନ୍ଦରର ଏପରି ଚକ୍ରାନ୍ତ ବିରୋଧରେ ଆଗକୁ ଜନ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଘୋଷଣା କରାଯାଇଛି। ଆଞ୍ଚଳିକ ସୁରକ୍ଷା ସମିତିର ଆବାହକ ମଣ୍ଡଳି ସଦସ୍ୟା ଦେବବାଳା ମହାପାତ୍ର, ଜାନକୀ ମହାରଥା, ମିନର୍ଭା ପରିଡ଼ା, ସଞ୍ଜୟ ସ୍ୱାଇଁ, ମାନଭଞ୍ଜନ ମଲ, ସଞ୍ଜୟ ବେହେରା, ରଶ୍ମୀରଞ୍ଜନ ସାହୁ, ଶ୍ରୀବଲ୍ଲଭ କର, ବାବୁରାମ ଚୌଧୁରୀ ଓ ପ୍ରମୋଦ ଜେନା ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ସେମାନଙ୍କ କହିବା ଅନୁଯାୟୀ, କେନ୍ଦ୍ର ଯାହାଜ ଚଳାଚଳ ମନ୍ତ୍ରୀ ନୀତିନ ଗଡକରୀ ୨୦୧୫ ଜୁଲାଇ ୧୦ ତାରିଖରେ ଘୋଷଣା କରିଥିଲେ ଯେ ପାରାଦୀପ ବନ୍ଦର ଓ ଶିଳ୍ପ ପ୍ରଭାବିତ ୫୦ ଗାଁର ଲୋକଙ୍କ ସ୍ୱାସ୍ଥ୍ୟସେବା ନିମନ୍ତେ ଏକ ମେଡିକାଲ କଲେଜ ଓ ସୁପର ସ୍ପେଶିଆଲିଟି ହସ୍‌ପିଟାଲ ନିର୍ମାଣ କରାଯିବ। କିନ୍ତୁ ଏଭଳି ଘୋଷଣା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଶିଳ୍ପ ଜନିତ ପ୍ରଦୂଷଣ ଯୋଗୁ ଗାଁ ଗାଁରେ ଦୁରାରୋଗ ବ୍ୟାଧି ବଢି ଚାଲିଛି। ତେଣୁ ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା ପାଇଁ ସମିତି ଦାବି କରୁଛି। କିନ୍ତୁ ଶନିବାର ସମାବେଶ ଦିନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ପ୍ରକାଶ ପାଇଲା ଯେ ପାରାଦୀପ ବନ୍ଦର ପୁରୁଣା ମେଡିକାଲକୁ ସୁପରସ୍ପେଶିଆଲିଟି ହସ୍‌ପିଟାଲରେ ପରିଣତ କରାଯିବାକୁ ନିଷ୍ପତ୍ତି ହୋଇଛି। ପାରାଦୀପ ବନ୍ଦର ପକ୍ଷରୁ ଏଥିନିମନ୍ତେ ବୈଠକ ଡକାଯାଇ ଥିବାର ଏକ ଚିଠି (ନଂ.୩୩୪୭, ତା ୧୨।୦୯।୨୦୧୮)ର ନକଲ ସୋସିଆଲ ମିଡିଆରେ ଜନୈକ ବ୍ୟକ୍ତି ପୋଷ୍ଟ କରିବା ସହ ବନ୍ଦର କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛନ୍ତି। କେନ୍ଦ୍ରମନ୍ତ୍ରୀ ପାରାଦୀପରେ ମେଡିକାଲ କଲେଜ ଓ ସୁପରସ୍ପେଶିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ଘୋଷଣା କରିଥିବାବେଳେ ବନ୍ଦର କର୍ତ୍ତୃପକ୍ଷ ଏକପାଖିଆ ଭାବେ ଏକ ପୁରୁଣା ମେଡିକାଲକୁ ନୂଆ ରୂପ ଦେବାକୁ କାହିଁକି ଚେଷ୍ଟା କରୁଛନ୍ତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅନ୍ୟପକ୍ଷରେ ଅଳ୍ପ ସ୍ଥାନରେ ନିର୍ମାଣ କରାଯାଇଥିବା ବନ୍ଦରର ପୁରୁଣା ମେଡିକାଲ ସମ୍ମୁଖରେ ଗାଡି ରହଣୀ ପାଇଁ ଜାଗା ନାହିଁ। ତେଣୁ ଏହାକୁ ସୁପର ସ୍ପେଶିଆଲିଟି ହସ୍‌ପିଟାଲ କରିବା ଆଳରେ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଭଣ୍ଡୁର କରିବାକୁ ଷଡଯନ୍ତ୍ର କରାଯାଉଥିବା ଅଭିଯୋଗ ହେଉଛି। ତେଣୁ ସମିତି ପକ୍ଷରୁ କୁହାଯାଇଛି ଯେ ବନ୍ଦର କର୍ତ୍ତୃପକ୍ଷଙ୍କୁ ସମର୍ଥନ କରି ସୋସିଆଲ ମିଡିଆରେ ଖବର ପୋଷ୍ଟ କରୁଥିବା ବନ୍ଧୁମାନେ ସଚେତନ ହୋଇ ଲୋକଙ୍କୁ ସମର୍ଥନ କରନ୍ତୁ। ଯେତେ ପ୍ରତି ବନ୍ଧକ ଆସିଲେ ମଧ୍ୟ ଆନ୍ଦୋଳନ ତୀବ୍ର ରୂପ ନେବ।

## ସଂକ୍ଷେପରେ

### ପାରାଦୀପ ବନ୍ଦରର ସ୍ୱଚ୍ଛତା ପକ୍ଷ

**ପାରାଦୀପ,୧୬।୯(ସ୍ୱ.ପ୍ର.):** ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଶନିବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମ ୧୫ ଦିନ ଧରି ଚାଲିବ। ଏଥିରେ ବନ୍ଦରର ପ୍ରତ୍ୟେକ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଓ ସଫେଇ ସଚେତନତା କାର୍ଯ୍ୟକ୍ରମ କରିବେ। ଏହି ସ୍ୱଚ୍ଛତା ପକ୍ଷକୁ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ପରେ ସ୍ୱଚ୍ଛତା ସମ୍ପର୍କରେ କାନମାସ ପକ୍ଷରୁ ପଥପ୍ରାନ୍ତ ନାଟକ ଚକୁଳିଆ ପଣ୍ଡା ମଞ୍ଚସ୍ଥ ହୋଇଥିଲା। ସମ୍ପ୍ରତି ବର୍ଷାଦିନ ବନ୍ଦରାଞ୍ଚଳରେ ଥିବା କଲୋନୀ ଓ ରାସ୍ତା ବଣବୁଦା, ଆବର୍ଜନାରେ ଭର୍ତ୍ତି ହୋଇଛି। ସେଥିଯୋଗୁ ମଶା, ମାଛି ବଂଶ ବିସ୍ତାର କରୁଛନ୍ତି। ସମସ୍ତେ ଏଥିପ୍ରତି ସଚେତନ ରହି ନିଜ ଘର ଚତୁଃପାର୍ଶ୍ୱ ସଫା ରଖିବାକୁ ଅଧକ୍ଷ ରାୟ ପରାମର୍ଶ ଦେଇଛନ୍ତି।

### ପାରାଦୀପରେ ଜୁଡୋ ପ୍ରତିଯୋଗିତା



**ପାରାଦୀପ,୧୬।୯(ସ୍ୱ.ପ୍ର.):** ପାରାଦୀପର ମଧୁବନ ପୌର କଲ୍ୟାଣ ମଣ୍ଡପ ପରିସରରେ ରବିବାର ଓଡ଼ିଶା ଜୁଡୋ ସଂଘ ପକ୍ଷରୁ ଜୁଡୋ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏହି କ୍ରୀଡ଼ାରେ ରାଜ୍ୟର ବିଭିନ୍ନ ଜିଲାରୁ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏହି ଦିନିକିଆ ଖେଳର କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ତଥା ରାଜ୍ୟ ଜୁଡୋ ସଂଘର ମୁଖ୍ୟ ଗୀତାଞ୍ଜଳି ପଣ୍ଡା କହିଛନ୍ତି।

### ବିଜୁ ଯୁବବାହିନୀର ସ୍ୱଚ୍ଛ ଭାରତ ଅଭିଯାନ

**ବାଲିକୁଦା,୧୬।୯(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଓଷକଣା ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗାଁ ସଫେଇ କରାଯାଇଥିଲା। ଏଥିରେ ଆଖପାଖ ଗାଁର ବହୁ ମୁରବୀ ଶ୍ରେଣୀୟ ବ୍ୟକ୍ତି ଯୋଗ ଦେଇଥିଲେ। ସଭାରେ ବିଜୁ ଯୁବ ବାହିନୀ ସଭାପତି ତାପସ ବିଶ୍ୱାଳ, ସମ୍ପାଦକ ସତ୍ୟନ ରାଉତ, କୋଷାଧକ୍ଷ ଜ୍ୟୋତିରଞ୍ଜନ ମହାନ୍ତି, ସଦସ୍ୟ ରଜତ୍ ବିଶ୍ୱାଳ, ବିଶ୍ୱଜିତ୍ ଜେନା, ଅନିଲ ସ୍ୱାଇଁ, ପ୍ରମୋଦ ବେହେରା, ବିଶ୍ୱଜିତ୍ ମୁଦୁଲି, ଦିଲୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ୱଚ୍ଛ ଭାରତ ସମ୍ପର୍କରେ ବିଭିନ୍ନ ସଚେତନ ମୂଳକ ବାର୍ତ୍ତା ଦେଇଥିଲେ।

### ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

**ନାଉଗାଁ,୧୬।୯(ସ୍ୱ.ପ୍ର.)-** ନାଉଗାଁ ବ୍ଲକସ୍ଥିତ ସତ୍‌ସଙ୍ଗ କେନ୍ଦ୍ରରେ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୧ ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଗଣେଶ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଅତୁଲ୍ୟଚନ୍ଦ୍ର ତ୍ରିପାଠୀ, କେନ୍ଦ୍ରର ସଭାପତି ଜ୍ୟୋତିଷ ଚନ୍ଦ୍ର ଦାସ ଯୋଗଦେଇ ଠାକୁରଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ସତସଙ୍ଗ ମାଧ୍ୟମରେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇ ପାରିବ ବୋଲି ସେ ମତବ୍ୟକ୍ତ କରିଥଲେ। ଏହି କାର୍ଯ୍ୟକ୍ରମକୁ ଅଶୋକ ପରିଡା, ଶରତ ରାଉତ, ଲଳିତ ପ୍ରଧାନ, ଶିବଚରଣ ଲେଙ୍କା, ଦିବାକର ସ୍ୱାଇଁ ଓ କାହ୍ନୁ ଚରଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

### ଗଣେଶ ପୂଜା ଉତ୍ସବ ଉଦ୍‌ଯାପିତ



**ନାଉଗାଁ,୧୬।୯(ସ୍ୱ.ପ୍ର)-** ନାଉଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁରେ ୩ ଦିନ ଧରି ଚାଲିଥିବା ଗଣେଶ ପୂଜା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଶନିବାର ସନ୍ଧ୍ୟାରେ ଆଧାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ପଣ୍ଡିତ ଜିତୁ ଦାସ ପ୍ରବଚନ ଦେଇଥିଲେ। ଗାଁରେ ଆଧାତ୍ମିକ ବାତାବରଣ ସୃଷ୍ଟି କରିବା ସହ ନିଜ ମଧରେ ସୁସଂପର୍କ ଓ ଭାଇଚାର ରକ୍ଷା କରିବା ଏହି ପୂଜାର ମୂଳ ଲକ୍ଷ୍ୟ ବୋଲି ଆୟୋଜକ ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପଣ୍ଡିତ ନୀଳକଣ୍ଠ ଦାସ, ଦୋଳଗୋବିନ୍ଦ ରାଉଳ, ହରେକୃଷ୍ଣ ମହାନ୍ତି, କମଳା କାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।







ବିଶ୍ୱକର୍ମା ପୂଜା ଉପଲକ୍ଷେ ବନ୍ଦର ନଗରୀ ପାରାଦୀପର ବିଭିନ୍ନ ସଂଗଠନ ପକ୍ଷରୁ ନିର୍ମାଣ କରାଯାଇଥିବା ଆକର୍ଷଣୀୟ ତୋରଣ।

■ ଆଜିଠାରୁ ପାରାଦୀପର ପ୍ରସିଦ୍ଧ ବିଶ୍ୱକର୍ମା ପୂଜା

# ଆଗକୁ ବର୍ଷା: ଉତ୍ସାହ ଯେତିକି ଆଶଙ୍କା ସେତିକି

**ପାରାଦୀପ,୧୬।୯(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ସହରରେ ଗଣପର୍ବ ବିଶ୍ୱକର୍ମା ପୂଜା ସୋମବାର ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ପର୍ବ ପ୍ରାୟତଃ ବୃତାନ୍ତ ପର୍ଯ୍ୟାୟରେ ପହଞ୍ଚି ଯାଇଛି। ତେବେ ଚଳିତବର୍ଷ ପୂଜା ପାଇଁ ଲଘୁଚାପ ଜନିତ ବର୍ଷା ବାଧକ ସାଜିଛି। ଗତ ୪ରୁ ୬ ତାରିଖ ଲଗାଣ ବର୍ଷା ଓ ତା'ପରଠାରୁ ପ୍ରତିଦିନ ବର୍ଷା ଘଡଘଡି ଲାଗି ରହିବାରୁ ତୋରଣ କାମ ବାଧାପ୍ରାପ୍ତ ହୋଇଛି। ତେଣୁ ରବିବାର ରାତି ସୁଦ୍ଧା ଅଧିକାଂଶ ତୋରଣ ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। ଆଭ୍ୟନ୍ତରୀଣ ସାଜସଜା, ଠାକୁର ମୂର୍ତ୍ତି, ବାହ୍ୟ ସାଜସଜା, ସାଂସ୍କୃତିକ କାର୍ଯ୍ୟକ୍ରମ ମଣ୍ଡପ ମଧ ସମ୍ପୂର୍ଣ୍ଣ ହୋଇନାହିଁ। ଅନ୍ୟପକ୍ଷରେ ଆସନ୍ତା ୧୬ରୁ ୨୦ ତାରିଖ ପୁଣି ଲଘୁଚାପ ଜନିତ ଲଗାଣ

■ ପୂର୍ବରୁ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି ତୋରଣ ନିର୍ମାଣ

■ ଅଧାରେ ରହିଛି ସାଜସଜା, ରସ୍ତାଘାଟ ମରାମତି

ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଫଳରେ ପୂଜାକୁ ନେଇ ଆୟୋଜକମାନେ ଯେତିକି ଉତ୍ସାହିତ ସେତିକି ଆଶଙ୍କା ବ୍ୟକ୍ତ କରିଛନ୍ତି। କାରଣ ଯଦି ବର୍ଷା ହୁଏ ତେବେ ଲକ୍ଷାଧିକ ଟଙ୍କାରେ ନିର୍ମିତ ତୋରଣ, ସାଜସଜା ନଷ୍ଟ ହୋଇଯିବ। ପୂଜା ମଣ୍ଡପ ଅଞ୍ଚଳରେ ଏବେ ମଧ ବର୍ଷାପାଣି ଜମି ରହିଛି। ଏପରିକି ଅଠରବାଙ୍କୀଠାରୁ ବଡ଼ପଡିଆ ମଣ୍ଡପ ଅଞ୍ଚଳ ରାସ୍ତା ବର୍ଷା ପାଣି ରହିବା ଦ୍ୱାରା ବିଭିନ୍ନ ସ୍ଥାନରେ ଗର୍ତ୍ତ ସୃଷ୍ଟି କରିଛି। ରାସ୍ତାସାରା ଏବେ ଖାଲ। ମରାମତି ପାଇଁ ବନ୍ଦର ପ୍ରଶାସନକୁ ପ୍ରସ୍ତୁତି ବୈଠକରେ କୁହାଯାଇଥିଲା। କିନ୍ତୁ ବର୍ଷା ପାଇଁ ତାହା ମଧ ସମ୍ଭବ ହୋଇନାହିଁ। ଏହା ସତ୍ତ୍ୱେ ମଣ୍ଡପ ଓ ବଡ଼ପଡିଆ ବଜାରରେ ସୋମବାର ସନ୍ଧ୍ୟାରେ ଗହଳି ଚହଳି ଲାଗିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଉଠା ଦୋକାନୀମାନେ ସେମାନଙ୍କ ପସରା ଖୋଲିଲେଣି। ଜୟଦେବ ସଦନ ପରିସରରେ ମୀନାବଜାର ପାଇଁ ଷ୍ଟଲ କାମ ଜୋରସୋରରେ ଚାଲିଛି। ଚଳିତବର୍ଷ ମେଢରେ ବାହୁବଳୀର ପ୍ରତିକୃତୀ, କଦଳୀପତ୍ର ତୋରଣ, ଜାହାଜ, ବେତରେ ନିର୍ମିତ କାରୁକାର୍ଯ୍ୟ ଆଦି ଆକର୍ଷଣୀୟ ହେବ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପାରାଦୀପ ପୋଲିସ ରବିବାର ୧୨ ପ୍ଲାଟୁନ ଫୋର୍ସ ସହ ପ୍ରସ୍ତୁତି ବୈଠକ କରିଛି।

## ଶ୍ୱଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା ଉଦ୍ୟମ

**ଏରସମା,୧୬।୯(ସ୍ୱ.ପ୍ର.)**

ଏରସମା ଥାନା ଗୋଡା ପଞ୍ଚାୟତସ୍ଥିତ ଘୋଷାଘର ଗ୍ରାମରେ ଶ୍ୱଶୁର ଘରେ ଜ୍ୱାଇଁ ଆତ୍ମହତ୍ୟା ଉଦ୍ୟମ କରିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶ ଯେ ଗତ ୪ ବର୍ଷ ତଳେ ଘୋଷାଘର ଗ୍ରାମର କପିଳ ବେହେରାଙ୍କ ଝିଅ ସବିତା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଭରାଳ ଗ୍ରାମର ମାନସ ରଞ୍ଜନ ବେହେରାଙ୍କୁ ବୈଦିକମତେ ବିବାହ କରିଥିଲେ। କିଛି ବର୍ଷ ପରେ ଶାଶୁଘର ଲୋକେ କୌଣସି ଘଟଣାକୁ ନେଇ ସବିତାଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ତେଣୁ ଗତ ବର୍ଷେ ହେବ ସବିତା ଶାଶୁ ଘରୁ ଚାଲି ଆସି ବାପ ଘରେ ରହୁଥିଲେ। ଶନିବାର ସବିତାଙ୍କ ସ୍ୱାମୀ ମାନସ ଗୋଟିଏ ହାତରେ ବିଷ ଓ ଅନ୍ୟ ହାତରେ ଭୁଜାଲିଧରି ଘୋଷାଘରସ୍ଥିତ ଶ୍ୱଶୁର ଘରେ ପହଞ୍ଚିଥିଲେ। ଭୁଜାଲି ଦେଖାଇ ସେ ସମସ୍ତଙ୍କୁ ଭୟଭୀତ କରିବା ସହିତ ଧମକ ଦେଇଥିଲେ। ସବିତାଙ୍କୁ ସାଙ୍ଗରେ ନେବା ପାଇଁ ଆସିଛନ୍ତି କହିଥିଲେ। ମାତ୍ର ଜୀବନ ପ୍ରତି ଭୟଥିବା ଦର୍ଶାଇ ସବିତା ଯିବା ପାଇଁ ମନା କରିଦେଇଥିଲେ। ଏହି ଘଟଣାକୁ ନେଇ ସେଠାରେ ଅପ୍ରୀତିକର ପରିସ୍ଥିତ ଉପୁଜିଥିଲା। ଏ ସମ୍ପର୍କରେ ସବିତାଙ୍କ ବାପା କପିଳ ଏରସମା ଥାନାରେ ଅଭିଯୋଗ କରିଥିଲେ। ଶେଷରେ ସବିତା ତାଙ୍କ ସହିତ ନ ଯିବାରୁ ମାନସ ବିଷ ପିଇ ଦେଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏରସମା ଥାନାରେ ଏନେଇ ଏକ ମାମଲା ନଂ. ୧୩୧/୧୮ରୁଜୁ ହୋଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝି କହିଛନ୍ତି।

## ବିଚ୍ ଭଲିବଲ ପ୍ରତିଯୋଗିତା, ଭୁବନେଶ୍ୱର ଚାମ୍ପିୟନ

**ପାରାଦୀପ,୧୬।୯(ସ୍ୱ.ପ୍ର.)**



ପ୍ରତିଯୋଗିତାରେ ଅଂଶଗ୍ରହଣ କରଥିବା ଖେଳାଳିମାନେ।

ପାରାଦୀପ ବେଳାଭୂମିରେ ରବିବାର ଦିନିକିଆ ବିଚ୍ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ରାଜ୍ୟ ବିଦ୍ୟାଳୟ ସମୂହ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବାଳିକା ବର୍ଗରେ ୪ ଥିବାବେଳେ ପୁରଷ ବର୍ଗରେ ୮ ଦଳ ଭାଗ ନେଇଥିଲେ। ଉକ୍ତ ଟୁର୍ନାମେଣ୍ଟରେ ୧୭ବର୍ଷରୁ କମ୍ ବୟସର ବାଳିକା ବାଳକ ଗର୍ଗରେ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ଫାଇନାଲରେ ବାଳିକା ବର୍ଗରେ ଭୁବନେଶ୍ୱର କନ୍ଧମାଳକୁ ୨-୦ ସେଟ୍‌ରେ ପରାସ୍ତ କରିଥିଲା। ସେହିପରି ବାଳକ ବର୍ଗରେ ଭୁବନେଶ୍ୱର ବାଲେଶ୍ୱରକୁ ୨-୧ ସେଟ୍‌ରେ ପରାଜିତ କରି ଚାମ୍ପିୟନ ହୋଇଥିଲା। ଉକ୍ତ କ୍ରୀଡ଼ାକୁ ଜିଲା କ୍ରୀଡ଼ା ଅଧିକାରୀ ରାମଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରବି ଦାସ, ଦେବଦତ୍ତ ସାମନ୍ତରାୟ, ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟକୁ ଶାଶ୍ୱତ ଭାରତୀ, ସନ୍ତୋଷ କୁମାର କାନୁନ୍‌ଗୋ ପରିଚାଳନା କରିଥିଲେ।

## ରିଟେଲର ସଂଘ ନୂଆ କର୍ମକର୍ତ୍ତା

**ଜଗତ୍‌ସିଂହପୁର ଅଫିସ, ୧୬।୯**

ରବିବାର ଜଗତ୍‌ସିଂହପୁର ଜିଲା ରିଟେଲର ସଂଘ ସାଧାରଣ ବୈଠକ ସ୍ଥାନୀୟ ସୁବର୍ଣ୍ଣ ବରାହୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ ରିଟେଲର ସଂଘର ସଭାପତି ନଗେନ୍ଦ୍ର ନାଥ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ, ପୁରୀ ଓ ଖୋର୍ଦ୍ଧା ଜିଲା ରିଟେଲର ସଂଘର ସଭାପତିମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜଗତ୍‌ସିଂହପୁର ଜିଲା ରିଟେଲର ସଂଘର ନୂଆ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ସଭାପତି ଶରତ ଚନ୍ଦ୍ର ସାହୁ, ଉପସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, ନରେଶ ଚନ୍ଦ୍ର ସ୍ୱାଇଁ, ମହେନ୍ଦ୍ର କୁମାର ସାହୁ, ସାଧାରଣ ସମ୍ପାଦକ ତରୁଣ କୁମାର ସ୍ୱାଇଁ, ସମ୍ପାଦକ ପ୍ରେମାନନ୍ଦ ମହାପାତ୍ର, ସହ ସମ୍ପାଦକ ଅଜିତ୍ ଷଡ଼ଙ୍ଗୀ, ରବିନ୍ଦ୍ର ସାହୁ, ଯଶୋବନ୍ତ ପଲ୍ଲେଇ, ହରେକୃଷ୍ଣ ବେହେରା, ଅନାଦି ସ୍ୱାଇଁ ଓ କୋଷାଧକ୍ଷ ଭାବେ ଅଭୟ ବାରିକ ନିର୍ବାଚିତ ହୋଇଥିଲେ। ଉପଦେଷ୍ଟା ମଣ୍ଡଳୀରେ ମାନସୀ ନାୟକ, ନୟନା ସାହୁ, ଇବ୍ରାହିମ ଖାଁ, ଶିବ ପ୍ରସାଦ ମହାନ୍ତି, ରାଜୀବଲୋଚନ କୁଅଁର ଓ ଜିଲା ସଂଯୋଜକ ଭାବେ ପ୍ରମୁଖ ରାଉତଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଥିଲା। ଜିଲାର ୮ଟି ବ୍ଲକ ଓ ୨ ପୌର ପରିଷଦ ଅଞ୍ଚଳର ରିଟେଲରମାନେ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ବ୍ଲକ ଓ ପୌର ପରିଷଦର ରିଟେଲରମାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା।

## 'ମୁଁ ହିରୋ, ମୁଁ ଓଡିଶା' କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ତିର୍ତ୍ତୋଲ, ୧୬।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ସାରଳା ବିହାରସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ ଗୁରୁବାର ମୁଁ ହିରୋ, ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଆଗ୍ରହ ତଥା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନରେ ସ୍ୱୀକୃତ କରାଇପାରିଲେ ଜଣେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ପାରିବ ବୋଲି କହିଥିଲେ। ଏମପି ଡା.କୁଳମଣୀ ସାମଲ ଯୋଗଦେଇ ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବ ପ୍ରତିଭାର ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ବିଡିଓ ରଞ୍ଜନ କୁମାର ପରିଡା, ଏବିଡିଓ ଭଞ୍ଜକିଶୋର ନାୟକ, ଏସଇଓ ବିଜୟ ପାତ୍ର, ଜିଲାପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବୀର ରାୟ, ଲିପାଲୀ ରାଉଳ, ଆମ୍ବା ଅଧକ୍ଷ ପ୍ରକାଶ ସ୍ୱାଇଁ, ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, ମମତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବ୍ରତ ଦାଶ, ବ୍ଲକ ଯୁବ ସଭାପତି ରଞ୍ଜିତ କୁମାର ଜେନା, ଛାତ୍ର ନେତା ଅବଦୁଲ ମାଲ୍ଲୁ, ଯୁବ ନେତା ତପନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ସତ୍ୟ ପ୍ରକାଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବର୍ଲିନଠାରେ ଅନୁଷ୍ଠିତ ଖୋଖୋ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳରେ ସାମିଲ ହୋଇଥିବା ତଥା ତିର୍ତ୍ତୋଲ କଲେଜର ଛାତ୍ରୀ ସସ୍ମିତା ନାଥଶର୍ମାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ସଚେତନତା ଉପରେ ଆଧାରିତ ଏକ ହାସ୍ୟରସାତ୍ମକ କ୍ଷୁଦ୍ର ନାଟକ ପରିବେଶ କରାଯାଇଥିଲା।

## ପିପିଟିର ଏକାଧିକ ନୂତନ ପ୍ରକଳ୍ପ ଉଦ୍‌ଘାଟିତ

**ପାରାଦୀପ,୧୬।୯(ସ୍ୱ.ପ୍ର.)**

ପାରାଦୀପ ପୋର୍ଟ ଟ୍ରଷ୍ଟ(ପିପିଟି) ପକ୍ଷରୁ ରବିବାର ସନ୍ଧ୍ୟାରେ ଏକାଧିକ ନୂତନ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି। ପାରାଦୀପ ବନ୍ଦର ସମ୍ପର୍କିତ ସବିଶେଷ ତଥ୍ୟ ଜାଣିବାଭଳି ବୈଦ୍ୟୁତିକ ବ୍ୟବସ୍ଥା ୨ଟି ସ୍ଥାନରେ ହୋଇଛି। ଏକ ବିଶାଳ ଇଲେକ୍ଟ୍ରି ଡିସ୍‌ପ୍ଲେ ଅଠରବାଙ୍କୀର ବିଜୁ ପଟ୍ଟନାୟକ ପାର୍କ ଓ ଅନ୍ୟଟି ବନ୍ଦର ପ୍ରଶାସନିକ ଭବନ ମୁଖ୍ୟ ଫାଟକ ନିକଟରେ ଉଦ୍‌ଘାଟିତ ହୋଇଛି। ୧୩୨-୩୩ କେଭି ବିଦ୍ୟୁତ୍ ସବ୍‌ଷ୍ଟେଶନ ବନ୍ଦର ନିଷିଦ୍ଧାଞ୍ଚଳର ଡିପ୍ ଡ୍ରାଫ୍ଟ ବର୍ଥ ପାଖରେ ହୋଇଛି। ୧୧ କେଭି ସବ୍‌ଷ୍ଟେଶନ ମେରାଇନ ଜେଟି ପାଖରେ ଉଦ୍‌ଘାଟିତ ହୋଇଛି। ବନ୍ଦର ଚିକିତ୍ସାଳୟରେ ଜୀବନ ରକ୍ଷାକାରୀ ବ୍ୟବସ୍ଥା ଲୋକାର୍ପଣ ହୋଇଛି। ବନ୍ଦର ପ୍ରଶାସନିକ ଭବନ ପଛ କପିଳଜୋର କ୍ରିକ୍ ଉପରେ ଝୁଲାପୋଲ ଉଦ୍‌ଘାଟିତ ହୋଇଛି। ସମସ୍ତ ପ୍ରକଳ୍ପକୁ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଛନ୍ତି।

## ନବନିର୍ମାଣ କୃଷକ ସଂଗଠନ ବୈଠକ

**ତିର୍ତ୍ତୋଲ, ୧୬।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ନାଉସୀରାସ୍ଥିତ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ନିତ୍ୟାନନ୍ଦ ସାହୁଙ୍କ ସଭାପତିତ୍ୱରେ ନବନିର୍ମାଣ କୃଷକ ସଂଗଠନର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଯୋଗଦେଇ ଆଗାମୀ ୨୯ ତାରିଖରେ ଯାଜପୁର କୁଆଖିଆଠାରୁ ଭୁବନେଶ୍ୱର ଐତିହାସିକ ପଦଯାତ୍ରା ସଫଳ କରିବା ପାଇଁ ଆଲୋଚନା କରିଥିଲେ। ପ୍ରତି ପଞ୍ଚାୟତରେ ଚାଷୀମାନଙ୍କୁ ଭେଟି ଏସମ୍ପର୍କରେ ଜଣାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସଂଗଠନର ଉପଦେଷ୍ଟା ରାଜକିଶୋର ଦାଶ, ବ୍ଲକ ସଂଯୋଜକ ମଙ୍ଗୁଳି ଚରଣ ରାଉତରାୟ, ସହସଂଯୋଜକ ଅଶୋକ ବାରିକ, ରଞ୍ଜନ ବିଶ୍ୱାଳ, ପ୍ରମୋଦ ତ୍ରିପାଠୀ, ଅକ୍ଷୟ ନାୟକ, ଦିଲୀପ ଖଣ୍ଡୁଆଳ, ଅମରେନ୍ଦ୍ର ମହାପାତ୍ର, ଗୌରହରି ସ୍ୱାଇଁ, ସଞ୍ଜୟ ନାୟକ, ଅକ୍ଷୟ ସ୍ୱାଇଁ, ବନବିହାରୀ ଆଚାର୍ଯ୍ୟ, ନିତ୍ୟାନନ୍ଦ ମନୋହରୀ, ଈଶ୍ୱର ସୂତାର, ଗଗନ ବରାଳ, ମାୟାଧର ସାହୁ, ନିତ୍ୟାନନ୍ଦ ସାହ ଯୋଗ ଦେଇଥିଲେ।

## ବୃଦ୍ଧାବୃଦ୍ଧଙ୍କ ସେବାରେ ଯୁବଗୋଷ୍ଠୀ

**ପାରାଦୀପ,୧୬।୯(ସ୍ୱ.ପ୍ର.)**

ପାରାଦୀପ ମଧୁବନରେ କେତେଜଣ ଯୁବଗୋଷ୍ଠୀ ଓଡ଼ିଶା ୟୁଥ୍ କମ୍ବାଇନ୍ସ ସଂଗଠନ କରି ନିରାଶ୍ରୟ ବୃଦ୍ଧାବୃଦ୍ଧଙ୍କ ସେବା କରୁଛନ୍ତି। ସେହି ଯୁବଗୋଷ୍ଠୀ ରବିବାର ଗଣେଶ ପୂଜା ଅବସରରେ ବୃଦ୍ଧାଶ୍ରମରେ ଥିବା ଅନ୍ତେବାସୀଙ୍କୁ ବାଲିଝରି ବସ୍ତିରୁ ଆଣି ପୂଜାର ଆନନ୍ଦ ଅନୁଭବ କରାଇଥିଲେ। ଯଥା ସେମାନଙ୍କ ଦେଖିବାଭଳି ଭଜନ, ଜଣାଣ, ପାଲା ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ମଧୁବନ କବରଖାନା ବଜାର ନିକଟରେ ଆୟୋଜିତ କାର୍ଯ୍ୟକ୍ରମ ପରେ ସେମାନଙ୍କୁ ନୂତନ ବସ୍ତ୍ର, ଔଷଧ ଓ ଅନ୍ୟାନ୍ୟ ଉପକରଣ ଦେଇଥିଲେ। ଏପରି ପ୍ରତିଦିନ ସେହି ବୃଦ୍ଧାବୃଦ୍ଧଙ୍କୁ ନିୟମିତ ଔଷଧ, ଖାଦ୍ୟ ଦେଇଥାନ୍ତି। କାହାର ମୃତ୍ୟୁ ଘଟିଲେ ଯଥା ରୀତି ଅନୁସାରେ ତାଙ୍କର ଦଶକର୍ମ କରିଥାନ୍ତି। ଏବେ ବାଲିଝରି ମା' ସନ୍ତୋଷୀ ଜରାଶ୍ରମରେ ୩୬ ବୃଦ୍ଧାବୃଦ୍ଧ ରହୁଛନ୍ତି। ସେମାନଙ୍କ ମଧ୍ୟରେ ବୃଦ୍ଧାଙ୍କ ସଂଖ୍ୟା ଅଧିକ। ସେହି ବୃଦ୍ଧାବୃଦ୍ଧଙ୍କୁ ଶମ୍ଭୁନାଥ ସାହୁ, ଲୁଡ୍ଡୁକା ମହାନ୍ତି, ନିରଞ୍ଜନ ବଳ ଓ ମଳୟ ସ୍ୱାଇଁ ପ୍ରମୁଖ ସ୍ୱତନ୍ତ୍ର ସମ୍ମାନ ଜଣାଇଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ତେବାସୀ ଓ ଯୁବଗୋଷ୍ଠୀ।

## ପୋଲ ଆପ୍ରୋଚ ରୋଡ୍‌ରେ ନାହିଁ ସୁରକ୍ଷା ବାଡ଼

**ବାଲିଆ, ୧୬।୯**



ବିପଦସଙ୍କୁଳ ଭାବେ ଥିବା ପୋଲର ଆପ୍ରୋଚ ରୋଡ୍।

ଜଗତ୍‌ସିଂହପୁର ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଅଣଖିଆ-ନାନପୁର ରାସ୍ତାର ମଧଭାଗ ଅଢଙ୍ଗ ଶାସନ ନିକଟରେ ହଂସୁଆ ଜୋର ଉପରେ ଚାତରାଠାରେ ଏକ ନୂତନ ପୋଲ ନିର୍ମାଣ କରାଯାଇଛି। ଏହି ପୋଲ ଉପରେ ସୁରକ୍ଷାବାଡା କରାଯାଇଥିଲେ ମଧ ପୋଲକୁ ସଂଯୋଗ କରୁଥିବା ଆପ୍ରୋଚ ରୋଡ୍‌ର ଉଭୟ ପାର୍ଶ୍ୱ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ତେଣୁ ନାନପୁର ଓ ଅଣଖିଆ ଉଭୟ ପଟକୁ ଏହି ରାସ୍ତାରେ ୫୦ ଫୁଟ ପର୍ଯ୍ୟନ୍ତ ଢଳେଇ ପିଲର ଦେଇ ସୁରକ୍ଷା ବାଡ଼ ନିର୍ମାଣ କରିବାକୁ ଦାବି ହେଉଛି। ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୋଲକୁ ସଂଯୋଗ ହୋଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ବାଡ଼ା ନ ଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। କାରଣ ନିର୍ମାଣ ହୋଇଥିବା ପୋଲ ଉପରୁ ହଂସୁଆ ଜୋର ପ୍ରାୟ ୩୦ ଫୁଟ ତଳେ ରହିଛି। ପ୍ରତିଦିନ ସେହି ପୋଲ ଦେଇ ଶତାଧିକ ଲୋକ ଯାତାୟାତ କରୁଛନ୍ତୁ। ସ୍କୁଲ, କଲେଜ ପିଲାମାନେ ମଧ ଯିବାଆସିବା କରୁଛନ୍ତି। ତେଣୁ ଯଦି ବାଡ଼ା ନିର୍ମାଣ କରା ନ ଯାଏ ତେବେ କେତେବେଳେ ଯେ ଦୁର୍ଘଟଣା ଘଟିବ କହି ହେବ ନାହିଁ। ସେହିପରି ଜନସାଧାରଣଙ୍କ ବ୍ୟବହାର, ଗୋରୁ ଗାଈଙ୍କ ପାଣି ପିଇବା, ମଳା ମୃତ୍ତିକା କ୍ରିୟା କର୍ମ ପାଇଁ ଲୋକେ ହଂସୁଆ ଜୋରକୁ ବ୍ୟବହାର କରୁଥିବାରୁ ଏଠାରେ ପାହାଚ ନିର୍ମାଣ କରିବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, କଟକ-ମାଛଗାଁ ୫୫ ନଂ ଜାତୀୟ ରାଜପଥର ଅଣଖିଆ ବଜାରଠାରୁ କଟକ-ପାରାଦୀପ ରାସ୍ତାର ନାନପୁର ବଜାରକୁ ସଂଯୋଗ କରୁଥିବା ରାସ୍ତା ନବୀକରଣ କରାଯାଇଛି। ଏଥିରେ ଅଢଙ୍ଗ ଶାସନଠାରେ ଥିବା ହଂସୁଆ ଜୋର ଉପରେ ମଧ ପୂର୍ବରୁ ଥିବା ପୁରୁଣା ପୋଲକୁ ଭାଙ୍ଗି ନୂତନ ଭାବେ ଏହି ପୋଲ ନିର୍ମାଣ କରାଯାଇଛି।

## ସଂକ୍ଷେପରେ

### ବଳାତ୍କାର ପରେ ନାବାଳିକା ଅନ୍ତଃସତ୍ତ୍ୱା
#### ବି.ଟେକ୍ ଛାତ୍ର ଗିରଫ

**ଭୁବନେଶ୍ୱର, ୧୬।୯(ବ୍ୟୁରୋ):** ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ବଳାତ୍କାର କରିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ବି.ଟେକ୍ ଛାତ୍ରଙ୍କୁ ଗିରଫ କରିଛି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଙ୍ଘା ଅଞ୍ଚଳର ପ୍ରତିଶ୍ ନାଗ(୨୪)। ପୋଲିସ ଏ ନେଇ ଦଫା ୩୭୬,(୨)(ଏନ୍) ଓ ୬ ପୋକ୍ସୋ ଆକ୍ଟରେ ଏକ ମାମଲା(୭୪/୧୮) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପ୍ରତିଶ ପାତ୍ରପଡା ଅଞ୍ଚଳରେ ଘର ଭଡ଼ା ନେଇ ରହିବା ସହ ସ୍ଥାନୀୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି.ଟେକ୍‌ରେ ପଢନ୍ତି। ସେ ରହୁଥିବା ଘର ନିକଟରେ ନାବାଳିକା ଜଣକ ପରିବାର ସହ ରୁହନ୍ତି। ସେ ଦଶମ ପାସ୍ କରିବା ପରେ ଘର ସବୁବେଳେ ରହୁଥିଲେ। ପ୍ରତିଶ୍ ସନ୍ଧ୍ୟା ସମୟରେ ଛାତ ଉପରେ ବୁଲାବୁଲି କରିବା ସମୟରେ ନାବାଳିକାଙ୍କ ସହିତ ଦେଖା ହୁଏ। ପ୍ରତିଶ୍ ତାଙ୍କୁ ପ୍ରେମ ଜାଲରେ ଫସାଇବା ସହିତ ୧୮ ବର୍ଷ ହେବା ପରେ ବିବାହ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଘରେ କେହି ନ ଥିବାବେଳେ ନାବାଳିକା ପ୍ରତିଶଙ୍କ ରୁମ୍‌କୁ ଯାଉଥିଲେ। ଏହି ସମୟରେ ପ୍ରତିଶ୍ ତାଙ୍କ ଅନିଚ୍ଛା ସତ୍ତ୍ୱେ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଲେ ବିବାହ କରିବି ନାହିଁ ବୋଲି ପ୍ରତିଶ୍ ଧମକ ଦେଇଥିଲେ। ଫଳରେ ନାବାଳିକା ପରିବାର ଲୋକଙ୍କୁ କିଛି ଜଣାଇ ନ ଥିଲେ। ଏହାର କିଛିଦିନ ପରେ ଗର୍ଭବତୀ ହେବାରୁ ପ୍ରତିଶ୍‌ଙ୍କୁ ଅବଗତ କରିଥିଲେ। କିନ୍ତୁ ପ୍ରତିଶ ଆଉ ଧରାଛୁଆଁ ଦେଇ ନ ଥିଲେ। ଶେଷରେ ସେ ପରିବାର ଲୋକଙ୍କୁ ଜଣାଇବା ପରେ ଏ ନେଇ ମହିଳା ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସମୟରେ ପ୍ରତିଶ ଫେରାର ହୋଇଯାଇଥିଲେ। ରବିବାର ଅଭିଯୁକ୍ତ ଘରେ ଥିବା ପୋଲିସକୁ ସୂଚନା ମିଳିବା ପରେ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଉଭୟଙ୍କର ଡାକ୍ତରୀମାଇନା କରାଯାଇଥିବାବେଳେ ପୋଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି।

### ଅଜଣା ରୋଗ ଆତଙ୍କ
### ୧୨ ଦିନରେ ୨ ଗାଁରୁ ୪ ମୃତ

**ପଟ୍ଟାଙ୍ଗି,୧୬।୯(ଡି.ଏନ୍.ଏ.):** ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ତଥା ମାଳିପୁଟ ପଞ୍ଚାୟତ ଅଧୀନରେ ରହିଥିବା ଦୁଇଟି ଗ୍ରାମରେ ଗତ ୧୨ ଦିନ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ହେଲାଣି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ଖେଳିଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିଲେ ମଧ୍ୟ ହଠାତ୍ ପେଟବ୍ୟଥା ହୋଇ ଦେହ ଅସୁସ୍ଥ ହୋଇପଡୁଥିବା ଗ୍ରାମବାସୀ କହିଛନ୍ତି। ଏହିପରି ଘଟଣା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିନ୍ତା ବଢ଼ାଇ ଦେଇଥିବା ବେଳେ ଏକ ଡାକ୍ତରୀ ଦଳ ସେହି ଗାଁକୁ ଗସ୍ତ କରି ଚିକିତ୍ସା ଜାରି ରଖିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତ ଅଧୀନସ୍ଥ ୭ ନମ୍ବର ୱାର୍ଡ଼ରେ ଯାଉଥିବା ସିନ୍ଦେଇ ଗ୍ରାମରେ ଶନିବାର ଜଣେ ମହିଳାଙ୍କ ସମେତ ଜଣେ ଯୁବକଙ୍କୁ ହଠାତ୍ ପେଟ ବ୍ୟଥା ହୋଇଥିଲା। ଅସୁସ୍ଥ ୨ ଜଣ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମେଡିସିନ ନେଇ ଖାଇଥିଲେ ମଧ୍ୟ କିଛି ଫଳ ମିଳିନଥିଲା। ପରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ରବିବାର ସେମାନଙ୍କ ମୃତଦେହ ସତ୍କାର କରାଯାଇଛି। ସେହିପରି ଉକ୍ତ ୱାର୍ଡ଼ ଅଧୀନସ୍ଥ ଯୋଗୀନାୟକଗୁଡ଼ା ଗ୍ରାମରେ ଗତ ୪ ତାରିଖ ଦୁଇ ଜଣ ଏହିପରି ଅସୁସ୍ଥତାରୁ ମୃତ୍ୟୁବରଣ କରିଛନ୍ତି। ଏହି ଦୁଇଟି ଗ୍ରାମରେ ବର୍ତ୍ତମାନ ଶତାଧିକ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ ନଥିବା ସରପଞ୍ଚ ଜୟନ୍ତୀ ଚପାଡି ପ୍ରକାଶ କରିଛନ୍ତି। ଉପରୋକ୍ତ ଦୁଇ ଗ୍ରାମ ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରୁ ମାତ୍ର ୯ କିଲୋମିଟର ଦୂରରେ ଥିଲେ ମଧ୍ୟ ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛି।

# ଇଂରେଜ ସରକାର ବିରୋଧରେ ୨୩ ବର୍ଷ ଧରି ଯୁଦ୍ଧ




**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଇତିହାସକାରମାନେ ସ୍ୱୀକାର କରିଛନ୍ତି ଐତିହ୍ୟରୁ ଯେଉଁ ଉପାଦାନ ମିଳେ ତାହା ଉପରେ ଅଧ୍ୟୟନ ଓ ଅନୁସନ୍ଧାନ କଲାପରେ ଶେଷ ପରିଣତିରେ ପହଞ୍ଚିବାକୁ ହୁଏ। ତାହା ହିଁ ଇତିହାସ ହୁଏ। ଏଥିପାଇଁ ନିରପେକ୍ଷ ଅନୁଧ୍ୟାନ କରିବାକୁ ହୁଏ। ଅନୁଧ୍ୟାନ ଓ ଅନୁଶୀଳନ ଏକ ନିରନ୍ତର ପ୍ରକ୍ରିୟା। ପୂର୍ବର ଅନୁସନ୍ଧାନ ଓ ଅନୁଶୀଳନ ପରିବର୍ତ୍ତନ ହେବାର ସମ୍ଭାବନା ରହିଥାଏ। ମୂଳ ଆଭିମୁଖ୍ୟ କିନ୍ତୁ ଓଲଟପାଲଟ ହୁଏ ନାହିଁ। ଆଭିମୁଖ୍ୟ ସମୃଦ୍ଧ ହୁଏ।

ଓଡ଼ିଶାରେ ହୋଇଥିବା ୧୮୦୪ ମସିହା ଯୁଦ୍ଧର ସମସ୍ତ ଉପାଦାନ ଆମ ପାଖରେ ଅଛି। ଆମେ ନିରପେକ୍ଷ ଅନୁସନ୍ଧାନ କରି ଏହାକୁ ଆମର ଜାତୀୟବାଦୀ ଇତିହାସରେ ପରିଣତ କରିବା କଥା। ସେ ଦିଗରେ ଆମର ଅଭାବବୋଧ ହିଁ ଆମକୁ ପଛକୁ ପେଲି ଦେଇଛି। ନଇଲେ ଭାରତର ସ୍ୱାଧୀନତା ଇତିହାସରେ୧୮୦୪ ମସିହା ଯୁଦ୍ଧ ହିଁ ପ୍ରଥମ ଯୁଦ୍ଧ ଭାବରେ ସ୍ଥାନ ପାଇଥାନ୍ତା।


the scene during the uprising in 1804. Some scholars attribute this to his (Jagabandhu's) deliberate marginalization at that point of time, while others refer to his preferred inaction at the situation. In this connection, Prof. B.C. Ray in his book *Bakshi Jagabandhu*, has observed that, "*In this important war between the Khurda Raja and the British, it is expected that Jagabandhu as the Commander in Chief should have played a major role in the war, a life and death struggle of Khurda against the foreign power. But there is no trace of his name available in this fight either in British records or in any other indigenous documents. This clearly brings the impression that perhaps apprehending the loss of Khurda Kingdom, Jagabandhu was not in agreement with the view of Jayee Rajguru to fight with so great a power as British, who could defeat and ousted the Marathas from Orissa. Perhaps for that reason he is found to have kept himself aloof from so important an event.*" Again, he further observed that, "*In handling the affairs of relation with a great foreign power like the British, at the time of conquest of Orissa in 1803 A.D. Jagabandhu seems to have shown the temperament of reservation and caution than that of Rajguru.*"

ଡ. ବିଜୟ କୁମାର ରଥଙ୍କ ଲିଖିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି-କଲୋନିୟାଲ ରେଜିଷ୍ଟାନ୍ସ ଇନ ଖୁର୍ଦ୍ଧା' ପୁସ୍ତକର କିୟଦଂଶ।

ସର୍ବଭାରତୀୟ ସ୍ତରରେ ସ୍ୱୀକୃତ ହୋଇଥାନ୍ତା। ବାସ୍ତବରେ ଜୟୀ ରାଜଗୁରୁଙ୍କ ଯୁଦ୍ଧଠାରୁ ହିଁ ପାଇକ ବିଦ୍ରୋହ ଆରମ୍ଭ ହୋଇଥିଲା ଏବଂ ଏହା ୧୮୨୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୩ ବର୍ଷ ଧରି ଓଡ଼ିଶାରେ ଲାଗି ରହିଥିଲା। ୨୩ ବର୍ଷର ଯୁଦ୍ଧ ଇତିହାସକୁ କ୍ରମ ଅନୁଯାୟୀ ଉପସ୍ଥାପନ କରିଥିଲେ ଓଡ଼ିଶାର ଗୌରବ ବଢ଼ି ଥାଆନ୍ତା। ସିପାହି ବିଦ୍ରୋହକୁ ପ୍ରଥମ ଯୁଦ୍ଧ ବୋଲି ଇତିହାସକାରମାନେ ଗ୍ରହଣ କରିବା ପୂର୍ବରୁ ଅନେକଥର ଭାବିଥାନ୍ତେ। ଆମକୁ ସ୍ମରଣ ରଖିବାକୁ ହେବ ସିପାହି ବିଦ୍ରୋହ ମୂଳରୁ 'ଯୁଦ୍ଧ' ନ ଥିଲା, ତାହା ବି ଏକ ବିଦ୍ରୋହ ଥିଲା। ଅଥଚ ଓଡ଼ିଶାର ୧୮୦୪ ମସିହାରେ 'ଯୁଦ୍ଧ' ଆରମ୍ଭ ହୋଇଥିଲା, ବିଦ୍ରୋହ ନୁହେଁ।

ଆମେ ଇତିହାସରୁ ପାଉଛେ ସାମ୍ରାଜ୍ୟବାଦୀ ବିରୁଦ୍ଧ ଆନ୍ଦୋଳନରେ ବକ୍ସି ଜଗବନ୍ଧୁଙ୍କର ଭୂମିକା ଥିଲା। ସେଇ ଭୂମିକା ହିଁ ତାଙ୍କୁ ଖ୍ୟାତି ଆଣି ଦେଇଥିଲା। କିନ୍ତୁ ୧୮୦୪ ମସିହା ଯୁଦ୍ଧ ବେଳେ ତାଙ୍କ ଅନୁପସ୍ଥିତି ସ୍ପଷ୍ଟ। ଏହାକୁ ନିରପେକ୍ଷ ଭାବରେ ଉଲ୍ଲେଖ କରିଛନ୍ତି ଡ. ବିଜୟ କୁମାର ରଥ। ତାଙ୍କ ଲିଖିତ 'ଜୟୀ ରାଜଗୁରୁ ଆଣ୍ଡ ଆଣ୍ଟି-କଲୋନିୟାଲ ରେଜିଷ୍ଟାନ୍ସ ଇନ ଖୁର୍ଦ୍ଧା' ପୁସ୍ତକରେ ଆମକୁ ସବିଶେଷ ପ୍ରାମାଣିକ ଦଲିଲ ମିଳେ। ଏହି ପୁସ୍ତକଟିକୁ ଭୁବନେଶ୍ୱରର 'ଶିଶୁ କଲମ' ପ୍ରକାଶନ ସଂସ୍ଥା ପ୍ରକାଶିତ କରିଛନ୍ତି। ଭାରତର ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ନୂଆଦିଲ୍ଲୀଠାରେ ଏହି ପୁସ୍ତକକୁ ଲୋକାର୍ପଣ କରିଥିଲେ।


ତାପଙ୍ଗ ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ପ୍ରତିମୂର୍ତ୍ତି। (ଫଟୋ: ଲୋକନାଥ ମିଶ୍ର)

# 'ସୁନ୍ଦରୀ'ର ଗତିବିଧି ଉପରେ ନଜର

**ଭୁବନେଶ୍ୱର(ବ୍ୟୁରୋ)/ ବନ୍ତଲା, ୧୬।୯(ଡି.ଏନ.ଏ.)**

- ସାତକୋଶିଆରେ କେନ୍ଦ୍ରୀୟ ଟିମ୍
- ଅପରାହ୍ନରେ ଆଠମଲ୍ଲିକ ଟାଉନ ନିକଟରେ ଥିଲା
- ଟ୍ରାଙ୍କୁଲାଇଜ ପାଇଁ ଉପଯୁକ୍ତ ସମୟକୁ ଅପେକ୍ଷା

ସାତକୋଶିଆରେ ବାଘୁଣୀ 'ସୁନ୍ଦରୀ'ର ଗତିବିଧି ଉପରେ ନଜର ରଖିଛି ବନ ବିଭାଗ ଏବଂ କେନ୍ଦ୍ରୀୟ ଟିମ୍। ୱାଇଲ୍ଡଲାଇଫ୍ କ୍ରାଇମ କଣ୍ଟ୍ରୋଲ ବ୍ୟୁରୋ(ଡବ୍ଲ୍ୟୁସିସିବି) ଓ ୱାଇଲ୍ଡଲାଇଫ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ(ଡବ୍ଲ୍ୟୁଆଇଆଇ)ର ସଦସ୍ୟମାନେ 'ସୁନ୍ଦରୀ'ର ଆଚରଣ ଓ ବିଚରଣ ଉପରେ ୨୪ ଘଣ୍ଟା ନିରୀକ୍ଷଣ କରୁଛନ୍ତି। ବାଘୁଣୀକୁ କେମିତି ଧରାଯିବ ସେଥିପାଇଁ କେନ୍ଦ୍ରୀୟ ଟିମ୍ ପ୍ରୟାସ ଆରମ୍ଭ କରିଛି। ରବିବାର ସକାଳେ ସୁନ୍ଦରୀ ଆଠମଲ୍ଲିକ ଧଣ୍ଡାତୋପା ରେଞ୍ଜ କୁରାବ ଗାଁ ନିକଟ ଜଙ୍ଗଲରେ ଥିଲା। ଅପରାହ୍ନରେ ବିପ୍ରଡ଼ିହଠାରୁ ୧୫ କିଲୋମିଟର ଦୂର ଏବଂ ଆଠମଲ୍ଲିକ ଟାଉନଠାରୁ ୪ କିଲୋମିଟର ଦୂର ଏକ ବଡ଼ ପାହାଡ଼ର ୫ଶହ ମିଟର ଉଚ୍ଚରେ ଥିବା ଜଣାପଡ଼ିଛି।

ଡବ୍ଲ୍ୟୁସିସିବିର କ୍ରାଇମବ୍ରାଞ୍ଚ, ସିଆଇଡି ଓ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ ଟିମ୍ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଦେଇଥିବା ବେଳେ ଡବ୍ଲ୍ୟୁଆଇଆଇର ଡ. ରମେଶଙ୍କ ସହିତ ୬ ଜଣିଆ ଟିମ୍ ସୁନ୍ଦରୀ ଉପରେ ନଜର ରଖିଛନ୍ତି। ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସୌମ୍ୟକ ସାମନ୍ତରାୟଙ୍କ ସହିତ ୧୫୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଓ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ବାଘୁଣୀକୁ ଦେଖିବା ପାଇଁ ଆଠମଲ୍ଲିକରେ ଲୋକଙ୍କ ସୁଅ ଛୁଟିଛି। ତେବେ ବାଘୁଣୀ ଜଙ୍ଗଲ ଖୁଲ ପାହାଡ଼ ଉପରେ ଥିବାରୁ ତାକୁ ଟ୍ରାଙ୍କୁଲାଇଜ କରାଯାଇପାରୁ ନାହିଁ। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବା ପାଇଁ ଟିମ୍ ପ୍ରସ୍ତୁତ ଥିବାବେଳେ କେବଳ ଉପଯୁକ୍ତ ସମୟକୁ ଅପେକ୍ଷା କରାଯାଉଛି। ବାଘୁଣୀକୁ ଟ୍ରାଙ୍କୁଲାଇଜ କରିବା ପରେ ତାକୁ ଆଣି ଏନ୍‌କ୍ଲୋଜର ମଧ୍ୟରେ ରଖାଯିବ। ପ୍ରଥମେ ସୁନ୍ଦରୀକୁ କାବୁ କରାଯିବ, ଏହା ପରେ ତା'କୁ ସ୍ଥାନାନ୍ତର କରାଯିବ ନା ରଖାଯିବ ସେନେଇ ନିଷ୍ପତ୍ତି ଗ୍ରହଣ କରାଯିବ। ଅନ୍ୟପଟେ ମୃତ ମହିଳାଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ମଧ୍ୟ ଅପେକ୍ଷା କରାଯାଉଛି। ମହିଳାଙ୍କୁ ବାଘୁଣୀ ମାରିଛି କି ନାହିଁ ତାହା ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ନେଇ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ସୁଦର୍ଶନ ପଣ୍ଡା କୁହନ୍ତି, ଉଚ୍ଚ ପାହାଡ଼ ଖୁଲରେ ଥିବାରୁ ବାଘୁଣୀକୁ ଟ୍ରାଙ୍କୁଲାଇଜ କରାଯାଇପାରୁ ନାହିଁ। ଉପଯୁକ୍ତ ସମୟ ହେଲେ ଟ୍ରାଙ୍କୁଲାଇଜ କରାଯିବ।

### ■ ଶ୍ରୀମନ୍ଦିର ସଂସ୍କାର ମାମଲା
# ୨୦ରେ ଆସିବେ ଆମିକସ୍‌କ୍ୟୁରି

**ପୁରୀ ଅଫିସ, ୧୬।୯**

- ସୁପ୍ରିମ୍‌କୋର୍ଟଙ୍କ ୧୨ ପ୍ରସ୍ତାବ ଉପରେ ମତ ନେବେ
- ଶଙ୍କରାଚାର୍ଯ୍ୟ, ଗଜପତି, ଛତିଶା ନିଯୋଗ ସହ କରିବେ ଆଲୋଚନା

ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ବହୁ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସେହିପରି ପୁରୀ ଜିଲାଜଜ୍‌ଙ୍କ ସୁପାରିସକୁ ଆଧାର କରି ୧୨ଟି ପ୍ରସ୍ତାବ ମଧ୍ୟ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଆସନ୍ତା ୨୦ ତାରିଖରେ ପୁରୀ ଗସ୍ତରେ ଆସୁଥିବା ଜଣାପଡିଛି। ସେ ୨୧ ଓ ୨୨ ତାରିଖ ଦୁଇଦିନ ଧରି ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ଗଜପତି ମହାରାଜା ଦିବ୍ୟସିଂହ ଦେବ, ଜିଲାଜଜ୍, ଶ୍ରୀମନ୍ଦିର ପ୍ରଶାସନ ଓ ଛତିଶା ନିଯୋଗ ସହ ଶ୍ରୀମନ୍ଦିର ସଂସ୍କାର ନେଇ ଆଲୋଚନା କରିବେ। ବିଶେଷକରି ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ଉପରେ ସମସ୍ତଙ୍କଠାରୁ ମତ ସଂଗ୍ରହ କରିବେ। ଏହି ପ୍ରସ୍ତାବ ମଧ୍ୟରେ ଦାନ ଦକ୍ଷିଣା ଏବଂ ବଂଶାନୁକ୍ରମିକ ସେବକ ମୁଖ୍ୟ ପ୍ରସଙ୍ଗ ରହିବ ବୋଲି କୁହାଯାଉଛି।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ସୁପ୍ରିମ୍‌କୋର୍ଟ ଦାନ ଦକ୍ଷିଣା ଆଦାୟ ଉପରେ ରୋକ୍ ଲଗାଇଛନ୍ତି। ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହେଲେ ସେବାୟତଙ୍କ ବଂଶାନୁକ୍ରମିକ ସେବା ପ୍ରତି ବିପଦ ସୃଷ୍ଟି ହେବ। ଦାନ ଦକ୍ଷିଣା ଆଦାୟ କରିପାରିବେ ନାହିଁ କି ରୋଷ ଚୁଲି ଉପରେ ସେମାନଙ୍କର ଅଧିକାର ରହିବ ନାହିଁ। ଏହାକୁ ନେଇ ଚିନ୍ତାରେ ପଡିଛନ୍ତି ସେବାୟତ। ନିଜ ସେବା, ଅଧିକାରକୁ ସୁରକ୍ଷିତ ରଖିବା ପାଇଁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ସାକ୍ଷାତ୍ କରିଛନ୍ତି। ଆଇନଜୀବୀଙ୍କଠାରୁ ପରାମର୍ଶ ମଧ୍ୟ ନେଇଛନ୍ତି। ହେଲେ ସବୁଠି ମିଳିଥିବା ଆଶ୍ୱାସନାକୁ ଭରସା କରିପାରୁ ନାହାନ୍ତି ସେବାୟତ। ତେଣୁ ସର୍ବୋଚ୍ଚ ଅଦାଲତଙ୍କ ପ୍ରତିଟି ପ୍ରସ୍ତାବ ସଂକ୍ରାନ୍ତରେ ଆମିକସ୍‌କ୍ୟୁରିଙ୍କୁ ଜଣାଇବା ଲାଗି ସେମାନେ ଅପେକ୍ଷା କରି ରହିଛନ୍ତି। ଏହି ଆଲୋଚନା ଲାଗି ସେବାୟତଙ୍କ ପକ୍ଷରୁ ଏକ ଲିଗାଲ ସେଲ୍ ଟିମ୍ ଗଠନ କରାଯାଇଛି। ସୂଚନାଥାଉ କି, ସେପ୍ଟେମ୍ବର ୫ରେ ଏହି ମାମଲାର ଶୁଣାଣି ରହିଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ଶୁଣାଣି ବାତିଲ ହୋଇଥିଲା। ଆମିକସ୍‌କ୍ୟୁରି ପୁରୀ ଗସ୍ତରେ ଆସି ନ ଥିବାରୁ ଶୁଣାଣି ବାତିଲ ହୋଇଥିବା କୁହାଯାଉଛି।

# ବୌଦ୍ଧ କୀର୍ତ୍ତିରାଜିକୁ ଅଣଦେଖା

**ଭୁବନେଶ୍ୱର, ୧୬।୯(ବ୍ୟୁରୋ)**

- ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ମିଳୁନି ଗୁରୁତ୍ୱ
- ଓଡ଼ିଶାକୁ ଛୁଉଁନି ମହା-ପରିନିର୍ବାଣ ଏକ୍ସପ୍ରେସ୍



ବୌଦ୍ଧ କୀର୍ତ୍ତିରାଜିକୁ ନେଇ ଓଡ଼ିଶାବାସୀ ଗର୍ବ କରୁଛନ୍ତି। ରତ୍ନଗିରି, ଉଦୟଗିରି, ଲଳିତଗିରି, ଲାଙ୍ଗୁଡି ପରି ଏକାଧିକ ବୌଦ୍ଧ କୀର୍ତ୍ତିରାଜିକୁ ଦେଶ, ବିଦେଶରେ ପ୍ରଦର୍ଶନ କରି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି ରାଜ୍ୟ ସରକାର। ରୋଡ୍ ଶୋ', ବିଭିନ୍ନ ପର୍ଯ୍ୟଟକ କନ୍‌କ୍ଲେଭ୍‌ରେ ବି କୀର୍ତ୍ତିରାଜିକୁ ପ୍ରଦର୍ଶିତ କରାଯାଉଛି। ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ବୌଦ୍ଧ ସମ୍ମିଳନୀ ମଧ୍ୟ ହେଉଛି। ଦେଶ, ବିଦେଶର ବୌଦ୍ଧ ଭିକ୍ଷୁମାନେ ଏଥିରେ ସାମିଲ ହେଉଛନ୍ତି। ହେଲେ କେନ୍ଦ୍ର ସରକାର ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜିକୁ ଆଜି ପର୍ଯ୍ୟନ୍ତ ଗୁରୁତ୍ୱ ଦେଉନାହାନ୍ତି। ଗତ ୧୪ ବର୍ଷ ମଧ୍ୟରେ ଦେଶରେ ୬ଟି ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଓଡ଼ିଶାରେ ଏହା ଗୋଟିଏଥର ବି ହୋଇନାହିଁ। ବିହାର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶକୁ ଯେଉଁ ପରିମାଣରେ ପ୍ରାଧାନ୍ୟ ଦିଆଯାଇଛି ଓଡ଼ିଶା ପ୍ରତି ସେଭଳି ମନୋଭାବ ପୋଷଣ କରାଯାଇ ନାହିଁ। ଫଳରେ ଏବେ ବି ଓଡ଼ିଶା ବୌଦ୍ଧ କୀର୍ତ୍ତିରାଜିର ପ୍ରଚାର ପ୍ରସାର କ୍ଷେତ୍ରରେ ବହୁ ପଛରେ ପଡ଼ିଛି। ଅନ୍ତର୍ଜାତୀୟସ୍ତରରେ ପରିଚିତ ହୋଇପାରୁ ନ ଥିବାରୁ ପ୍ରତିବର୍ଷ ପ୍ରାୟ ୫ ହଜାର ଦେଶୀ, ବିଦେଶୀ ପର୍ଯ୍ୟଟକ ହରାଉଛି ଓଡ଼ିଶା।

୨୦୦୪ରୁ ୨୦୧୮ ମଧ୍ୟରେ ୬ଟି ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପ୍ରଥମ ସମ୍ମିଳନୀ ଦିଲ୍ଲୀ ଓ ବୋଧଗୟାରେ ହୋଇଥିବା ବେଳେ ୨୦୧୦ରେ ଦ୍ୱିତୀୟ ସମ୍ମିଳନୀ ନାଳନ୍ଦା ଓ ବୌଧଗୟାରେ ଅନୁଷ୍ଠିତ ହୋଇଥିଲା। ୨୦୧୨ ଓ ୨୦୧୪ରେ ବାରାଣସୀ ଓ ବୋଧଗୟାରେ ସମ୍ମିଳନୀ ଆୟୋଜନ କରିଥିଲା କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ। ୨୦୧୬ରେ ମଧ୍ୟ ସାରନାଥ/ବାରାଣସୀ ଓ ବୋଧଗୟାରେ ଏହି ସମ୍ମିଳନୀ ହୋଇଥିଲା। ୨୦୧୮ ଅଗଷ୍ଟ ୨୪ରୁ ୨୬ ମଧ୍ୟରେ ନୂଆଦିଲ୍ଲୀ ଓ ମହାରାଷ୍ଟ୍ରର ଅଜନ୍ତାରେ ଏହି ସମ୍ମିଳନୀ କରାଯାଇଥିଲା। ମହାରାଷ୍ଟ୍ର, ବିହାର ଓ ଉତ୍ତର ପ୍ରଦେଶ ସରକାର ଏଥିରେ ସହଯୋଗ କରିଥିଲେ। ବାଂଲାଦେଶ, ଇଣ୍ଡୋନେସିଆ, ମ୍ୟାନ୍‌ମାର ଓ ଶ୍ରୀଲଙ୍କାର ମନ୍ତ୍ରୀସ୍ତରୀୟ ପ୍ରତିନିଧିଙ୍କ ସମେତ ୨୯ଟି ଦେଶର ପ୍ରତିନିଧି ଏଥିରେ ଭାଗନେଇଥିଲେ। ସେହିଭଳି ସମ୍ମିଳନୀରେ ଯୋଗଦେଇଥିବା ବୌଦ୍ଧ ଭିକ୍ଷୁଙ୍କୁ ରାଜଗିରି, ନାଳନ୍ଦା, ବିହାରର ବୋଧଗୟା, ଉତ୍ତରପ୍ରଦେଶର ସାରନାଥ ପ୍ରଭୃତି ସ୍ଥାନକୁ ନିଆଯାଇଥିଲା। ତେବେ ଏତେଥର ଏହି ସମ୍ମିଳନୀ ହେଉଥିଲେ ମଧ୍ୟ ଓଡ଼ିଶାରେ ଏହାର ଆୟୋଜନ ତ ଦୂରର କଥା ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜିକୁ ମଧ୍ୟ ଏଥିରେ ପ୍ରାଧାନ୍ୟ ଦିଆଯାଉ ନାହିଁ ବୋଲି ଭାଗନେଇଥିବା ଟୁର ଅପରେଟରମାନେ ମତ ପ୍ରକାଶ କରିଛନ୍ତି।

କେବଳ ସମ୍ମିଳନୀ ନୁହେଁ, ଦେଶର ବୌଦ୍ଧ କୀର୍ତ୍ତିରାଜି ମଧ୍ୟଦେଇ ଚଳାଚଳ କରୁଥିବା ମହା-ପରିନିର୍ବାଣ ଏକ୍ସପ୍ରେସ୍ ଓଡ଼ିଶା ଦେଇ ଯାଉନାହିଁ। ବୋଧଗୟା, ରାଜଗିରି, ନାଳନ୍ଦା, ସାରନାଥ, କାଶୀନଗର ଲୁମ୍ବିନ୍, ସାରବସ୍ତି ପ୍ରଭୃତି ବୌଦ୍ଧ କୀର୍ତ୍ତିରାଜି ମଧ୍ୟଦେଇ ଏହା ଯାତାୟାତ କରୁଛି। ତେଣୁ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ସମ୍ପୃକ୍ତ ସ୍ଥାନ ବୁଲିବା ସହ ବୌଦ୍ଧ କୀର୍ତ୍ତିରାଜି ସମ୍ପର୍କରେ ଜାଣିପାରୁଛନ୍ତି। ମାତ୍ର ଏଥିରେ ଓଡ଼ିଶାକୁ ଅବହେଳା କରାଯାଉଛି। ଏ ନେଇ ଗତ ମାସରେ ଭୁବନେଶ୍ୱରରେ ଅନୁଷ୍ଠିତ ପର୍ଯ୍ୟଟନ ସମ୍ମିଳନୀରେ ଜଣେ ବ୍ୟକ୍ତି ପ୍ରଶ୍ନ ଉଠାଇଥିଲେ। ମହା-ପରିନିର୍ବାଣ ଏକ୍ସପ୍ରେସ୍ ଓଡ଼ିଶା ନିକଟ ଦେଇ ଯାଉଥିଲେ ମଧ୍ୟ ଓଡ଼ିଶାକୁ କାହିଁକି ଆସୁନାହିଁ ବୋଲି ପ୍ରଶ୍ନ କରିଥିଲେ। ଏହାର ଜବାବରେ ସମ୍ମିଳନୀରେ ଭାଗନେଇଥିବା କେନ୍ଦ୍ର ସରକାରଙ୍କ ଜଣେ ପ୍ରତିନିଧି କହିଥିଲେ ଯେ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଦେଇ ଏହି ଟ୍ରେନ୍ ଚଳାଚଳ କରୁଛି। ସମ୍ପୃକ୍ତ ରାଜ୍ୟ ସରକାରଙ୍କ ପ୍ରସ୍ତାବ ଆଧାରରେ ରେଳ ମନ୍ତ୍ରଣାଳୟ ଏହି ଟ୍ରେନ୍ ଚଲାଉଛି। ଆସାମ, ବିହାର ପରି ରାଜ୍ୟ ଏଥିପ୍ରତି ଆଗ୍ରହ ଦେଖାଇଥିବା ବେଳେ ଓଡ଼ିଶା ସରକାର କୌଣସି ପ୍ରସ୍ତାବ ଦେଇନାହାନ୍ତି। ଓଡ଼ିଶା ସରକାର ଏଥିଲାଗି ଆଗେଇ ଆସିବା ଦରକାର। ଏ ନେଇ ପ୍ରସ୍ତାବ ଦେବାର ଆବଶ୍ୟକତା ରହିଛି ବୋଲି ଅଧିକାରୀ ଜଣକ ମତ ଦେଇଥିଲେ।


## IFB IDENTIFICATION NO. EEBLGR-online-08/2018-19

1. Name of work : Periodical Maintenance for the road Such as providing SDBC work
2. Total no. of works : 2 (Two) nos.
3. Approximate Estimated Cost : Varies from 57.46 lakhs to 75.15 lakhs.
4. Time for completion : 4 (Four) Calandar months
5. Mode of Submission of tender : Tender should be submitted online in www.tenders.ori.nic.in
6. Other details are as follow : As per TCN No.EEBLGR-online-8/2018-19

No.760-O

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W.Divn., Bolangir | Online Tender/08/ BLGR | 18.09.2018 At 11.00 A.M. | 29.09.2018 upto 5.00 P.M. | 28.09.2018 upto 1.00 P.M. | 03.10.2018 at 11.00 A.M. | The date will be intimated to the technically qualified bidders later on |

• Further details can be seen from the website **www.tenders.ori.nic.in**.
• Any Corrigendum/Addendum will be displayed in the above e- tender website only.

25068/11/0005/1819 **Executive Engineer, R.W Division, Bolangir**



## Office of the Collector & District Magistrate, Balasore
(Tourism Section)

**No.598** **Date: 06.09.18**

## EXPRESSION OF INTEREST

No16-R: Government of Odisha have launched a scheme, namely "Baristha Nagarika Tirtha Yatra Yojana" for senior Citizens of the State for realisation of their lifelong dream of having one Tirtha Darshan (Pilgrimage) in collaboration with IRCTC (A Govt. of India undertaking).

Expression of Interest is invited from reputed Event Management Agencies/Firms with experience in erection of tents for temporary accommodation/ outdoor catering / event management for making arrangement of accommodation, food & other logistic for 1000 nos. of pilgrims each who shall be travelling by train on a pilgrim tour from Balasore. The Agency shall arrange all pre-post travel requirements for these pilgrims before boarding & after completion of the tour in the above location.

Last date of submission of EOI is **28.09.2018** upto **3 P.M.**

The Terms of References may be collected from the District Tourist Office, Government of Odisha, Balasore or may be downloaded from the district website **www.baleswar.nic.in**.

24167/11/0003/1819 **Sd./- Collector & D.M., Balasore**



## GOVERNMENT OF ODISHA
## DEPARTMENT OF WATER RESOURCES
### OFFICE OF THE EXECUTIVE ENGINEER
### KANDHAMAL MINOR IRRIGATION DIVISION, PHULBANI

No.461-A

## e-Procurement Notice
**BID IDENTIFICATION NO-Plb-MI-E-3/2018-19**

| | |
|---|---|
| Name of work | Construction of Check Dams under Mukhyamantri Adibandha Tiari Yojana. |
| No. Works | 57 (fifty seven) No. |
| Estimated Cost | Varies from Rs. 21.72 lakh to Rs.47.35 lakh Approximately |
| Tender paper cost | Rs.6000.00 and Rs.10000.00 (Non- refundable) |
| Period of completion | 5 (five) Calendar months including rainy season. |
| Availability of Bid documents | From 10.00 AM of 24.9.2018 to 16.00 hrs of 4.10.2018 in website (www.tendersodisha.gov.in) |
| Time of receipt of bid through online | From 10.00 AM of 24.9.2018 to 16.00 hrs of 4.10.2018 through online |
| Date of opening of bid documents | At 11.00 hrs of 5.10.2018 in the O/O E.E., K.M.I. Division, Phulbani |
| Digital signature certificate | The bidder must possess compatible digital signature certificate (DSC) of class II or class-III |

The detail tender call notice can also be seen in the DOWR website **http/dowrorissa.gov.in**.

Name and address of the OIT:- Executive Engineer, K.M.I. Division, Phulbani, Ph No.06842- 253634, Fax:-06842-253816, E-mail: kmidplb@gmail.com

Further details can be seen from the e-procurement market place, **http//www.tendersodisha.gov.in**.

**(Er. Bishnupada Pattayat)**
**Executive Engineer**
**Kandhamal M.I. Division, Phulbani**

32040/11/0003/1819

# କିଡ୍‌ନୀ : କିଛି କଥା



ଶରୀରର ପ୍ରମୁଖ ଅଙ୍ଗ ମଧ୍ୟରୁ କିଡ୍‌ନୀ ଅନ୍ୟତମ। ଏଥିରେ କିଛି ସମସ୍ୟା ଦେଖାଦେଲେ ତାହାକୁ ଅବହେଳା କରିବା ଉଚିତ ନୁହେଁ। ଶରୀର ଭିତରେ ପ୍ରବାହିତ ହେଉଥିବା ରକ୍ତକୁ କିଡ୍‌ନୀ ବିଶୋଧନ କରି ସେଥିରୁ ବିଷାକ୍ତ ତତ୍ତ୍ୱକୁ ନିଷ୍କାସନ କରିଥାଏ। ତେବେ ଏଥିରେ କିଛି ସମସ୍ୟା ଦେଖାଦେଲେ ଜାଣିବେ କିପରି ? କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ପ୍ରଥମେ ହାତଗୋଡ଼ ଫୁଲିଯାଏ। ରକ୍ତଚାପ ଅସନ୍ତୁଳିତ ରହେ। ଅସ୍ଥିର ଯୋଡାସ୍ଥଳୀରେ ଦରଜ ଅନୁଭୂତ ହୁଏ। ଦୁର୍ବଳ ଲାଗେ। ବାନ୍ତି ଉଠାଏ, ହୁଏ ମଧ୍ୟ। ନିଦ୍ରାଜନିତ ସମସ୍ୟା ଦେଖାଦିଏ। କିଡ୍‌ନୀ ରୋଗ ବଢ଼ିଗଲେ ଶ୍ୱାସକ୍ରିୟାରେ ବାଧା ସୃଷ୍ଟିହୁଏ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ ପ୍ରଚୁର ପାଣି ପିଅନ୍ତୁ। କିଡ୍‌ନୀ ସମସ୍ୟା ଦେଖାଦେଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ତେଣୁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଡାଲି, ପନିର, ମାଛମାଂସ, ସୋୟାବିନ ଆଦି ଖାଆନ୍ତୁ, ଯେଉଁଥିରେ ପ୍ରୋଟିନ୍ ଭରି ରହିଛି। ପ୍ରତିଦିନ ଅତିକମ୍‌ରେ ୫ଗ୍ରାମ ଲୁଣ ଖାଆନ୍ତୁ। ନିଶାଦ୍ରବ୍ୟ ସେବନ କରୁଥିଲେ ସେପରି ଅଭ୍ୟାସ ତୁରନ୍ତ ପରିହାର କରନ୍ତୁ। ଯଦି କିଡ୍‌ନୀଜନିତ ସମସ୍ୟାର କୌଣସି ଲକ୍ଷଣ ଅନୁଭବ କରୁଛନ୍ତି ତେବେ ବିଳମ୍ବ ନ କରି କିଡ୍‌ନୀ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

# ବର୍ଷାଦିନେ ସକ୍ରିୟ ରହିବ ପାଚନକ୍ରିୟା



- ସନ୍ତୁଳିତ ତଥା ପୋଷକତତ୍ତ୍ୱଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବର୍ଷାଦିନେ ଅଧିକ ପରିମାଣରେ ସାଲାଡ ଖାଆନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। କାରଣ ଏହି ଦିନରେ କଞ୍ଚା ଖାଦ୍ୟରେ ଅଧିକ ପରିମାଣରେ ବ୍ୟାକ୍ଟେରିଆ ରହିଥାଆନ୍ତି।
- ଏହି ଦିନରେ ଯଦି ଘରେ ବ୍ରେଡଜାତୀୟ ଖାଦ୍ୟ ରଖୁଛନ୍ତି ତେବେ ତାହାକୁ ଅଧିକ ଦିନ ରଖନ୍ତୁ ନାହିଁ। କାରଣ ଅଧିକ ଦିନ ରହିବା ଦ୍ୱାରା ସେଥିରେ ଫିମ୍ପି ହୋଇଯାଏ, ଯାହା ଶରୀର ପାଇଁ କ୍ଷତିକାରକ।
- ରାସ୍ତାକଡରେ ଉଠା ଦୋକାନ କିମ୍ବା ଢାବାରେ ପ୍ରସ୍ତୁତ ଖାଦ୍ୟ ଯେତେ କମ ଖାଇବେ ସେତେ ଭଲ। କାରଣ ଏଭଳି ଖାଦ୍ୟ ପାଚନକ୍ରିୟାକୁ ପ୍ରଭାବିତ କରିଥାଏ।
- ବର୍ଷାଦିନେ ଏପରି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପେଟରେ ଗ୍ୟାଷ୍ଟ୍ରିକଜନିତ ସମସ୍ୟା ସୃଷ୍ଟି କରିବ।
- ବର୍ଷାଦିନେ ଅଧିକ ପରିମାଣରେ ମାଛ, ମାଂସ ଆଦି ଖାଆନ୍ତୁ ନାହିଁ। କାରଣ ଏଥିରୁ ଫୁଡ୍ ପଏଜନିଂର ଭୟ ରହିଛି।

# ବୁଦ୍ଧିମତ୍ତାକୁ ପ୍ରଭାବିତ କରେ ଅତ୍ୟଧିକ ଧୂମପାନ



ଧୂମପାନର କୁପ୍ରଭାବ ଶରୀର ଉପରେ ପଡୁଛି ବୋଲି ଜାଣି ମଧ୍ୟ ଅନେକେ ଏହାକୁ ଅଭ୍ୟାସରେ ପରିଣତ କରିଥାଆନ୍ତି। ପରବର୍ତ୍ତୀ ସମୟରେ ଏହା କବଳରୁ ମୁକୁଳିବା କଷ୍ଟକର ହୋଇଥାଏ। ଯଦି ଜଣେ ବ୍ୟକ୍ତି ଅତ୍ୟଧିକ ଧୂମପାନ କରୁଥାଆନ୍ତି ତେବେ ତାହା ଦ୍ୱାରା ତାଙ୍କର ବୁଦ୍ଧିମତ୍ତା ପ୍ରଭାବିତ ହୋଇଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଏହାବ୍ୟତୀତ ଜଣେ ସାଧାରଣ ମଣିଷ ଏବଂ ଧୂମପାନ କରୁଥିବା ମଣିଷ ଆୟୁଷରେ ଫରକ ରହିଥାଏ। ଧୂମପାନ କରୁଥିଲେ ସେମାନଙ୍କର ଆୟୁଷ ସାଧାରଣ ମଣିଷର ଆୟୁଷଠାରୁ ପାଖାପାଖି ୧୦ବର୍ଷ କମ୍ ହୋଇଥାଏ ବୋଲି ମତ ଦେଇଛନ୍ତି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ। ଅତ୍ୟଧିକ ଧୂମପାନ ଦ୍ୱାରା ଜଣେ ବ୍ୟକ୍ତିର ବୁଦ୍ଧିମତ୍ତା ପ୍ରଭାବିତ ହେବା ସହ ମାନସିକ ସ୍ତରରେ ଧୀରେ ଧୀରେ ଦୁର୍ବଳ ଅନୁଭବ କରିଥାଆନ୍ତି ବୋଲି ଏହି ଗବେଷଣାରୁ ଜଣାପଡିଛି।



# ଡେଙ୍ଗୁର ଆୟୁର୍ବେଦୀୟ ଉପଚାର

> "ଜ୍ୱର, ଶରୀରରେ ତାପମାତ୍ରା ବୃଦ୍ଧି, ମୁଣ୍ଡ ବିନ୍ଧା, ଆଖି ପଛପଟ ବ୍ୟଥା, ବାନ୍ତି ଲାଗିବା, ଗଣ୍ଠି ବ୍ୟଥା, ମାଂସପେଶୀ ବ୍ୟଥା, ଶରୀରରେ ଲାଲ ଲାଲ ଚକଡା ଦେଖାଦେବା, ଦୁର୍ବଳ ଲାଗିବା, ପାଦ ତଳ ଭାଗ କୁଣ୍ଡାଇ ହେବା ଆଦିକୁ ଡେଙ୍ଗୁର ଲକ୍ଷଣ ଭାବରେ ନିଆଯାଇଥାଏ। ଜଣେ ସୁସ୍ଥ ବ୍ୟକ୍ତିଙ୍କର ରକ୍ତରେ ପ୍ଲେଟଲେଟ୍ ପରିମାଣ ଏକଲକ୍ଷରୁ ୪.୫ ଲକ୍ଷ ଥିବା ବେଳେ ଏହା ୪–୫ ହଜାରକୁ କମି ଆସେ। ରୋଗୀର ନାକ, ମୁହଁ, ତ୍ୱଚା, ପରିସ୍ରାଦ୍ୱାର ଦେଇ ରକ୍ତ କ୍ଷରଣ ହୋଇଥାଏ।"



ଡା. ଆଶିଷ ବାନାର୍ଜୀ

ଡେଙ୍ଗୁ ଏକ ମାରାତ୍ମକ ଜ୍ୱର। ଏହା ଏକ ମଶାବାହକ ରୋଗ। ଏହି ମଶା ଡେଙ୍ଗୁ ରୋଗୀକୁ ଦଂଶନ କରି ତାହାର ରକ୍ତକୁ ଶୋଷେ ଏବଂ ଏହି ରକ୍ତ ଉକ୍ତ ମଶା ପେଟରେ ୮–୧୦ଦିନ ପର୍ଯ୍ୟନ୍ତ ରହିଥାଏ। ଯଦି ଏହି ମଶା କୌଣସି ସୁସ୍ଥ ବ୍ୟକ୍ତିଙ୍କୁ ଦଂଶନ କଲା ତେବେ ସେହି ବ୍ୟକ୍ତିଠାରେ ଡେଙ୍ଗୁର ଲକ୍ଷଣ ପ୍ରକାଶ ପାଇଥାଏ। ବୁଦା, ସନ୍ତସନ୍ତିଆ ଜାଗା, ଅନେକ ଦିନ ପର୍ଯ୍ୟନ୍ତ ପାଣି ଜମି ରହୁଥିବା ସ୍ଥାନରେ ଏଭଳି ମଶା ନିଜର ବଂଶ ବିସ୍ତାର କରିଥାଆନ୍ତି। ଏହି ମଶା ସୁସ୍ଥ ମଣିଷକୁ କାମୁଡିଲେ ତାହାର ସିଧାସଳଖ ପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡିଥାଏ। ଫଳରେ ରକ୍ତରେ ଅନ୍ୟୁଚକ୍ରିକା ବା ପ୍ଲେଟଲେଟ ପରିମାଣ କମିବାକୁ ଲାଗେ। ଏହାଦ୍ୱାରା ଶରୀରରୁ ରକ୍ତ କ୍ଷରଣ ହୋଇଥାଏ, ଯାହାଦ୍ୱାରା ରୋଗୀ ଦୁର୍ବଳ ଏବଂ ନିସ୍ତେଜ ହୋଇପଡେ।

**କିପରି ଜାଣିବେ :** ଜ୍ୱର, ଶରୀରରେ ତାପମାତ୍ରା ବୃଦ୍ଧି, ମୁଣ୍ଡ ବିନ୍ଧା, ଆଖି ପଛପଟ ବ୍ୟଥା, ବାନ୍ତି ଲାଗିବା, ଗଣ୍ଠି ବ୍ୟଥା, ମାଂସପେଶୀ ବ୍ୟଥା, ଶରୀରରେ ଲାଲ ଲାଲ ଚକଡା ଦେଖାଦେବା, ଦୁର୍ବଳ ଲାଗିବା, ପାଦ ତଳ ଭାଗ କୁଣ୍ଡାଇ ହେବା ଆଦିକୁ ଡେଙ୍ଗୁର ଲକ୍ଷଣ ଭାବରେ ନିଆଯାଇଥାଏ। ଜଣେ ସୁସ୍ଥ ବ୍ୟକ୍ତିଙ୍କର ରକ୍ତରେ ପ୍ଲେଟଲେଟ୍ ପରିମାଣ ଏକଲକ୍ଷରୁ ୪.୫ ଲକ୍ଷ ଥିବା ବେଳେ ଏହା ୪–୫ ହଜାରକୁ କମି ଆସେ। ରୋଗୀର ନାକ, ମୁହଁ, ତ୍ୱଚା, ପରିସ୍ରାଦ୍ୱାର ଦେଇ ରକ୍ତ କ୍ଷରଣ ହୋଇଥାଏ। ଏପରି କି ଅବହେଳା କାରଣରୁ ରୋଗୀ ମୃତ୍ୟୁବରଣ କରିଥାଏ।

**ଆୟୁର୍ବେଦୀୟ ଉପଚାର :** ଗୁଡୁଚି, ଅଦା, ତୁଳସୀ, ଅଳେଇଚ କ୍ୱାଥ ଦିନକୁ ଦୁଇ ଥର ଖାଆନ୍ତୁ। ଅମୃତଭଣ୍ଡା ପତ୍ର ରସ ୧୦–୨୦ ମିଲି ୨–୩ ଥର ଦେବେ। ପାଚିଲା ଅମୃତଭଣ୍ଡା ଖାଇଲେ କିଛି କ୍ଷତି ନାହିଁ। ଗହମ ଚାରା ଗଛର ୧୫୦ ମିଲି ରସ ଦିନକୁ



ଥରେ ପିଇବେ। ବୈତାଳୁରେ ପ୍ରଚୁର ପରିମାଣରେ ଭିଟାମିନ–କେ ଥାଏ, ଯାହା କି ରକ୍ତ ସ୍ପନ୍ଦନରେ ସହାୟକ ହୋଇଥାଏ। ଏହାର ତରକାରି ବା ସିଝା ବା ୧୫୦ ମିଲି ରସ ସହ ମହୁ ଏକ ଚାମଚ ମିଶାଇ ପିଇବେ। ତୁଳସୀ ରସ ବା ଡାଳକୁ ୧୫୦–୨୦୦ ମିଲି ପାଣିରେ ଫୁଟାଇ ତା' ସହ ତୁଳସୀ ପତ୍ର ୭ଟି, ଅଳ୍ପ ଗୁଆଣି, ଅଦା ମିଶାଇ ଉଷୁମ କରି ପିଇବେ।

**ଆହାର :** ଏହି ଜ୍ୱର ହେଲେ ଔଷଧ ସହ କ୍ଷୀର, ସାଗୁ, ଫୁଟାପାଣି ଥଣ୍ଡା କରି ପ୍ରଚୁର ପରିମାଣରେ ପିଇବେ। ବେଦନା, ମୌସୁମୀ ରସ, ପଇଡ ପାଣି ପିଇବେ।

**ମନେ ରଖନ୍ତୁ :** ଡେଙ୍ଗୁ ଜ୍ୱରକୁ ଅବହେଳା କରନ୍ତୁ ନାହିଁ। ପ୍ରଥମେ ଏହାର ଲକ୍ଷଣ ପ୍ରତି ଅବଗତ ରହନ୍ତୁ। ଯଦି କୌଣସି ଲକ୍ଷଣ ପ୍ରକାଶ ପାଇଲା ତେବେ ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲରେ ଥିବା ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରାତିରେ ମଶାରି ଟାଙ୍ଗି ଶୁଅନ୍ତୁ। ଏହାକୁ ଏପରି ଟାଙ୍ଗନ୍ତୁ ଯେପରି ଏହାର ତଳପଟ ଦେଇ ମଶା ପଶି ନ ପାରିବେ। ଡେଙ୍ଗୁଠାରୁ ଦୂରେଇ ରହିବା ପାଇଁ ନିଜକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ। ଅପରିଷ୍କାର ପୋଷାକ ପିନ୍ଧନ୍ତୁ ନାହିଁ। ଅଳିଆ ଆବର୍ଜନା ପଡିଥିବା ସ୍ଥାନଠାରୁ ନିଜକୁ ଦୂରେଇ ରଖନ୍ତୁ। ଯଦି ଆପଣ ଡେଙ୍ଗୁ ଦ୍ୱାରା ଆକ୍ରାନ୍ତ ବୋଲି ଜଣାପଡିଲା ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସା କରାଇ ନିଅନ୍ତୁ। ଡେଙ୍ଗୁ ବିଷୟରେ ଯଦି ଆପଣଙ୍କର ସବିଶେଷ ଜ୍ଞାନ ନାହିଁ, ତେବେ ଅନ୍ୟମାନଙ୍କୁ ପରାମର୍ଶ ଦିଅନ୍ତୁ ନାହିଁ। ଡେଙ୍ଗୁ ବିଷୟରେ ଭଲ ଭାବରେ ଜାଣିବା ପାଇଁ ନିକଟସ୍ଥ ହସ୍‌ପିଟାଲକୁ ଯାଇ ସେଠାରେ ଥିବା ଡାକ୍ତରଙ୍କ ନିକଟରୁ ଏ ସମ୍ପର୍କରେ ଠିକିନିଖି ବୁଝିନିଅନ୍ତୁ।

–ଆନନ୍ଦ ବଜାର,
ବେତନଟୀ, ମୟୂରଭଞ୍ଜ
ମୋ : ୯୮୬୧୩୭୪୩୮୫

# ଜାଗତିକ ଉଷ୍ଣତା ଓ ନିଦ୍ରାହୀନତା



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା



ମଣିଷ ତଥାକଥିତ ପ୍ରଗତି ପଛରେ ଅନ୍ଧ ଭାବେ ଧାଇଁବା ଏବଂ ଯନ୍ତ୍ର ଉପରେ ଅଧିକରୁ ଅଧିକ ନିର୍ଭରଶୀଳ ହେବାର ପରିଣାମ ସ୍ୱରୂପ ବଢ଼ିଚାଲିଥିବା ସବୁଜଗୃହ ବାଷ୍ପର ନିର୍ଗମନ ହେତୁ ଘଟୁଥିବା ଜାଗତିକ ଉଷ୍ଣତା ବୃଦ୍ଧିର ଭୌତିକ ଜଗତ ଉପରେ ପଡୁଛି ଅତି ବ୍ୟାପକ ପ୍ରଭାବ। ଏଣୁ ଏହାର ହ୍ରାସ ପାଇଁ ବିଭିନ୍ନ ମହଲରେ ଚାଲିଛି ତୁହାକୁ ତୁହା ବିଚାର ଆଲୋଚନା। କୋପେନ୍‌ହାଗେନ୍ ଠାରୁ ପ୍ୟାରିସ୍ ମଧ୍ୟରେ କେତେ କ'ଣ ନିଷ୍ପତ୍ତି ନିଆଗଲାଣି ଏହାକୁ ନିୟନ୍ତ୍ରିତ କରିବାକୁ। ବୈଜ୍ଞାନିକମାନେ ଗୋଟିକ ପରେ ଗୋଟିଏ କରି ନୂତନ ମାର୍ଗ ଦେଖାଇ ଚାଲିଛନ୍ତି ସବୁଜଗୃହ ବାଷ୍ପର ନିର୍ଗମନକୁ ପ୍ରତିହତ କରିବା ପାଇଁ। କିନ୍ତୁ, ତାହା ସମ୍ଭବ ହେଉନି। ଫଳରେ ବାୟୁରେ ଅଙ୍ଗାରକାମ୍ଳର ମାତ୍ରା ଅତିକ୍ରମ କରିସାରିଲାଣି। ନିରାପଦ ସ୍ତର ରୂପେ ପରିଗଣିତ ନିୟୁତ ପ୍ରତି ୪୦୦ ଭାଗକୁ। ଫଳରେ ସମ୍ଭବତଃ ଜାଗତିକ ଉଷ୍ଣତା ଏକ ଅଣଲେଉଟା ଅବସ୍ଥାରେ ପହଞ୍ଚି ସାରିଲାଣି। ତଥାପି ଆମର ଚେତନା ଉଦୟ ହେଉନି। ବିକାଶର ଦ୍ୱାହିଦେଇ, ବିଶେଷକରି ଅଧିକ ନିର୍ଗମନ ଘଟାଉଥିବା ଶିଳ୍ପୋନ୍ନତ ଦେଶମାନେ ଏହାକୁ ଅଣଦେଖା କରିଚାଲିଛନ୍ତି ନିଜର ସାମୟିକ ସ୍ୱାର୍ଥସାଧନ ଲାଗି। ଫଳରେ ଯେଉଁସବୁ ବିପର୍ଯ୍ୟୟମାନ ଘଟିବାରେ ଲାଗିଛି ତନ୍ମଧ୍ୟରୁ କେତୋଟି ହେଲା ପାଣିପାଗ ଅନିୟମିତତା, ସମୁଦ୍ରର ଜଳସ୍ତର ବୃଦ୍ଧି, ଘନଘନ ଝଡ଼ବାତ୍ୟା, ଗ୍ରୀଷ୍ମପ୍ରବାହ, ଋତୁଚକ୍ରରେ ପରିବର୍ତ୍ତନ ଇତ୍ୟାଦି। ପୁନଶ୍ଚ ଉତପ୍ତ ଓ ଆର୍ଦ୍ର ପରିବେଶ ବିବିଧ ବୀଜାଣୁମାନଙ୍କ ବଂଶବୃଦ୍ଧି ଘଟାଇ ଜନସ୍ୱାସ୍ଥ୍ୟ ଏବଂ କୃଷିକୁ କ୍ଷତି ପହଞ୍ଚାଇବା ସଙ୍ଗେ ସଙ୍ଗେ ଆମ ଚୟାପଚୟ ପ୍ରକ୍ରିୟାର ପ୍ରାକୃତିକତାକୁ ମଧ୍ୟ ବିକୃତ କଲାଣି। ଛୋଟ ବୋଲି ମନେ ହେଲେ ହେଁ ଆମ ଦୈନନ୍ଦିନ ଜୀବନ ଓ ସ୍ୱାସ୍ଥ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ। ଏହାର ଅନ୍ୟଏକ କୁପ୍ରଭାବ କଥା ଏବେ କହିଲେଣି ବୈଜ୍ଞାନିକମାନେ– ତାହା ହେଲା ନିଦ୍ରାହୀନତା।

> ବୈଜ୍ଞାନିକଙ୍କ ଆକଳନ ଅନୁସାରେ ସବୁଜଗୃହ ବାଷ୍ପର ନିର୍ଗମନ ଯଦି ବର୍ତ୍ତମାନ ହାରରେ ବଢିବଢି ଚାଲେ, ତା'ହେଲେ ସେହି ଅନୁସାରେ ମଧ ବଢିବାରେ ଲାଗିବ ବିନିଦ୍ର ରଜନୀ। ଅତଏବ ୨୦୫୦ ମସିହାରେ ଆମେରିକାରେ ମାସକୁ ହାରାହାରି ଅଧିକ ୬ରାତି ଅଳ୍ପବହୁତ ଅନିଦ୍ରାରେ କଟିବ ଏବଂ ୨୦୯୯ ମସିହା ବେଳକୁ ତାହା ଦୁଇଗୁଣରୁ ଅଧିକ ହେବ – ଅର୍ଥାତ୍ ପ୍ରାୟ ୧୪ ରାତିକୁ ବୃଦ୍ଧି ପାଇବ।




ବିଗତ (ଜୁଲାଇ, ୨୦୧୭) ବର୍ଷ ଏହାକୁ ନେଇ 'ସାଇନ୍‌ସଆଡ୍‌ଭାନ୍‌ସ'ରେ ଏକ ନିବନ୍ଧ ପ୍ରକାଶ କରିଥିଲେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଏବଂ ସାମାଚୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଠାରେ ଏକକାଳୀନ କାର୍ଯ୍ୟରତ ପ୍ରଫେସର ନିକ୍ ଓବ୍ରାଡୋଭିଚ୍ ଓ ତାଙ୍କ ସହଗବେଷକମାନେ। ତହିଁରେ ସେମାନେ ସୂଚିତ କରିଥିଲେ ଯେ' ଜାଗତିକ ଉଷ୍ଣତା ବୃଦ୍ଧି ସହିତ ତାଳଦେଇ ବଢିଚାଲିବ ଆମର ନିଦ୍ରାବିହୀନ ରାତ୍ରି ସଂଖ୍ୟା। ବିଶେଷକରି ଗ୍ରୀଷ୍ମକାଳରେ ଏହା ଅଧିକ ହେବ। ଶୀତତାପ ନିୟନ୍ତ୍ରଣ କରିବାକୁ ଅକ୍ଷମ ବୃଦ୍ଧମାନେ ମାତ୍ରାଧିକ ଭାବେ ଏହାର ଶିକାର ହେବେ।

ଏହି ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ସବୁଜଗୃହ ବାଷ୍ପର ନିର୍ଗମନ ଯଦି ବର୍ତ୍ତମାନର ହାରରେ ବଢିବଢି ଚାଲେ, ତା'ହେଲେ ସେହି ଅନୁସାରେ ମଧ୍ୟ ବଢିବାରେ ଲାଗିବ ବିନିଦ୍ର ରଜନୀ। ଅତଏବ ୨୦୫୦ ମସିହାରେ ଆମେରିକାରେ ମାସକୁ ହାରାହରି ଅଧିକ ୬ରାତି ଅଳ୍ପବହୁତ ଅନିଦ୍ରାରେ କଟିବ ଏବଂ ୨୦୯୯ ମସିହା ବେଳକୁ ତାହା ଦୁଇଗୁଣରୁ ଅଧିକ ହେବ – ଅର୍ଥାତ୍ ପ୍ରାୟ ୧୪ ରାତିକୁ ବୃଦ୍ଧି ପାଇବ।

ଅତି ଗରମ କିମ୍ବା ଅତି ଶୀତ ନିଦ୍ରାରେ ବାଧା ଉପୁଜାଉଥିବା କଥା ଆଗରୁ ଜଣାଅଛି। ତେବେ, ପାଣିପାଗ ପରିବର୍ତ୍ତନ ଓ ଜାଗତିକ ଉଷ୍ଣତା ଯୋଗୁ ଏହା ଏତେଦୂର ଯିବ ବୋଲି କେହି ଭାବି ନ ଥିଲେ। ବିଗତ ୨୦୧୫ରେ ଆମେରିକାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବାରୁ ଏହାର ଆକଳନ କରିବାକୁ ଆରମ୍ଭକଲେ ଓବ୍ରାଡୋଭିଚ୍ ଏବଂ ତାଙ୍କ ସହଯୋଗୀମାନେ।

ଅଧିକ ତାପମାତ୍ରାର ପ୍ରଭାବ ଗଣନାକରିବା ପାଇଁ ସେମାନେ ଆମେରିକାର "ସେଣ୍ଟରସ୍ ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଏଣ୍ଡ୍ ପ୍ରିଭେନସନ୍" ସଂସ୍ଥାରୁ ତଥ୍ୟମାନ ସଂଗ୍ରହ କରିଥିଲେ। ଏହି ସର୍ବେକ୍ଷଣରେ ଲୋକଙ୍କୁ ସେମାନଙ୍କ ନିଦ୍ରାର ଢାଞ୍ଚା ସମ୍ପର୍କରେ ପ୍ରଶ୍ନ କରାଯାଇଥିଲା। ଉଚ୍ଚ ତାପମାତ୍ରା ଓ ନିଦ୍ରାହୀନତା ମଧ୍ୟରେ ଏକ ନିଶ୍ଚିତ ସମ୍ପର୍କ ସେଥିରୁ ଜଣାପଡ଼ିଲା। ଭବିଷ୍ୟବାଣୀ ଶୁଣାଇବା ପାଇଁ ସେମାନେ ସବୁଜଗୃହ ବାଷ୍ପର ଅଧିକ ନିର୍ଗମନ ଘଟିଲେ କେଉଁ ସ୍ଥାନରେ ତାପମାତ୍ରା କେତେ ଅଧିକ ହେବ ଏବଂ ତଦ୍ୱାରା ନିଦ୍ରା କିପରି ପ୍ରଭାବିତ ହେବ କମ୍ପ୍ୟୁଟର ସାହାଯ୍ୟରେ ତାହାର ଏକ ଆକଳନ କରିଛନ୍ତି। ଡ. ଓବ୍ରାଡୋଭିଚ୍‌ଙ୍କ ମତରେ ଜଣକର ନିଦ୍ରା ସମ୍ପର୍କରେ ସେ ଦେଇଥିବା ସୂଚନା ତା' ମନେରଖିବା ଶକ୍ତି ଉପରେ ନିର୍ଭର କରେ। ଏଣୁ ଏ ଅଧ୍ୟୟନକୁ ଆହୁରି ନିଶ୍ଚିତ କରିବା ପାଇଁ ସେମାନେ ଏବେ କିଛି ସ୍ୱେଚ୍ଛାସେବୀଙ୍କୁ ବିଜ୍ଞାନାଗାରର ନିୟନ୍ତ୍ରିତ ପରିବେଶ ମଧ୍ୟରେ ରଖି ବିଭିନ୍ନ ତାପମାତ୍ରାରେ ସେମାନଙ୍କ ନିଦ୍ରାର ଢାଞ୍ଚାର ଯାନ୍ତ୍ରିକ ଲିପିବଦ୍ଧ କରିବେ। ଅତଏବ ତହିଁରୁ ଏ ଦୁଇଟି ମଧ୍ୟରେ ସମ୍ପର୍କ ତ୍ରୁଟି ମୁକ୍ତ ଭାବେ ନିର୍ଦ୍ଧାରିତ ହୋଇପାରିବ। ଏକ ସୁସ୍ଥ ଜୀବନଯାପନ ଲାଗି ନିଦ୍ରା ଆମର ଅତ୍ୟାବଶ୍ୟକ। ଏହା ମସ୍ତିଷ୍କକୁ ବିଶ୍ରାମ ଦିଏ ଏବଂ ଚୟାପଚୟ ପ୍ରକ୍ରିୟାକୁ ମନ୍ଥର କରେ। ଆମ ଜୈବିକ ଘଟିକା ଉପରେ ମଧ୍ୟ ଏହାର ପ୍ରଭାବ ରହିଛି। ଏଣୁ ଉଭୟ ଦେହ ଓ ମନର ସ୍ୱାସ୍ଥ୍ୟ ଲାଗି ଏହା ଅତ୍ୟନ୍ତ ଉପଯୋଗୀ। ସେଥିପାଇଁ ବୟସ ଉପରେ ନିର୍ଭରକରି ଆମର ପ୍ରତ୍ୟହ ୬ରୁ ୮ ଘଣ୍ଟା ଶୋଇବା ନିହାତି ଦରକାର। ଶିଶୁମାନଙ୍କ ପାଇଁ ଏହା ଆହୁରି ଅଧିକ। ଏଣୁ ନିଦ୍ରା କମିକମି ଯିବା ଅର୍ଥ ଏ ସମସ୍ତ ପ୍ରକ୍ରିୟା ଉପରେ ପଡିବ ତାହାର କୁପ୍ରଭାବ। ଜାଗତିକ ଉଷ୍ଣତା ବୃଦ୍ଧିପାଇ ଚାଲିଲେ ଏ ସମସ୍ୟା ବଢି ବଢି ଚାଲିବ। ବିଶେଷକରି ବିଷୁବ ମଣ୍ଡଳର ଉଷ୍ଣ ଜଳବାୟୁରେ ବାସ କରୁଥିବା ଲୋକେ ଏହାଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହେବେ।

–ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରିବିହାର, ଭୁବନେଶ୍ୱର
ମୋ : ୯୯୩୭୯୮୫୭୬୬

## ସ୍ୱାସ୍ଥ୍ୟ ସୂଚନା

- ଦୈନନ୍ଦିନ ଖାଦ୍ୟ ତାଲିକାରେ ଛତୁ ସାମିଲ କରନ୍ତୁ। ଏଥିରେ ଗ୍ଲୁକାନ୍ସ ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରାଉଥିବା ବ୍ୟାକ୍ଟେରିଆକୁ ନଷ୍ଟ କରିଦିଏ। କେବଳ ସେତିକି ନୁହେଁ, ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ।
- ମହୁରେ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ଯାହା ଶରୀରକୁ ଅନିଷ୍ଟ ପହଞ୍ଚାଉଥିବା ବ୍ୟାକ୍ଟେରିଆଗୁଡ଼ିକୁ ମାରିଦେଇଥାଏ। ମହୁ ମିଶ୍ରିତ ଚା' ପିଇଲେ ତାହା ଶରୀରରୁ ଥଣ୍ଡା ଦୂର କରିଥାଏ।
- ଆପଣ ଥଣ୍ଡାଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ପ୍ରତିଦିନ ସକାଳୁ ୨–୩ ପାଖୁଡ଼ା କଞ୍ଚା ରସୁଣ ଖାଆନ୍ତୁ। ଏହା ଶରୀର ପାଇଁ କେତେ ଉପକାରୀ ତାହା ଜାଣିପାରିବେ।
- ଥଣ୍ଡା ଯୋଗୁ ନାକ ରୁନ୍ଧି ହୋଇଯାଉଛି କି ? ଏଥିରୁ ଉପଶମ ପାଇବା ପାଇଁ ଗରମ ଚିକେନ ସୁପ୍ ପିଇପାରନ୍ତି। ଏହାଦ୍ୱାରା ଶ୍ୱାସକ୍ରିୟାଜନିତ ସମସ୍ୟା ଦୂର ହୋଇଥାଏ।
- ନିଜକୁ ସୁସ୍ଥ ରଖିବା ପାଇଁ ପନିପରିବାରୁ ପ୍ରସ୍ତୁତ ସୁପ୍ ପିଅନ୍ତୁ।
- ପ୍ରତିଦିନ ଭିଟାମିନ୍–ସି ଯୁକ୍ତ ଖାଦ୍ୟ ଖାଆନ୍ତୁ। ଶରୀରକୁ ସୁସ୍ଥ ରଖିବାରେ ଏହା ସହାୟକ ହୋଇଥାଏ।
- ବୟସ ବଢ଼ିବା ସହ ଅନେକେ ସ୍ମରଣ ଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଭିଟାମିନ୍ ବି–୧୨ଯୁକ୍ତ ଖାଦ୍ୟ ସ୍ମରଣ ଶକ୍ତିକୁ ପ୍ରଖର କରିବା ସହ ମସ୍ତିଷ୍କ କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ତେଣୁ ନିଜର ଖାଦ୍ୟ ତାଲିକାରେ ଏଭଳି ଖାଦ୍ୟ ସାମିଲ କରନ୍ତୁ।
- ବୟସ ୫୦ ଟପିଲେ ତାହାର ପ୍ରଭାବ ଅସ୍ଥି ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଅଧିକ କ୍ୟାଲସିୟମ ଏବଂ ଭିଟାମିନ୍ ଡି'ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବୃଦ୍ଧାବସ୍ଥାରେ ଦୃଷ୍ଟିଶକ୍ତିଜନିତ ସମସ୍ୟା ଦେଖାଦେଇଥାଏ। ତେଣୁ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ନିକଟରେ ନିୟମିତ ଆଖି ପରୀକ୍ଷା କରାଇ ନିଅନ୍ତୁ। ତା'ସହ ଓମେଗା–୩ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ।







“ ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍) ଚାହିଁଲେ ଖୁବ୍ ଶୀଘ୍ର ଭାରତରେ ବିଦ୍ୟୁତ୍ ଚାଳିତ ଯାନ ନିର୍ମାଣ ପାଇଁ ସମସ୍ତ ବ୍ୟବସ୍ଥା କରି ପାରିବ।

– ରାଜେଶ ଗୋଏଲ, ବରିଷ୍ଠ ଉପସଭାପତି, ଏଚ୍‌ସିଆଇଏଲ୍



“ ଦେଶରେ ଦର ବୃଦ୍ଧି ଏକ ବଡ଼ ସମସ୍ୟାରେ ପରିଣତ ହେଲାଣି। ତୁରନ୍ତ ଏହାକୁ ରୋକା ନ ଗଲେ ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରଙ୍କୁ ମହଙ୍ଗା ପଡ଼ିବ।

– ବାବା ରାମଦେବ, ପ୍ରତିଷ୍ଠାତା, ପତଞ୍ଜଳି ଆୟୁର୍ବେଦ

## ସଂକ୍ଷେପରେ

### ଏୟାର ଇଣ୍ଡିଆର ୪ ସହାୟକ କମ୍ପାନୀ ବିକ୍ରି ଯୋଜନା

**ନୂଆଦିଲ୍ଲୀ,୧୬-୯:** କ୍ଷତିରେ ଚାଲୁଥିବା ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ୪ଟି ସହାୟକ କମ୍ପାନୀକୁ ବିକ୍ରି କରିବା ଲାଗି କେନ୍ଦ୍ର ସରକାର ଯୋଜନା କରୁଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଦେଶର ରାଜଧାନୀରେ ଥିବା ଏୟାର ଇଣ୍ଡିଆର ମୁଖ୍ୟାଳୟ, ଦେଶର ବିଭିନ୍ନ ଅଞ୍ଚଳରେ ଥିବା ସମ୍ପତ୍ତି, ଏୟାରଲାଇନ ଆଲାଏଡ ସର୍ଭିସେସ୍ ଲିମିଟେଡ(ଏଏଏସ୍‌ଏଲ୍) ଏବଂ ହୋଟେଲ କର୍ପୋରେଶନ ଅଫ୍ ଇଣ୍ଡିଆ(ଏଚ୍‌ସିଆଇ)କୁ ବିକ୍ରି କରାଯିବ। ଏୟାର ଇଣ୍ଡିଆର ବିକ୍ରି ପ୍ରକ୍ରିୟାକୁ ଆଗେଇ ନେବା ଲାଗି ସରକାର କମ୍ପାନୀର ସମସ୍ତ ସମ୍ପତ୍ତିର ଏକ ତାଲିକା ପ୍ରସ୍ତୁତ କରିଛନ୍ତି। ସୂଚନାଥାଉ କି, ସରକାର ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀର ୭୬ ପ୍ରତିଶତ ଅଂଶଧନ ବିକ୍ରି କରିବାରେ ବିଫଳ ହେବା ପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କ ଅଧ୍ୟକ୍ଷତାରେ ବସିଥିବା ମନ୍ତ୍ରୀ ଗୋଷ୍ଠୀ ବୈଠକରେ ଏହାକୁ ବିକ୍ରି କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି।

### ଜନଧନ ଯୋଜନାରେ ଯୋଡ଼ି ହେଲେ ଆହୁରି ୨୦ ଲକ୍ଷ

#### ଆକାଉଣ୍ଟଧାରୀଙ୍କ ସଂଖ୍ୟା ପହଞ୍ଚିଲା ୩୨.୬୧ କୋଟି

**ନୂଆଦିଲ୍ଲୀ,୧୬-୯:** ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାରେ ଲାଗିଛି। ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ସେପ୍ଟେମ୍ବର ୫ ସୁଦ୍ଧା ଏହି ଯୋଜନାରେ ଆହୁରି ୨୦ ଲକ୍ଷ ଲୋକ ସାମିଲ ହୋଇଛନ୍ତି। ଫଳରେ ଏହି ଯୋଜନାରେ ଆକାଉଣ୍ଟଧାରୀଙ୍କ ସଂଖ୍ୟା ବଢ଼ି ୩୨.୬୧ କୋଟିରେ ପହଞ୍ଚି ଯାଇଛି। କେନ୍ଦ୍ର ସରକାର ଜନଧନ ଯୋଜନାକୁ ଅଧିକ ଆକର୍ଷଣୀୟ କରିବା ଲକ୍ଷ୍ୟରେ ଏହାକୁ ଖୋଲା ଅବଧିର ଯୋଜନା ରୂପେ ପରିବର୍ତ୍ତିତ କରିବା ସହିତ ଏହାର ବୀମା ସୁରକ୍ଷା ବୃଦ୍ଧି କରିଛନ୍ତି। ଏଥିସହିତ ଆକାଉଣ୍ଟଧାରୀଙ୍କ ପାଇଁ ଓଭରଡ୍ରାଫ୍ଟ ପରିମାଣକୁ ଦ୍ୱିଗୁଣିତ କରି ୧୦ ହଜାର ଟଙ୍କା ଦୁର୍ଘଟଣା ବୀମା ସୁରକ୍ଷାକୁ ୧ ଲକ୍ଷ ଟଙ୍କାରୁ ୨ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏହି କାରଣରୁ ଗରିବଙ୍କ ମଧ୍ୟରେ ଏହି ଯୋଜନା ପ୍ରତି ଆକର୍ଷଣ ବଢ଼ିବାରେ ଲାଗିଛି। ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୫ ମଧ୍ୟରେ ଜନଧନ ଯୋଜନାରେ ମୋଟ୍ ୩୨.୬୧ କୋଟି ଖାତା ଖୋଲାଯାଇଛି ଓ ଏଥିରେ ମୋଟ୍ ୧୨୬୬.୪୩ କୋଟି ଟଙ୍କା ଜମା ହୋଇଛି। ତଥ୍ୟରୁ ଜଣାପଡିଛି ଯେ, ଅଗଷ୍ଟ ୨୮ ପରେ ଆକାଉଣ୍ଟ ଖୋଲିଥିବା ୭ କୋଟି ୧୮ ବ୍ୟକ୍ତିଙ୍କୁ ଉକ୍ତ ଯୋଜନାରେ ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁରକ୍ଷା ମିଳିବ।

# ରଦ୍ଦ ହେବ ୨୧ ଲକ୍ଷ ନିର୍ଦ୍ଦେଶକଙ୍କ ଡିଆଇଏନ୍

**ନୂଆଦିଲ୍ଲୀ,୧୬-୯**

- ଶେଷ ହୋଇଛି ଡେଡ୍‌ଲାଇନ
- କେଓ୍ୱାଇସି ନିୟମ ମାନିଛନ୍ତି ୧୨.୧୬ ଲକ୍ଷ ନିର୍ଦ୍ଦେଶକ
- ଭୋଗିପାରନ୍ତି ଆଇନଗତ କାର୍ଯ୍ୟାନୁଷ୍ଠାନ




ଦେଶରେ କମ୍ପାନୀ ଆଇନ ଅନ୍ତର୍ଗତ ପଞ୍ଜୀକରଣ ହୋଇଥିବା କମ୍ପାନୀଗୁଡିକର ନିର୍ଦ୍ଦେଶକମାନେ ଏବେ ଅଡୁଆରେ। ଏହି ପଞ୍ଜୀକୃତ କମ୍ପାନୀର ନିର୍ଦ୍ଦେଶକ ବୋର୍ଡରେ ଥିବା ପ୍ରାୟ ୨୧ ଲକ୍ଷ ନିର୍ଦ୍ଦେଶକଙ୍କ ଆଇଡେଣ୍ଟିଫିକେଶନ ନମ୍ବର (ଡିଆଇଏନ୍) ରଦ୍ଦ କରାଯିବ। ଏହି ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି। କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି।

ନୋ ୟୋର କଷ୍ଟମର (କେଓ୍ୱାଇସି) ନିୟମ ପାଳନ କରିବାରେ ଏହି ନିର୍ଦ୍ଦେଶକମାନେ ବିଫଳ ହୋଇଥିବାରୁ ସେମାନଙ୍କ ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ବର ରଦ୍ଦ କରାଯିବ। ଯଦିଓ ପରବର୍ତ୍ତୀ ସମୟରେ ସେମାନେ ପୁଣି ଥରେ ଏହି ନମ୍ବର ହାସଲ କରି ପାରିବେ ତଥାପି ସେମାନଙ୍କୁ ବିଭିନ୍ନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ। ୫୦୦୦ ଟଙ୍କା ଦେୟ ପୈଠ କରିବା ସହିତ ବିଭିନ୍ନ କାଗଜପତ୍ର ଦେଖାଇବାକୁ ହେବ। ଏପରି କି ସେମାନେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ ବୋଲି ଅଧିକାରୀ ଜଣକ କହିଛନ୍ତି। କିଛିଦିନ ପୂର୍ବରୁ ଭୂତ କମ୍ପାନୀଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରଣାଳୟ ବିଚାର କରିବା ପରେ ଏବେ ନିର୍ଦ୍ଦେଶକଙ୍କ ଆଡ଼କୁ ନଜର କରିଛି।

ସୂଚନା ଅନୁସାରେ ଚଳିତ ବର୍ଷ ଜୁନ୍‌ରେ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଥିଲା ଯେ, ସମସ୍ତ ନିର୍ଦ୍ଦେଶକଙ୍କ କେଓ୍ୱାଇସ ଗ୍ରହଣ କରାଯିବ। ଏଥିପାଇଁ ନୂତନ ନିୟମ ଅନୁସାରେ 'ଡିଆଇଆର୍-୩ କେଓ୍ୱାଇସି' ଫର୍ମ ସେପ୍ଟେମ୍ବର ୧୫ସୁଦ୍ଧା ପୂରଣ କରିବାର ଥିଲା। ଏହି ଧାର୍ଯ୍ୟ ସମୟ ଅତିବାହିତ ହୋଇସାରିଥିବା ବେଳେ ମୋଟ ୩୩ ଲକ୍ଷ ନିର୍ଦ୍ଦେଶକଙ୍କ ମଧ୍ୟରୁ ମାତ୍ର ୧୨ ଲକ୍ଷ ୧୬ ହଜାର ନିର୍ଦ୍ଦେଶକ ଏହି ଫର୍ମ ପୂରଣ କରିଛନ୍ତି। ବାକି ପାଖାପାଖି ୨୧ ଲକ୍ଷ ନିର୍ଦ୍ଦେଶକ ସମୟ ପୂର୍ବରୁ ଫର୍ମ ପୂରଣ କରି ନାହାନ୍ତି। ତେଣୁ ନିୟମ ଅନୁସାରେ ଚଳିତ ବର୍ଷ ମାର୍ଚ୍ଚ ୩୧ ବା ଏହା ପୂର୍ବରୁ ଯେଉଁମାନେ ଡାଇରେକ୍ଟର ଆଇଡେଣ୍ଟିଫିକେଶନ ନମ୍ବର ପାଇଛନ୍ତି ସେମାନଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିବ ବୋଲି ଅଧିକାରୀ ଜଣକ କହିଛନ୍ତି।

# ମାସକ ଭିତରେ ମାଲ୍ୟାଙ୍କ ବିରୋଧରେ ଚାର୍ଜଶିଟ୍

**ନୂଆଦିଲ୍ଲୀ,୧୬-୯**

ଏଥିରେ ଯୋଡା ହେବେ ବ୍ୟାଙ୍କ ଅଧିକାରୀ



କିଙ୍ଗଫିଶର ଏୟାର ଲାଇନ୍ସକୁ ୬୦୦୦ କୋଟି ଟଙ୍କା ଋଣ ପ୍ରଦାନ ମାମଲାରେ ସିବିଆଇ ଏହାର ପ୍ରମୁଖ ବିଜୟ ମାଲ୍ୟାଙ୍କ ବିରୋଧରେ ବର୍ଷକ ପୂର୍ବେ ଚାର୍ଜଶିଟ୍ ଦାଖଲ କରିଥିବା ବେଳେ ମାସକ ଭିତରେ ଆଉ ଏକ ଚାର୍ଜଶିଟ୍ ଦାଖଲ କରିବାକୁ ଯାଉଛି। ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହଯୋଗ କରିଥିବା ବ୍ୟାଙ୍କ ଅଧିକାରୀଙ୍କ ବିରୋଧରେ ମଧ୍ୟ ସିବିଆଇ ଚାର୍ଜଶିଟ୍ ଦାଖଲ କରିବ। ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ୧୭ଟି ବ୍ୟାଙ୍କ କିଙ୍ଗଫିଶର ଏୟାର ଲାଇନ୍ସକୁ ଉକ୍ତ ଋଣ ପ୍ରଦାନ କରିଥିଲେ, ଯେଉଁଥିରେ ଷ୍ଟେଟ୍ ବ୍ୟାଙ୍କର କେବଳ ୧୬୦୦ କୋଟି ଟଙ୍କା ରହିଛି। ସେହିପରି ଆଇଡିବିଆଇ ବ୍ୟାଙ୍କରୁ ୯୦୦ କୋଟି ଟଙ୍କା ଋଣ ନେଇ ଠକି ଥିବା ମାଲ୍ୟାଙ୍କ ବିରୋଧରେ ସିବିଆଇ ପକ୍ଷରୁ ପୂର୍ବରୁ ଏକ ଚାର୍ଜଶିଟ୍ ଦାଖଲ କରାଯାଇ ସାରିଛି। ୨୦୧୫ ଓ ୨୦୧୬ରେ ମାଲ୍ୟାଙ୍କ ବିରୋଧରେ ଦୁଇଟି ମାମଲା ଦାଏର ହୋଇଥିଲା। ବ୍ୟାଙ୍କ ଅଧିକାରୀମାନଙ୍କ ନାମ ଗୋପନ ରଖି ଜଣେ ଅଧିକାରୀ କହିଛନ୍ତି ଯେ, ପ୍ରଥମ ମାମଲାର ତଦନ୍ତ ପ୍ରାୟତଃ ଶେଷ ହୋଇଛି ଏବଂ ମାସକ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରାଯିବ। ଷ୍ଟେଟ ବ୍ୟାଙ୍କ ସହ ୧୭ଟି ବ୍ୟାଙ୍କର କାର୍ଯ୍ୟରତ ଓ ଅବସର ନେଇଥିବା ଅଧିକାରୀଙ୍କ ନାମ ଚାର୍ଜଶିଟ୍‌ରେ ରହିଥିବା କୁହାଯାଉଛି। ସେମାନେ ମାଲ୍ୟାଙ୍କୁ ଋଣ ପ୍ରଦାନରେ ସହାୟତା କରିଥିଲେ ବୋଲି ସିବିଆଇ ତଦନ୍ତରୁ ଜାଣିପାରିଥିଲା। ଏହାଛଡା ଋଣ ପ୍ରଦାନରେ ହାତ ଥିବା ଅର୍ଥ ମନ୍ତ୍ରଣାଳୟର ଅଧିକାରୀଙ୍କ ଉପରେ ଏବେ ସିବିଆଇର ନଜର ରହିଛି।

# ୟୁଆଇଡିଏଆଇ ରାଜ୍ୟଗୁଡ଼ିକୁ ଦେବ ୨୦୦ କୋଟି

**ନୂଆଦିଲ୍ଲୀ, ୧୬-୯(ପି.ଟି.)**

- ତାଲୁକ ସ୍ତରରେ ରହିବ ଆଧାର ପଞ୍ଜୀକରଣ ମେଶିନ୍
- ପ୍ରତି ବିଦ୍ୟାଳୟରେ ହେବ କ୍ୟାମ୍ପ
- ଜିଲ୍ଲା ପ୍ରଶାସନ ନେବ ପରିଚାଳନା ଦାୟିତ୍ୱ



ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଆଧାର ପଞ୍ଜୀକରଣ ଏବଂ ସେଥିରେ ସଂଶୋଧନ ଆଦି କାର୍ଯ୍ୟ ସକାଶେ ତାଲୁକ ସ୍ତରରେ ଆଧାର ଏନ୍‌ରୋଲ୍‌ମେଣ୍ଟ ମେଶିନ ବ୍ୟବସ୍ଥା କରାଯିବ। ଭାରତୀୟ ଏକକ ପରିଚୟ କର୍ତ୍ତୃପକ୍ଷ (ୟୁଆଇଡିଏଆଇ) ରାଜ୍ୟ ସରକାରଗୁଡ଼ିକୁ ଏଥିପାଇଁ ୨୦୦ କୋଟି ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବ ବୋଲି ଘୋଷଣା କରିଛି।

ଆଧାର କାର୍ଡ ନ ଥିଲେ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାରେ କୌଣସି ଅସୁବିଧା ନାହିଁ। କୌଣସି ଅଧିକାରୀ ଛାତ୍ରୀଛାତ୍ରଙ୍କୁ ଆଧାର ଆଳ ଦେଖାଇ ନାମ ଲେଖାରୁ ବଞ୍ଚିତ କରିପାରିବେ ନାହିଁ। କିଛି ଦିନ ପୂର୍ବରୁ ୟୁଆଇଡିଏଆଇ ଏଭଳି ନିର୍ଦ୍ଦେଶ ଦେବା ପରେ ପୁଣି ତାଲୁକ ସ୍ତରରେ ପଞ୍ଜୀକରଣ ବ୍ୟବସ୍ଥା କରାଇବା ପାଇଁ ନିଷ୍ପତ୍ତି ନେଇଛି। ପ୍ରତି ତାଲୁକସ୍ତରରେ ଅତି କମ୍‌ରେ ଦୁଇଟି ଏହିଭଳି ମେଶିନ ରହିବ। ଜିଲା ପ୍ରଶାସନ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଆଧାର ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟ ସମ୍ପାଦିତ ହେବ। ୟୁଆଇଡିଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଅଜୟ ଭୂଷଣ ପାଣ୍ଡେ ଏହା କହିଛନ୍ତି।

ଏହି ମେଶିନ ପ୍ରତି ବିଦ୍ୟାଳୟକୁ ନିଆଯିବ। ପ୍ରତ୍ୟେକ ବର୍ଷ ଅତିକମ୍‌ରେ ବିଦ୍ୟାଳୟରେ ଦୁଇଥର ଆଧାର ପଞ୍ଜୀକରଣ ଶିବିର କରାଯିବ ବୋଲି ସେ କହିଛନ୍ତି। ଏହି ଯୋଜନାକୁ ୟୁଆଇଡିଏଆଇ ପ୍ରାଥମିକ ଅବସ୍ଥାରେ ମଞ୍ଜୁରୀ ପ୍ରଦାନ କରିଛି। ପରବର୍ତ୍ତୀ ସମୟରେ ପ୍ରତି ରାଜ୍ୟକୁ ଏଥିପାଇଁ ପାଣ୍ଠି ପ୍ରଦାନ କରିବ। ଫଳରେ କୌଣସି ଛାତ୍ରୀଛାତ୍ର ଆଧାର ନ ଥିବା କାରଣରୁ ନାମ ଲେଖାରୁ ବଞ୍ଚିତ ହେବେ ନାହିଁ ବୋଲି ପାଣ୍ଡେ ସ୍ପଷ୍ଟ କରିଛନ୍ତି।

## ବିଦେଶୀ କମ୍ପାନୀ ପାଇଁ ଆସିପାରେ କମନ୍ ଆପ୍ଲିକେଶନ ଫର୍ମ

**ନୂଆଦିଲ୍ଲୀ, ୧୬-୯(ପି.ଟି.)**

ଯେଉଁ ବିଦେଶୀ କମ୍ପାନୀଗୁଡିକ ଭାରତରେ ପୁଞ୍ଜି ନିବେଶ କରିବା ପାଇଁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏକ କମନ୍ ଆପ୍ଲିକେଶନ ଫର୍ମ ବ୍ୟବସ୍ଥା କରାଯିବ। ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ(ସେବି) ଏଭଳି ଏକ ପ୍ରସ୍ତାବ ଉପରେ ବିଚାର ଚଳାଇଛି। ବ୍ୟବସାୟ ବାତାବରଣକୁ ସହଜ କରିବା ପାଇଁ ସେବି ଏଭଳି ନିଷ୍ପତ୍ତି ନେଇ ପାରେ ବୋଲି ଜଣେ ବରିଷ୍ଠ ଅଧିକାରୀ ଏହା କହିଛନ୍ତି। ଚଳିତ ସପ୍ତାହରେ ସେବି ବୋର୍ଡର ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଏ ସମ୍ପର୍କିତ ଆଲୋଚନା ହେବାର ସମ୍ଭାବନା ରହିଛି ବୋଲି ଅଧିକାରୀ ଜଣକ କହିଛନ୍ତି। ବର୍ତ୍ତମାନର ନିୟମ ଅନୁସାରେ ସେବି ଅନ୍ତର୍ଗତ ପଞ୍ଜୀକୃତ ହେବା ପାଇଁ ପୃଥକ ଭାବେ ଫର୍ମ ପୂରଣ କରିବାକୁ ହେଉଛି। ବ୍ୟାଙ୍କ ଆକାଉଣ୍ଟ, ପର୍ମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍) ଆଦି ବିଭିନ୍ନ ଆବଶ୍ୟକତା ପାଇଁ ପୃଥକ ଆବେଦନ କରିବାକୁ ପଡୁଛି ବୋଲି ସେ କହିଛନ୍ତି।

## ଗ୍ୟାସ୍ ଚୋରି ମାମଲା

# ରିଲାଏନ୍ସ ସପକ୍ଷରେ ଆସିଥିବା ରାୟକୁ ଚ୍ୟାଲେଞ୍ଜ କରିବେ ସରକାର

**ନୂଆଦିଲ୍ଲୀ,୧୬-୯**

ଓଏନଜିସି ଗ୍ୟାସ୍ ଚୋରି ମାମଲାରେ କେନ୍ଦ୍ର ସରକାର ରିଲାଏନ୍ସ ବିରୋଧରେ ପୁନର୍ବାର ଅଦାଲତ ଯିବେ। ଆଇନ ମନ୍ତ୍ରଣାଳୟ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତର ରାୟକୁ ଚ୍ୟାଲେଞ୍ଜ କରିବା ଲାଗି ପ୍ରସ୍ତୁତ ଅପିଲକୁ ଅନୁମୋଦନ କରିଛନ୍ତି। ଓଏନ୍‌ଜିସିର ଗ୍ୟାସ୍ ଫିଲ୍ଡରୁ ରିଲାଏନ୍ସ ଗ୍ୟାସ୍ ଚୋରି କରିଥିବାରୁ ସରକାର ଏହି କମ୍ପାନୀଠାରୁ ୧.୫ ବିଲିୟନ ଡଲାର କ୍ଷତିପୂରଣ ଦାବି କରିଥିଲେ। ଏହାକୁ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଅଦାଲତରେ ଚ୍ୟାଲେଞ୍ଜ କରିଥିଲା। ଅଦାଲତ ଜୁଲାଇରେ ରିଲାଏନ୍ସ ସପକ୍ଷରେ ରାୟ ଶୁଣାଇଥିଲେ। ଏହାକୁ କିପରି ଚ୍ୟାଲେଞ୍ଜ କରାଯାଇପାରିବ ସେନେଇ ତୈଳ ମନ୍ତ୍ରଣାଳୟ ପକ୍ଷରୁ ଆଇନ ମନ୍ତ୍ରଣାଳୟର ପରାମର୍ଶ ଲୋଡାଯାଇଥିଲା। ଅନ୍ତର୍ଜାତୀୟ ଅଦାଲତ ଦ୍ୱାରା ପ୍ରଦତ୍ତ ରାୟ ଉତ୍ପାଦନ ଭାଗିଦାରୀ ଚୁକ୍ତିର ଖିଲାପ କରୁଛି। ଅଦାଲତ ଚୁକ୍ତିର ସର୍ତ୍ତାବଳୀକୁ ଅଣଦେଖା କରିଛନ୍ତି ବୋଲି ଆଇନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଣୁ ଏହି ରାୟ ବିରୋଧରେ ସରକାର ହାଇକୋର୍ଟ ଯାଇପାରିବେ ବୋଲି ଆଇନ ମନ୍ତ୍ରଣାଳୟ ମତପ୍ରକାଶ କରିଛନ୍ତି।

# ୯୩ ଜଳସେଚନ ପ୍ରକଳ୍ପକୁ ୬୫,୬୩୪କୋଟି

**ନୂଆଦିଲ୍ଲୀ, ୧୬-୯**

ନାବାର୍ଡର ଋଣ ମଞ୍ଜୁରୀ



ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା(ପିଏମ୍‌କେଏସ୍‌ୱାଇ) ଅନ୍ତର୍ଗତ ୯୩ଟି ପ୍ରମୁଖ ଜଳସେଚନ ପ୍ରକଳ୍ପକୁ ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ(ନାବାର୍ଡ) ୬୫,୬୩୪.୯୩ କୋଟି ଟଙ୍କା ଋଣ ମଞ୍ଜୁର କରିଛି। ନାବାର୍ଡର ଅଧ୍ୟକ୍ଷ କେ. ଭନଓ୍ୱାଲା ରବିବାର ଏହି ସୂଚନା ଦେଇଛନ୍ତି।

ଉପରୋକ୍ତ ୯୩ଟି ପ୍ରକଳ୍ପ ୨୦୧୯ ସୁଦ୍ଧା ଶେଷ କରିବା ପାଇଁ ଧାର୍ଯ୍ୟ ହୋଇଛି। ସେଥିପାଇଁ ୭୦ ହଜାର କୋଟି ଟଙ୍କା ଋଣ ପ୍ରଦାନ କରାଯିବ ବୋଲି ମଧ୍ୟ ଭନଓ୍ୱାଲା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ୮୬ଟି ପ୍ରକଳ୍ପ ପାଇଁ ପ୍ରାୟ ୨୩ ହଜାର ୪୦୨ କୋଟି ୭୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ କେନ୍ଦ୍ର ସରକାରଙ୍କ ଅଂଶ ପାଖାପାଖି ୧୫,୨୪୨ କୋଟି ଟଙ୍କା ଥିବାବେଳେ ରାଜ୍ୟଗୁଡିକର ଅଂଶ ୮,୧୬୦.୭୦ କୋଟି ଟଙ୍କା ରହିଛି। ଏବେ ସୁଦ୍ଧା ପ୍ରାୟ ୧୮ଟି ପ୍ରକଳ୍ପ ଶେଷ ହୋଇଥିବାବେଳେ ଆଉ ୭ଟି ପ୍ରକଳ୍ପ ଶେଷ ପର୍ଯ୍ୟାୟରେ ରହିଛି। ନାବାର୍ଡ ଅଧ୍ୟକ୍ଷଙ୍କ କହିବା ଅନୁସାରେ ଉତ୍ତରପ୍ରଦେଶରେ ସର୍ବାଧିକ ଜଳସେଚନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେହିପରି ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ତେଲେଙ୍ଗାନାର କେତୋଟି ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅନ୍ତର୍ଗତ ଦୀର୍ଘମିଆଦି ଉଠାଜଳସେଚନ ପ୍ରକଳ୍ପ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପାଖାପାଖି ୯୯% ଅଂଶ ନାବାର୍ଡ ବହନ କରୁଛି ବୋଲି ସେ କହିଛନ୍ତି।

# ସମବାୟର ପୁନରୁତ୍ଥାନ ଆବଶ୍ୟକ: ଆର୍‌ବିଆଇ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୧୬-୯**

କୃଷି କ୍ଷେତ୍ରରେ ଦେଖାଦେଇଥିବା ବିପର୍ଯ୍ୟୟକୁ ସମ୍ଭାଳିବାକୁ ହେଲେ ସମବାୟ ସେକ୍ଟରର ପୁନରୁତ୍ଥାନ ଆବଶ୍ୟକ ବୋଲି ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶକ ସତୀଶ ମାରାଠେ ଦୃଢ଼ୋକ୍ତି କରିଛନ୍ତି। ସେ କହିଛନ୍ତି ଯେ, କେବଳ କୃଷିଜାତ ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇ ଦେଲେ ଚାଷୀକୁଳର ଦୁର୍ଦ୍ଦଶାର ସମାଧାନ ହେବନି। ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ଉନ୍ନତି କରିବାକୁ ହେଲେ ସମବାୟ ସେକ୍ଟର ଯୋଗଦାନର ଆବଶ୍ୟକତା ରହିଛି। ସେହିପରି ଚାଷୀ ଯେପରି ତା'ର ଉଚିତ୍ ମୂଲ୍ୟ ପାଇବ ତାହା ମଧ୍ୟ ଦେଖିବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମାରାଠେ କହିଛନ୍ତି ଯେ, ଭାରତରେ କୃଷି ଉତ୍ପାଦର ମାତ୍ର ୨୦ ପ୍ରତିଶତ ପ୍ରକ୍ରିୟାକୃତ ହେଉଛି। ଅନ୍ୟପକ୍ଷରେ ବିକଶିତ ତଥା ଦକ୍ଷିଣ ଏସିଆରେ ଦେଶଗୁଡିକରେ ୮୦ ପ୍ରତିଶତ କୃଷି ଉତ୍ପାଦର ପ୍ରକ୍ରିୟାକରଣ କରାଯାଉଛି। କେବଳ ସର୍ବନିମ୍ନ ସହାୟକ ମୂଲ୍ୟ ବଢ଼ାଇ ଦେଲେ ଚାଷୀଙ୍କ ସମସ୍ୟାର ସମାଧାନ ହୋଇଯିବନି। ସମବାୟ ସେକ୍ଟରକୁ ପୁନରୁଜ୍ଜୀବିତ କରିବାକୁ ହେବ। ସମବାୟ ଗଠନକୁ ମୌଳିକ ଅଧିକାର ଭାବେ ବିବେଚନା ପାଇଁ ୯୭ତମ ସମ୍ବିଧାନ ସଂଶୋଧନ ନ୍ୟାୟରେ ଏହାର ନିୟମରେ ପରିବର୍ତ୍ତନ କରିବାକୁ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ, ଜିଡିପିରେ ସମବାୟର ଯୋଗଦାନ କେତେ ସେ ସମ୍ପର୍କରେ କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ସିଏସ୍‌ଓ) ନିକଟରେ ତଥ୍ୟ ନାହିଁ।

## ଶକ୍ତି କ୍ଷେତ୍ରରେ ଏନ୍‌ପିଏ ଆଶଙ୍କା

# ଉଚ୍ଚସ୍ତରୀୟ ବୈଠକ ପ୍ରତି ରିଜର୍ଭ ବ୍ୟାଙ୍କର ଅନାଗ୍ରହ

**ନୂଆଦିଲ୍ଲୀ,୧୬-୯**

ବ୍ୟାଙ୍କଗୁଡିକ ପକ୍ଷରୁ ଶକ୍ତି କ୍ଷେତ୍ରରେ ପ୍ରଦାନ କରାଯାଇଥିବା ଋଣ ଅନାଦାୟ ଋଣ(ଏନ୍‌ପିଏ)ରେ ପରିବର୍ତ୍ତନ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏଗୁଡିକର ସମାଧାନ ଲାଗି ବ୍ୟାଙ୍କଗୁଡିକ ଏନ୍‌ସିଏଲଟିର ଦ୍ୱାରସ୍ଥ ହେବାକୁ ଚାହୁଁନାହାନ୍ତି। ଏହାଦ୍ୱାରା ସେମାନେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ। ଏହି କାରଣରୁ କେନ୍ଦ୍ର ସରକାର କ୍ୟାବିନେଟ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କ୍ଷମତାସମ୍ପନ୍ନ କମିଟି ଗଠନ କରିଥିଲେ। ଏଥିରେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)କୁ ସାମିଲ କରାଯାଇଥିଲା। କିନ୍ତୁ ଏଥିରେ ସାମିଲ ହେବାକୁ ଆର୍‌ବିଆଇ ଅନିଚ୍ଛୁକ ଥିବା ଜଣାପଡିଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ, ଅଗଷ୍ଟ ୩୧ ଓ ଚଳିତ ମାସ ୧୪ରେ ଉକ୍ତ କମିଟିର ବୈଠକ ବସିଥିଲେ ହେଁ ଆର୍‌ବିଆଇ ପ୍ରତିନିଧି ଯୋଗ ଦେଇ ନ ଥିଲେ। ଅନାଦାୟ ଋଣ ମାମଲାର ସମାଧାନ ଲାଗି ଯେଉଁ ନିୟମାବଳୀ ପ୍ରସ୍ତୁତ କରାଯାଇଛି ତାହାକୁ ତିଳେମାତ୍ର କୋହଳ କରାଯିବାର ପ୍ରଶ୍ନ ଉଠୁନାହିଁ ବୋଲି ଆର୍‌ବିଆଇ ଅଦାଲତକୁ ଜଣାଇଥିଲେ। କେନ୍ଦ୍ରୀୟ ବ୍ୟାଙ୍କ ଏହି ନିଷ୍ପତ୍ତିରେ ଅଟଳ ଥିବା ଦର୍ଶାଇଛି। ସମ୍ପ୍ରତି ପୁନଃନିର୍ମାଣ କମ୍ପାନୀ ଗଠନ ସପକ୍ଷରେ କେନ୍ଦ୍ରୀୟ ବ୍ୟାଙ୍କ ନାହିଁ ବୋଲି ପୂର୍ବରୁ ଏହା ସ୍ପଷ୍ଟ କରିସାରିଛି। ଏପରିପ୍ରେକ୍ଷୀରେ ବୈଠକରେ ଯୋଗଦେବାର ଯଥାର୍ଥତା ନାହିଁ ବୋଲି କୁହାଯାଇଛି। ବୈଠକ ହେବା ପୂର୍ବରୁ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ କହିଥିଲେ ଯେ, ଉକ୍ତ ବୈଠକରେ ଯୋଗ ଦେବା ଲାଗି ଆର୍‌ବିଆଇକୁ ନିମନ୍ତ୍ରଣ କରାଯାଇଛି। ସରକାରଙ୍କ ଦ୍ୱାରା ଗଠିତ ଉକ୍ତ କମିଟିରେ ରେଲୱେ, ଅର୍ଥ, ଶକ୍ତି ଓ କୋଇଲା ମନ୍ତ୍ରଣାଳୟର ପ୍ରତିନିଧିମାନଙ୍କୁ ସାମିଲ କରାଯାଇଛି। ଆର୍‌ବିଆଇ ଏହାର ପ୍ରଣୀତ ନିୟମକୁ କୋହଳ କରୁ ବୋଲି କେନ୍ଦ୍ର ସରକାର ଚାହୁଁଛନ୍ତି।

## ୭୪୩୯ କୋଟି ଟଙ୍କା ଟିକସ ଦେଇଛି ୱାଲମାର୍ଟ

Walmart

**ନୂଆଦିଲ୍ଲୀ,୧୬-୯(ପି.ଟି.)**

ଆମେରିକାଭିତ୍ତିକ ରିଟେଲ କର୍ପୋରେଶନ ୱାଲ୍‌ମାର୍ଟ ଭାରତର ପ୍ରମୁଖ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟ ଅଧିଗ୍ରହଣ ପାଇଁ ୭,୪୩୯ କୋଟି ଟଙ୍କା ଟିକସ ପ୍ରଦାନ କରିଛି। ଜଣେ ଟିକସ ଅଧିକାରୀ ଏହା କହିଛନ୍ତି। ସେପ୍ଟେମ୍ବର ୭ରେ ୱାଲ୍‌ମାର୍ଟ ଏହି ଟିକସ ପୈଠ କରିଛି। ୱାଲ୍‌ମାର୍ଟ ଫ୍ଲିପ୍‌କାର୍ଟର ପାଖାପାଖି ୪୪ ଅଂଶିଦାରଙ୍କ ଅଂଶଧନ କ୍ରୟ କରିଥିବା ବେଳେ ସେଥମଧ୍ୟରୁ ମାତ୍ର ୧୦ ଜଣଙ୍କ କ୍ଷେତ୍ରରେ ଟିକସ ପୈଠ କରିଛି। ବାକି ୩୪ ଜଣଙ୍କ ପାଇଁ ଏହା ଟିକସ ପ୍ରଦାନ କରିନାହିଁ ବୋଲି ଅଧିକାରୀ ଜଣକ କହିଛନ୍ତି।

# ପରିଚାଳନାଗତ କାର୍ଯ୍ୟରେ ନଷ୍ଟ ହେଉଛି ସମୟ

**ମୁମ୍ବାଇ, ୧୬-୯(ପି.ଟି.)**



ଅଧିକାଂଶ କର୍ମଚାରୀ ଯେଉଁ କାମ ପାଇଁ ନିଯୁକ୍ତ ହେଉଛନ୍ତି, ସେଥିରେ ନିୟୋଜିତ ନ ରହି ଆନୁଷଙ୍ଗିକ ତଥା ପରିଚାଳନାଗତ କାର୍ଯ୍ୟରେ ସମୟ ବିତାଇବାକୁ ବାଧ ହେଉଛନ୍ତି।

ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନି, ଭାରତ, ମେକ୍ସିକୋ ଏବଂ ବ୍ରିଟେନରେ କାର୍ଯ୍ୟରତ କର୍ମଚାରୀଙ୍କୁ ନେଇ ହୋଇଥିବା ସର୍ଭେରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ପ୍ରକୃତରେ ଯେଉଁ କାର୍ଯ୍ୟ ପାଇଁ କର୍ମଚାରୀ ନିୟୋଜିତ ସେଥିରେ ସେମାନଙ୍କ ସମୟ ଅତିବାହିତ ହେଉ ନାହିଁ। ବରଂ ନିଜ ପରିସର ବହିର୍ଭୂତ ଆନୁସଙ୍ଗିକ କାର୍ଯ୍ୟରେ ସେମାନଙ୍କ ସମୟ ନଷ୍ଟ ହେଉଛି। ଅଧିକାଂଶ କର୍ମଚାରୀଙ୍କୁ ଅଫିସ୍‌ର ପରିଚାଳନାଗତ କାର୍ଯ୍ୟରେ ନିୟୋଜିତ କରାଯାଉଛି। ନଚେତ୍ ଯେଉଁ କାର୍ଯ୍ୟ ପାଇଁ ସେମାନେ ନିଯୁକ୍ତି ପାଇଛନ୍ତି ସେଥିରେ ସମୟ ନ ଯାଇ ଅନ୍ୟାନ୍ୟ କାମରେ ସମୟ ବିତୁଛି। ପାଖାପାଖି ପ୍ରତି ୧୦ ଜଣରେ ୯ ଜଣଙ୍କ କ୍ଷେତ୍ରରେ ଏଭଳି ଘଟୁଛି।

ଏକ ସର୍ଭେରୁ ଏହା ସାମ୍ନାକୁ ଆସିଛି। କ୍ରୋନସ ନାମକ ଏକ ୱାର୍କଫୋର୍ସ ମ୍ୟାନେଜ୍‌ମେଣ୍ଟ ସଂସ୍ଥା ୨୮୦୦ କର୍ମଚାରୀଙ୍କ ମତାମତକୁ ନେଇ ଏହି ସର୍ଭେ କରିଥିଲା। ଏଥିରେ ଅଷ୍ଟ୍ରେଲିଆ, କାନାଡା, ଫ୍ରାନ୍ସ, ଜର୍ମାନି, ଭାରତ, ମେକ୍ସିକୋ ଏବଂ ବ୍ରିଟେନରେ କାର୍ଯ୍ୟରତ କର୍ମଚାରୀଙ୍କୁ ସାମିଲ କରାଯାଇଥିଲା।

ଏଥିରେ କୁହାଯାଇଛି, ପାଖାପାଖି ୪୧% କର୍ମଚାରୀ ସେମାନଙ୍କର କାର୍ଯ୍ୟ ଦିବସରୁ ଏକ ଘଣ୍ଟାରୁ ଅଧିକ ସମୟ ନିଜ ପରିସର ବହିର୍ଭୂତ କାର୍ଯ୍ୟରେ ଲାଗୁଛନ୍ତି। ଖାଲି ସେତିକି ନୁହେଁ, ଏହି କାମ ଦ୍ୱାରା ନିଜ ସଂଗଠନ ପାଇଁ କୌଣସି ଫଳ ମିଳୁନାହିଁ ବୋଲି ସେମାନେ କହିଛନ୍ତି। ନିଜ ସହକର୍ମୀଙ୍କୁ ସାହାଯ୍ୟ କରିବା, କମ୍ପାନୀର ପରିଚାଳନାଗତ କାର୍ଯ୍ୟରେ ନ୍ୟସ୍ତ ରହିବା, ମେଲ୍‌ର ଉତ୍ତର ଦେବା ଆଦି ଅନ୍ୟାନ୍ୟ କାମରେ ସମୟ ନଷ୍ଟ ହେଉଛି। ସେହିପରି ବୈଠକ, ଇମେଲ୍, ଗ୍ରାହକ ସମସ୍ୟା ସମାଧାନ ଭଳି କେତୋଟି କାର୍ଯ୍ୟ ଅଧିକ ସମୟ ନେଉଛି ବୋଲି ଏଥିରେ କୁହାଯାଇଛି। ଚଳିତ ବର୍ଷ ଜୁଲାଇ ୩୧ରୁ ଅଗଷ୍ଟ ୯ ମଧ୍ୟରେ ଏହି ସର୍ଭେ କରାଯାଇଥିଲା।



“ ଅଷ୍ଟ୍ରେଲିଆ ବୋଲିଂ ଆଟାକ୍‌କୁ ସାମ୍ନା କରିବାକୁ ହେଲେ ଭାରତକୁ ଏହାର ବ୍ୟାଟିଂରେ କିଛି ସୁଧାର ଆଣିବାକୁ ପଡ଼ିବ।

–ଇଆନ ଚାପେଲ, ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ

“ ମନୁଷ୍ୟ ଜୀବନରେ କ୍ରୀଡ଼ାର ଆବଶ୍ୟକତା ରହିଛି। କେତେକ ଖେଳ ରହିଛି ଯେଉଁଥିରେ ଆମେ ନିଜକୁ ଫିଟ୍ ରଖିପାରିବା।

–ଚୌଧାରୀ ବୀରେନ୍ଦର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ



## ସଂକ୍ଷେପରେ

### ମେରୀକମ୍‌ଙ୍କୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ,୧୬।୯(ପି.ଟି.):** ଚାମ୍ପିୟନ ମହିଳା ବକ୍ସର ଏମ୍.ସି. ମେରୀକମ୍ (୪୮ କିଗ୍ରା) ଚଳିତ ବର୍ଷ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୋଲାଣ୍ଡ ଗ୍ଲିୱିସଠାରେ ଚାଲିଥିବା ୧୩ତମ ସିଲେସିଆନ ଓପନ ବକ୍ସିଂ ଟୁର୍ନାମେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ଅନ୍ୟପକ୍ଷରେ ମନୀଷା (୫୪ କିଗ୍ରା) ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ପାଞ୍ଚ ଥର ବିଶ୍ୱ ଚାମ୍ପିୟନ ମେରୀକମ୍ କାଜଖସ୍ତାନର ଏଗେରିମ କାସାନାୟେଭାଙ୍କୁ ୫-୦ ବ୍ୟବଧାନରେ ପରାସ୍ତ କରିଛନ୍ତି। ସେ ଏହି ପ୍ରତିଯୋଗିତାର ସିନିୟର ବର୍ଗରେ ଏକମାତ୍ର ଭାରତୀୟ ବକ୍ସର ଭାବେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୩୫ ବର୍ଷୀୟ ଅଲିମ୍ପିକ ବ୍ରୋଞ୍ଜ ପଦକଧାରୀ ନିଜଠାରୁ ଅପେକ୍ଷାକୃତ ଉଚ୍ଚତା ବିଶିଷ୍ଟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସମ୍ପୂର୍ଣ୍ଣ ଏକତରଫା ଭାବେ ପରାସ୍ତ କରିଥିଲେ। ତାଙ୍କପରେ ରିଙ୍ଗକୁ ଓହ୍ଲାଇଥିବା ମନୀଷା ୫୪ କିଗ୍ରା ବର୍ଗର ଫାଇନାଲରେ ୨-୩ ବ୍ୟବଧାନରେ ୟୁକ୍ରେନର ଇଭାନ୍ନା କ୍ରୁପେନିଆଙ୍କଠାରୁ ହାରି ଯାଇଛନ୍ତି। ଏହାବାଦ୍ ସିନିୟର ବର୍ଗରେ ଭାରତ ଲାଗି ପୂର୍ବତନ ବିଶ୍ୱ ଚାମ୍ପିୟନ ଏଲ. ସରିତା ଦେବୀ (୬୦ କିଗ୍ରା), ରିତୁ ଗ୍ରେୱାଲ (୫୧ କିଗ୍ରା), ଲୋଭଲିନା ବୋର୍ଗୋହାଇନ (୬୯ କିଗ୍ରା) ଓ ପୂଜା ରାଣୀ (୮୧ କିଗ୍ରା) ବ୍ରୋଞ୍ଜ ପଦକ ଜିତିଛନ୍ତି।

### ସର୍ବିୟା ବିପକ୍ଷରେ ଭାରତ ବିଜୟଶୂନ୍ୟ

**କ୍ରାଲଜେଭୋ (ସର୍ବିୟା), ୧୬।୯(ପି.ଟି.):** ଘରୋଇ ସର୍ବିୟା ବିପକ୍ଷ ଏଠାରେ ଚାଲିଥିବା ଡେଭିସ୍ ୱାର୍ଲ୍ଡ ଗ୍ରୁପ୍ ପ୍ଲେ-ଅଫ୍ ଟାଇରେ ଭାରତ ଗୋଟିଏ ବି ମ୍ୟାଚ୍ ଜିତିବାରେ ସମର୍ଥ ହୋଇନାହିଁ। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସର ଏକ ମୁକାବିଲାରେ ଭାରତର ଏନ୍. ଶ୍ରୀରାମ ବାଲାଜୀ ୩-୬, ୧-୬ ସିଧାସଳଖ ସେଟ୍‌ରେ ସର୍ବିୟାର ପେଡ୍‌ଜା କ୍ରିଷ୍ଟେନ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି। ଏଥିସହ ସର୍ବିୟା ବିପକ୍ଷ ଡେଭିସ୍ କପ୍ ମୁକାବିଲାକୁ ଭାରତ ୦-୪ରେ ହାରି ଅଭିଯାନ ଶେଷ କରିଛି। ଏହି ମ୍ୟାଚ୍ ପୂର୍ବରୁ ଭାରତ ଶନିବାର ଅନ୍ୟ ୩ଟି ମ୍ୟାଚ୍ ହାରି ୩-୦ରେ ଆଗୁଆ ଟାଇ ହାରିସାରିଥିଲା। ବିଜୟ ସହ ସର୍ବିୟା ୪-୦ରେ ଅଗ୍ରଣୀ ହୋଇଥିବାବେଳେ ଉଭୟ ଦଳ ଅନ୍ତିମ ତଥା ୫ମ ମ୍ୟାଚ୍ ଖେଳିବାକୁ ରାଜି ହୋଇ ନ ଥିଲେ। ବିଶ୍ୱର ତାରକା ଖେଳାଳି ନୋଭାକ ଜୋକୋଭିଚ୍‌ଙ୍କ ବିନା ସର୍ବିୟା ଏହି ମୁକାବିଲା ଖେଳିଥିଲେ ମଧ ଭାରତ ଏହାର କୌଣସି ଫାଇଦା ଉଠାଇ ପାରି ନ ଥିଲା। ଭାରତ ଡେଭିସ୍ କପ୍‌ରେ ସର୍ବିୟା ବିପକ୍ଷରେ ମୋଟ୍ ୫ଥର ଖେଳିଥିବାବେଳେ ଏହା ୪ର୍ଥ ପରାଜୟ ଥିଲା। ୧୯୨୭ରେ ଭାରତ ଏହାର ଏକମାତ୍ର ବିଜୟ ହାସଲ କରିଥିଲା। ସେତେବେଳେ ସର୍ବିୟା ୟୁଗୋସ୍ଲୋଭାକିଆ ଭାବେ ପରିଚିତ ଥିଲା।

### ଫାଓ ଲିଗ୍: ଜୟଦୁର୍ଗା, ଓଡ଼ିଶା ପୋଲିସ ବିଜୟୀ

**କଟକ ଅଫିସ,୧୬।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ରବିବାର ୨ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଜୟଦୁର୍ଗା କ୍ଲବ ଓ ଓଡ଼ିଶା ପୋଲିସ ବିଜୟୀ ହୋଇଛନ୍ତି। ଜୟଦୁର୍ଗା କ୍ଲବ ୨-୧ ଗୋଲରେ ରାଧାରମଣ କ୍ଲବକୁ ପରାସ୍ତ କରିଛି। ଜୟଦୁର୍ଗା ପକ୍ଷରୁ ୨୯ତମ ମିନିଟରେ ପ୍ରଶାନ୍ତ କୁମାର ବେହେରା ଓ ୩୫ତମ ମିନିଟରେ ସିଦ୍ଧାନ୍ତ ଦାସ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିବା ବେଳେ ରାଧାରମଣ ପକ୍ଷରୁ ୩୦ତମ ମିନିଟରେ ବୁଦ୍ଧ ହେମ୍ବ୍ରମ ଏକମାତ୍ର ଗୋଲ ସ୍କୋର କରିଥିଲେ। ଓଡ଼ିଶା ପୋଲିସ ୩-୧ ଗୋଲରେ ବିଡ଼ାନାସୀ କ୍ଲବକୁ ହରାଇଥିଲା। ଅଭିମନ୍ୟୁ ପାଣ୍ଡେ ୧୪ତମ ମିନିଟରେ, ବିଜୟ ଘଲାନ ୬୭ତମ ମିନିଟରେ, ବାବୁଲାଲ ମାରାଣ୍ଡି ୭୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ବିଡ଼ାନାସୀ ପକ୍ଷରୁ ବୋହନ ମାଝୀ ୮୦ତମ ମିନିଟରେ ଏକ ମାତ୍ର ଗୋଲ ଦେଇଛନ୍ତି।

# ଭାରତୀୟ କ୍ୟାମ୍ପରେ ଓଡ଼ିଶାର ୫ ଖେଳାଳି

ନୂଆଦିଲ୍ଲୀ(ପି.ଟି.)/ ଭୁବନେଶ୍ୱର(କ୍ରୀଡ଼ା ପ୍ରତିନିଧି) ୧୬।୯

ସୁଲତାନ ଜୋହର କପ୍ ହକି ଟୁର୍ନାମେଣ୍ଟର ୮ମ ସଂସ୍କରଣ ମାଲେସିଆର ଜୋହର ବାହରୁଠାରେ ଅକ୍ଟୋବର ୬ରୁ ୧୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ହକି ଇଣ୍ଡିଆ ପକ୍ଷରୁ ରବିବାର ଘୋଷିତ ୨୪ ଜଣିଆ ଜୁନିୟର କୋର୍ ଖେଳାଳି ତାଲିକାରେ ଓଡ଼ିଶାର ୫ ଜଣ ସ୍ଥାନ ପାଇଛନ୍ତି। ଏହି ୫ ଖେଳାଳି ହେଲେ ଗୋଲକିପର ପଙ୍କଜ କୁମାର ରଜାକ, ଡିଫେଣ୍ଡର ସୁମନ ବେକ୍, ସିରିଲ ଲୁଗୁନ, ମିଡ୍‌ଫିଲ୍ଡର ଗ୍ରେଗୋରି ଖେସ୍ ଓ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ୨୪ ଜଣିଆ

**ସୁଲତାନ ଜୋହର କପ୍ ଜୁନିୟର ହକି**

କୋର ଖେଳାଳିଙ୍କୁ ନେଇ ଭାରତୀୟ ଜୁନିୟର ଦଳର କ୍ୟାମ୍ପ ବେଙ୍ଗାଲୁରୁଠାରେ ସୋମବାରଠାରୁ ଆରମ୍ଭ ହେବ। ସେଠାରେ କୋଚ୍ ଜୁଡ୍ ଫେଲିକ୍ସ ଅକ୍ଟୋବର ୪ ପର୍ଯ୍ୟନ୍ତ ଖେଳାଳିଙ୍କୁ ଟ୍ରେନିଂ ଦେବେ। ଏହାପରେ ଚୂଡ଼ାନ୍ତ ଦଳ ମନୋନୟନ ହେବ। କ୍ୟାମ୍ପରେ



ଶିଳାନନ୍ଦ ଲାକ୍ରା




ପଙ୍କଜ କୁମାର ରଜାକ



ଗ୍ରେଗୋରି ଖେସ

ଯୋଗ ଦେବାପାଇଁ ଉଭୟ ଗ୍ରେଗୋରି ଓ ଶିଳାନନ୍ଦ ରବିବାର ବେଙ୍ଗାଲୁରୁ ଯାତ୍ରା କରିଥିବା ହକି ଗାଙ୍ଗପୁର ଓଡ଼ିଶା ସମ୍ପାଦକ ଦେବାଶିଷ ଗୌଡ଼ା ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ ନିକଟରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଓ ହକି ବିଶ୍ୱକପ ପାଇଁ ଘୋଷିତ ୨୫ ଜଣିଆ ସିନିୟର କୋର୍ ଖେଳାଳି ତାଲିକାରେ ଜଣେ ହେଲେ ଓଡ଼ିଶା ଖେଳାଳିଙ୍କୁ ସାମିଲ କରାଯାଇ ନ ଥିଲା। ଏବେ ଜୁନିୟର କ୍ୟାମ୍ପ ପାଇଁ ୫ ଜଣଙ୍କୁ ଚୟନ କରାଯାଇଛି।

ସୁଲତାନ ଜୋହର କପ୍‌ର ୭ମ ସଂସ୍କରଣରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ସେଥିରେ ଖେଳିଥିବା ୮ ଖେଳାଳିଙ୍କୁ ଏଥର ମଧ କ୍ୟାମ୍ପରେ ନିଆ ଯାଇଛି। କେତେକ ନୂଆ ଖେଳାଳିଙ୍କୁ କ୍ୟାମ୍ପରେ ନିଆ ଯାଇଥିବା ଦେଖିବାକୁ ମିଳିଛି। ‘‘ଆମେ ଏପରି ଜୁନିୟର କୋର ଖେଳାଳି ଚୟନ କରିଛୁ ଯେଉଁମାନେ କି ଭବିଷ୍ୟତରେ ଭାରତୀୟ ସିନିୟର ଦଳରେ ଖେଳି ପାରିବେ। ଏବେ ସୁଲତାନ ଜୋହର କପ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଆମର ପ୍ରଥମ ଲକ୍ଷ୍ୟ’’ ବୋଲି କୋଚ୍ ଜୁଡ୍ ଫେଲିକ୍ସ ପ୍ରକାଶ କରିଛନ୍ତି। ଦକ୍ଷତା, ଫିଟ୍‌ନେସ୍, ସ୍ପିଡ୍ ଓ ମାନସିକ ଦୃଢ଼ତା ବୃଦ୍ଧିକୁ ମଧ ଆମେ ଗୁରୁତ୍ୱ ଦେଉଛୁ ବୋଲି ସେ କହିଛନ୍ତି।

**ମନୋନୀତ ଖେଳାଳି**

**ଗୋଲକିପର:** ପଙ୍କଜ କୁମାର ରଜାକ, କମଲବୀର ସିଂ।
**ଡିଫେଣ୍ଡର:** ସୁମନ ବେକ୍, ମହମ୍ମଦ ଫରାଜ, ସୋମଜିତ, ମନଦୀପ ମୋର, ପରମପ୍ରୀତ ସିଂ, ପ୍ରିନ୍ସ, ବରିନ୍ଦର ସିଂ, ସିରିଲ ଲୁଗୁନ।
**ମିଡ୍‌ଫିଲ୍ଡର:** ଗ୍ରେଗୋରି ଖେସ୍, ଯଶଦୀପ ସିୱାଚ୍, ହରମନଜିତ ସିଂ, ବିଷ୍ଣୁକାନ୍ତ ସିଂ, ଗୋପି କୁମାର ସୋନକାର, ବିଶାଲ ଆଣ୍ଟିଲ, ହସପ୍ରୀତ ସିଂ।
**ଫରୱାର୍ଡ:** ଗୁରୁସାହାବଜିତ ସିଂ, ଅମନଦୀପ ସିଂ, ଅଭିଲାଷ ଷ୍ଟାଲିନ, ଅଭିଷେକ, ଏସ.ମନି ସିଂ, ପ୍ରଭଜୋତ ସିଂ, ଶିଳାନନ୍ଦ ଲାକ୍ରା।

## ଭାରତୀୟ ବକ୍ସରଙ୍କୁ ୩ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୧୬।୯(ପି.ଟି.)

ତୁର୍କୀର ଇସ୍ତାନବୁଲରେ ଅନୁଷ୍ଠିତ ଅହମେତ୍ କମେର୍ଟ ବକ୍ସିଂ ଟୁର୍ନାମେଣ୍ଟର ରବିବାର ଭାରତୀୟ ବକ୍ସର ୩ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିମରନଜିତ୍ କୌର (୬୪ କିଗ୍ରା), ମୋନିକା (୪୮ କିଗ୍ରା) ଓ ଭାଗ୍ୟବତୀ କଚାରି (୮୧ କିଗ୍ରା) ନିଜ ନିଜ ଓଜନବର୍ଗରେ ପୋଡିୟମ ଶୀର୍ଷରେ ରହି ସ୍ୱର୍ଣ୍ଣ ସଫଳତା ପାଇଥିଲେ। ୬୪ କିଗ୍ରା ଫାଇନାଲରେ ସିମରନଜିତ୍ ଘରୋଇ ବକ୍ସର ସୀମା କାଲିସକାନଙ୍କୁ ହରାଇ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ସେହିଭଳି ଲାଇଟ୍ ପ୍ଲାଏ କାଟାଗୋରୀ ଫାଇନାଲରେ ମୋନିକା ଅନ୍ୟତମ ତୁର୍କୀ ବକ୍ସର ଆୟସେ କାଗିରେରଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାତେଇଥିଲେ। ୮୧ କିଗ୍ରାରେ ଭାଗ୍ୟବତୀ ଘରୋଇ ପ୍ରତିଯୋଗୀ ସେଲମା କାରକୋୟୁନ୍‌ଙ୍କୁ ଫାଇନାଲରେ ପରାସ୍ତ କରିଛନ୍ତି। ଅପରପକ୍ଷରେ ଭାରତୀୟ ବକ୍ସର ପିଙ୍କି ଜାଙ୍ଗ୍ରା (୫୧ କିଗ୍ରା) ଫାଇନାଲରେ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ରହିଥିବାବେଳେ ବିଶ୍ୱଚାମ୍ପିୟନଶିପ୍ ରୌପ୍ୟ ପଦକ ବିଜୟିନୀ ସୋନିଆ ଲାଥର (୫୭ କିଗ୍ରା) ବ୍ରୋଞ୍ଜ ହାସଲ କରିଥିଲେ।

■ ୨-୧ରେ ସିରିଜ ଜିତିଲା ଭାରତ

# ମିଥାଲିଙ୍କ ଶତକ ସତ୍ତ୍ୱେ ଭାରତ ପରାସ୍ତ

କଟୁନାୟକେ (ଶ୍ରୀଲଙ୍କା), ୧୬।୯(ପି.ଟି.)

ଅଧିନାୟିକା ମିଥାଲି ରାଜଙ୍କ କ୍ୟାରିୟରର ଶ୍ରେଷ୍ଠ ଇନିଂସ ସତ୍ତ୍ୱେ ଭାରତୀୟ ମହିଳା କ୍ରିକେଟ ଦଳ ରବିବାର ଏଠାରେ ଖେଳାଯାଇଥିବା ଅନ୍ତିମ ତଥା ୩ୟ ଦିନିକିଆ ମ୍ୟାଚ୍‌ରେ ଘରୋଇ ଶ୍ରୀଲଙ୍କଠାରୁ ପରାସ୍ତ ହୋଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୨୫୪ ରନ୍‌ର ଲକ୍ଷ୍ୟକୁ ଶ୍ରୀଲଙ୍କା ମହିଳା କ୍ରିକେଟ ଦଳ ଗୋଟିଏ ବଲ୍ ପୂର୍ବରୁ ୩ ଉଇକେଟ୍‌ରେ ଜିତିନେଇଥିଲା। ବିଜୟ ସତ୍ତ୍ୱେ ଶ୍ରୀଲଙ୍କା ୩ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୨-୧ରେ ହାରିଯାଇଛି। ବୁଧବାରଠାରୁ ଦୁଇଦେଶ ମଧ୍ୟରେ ୫ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଆରମ୍ଭ ହେବ।

ସିରିଜର ଏହି ଅନ୍ତିମ ଦିନିକିଆରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରାରମ୍ଭରୁ ଓପ୍‌ନର ଜେମିମା ରୋଡ୍ରିଗୁଏଜ (୦)ଙ୍କ ଉଇକେଟ୍ ହରାଇଥିଲା। ତେବେ ଅଧିନାୟିକା ମିଥାଲି ଓ ଅନ୍ୟତମ ଓପ୍‌ନର ସ୍ମୃତି ମନ୍ଧାନା ୨ୟ ଉଇକେଟ୍‌ରେ ଦୃଢ଼ ବ୍ୟାଟିଂ କରି ଭାରତକୁ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଥିଲେ। ଉଭୟଙ୍କ ମଧ୍ୟରେ ଦ୍ୱିତୀୟ ଉଇକେଟ୍‌ରେ ୧୦୨ ରନ୍‌ର ଭାଗୀଦାରି ହୋଇଥିବାବେଳେ ମନ୍ଧାନା ୫୧ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ହରମନପ୍ରୀତ୍ କୌର (୧୭) ଓ ଦୀପ୍ତି ଶର୍ମା (୩୮)ଙ୍କ



ମିଥାଲି ରାଜ।

ସହ ମିଶି ମିଥାଲି ଭାରତର ସ୍କୋରକୁ ଅଢ଼େଇ ଶହ ରନ୍ ଅତିକ୍ରମ କରାଇଥିଲେ। ନିର୍ଦ୍ଧାରିତ ଓଭରରେ ଭାରତ ୫ ଉଇକେଟ୍ ହରାଇ ୨୫୩ ରନ୍ କରିଥିଲା। ମିଥାଲି ୧୪୩ ବଲ୍‌ରୁ ୧୨୫ ରନ୍ (୧୪ ଚୌକା, ୧ ଛକା)କରିବା ସହ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ୩୫ ବର୍ଷୀୟା ମିଥାଲିଙ୍କ କ୍ୟାରିୟରର ୭ମ ଦିନିକିଆ ଶତକ ରହିଥିଲା। ଜବାବରେ ଶ୍ରୀଲଙ୍କା ମହିଳା ଦଳ ଅଧିନାୟିକା ଚାମରି ଆଟ୍ଟାପାଟ୍ଟୁଙ୍କ ୧୧୫ ରନ୍ (୧୩୩ ବଲ, ୧୩ ଚୌକା, ୪ ଛକା)ର ଶତକୀୟ ଇନିଂସ୍ ବଳରେ ୪୯.୫ ଓଭରରେ ୭ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପ୍‌ନର ହାସିନୀ ପେରେରା ୪୫, ଅନୁଷ୍କା ସଞ୍ଜୀବନୀ ୨୨, ନୀଳାକ୍ଷୀ ଡି ସିଲ୍‌ଭା ୧୫ ରନ୍ କରିଥିଲେ। ଝୁଲଣ ଗୋସ୍ୱାମୀ ଓ ମନୀଷା ଯୋଶୀଙ୍କୁ ୨ଟି ଲେଖାଏ ଉଇକେଟ୍ ମିଳିଥିଲା। ପୂର୍ବରୁ ଭାରତ ପ୍ରଥମ ଓ ୨ୟ ଦିନିକିଆକୁ ଯଥାକ୍ରମେ ୯ ଉଇକେଟ୍ ଓ ୭ ରନ୍‌ରେ ଜିତିଥିଲା।

**ସଂକ୍ଷିପ୍ତ ସ୍କୋର**

- ■ ଭାରତୀୟ ଇନିଂସ୍- ୨୫୩/୫, ୫୦ ଓଭର (ମିଥାଲି ୧୨୫*, ମନ୍ଧାନା ୫୧, ଦୀପ୍ତି ୩୮, ଉଦେଶିକା ପ୍ରବୋଧିନୀ ୧/୨୦)।
- ■ ଶ୍ରୀଲଙ୍କା ଇନିଂସ- ୨୫୭/୭, ୪୯.୫ ଓଭର (ଚାମରି ୧୧୫, ହାସିନୀ ୪୫, କବିଷା ଦିଲହରି ୧୨*, ଝୁଲଣ ୨/୩୯)।

# ଭୁବନେଶ୍ୱରରେ ହେବ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍

କଟକ ଅଫିସ,୧୬।୯

ଅକ୍ଟୋବର ୨୫ରେ ଭୁବନେଶ୍ୱରରେ ଭାରତ-ଶ୍ରୀଲଙ୍କା ବିପକ୍ଷ ଅନ୍ତର୍ଜାତୀୟ ଏକଦିବସୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ଓଡ଼ିଶାରେ ଦୃଷ୍ଟିହୀନ କ୍ରିକେଟ କ୍ଷେତ୍ରରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍। ପୂର୍ବରୁ ୨୦୧୭ ଫେବୃୟାରୀ ୭ ତାରିଖରେ ଦୃଷ୍ଟିହୀନ ବିଶ୍ୱକପ୍‌ରେ ଭୁବନେଶ୍ୱର କିଟ୍ ଗ୍ରାଉଣ୍ଡରେ ଭାରତ-ନ୍ୟୁଜିଲାଣ୍ଡ ବିପକ୍ଷ ଏକ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ ଭାରତ ବିଜୟୀ ହେବା ସହ ପରବର୍ତ୍ତୀ ସମୟରେ ବିଶ୍ୱକପ୍ ମଧ ଜିତି ଥିଲା। ତେବେ ଭୁବନେଶ୍ୱରର କେଉଁ ଗ୍ରାଉଣ୍ଡରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଟି ଖେଳାଯିବ ତାହା ସ୍ଥିର କରାଯାଇ ନାହିଁ। ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ ସିରିଜିର ଦ୍ୱିତୀୟ ମ୍ୟାଚ୍‌ଟି ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ଆୟୋଜନ କରିବାକୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ମହାସଂଘ ଅନୁମୋଦନ ପ୍ରଦାନ କରିଛି ବୋଲି ଜଣାପଡ଼ିଛି। ୨୩ ତାରିଖରେ ଦିଲ୍ଲୀଠାରେ ସିରିଜ୍‌ର ପ୍ରଥମ ମ୍ୟାଚ୍ ହେବା ବେଳେ ୨୫ ତାରିଖରେ ଭୁବନେଶ୍ୱରରେ ଦ୍ୱିତୀୟ ମ୍ୟାଚ୍ ଓ ଅନ୍ତିମ ମ୍ୟାଚ୍‌ଟି ୨୭ ତାରିଖରେ କଲିକତା ଠାରେ ଖେଳାଯିବ। ଏ ନେଇ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ପ୍ରକାଶ କୁମାର ରଥଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ସ୍ଥିତ ଓଏଲ୍‌ଏସ୍ ସଭାଗୃହରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ଉପସଭାପତି ଅଶୋକ କୁମାର ସାହୁ, ଯୁଗ୍ମ ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, କୋଷାଧ୍ୟକ୍ଷ ପ୍ରଜ୍ଞା ପରମିତା ବେହେରା, ମ୍ୟାନେଜର ଯୋଗେନ୍ଦ୍ର କୁମାର ଜାନୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ମ୍ୟାଚ୍ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଭାପତି ତଥା ଅନ୍ତର୍ଜାତୀୟ ଖେଳାଳି ମହମ୍ମଦ ଜାଫର ଇକ୍ବାଲ କହିଛନ୍ତି, ଭୁବନେଶ୍ୱରରେ ମ୍ୟାଚ୍ ହେବା ନିଶ୍ଚିତ। ଆଗାମୀ କିଛି ଦିନ ମଧ୍ୟରେ ଭେନ୍ୟୁ ଘୋଷଣା କରାଯିବା ସହ ଆୟୋଜନ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଜାଫର କହିଥିଲେ। ଅନ୍ୟପକ୍ଷରେ ହେବାକୁ ଥିବା ଏହି ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଏଯାଏଁ ଜାତୀୟ ଦଳ ଘୋଷଣା କରାଯା ନଥିବା ବେଳେ ଦଳରେ ଓଡ଼ିଆ ଖେଳାଳି ରହିବାର ଆଶା ରହିଛି ବୋଲି ସେ କହିଛନ୍ତି।

# କେରଳା ବ୍ଲାଷ୍ଟର୍ସ ଅଂଶଧନ ବିକିଲେ ସଚିନ

ମୁମ୍ବାଇ,୧୬।୯

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଆଗାମୀ ସିଜନ ଆରମ୍ଭ ହେବା ପୂର୍ବରୁ ଫ୍ରାଞ୍ଚାଇଜ କେରଳା ବ୍ଲାଷ୍ଟର୍ସର ଅନ୍ୟତମ ଅଂଶୀଦାର ଲିଜେଣ୍ଡ କ୍ରିକେଟର ସଚିନ ତେନ୍ଦୁଲକର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସେ ନିଜ ଅଂଶଧନ ବିକ୍ରି ଦେଇଛନ୍ତି। କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଗତ ୪ ବର୍ଷ ହେଲା ଦଳ ଜଡ଼ିତ ହୋଇ ରହିଥିଲେ। ସେ ପ୍ରାୟତଃ କ୍ଲବ ମ୍ୟାଚ୍‌ବେଳେ ଷ୍ଟାଡିୟମ୍‌ରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ତେନ୍ଦୁଲକରଙ୍କ ସହ ଟଲିଉଡ ଆକ୍ଟର ଆଲୁ ଅର୍ଜୁନ, ନାଗାର୍ଜୁନା, ଚିରଞ୍ଜୀବୀ ଓ ଉଦ୍ୟୋଗପତି ନିମାଗାଡା ପ୍ରସାଦ ଫ୍ରାଞ୍ଚାଇଜ୍‌ର ଅଂଶୀଦାର ଅଛନ୍ତି। ‘‘ପଞ୍ଚମ ବର୍ଷ କ୍ଲବ ପାଇଁ ବିଲ୍ଡିଂ ନିର୍ମାଣ କରିବା ଗୁରୁତ୍ୱପୂର୍ଣ୍ଣ। ଏବେ ମୋ କାର୍ଯ୍ୟ ତୁଲାଇବାର ସମୟ ଆସିଯାଇଛି। କ୍ଲବର ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା କରିବା ପରେ ମୁଁ କେରଳା ବ୍ଲାଷ୍ଟର୍ସ ସହ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି।

# ଓଡ଼ିଶାରୁ ନୃସିଂହ, ଆଶୁତୋଷ, ପ୍ରଭାତ ଭାଗନେବେ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଏଭରେଷ୍ଟ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ-ଡୋ ଚାମ୍ପିୟନଶିପ୍‌ର ୩ୟ ସଂସ୍କରଣ ନେପାଳର କାଭ୍ରିସ୍ଥିତ ଧୁଲିଖେଲ୍ ମିରାବେଲ୍ ରିସର୍ଟରେ ଚଳିତମାସ ୨୦ରୁ ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଟାଏକୋଣ୍ଡୋ-ଡୋ ଫେଡେରେଶନରୁ କୋଚ୍‌ଙ୍କ ସମେତ ମୋଟ ୩ ଜଣ ଭାଗନେବେ। ସେମାନେ ହେଲେ କୋଚ୍ ପ୍ରଭାତ ଚନ୍ଦ୍ର ସାହୁ ଏବଂ ସିନିୟର ମାଷ୍ଟର୍ସ ନୃସିଂହ ସିଂ ଓ ଆଶୁତୋଷ ସାହାଣୀ। ନେପାଳରେ ପ୍ରତିଯୋଗିତା ଅବସରରେ ଏକ ସେମିନାର ମଧ ଅନୁଷ୍ଠିତ ହେବ। ପ୍ରଭାତ ଉକ୍ତ ସେମିନାରରେ ଅଂଶଗ୍ରହଣ କରିବେ। ପ୍ରକାଶ ଯୋଗ୍ୟ ଯେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତରୁ ମୋଟ ୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ଭାଗ ନେବାକୁ ଯାଉଥିବା କୋଚ୍ ଓ ୨ ଖେଳାଳି




(ବାମରୁ) ନୃସିଂହ ସିଂ, ଓମ୍ ପ୍ରକାଶ ଧଳ, ପ୍ରଭାତ ଚନ୍ଦ୍ର ସାହୁ, ଆଶୁତୋଷ ସାହାଣୀ।

ଆସନ୍ତା ୧୮ ତାରିଖରେ ନେପାଳ ଯାତ୍ରା କରିବେ ବୋଲି ଓଡ଼ିଶା ଟାଏକୋଣ୍ଡୋ-ଡୋ ଫେଡେରେଶନ ସଭାପତି ଓମ୍ ପ୍ରକାଶ ଧଳ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ‘‘ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେଠାରେ ସେମିନାର ଅବସରରେ ଟାଏକୋଣ୍ଡୋର ଆଡ୍‌ଭାନ୍ସ ଟ୍ରେନିଂ ମଧ ଦିଆଯିବ। ଟ୍ରେନିଂ ନେଲେ କୋଚ୍ ଓ ପ୍ରତିଯୋଗୀ ନିଶ୍ଚିତଭାବେ ଅଧିକ କିଛି ଶିଖି ପାରିବେ’’ ବୋଲି ଓମ୍‌ପ୍ରକାଶ କରିଛନ୍ତି। ‘‘ଜାତୀୟ ସ୍ତରରେ ଆମ ପ୍ରଦର୍ଶନ ବେଶ୍ ଭଲ। ନିକଟରେ କେରଳରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗୀତାରେ ମଧ ଆମେ ଦକ୍ଷତା ଦେଖାଇଥିଲୁ। ନେପାଳରେ ହେବାକୁ ଯାଉଥିବା ସେମିନାରରେ ଅନେକ କଥା ଜାଣିବାକୁ ମିଳିବ ଏବଂ ଅଭିଜ୍ଞତା ହାସଲ ହୋଇ ପାରିବ’’ ବୋଲି କୋଚ୍ ପ୍ରଭାତ ପ୍ରକାଶ କରିଛନ୍ତି। ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବାରୁ ସ୍ୱାଭାବିକଭାବେ ବେଶ୍ ଉତ୍ସାହିତ ଅଛନ୍ତି ନୃସିଂହ ଓ ଆଶୁତୋଷ। ଅନ୍ତର୍ଜାତୀୟ ପ୍ରତିଯୋଗିତା ହୋଇଥିବାରୁ ସେଥିରେ ବିଭିନ୍ନ ଦେଶର ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ତେଣୁ ଜାତୀୟ ପ୍ରତିଯୋଗିତା ନିଶ୍ଚିତ ଟପ୍ ରହିବ। ତେବେ ଆମେ ଜାତୀୟ ସ୍ତରରେ ଅନେକ ପ୍ରତିଯୋଗିତାରେ ଭାଗନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛୁ। ସେହି ଅଭିଜ୍ଞତାକୁ ପାଥେୟ କରି ଆମେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମଧ ସଫଳ ହେବାନେଇ ଆଶା ରଖିଛୁ ବୋଲି ଉଭୟ ନୃସିଂହ ଓ ଆଶୁତୋଷ ପ୍ରକାଶ କରିଛନ୍ତି।

**ଏଭରେଷ୍ଟ ଓପନ ଅନ୍ତର୍ଜାତୀୟ ଟାଏକୋଣ୍ଡୋ**

## ସୌରାଷ୍ଟ୍ର ଦଳରେ ପୂଜାରା, ଜାଡେଜା

ରାଜକୋଟ,୧୬।୯(ପି.ଟି.)

ଆଗାମୀ ବିଜୟ ହଜାରେ ଟ୍ରଫି ଲାଗି ରବିବାର ସୌରାଷ୍ଟ୍ର ଦଳ ଘୋଷଣା ହୋଇଯାଇଛି। ଏହି ଦଳରେ ଭାରତୀୟ ଦଳର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ସ୍ଥାନ ପାଇଛନ୍ତି। ଗତଥରର ରନର୍ସଅପ୍ ସୌରାଷ୍ଟ୍ର ଦଳ ତା’ର ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ଭେଟିବ। ଏହି ଟୁର୍ନାମେଣ୍ଟରେ ସୌରାଷ୍ଟ୍ର ମୋଟ ୮ଟି ମ୍ୟାଚ୍ ଖେଳିବ। କିନ୍ତୁ ଦଳରେ ସ୍ଥାନ ପାଇଥିବା ଦୁଇ ନିୟମିତ ଭାରତୀୟ ଟେଷ୍ଟ ଦଳର ଖେଳାଳି ପୂଜାରା ଓ ଜାଡେଜା ୫ମ ମ୍ୟାଚ୍‌ଠାରୁ ଖେଳିପାରିବେ ନାହିଁ। କାରଣ ଆସନ୍ତା ମାସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଭାରତୀୟ ଦଳ ଘରୋଇ ଟେଷ୍ଟ ସିରିଜ୍ ଖେଳିବ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ସେପ୍ଟେମ୍ବର, ୨୦୧୮



"ଆମ ଦଳରେ କେବଳ ଜଣେ ମାତ୍ର ଅଭିଜ୍ଞ ଖେଳାଳି ଥିଲେ। ସାଫ୍ ଫୁଟବଲ ଟୁର୍ନାମେଣ୍ଟ ଫାଇନାଲରେ ପରାଜିତ ହେବା ଏହାର ମୁଖ୍ୟ କାରଣ।
– ଷ୍ଟିଫେନ୍ କନଷ୍ଟାଣ୍ଟିନ୍, ଭାରତ ଫୁଟ୍‌ବଲ କୋଚ୍



"ଗ୍ୟାମ୍ବଲିଂ ସ୍କାଣ୍ଡାଲ ପାଇଁ ମୋ କ୍ୟାରିୟର ପ୍ରତି ବିପଦ ଦେଖାଦେଇଥିଲା। ଜାପାନ ଓପନ ଜିତିବା ପରେ ମୋ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।
–କେଣ୍ଟୋ ମୋମୋତା, ଜାପାନ ବ୍ୟାଡମିଣ୍ଟନ ଖେଳାଳି



## ସଂକ୍ଷେପରେ

### ବିଶ୍ୱ ରେକର୍ଡ ଭାଙ୍ଗିଲେ କିପ୍‌ଚୋଗେ

ବର୍ଲିନ,୧୬।୯(ଏଏଫ୍‌ପି): କେନିଆର ଇଲିଉଡ୍ କିପ୍‌ଚୋଗେ ମାରାଥନରେ ନୂତନ ବିଶ୍ୱ ରେକର୍ଡ ସୃଷ୍ଟି କରିଛନ୍ତି। ରବିବାର ଅନୁଷ୍ଠିତ ବର୍ଲିନ ମାରାଥନକୁ ସେ ଦୁଇଘଣ୍ଟା ଏକ ମିନିଟ୍ ୩୯ ସେକେଣ୍ଡରେ ଶେଷକରି ଏହି କୃତିତ୍ୱ ହାସଲ କରିଛନ୍ତି। ୩୩ ବର୍ଷୀୟ ମାରାଥନ ଧାବକ ୪୨.୧୯୫ କିମି ବିଶିଷ୍ଟ ରେସ୍‌ରେ ଡେନିସ୍ କିମେଟୋଙ୍କ ରେକର୍ଡକୁ ୧ ମିନିଟ୍ ୧୭ ସେକେଣ୍ଡ ବ୍ୟବଧାନରେ ଭାଙ୍ଗିଛନ୍ତି। ପୂର୍ବତନ ଧାବକ ଡେନିସ୍ ୪ ବର୍ଷ ପୂର୍ବେ ଏହି ରେକର୍ଡର ଅଧିକାରୀ ହୋଇଥିଲେ। ମଡର୍ନ ମାରାଥନ ଚାମ୍ପିୟନ କିପ୍‌ଚୋଗେ ପ୍ରତ୍ୟେକ ଇଭେଣ୍ଟରେ ଏକତରଫା ଭାବେ ବିଜୟୀ ହେଉଛନ୍ତି। ସେ ଏ ପର୍ଯ୍ୟନ୍ତ ବିଶ୍ୱ ଚାମ୍ପିୟନଶିପ୍‌ରେ ୫ ହଜାର ମି. ମାରାଥନରେ ୨୦୦୩ରେ ସ୍ୱର୍ଣ୍ଣ ଓ ୨୦୦୭ରେ ରୌପ୍ୟ ଏବଂ ୨୦୦୮ ଓ ୨୦୦୪ ଅଲିମ୍ପିକ୍ସରେ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଅନ୍ତିମ ୧୧ଟି ରେସ୍‌ରୁ ସେ ୧୦ଥର ଚାମ୍ପିୟନ ହୋଇସାରିଛନ୍ତି। ବର୍ଲିନରେ କ୍ରମାଗତ ୩ୟ ଥର ଜିତିବା ସହ ରିଓ ଅଲିମ୍ପିକ୍ସ, ହାମ୍‌ବର୍ଗ, ରୋଟରଡାମ ଓ ସିକାଗୋଠାରେ ମାରାଥନ ଜିତିଥିଲେ।

### ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଉଦ୍‌ଯାପିତ
### ଓଡ଼ିଶାକୁ ମୋଟ୍ ୩୮ ପଦକ

କଟକ ଅଫିସ,୧୬।୯- ବିହାରର ପାଟନାଠାରେ ୩୦ତମ ପୂର୍ବାଞ୍ଚଳ ଜୁନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ ରବିବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ମୋଟ୍ ୩୮ ପଦକ ଜିତିଛନ୍ତି । ଏହା ମଧରେ ୧୦ଟି ସ୍ୱର୍ଣ୍ଣ, ୧୫ଟି ରୌପ୍ୟ ଓ ୧୩ଟି ବ୍ରୋଞ୍ଜ ରହିଛି । ପ୍ରଥମ ଦିନରେ ୬ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୯ଟି ବ୍ରୋଞ୍ଜକୁ ମିଶାଇ ଓଡ଼ିଶା ୨୩ଟି ପଦକ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନରେ ୪ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ଜିତିଥିଲା ।

ଦ୍ୱିତୀୟ ଦିନରେ ୧୬ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋରେ ଧନମତୀ ଖେସ୍, ୨୦ବର୍ଷରୁ କମ୍ ବାଳିକା ହାମରରେ ଉତ୍କଳିକା ପ୍ରିୟଦର୍ଶିନୀ, ୧୮ବର୍ଷରୁ କମ ବାଳକ ୮୦୦ମିଟର ଦୌଡ଼ରେ ଦିଲ୍ଲୀପ ନାୟକ, ୧୮ବର୍ଷରୁ କମ୍ ବାଳିକା ୨୦୦ମିଟର ଦୌଡ଼ରେ ସୁଖୀ ବସ୍‌କି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୨୦ବର୍ଷରୁ କମ ବାଳିକା ୧୦୦ମିଟର ହର୍ଡଲ୍ସରେ ରାଇବାରୀ ତିରିଆ, ୧୬ବର୍ଷରୁ କମ୍ ବାଳିକା ୮୦୦ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୪ବର୍ଷରୁ କମ ବାଳିକା ଲଙ୍ଗଜମ୍ପରେ ଯମୁନା ଟୁଡୁ, ୧୮ବର୍ଷରୁ କମ୍ ବାଳକ ହାମରରେ ଅଭିଶେକ ପଣ୍ଡା, ୧୮ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମୋନିକା କୁଜୁର, ୨୦ବର୍ଷରୁ କମ୍ ବାଳକ ସଟ୍‌ପୁଟରେ ଆଲୋକ କୁମାର ଦାସ, ୧୮ବର୍ଷରୁ କମ୍ ବାଳିକା ମିଡ୍‌ଲେ ରିଲେରେ ମନୀଷା ମେରେଲ, ସୁଖୀ ବସ୍‌କି, ସବିତା ମହାନ୍ତ, ଜ୍ୟୋତ୍ସ୍ନା ସବର ରୌପ୍ୟ ଜିତିଥିଲେ । ୧୪ବର୍ଷରୁ କମ୍ ବାଳିକା ହାଇଜମ୍ପରେ ସବିତା ଟପ୍ପୋ, ୧୬ବର୍ଷରୁ କମ୍ ବାଳିକା ସଟ୍‌ପୁଟରେ ନେତ୍ରମଣୀ ସିଂ, ୨୦ବର୍ଷରୁ କମ୍ ବାଳକ ୮୦୦ମିଟର ଦୌଡ଼ରେ ସୁଶାନ୍ତ ଲୋକା ଓ ୪୦୦ମିଟର ହର୍ଡଲ୍ସରେ ପ୍ରସନଜିତ ଖାଖା ବ୍ରୋଞ୍ଜ ପଦକ ଜିତିଛନ୍ତି ।

# ହାମିଲଟନଙ୍କୁ ସିଙ୍ଗାପୁର ଗ୍ରାଁ ପ୍ରି ଟାଇଟଲ

ସିଙ୍ଗାପୁର, ୧୬।୯ (ପି.ଟି.)

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସିଙ୍ଗାପୁର ଫର୍ମୁଲା ୱାନ ମୋଟର ରେସ୍ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ଆଉ ୬ ରାଉଣ୍ଡ ରେସ୍ ବାକିଥିବାବେଳେ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟେବୁଲରେ ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସେବାଷ୍ଟିଆନ ଭେଟେଲଙ୍କଠାରୁ ପଏଣ୍ଟ ବ୍ୟବଧାନ ୪୦କୁ ବୃଦ୍ଧି କରିପାରିଛନ୍ତି। ଗତ ୫ଟି ରେସ୍‌ରେ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ପୋଲ ପୋଜିଶନ ହାସଲ କରିଥିବା ହାମିଲଟନ ରବିବାର ରେସ୍‌ରେ ରେଡ୍ ବୁଲର ମାକ୍ସ ଭର୍ଷ୍ଟାପେନଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ଭର୍ଷ୍ଟାପେନ ୮.୯ ସେକେଣ୍ଡ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ହାମିଲଟନ ଏହି ରେସ୍‌ରୁ ସର୍ବାଧିକ ୨୫ ପଏଣ୍ଟ ଅର୍ଜନ କରିଥିବାବେଳେ ଫେରାରିର ଏଠାରେ ତୃତୀୟ ସ୍ଥାନ ଅଧିକାର କରିବା ସହ ୧୫ ପଏଣ୍ଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ମର୍ସିଡିଜର ଅନ୍ୟତମ ଡ୍ରାଇଭର ଭାଲଟେରି ବୋଟାସ ଚତୁର୍ଥ ହୋଇଥିବାବେଳେ ଫେରାରିର କିମି ରାଇକୋନେନ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ। ସେହିପରି ୬ଷ୍ଠ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ରେଡ୍ ବୁଲର ଡାନିଏଲ ରିକାର୍ଡୋଙ୍କୁ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିବାବେଳେ ୧୧ତମ ସ୍ଥାନରୁ ରେସ୍ ଆରମ୍ଭ କରିଥିବା ଫର୍ନାଣ୍ଡୋ ଆଲୋଁସୋ ୭ମ ସ୍ଥାନରେ ରହିଥିଲେ। ଟପ୍ ୧୦ରେ ଯଥାକ୍ରମେ ରହିଥିବା ଅନ୍ୟମାନେ ହେଲେ ରେନଲ୍ଟର କାର୍ଲୋସ ସେଞ୍ଜ, ସୌବେରର ଚାର୍ଲ୍‌ସ ଲେକ୍‌ରେକ୍ ଏବଂ ରେନଲ୍ଟର ନିକୋ ହକେନବର୍ଗ। ଫୋର୍ସ ଇଣ୍ଡିଆର ପ୍ରଦର୍ଶନ ଖରାପ ରହିଥିଲା। ସର୍ଗିଓ ପେରେଜ ୧୬ତମ ସ୍ଥାନ ସହ ତାଙ୍କ ରେସ୍ ଶେଷ କରିଥିଲେ। ଦୁର୍ଘଟଣାର ସମ୍ମୁଖୀନ ହୋଇ ଟିମ୍‌ର ଅନ୍ୟତମ ଡ୍ରାଇଭର ଏଷ୍ଟିବାନ ଓକନଙ୍କୁ ରେସ୍ ଅଧାରୁ ଓହରିଯିବାକୁ ପଡ଼ିଥିଲା।



ଟ୍ରଫି ସହ ଲୁଇସ୍ ହାମିଲଟନ।

■ ଏସିଆ କପ୍ କ୍ରିକେଟ

# ପାକିସ୍ତାନ ବିଜୟୀ

ଦୁବାଇ, ୧୬।୯ (ପି.ଟି.)

ଏସିଆ କପ୍ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟରେ ରବିବାର ପାକିସ୍ତାନ ୮ ଉଇକେଟରେ ହଂକଂକୁ ପରାସ୍ତ କରିଛି। ଗ୍ରୁପ୍ ଏ'ର ଏହି ମ୍ୟାଚରେ ୧୧୭ ରନର ବିଜୟ ଲକ୍ଷ୍ୟକୁ ପାକିସ୍ତାନ ୨୩.୪ ଓଭରରେ ୨ ଉଇକେଟ ବିନିମୟରେ ହାସଲ କରିନେଇଥିଲା। ଇମାମ ଉଲ୍ ହକ୍ ୫୦ ଏବଂ ଶୋଏବ ମଲିକ ୯ ରନ କରି ଅପରାଜିତ ରହିଥିଲେ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ହଂକଂ ୩୭.୧ ଓଭରରେ ମାତ୍ର ୧୧୬ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପାକିସ୍ତାନର ଟପ୍ କ୍ୱାଲିଟି ବୋଲିଂର ଉଚିତ ମୁକାବିଲା କରିପାରି ନ ଥିଲା। କିଞ୍ଚିତ ଶାହ ୨୬ ଓ ଆଇଜାଜ୍ ଖାଁ ୨୭ ରନ କରିଥିଲେ। ଅଧିନାୟକ ଅଂଶୁମାନ ରଥଙ୍କର ୧୯ରନ ଯୋଗଦାନ ରହିଥିଲା। ପାକିସ୍ତାନ ତରଫରୁ ସବୁଠାରୁ ସଫଳ ବୋଲର ସିମର ଉସ୍‌ମାନ ଖାଁ ୧୯ରନ ବିନିମୟରେ ୩ଟି ଉଇକେଟ ଅକ୍ତିଆର କରିଥିବାବେଳେ ଶାଦାବ ଖାଁ (୨/୩୧) ଓ ହସନ ଅଲି (୨/୧୯) ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ହଂକଂ:** ୩୭.୧ ଓଭରରେ ୧୧୬/ଅଲଆଉଟ (ଆଇଜାଜ୍ ଖାଁ–୨୭; ଉସ୍‌ମାନ ଖାଁ–୩/୧୯)।

**ପାକିସ୍ତାନ:** ୨୩.୪ ଓଭରରେ ୧୨୦/୨ ( ଇମାମ ଉଲ ହକ– ୫୦*, ବାବର ଆଜାମ–୩୩; ଏହେସାନ ଖାଁ–୨/୩୪)।

**ଆଜିର ମ୍ୟାଚ୍**

**ଶ୍ରୀଲଙ୍କା**
**ବନାମ**
**ଆଫଗାନିସ୍ତାନ**

**ସ୍ଥାନ: ଆବୁଧାବି**
**ସମୟ: ଅପରାହ୍ନ ୫ଟା**

**ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ**







ଜାତୀୟ କ୍ୟାମ୍ପ ପାଇଁ ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ହକି ଦଳର କୋଚ ହରେନ୍ଦ୍ର ସିଂ ଏବଂ ଖେଳାଳିମାନେ ।

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ ହକି କ୍ୟାମ୍ପ ଆଜିଠାରୁ

ଭୁବନେଶ୍ୱର, ୧୬।୯(କ୍ରୀଡ଼ା ପ୍ରତିନିଧି)

ଏସିଆନ ଚାମ୍ପିୟନ୍ସ ଟ୍ରଫି ଓ ବିଶ୍ୱକପ ପାଇଁ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ହକି ଦଳର କ୍ୟାମ୍ପ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏକମାସ ଧରି ଚାଲିବାକୁଥିବା ଏହି କ୍ୟାମ୍ପରେ କୋର ଗ୍ରୁପରେ ସ୍ଥାନ ପାଇଥିବା ୨୫ ଖେଳାଳି ପ୍ରଶିକ୍ଷଣ ନେବେ। କୋଚ୍ ହରେନ୍ଦ୍ର ସିଂ ଓ ୨୩ ଖେଳାଳି ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅବଶିଷ୍ଟ ୨ ଖେଳାଳି ସୋମବାର ଆସିବେ ବୋଲି ଜଣାଯାଇଛି। ସୋମବାର ଅପରାହ୍ନରେ ଖେଳାଳିମାନେ ଜିମ୍‌ରେ ସମୟ କାଟିବେ, ମଙ୍ଗଳବାରରୁ ଜାକର୍ତ୍ତାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିବାରୁ ଦଳରେ ଥିବା ଦୋଷ ଦୁର୍ବଳତା ଦୂରକୁ ପ୍ରାଥମିକତା ଦିଆଯିବ ବୋଲି କୋଚ୍ ହରେନ୍ଦ୍ର ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଖେଳାଳିଙ୍କ ଫିଟ୍‌ନେସ ଏବଂ ଆହତ ସମସ୍ୟାକୁ କିପରି ଏଡ଼ାଇ ଦିଆଯାଇ ପାରିବ ତା' ଉପରେ ମଧ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଏସିଆନ ଗେମ୍ସରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଦଳରେ କେତେକ ନୂଆ ଖେଳାଳି ସ୍ଥାନ ପାଇଛନ୍ତି। ତେଣୁ ଆଗାମୀ ୨ଟି ଟୁର୍ନାମେଣ୍ଟରେ ଦଳ ନୂଆ କମ୍ବିନେଶନରେ ଖେଳିବା ସ୍ପଷ୍ଟ ହୋଇଛି। ଭୁବନେଶ୍ୱର ହେଉଛି ଦେଶର ଅନ୍ୟତମ ଶ୍ରେଷ୍ଠ ଗ୍ରାଉଣ୍ଡ। ପିଲାମାନେ ଏଠାରେ ଖେଳିବାକୁ ଭଲ ପାଆନ୍ତି ଏବଂ ଏଠାକାର ଦର୍ଶକ ସମର୍ଥନ ବହୁତ ଭଲ। ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ସମ୍ପ୍ରତି ଆହତ ସମସ୍ୟା ମଧଦେଇ ଗତି କରୁଛନ୍ତି। ତେବେ ଏସିଆନ ଗେମ୍ସରେ ଚମତ୍କାର ପ୍ରଦର୍ଶନ କରିଥିବା ଅମିତ ରୋହିଦାସଙ୍କୁ କାହିଁକି ଦଳରେ ସାମିଲ କରାଗଲାନି ତା'ର କୌଣସି ଉତ୍ତର ଦେବାକୁ ସେ ମନା କରି ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଓଡ଼ିଶାରେ ହକି ବିଶ୍ୱକପ ହେବାକୁ ଯାଉଥିଲେ ହେଁ କ୍ୟାମ୍ପ ପାଇଁ ଜଣେ ହେଲେ ଓଡ଼ିଶା ଖେଳାଳି ମନୋନୀତ ହୋଇ ନାହାନ୍ତି।

■ ଜାତୀୟ ସିନିୟର ମହିଳା ଫୁଟବଲ

# ଟିଙ୍କିନା ଓଡ଼ିଶା ଅଧିନାୟିକା

କଟକ ଅଫିସ,୧୬।୯

ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ତାରିଖ ପର୍ଯ୍ୟନ୍ତ କଟକରେ ୨୪ତମ ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୨୭ଟି ଦଳ ଭାଗ ନେଉଥିବା ବେଳେ ବାରବାଟୀ ଷ୍ଟାଡିୟମ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ ଓ ବିଡ଼ାନାସୀ ଗ୍ରାଉଣ୍ଡରେ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଏ ନେଇ ରବିବାର ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ୨୦ ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଗୋଲକିପର ଟିଙ୍କିନା ସାମଲ ଦଳର ଅଧିନାୟିକା ରହିଥିବା ବେଳେ ପ୍ୟାରୀ ଖାଖା ଉପଅଧିନାୟିକା ରହିଛନ୍ତି।

ଘୋଷିତ ଓଡ଼ିଶା ଦଳ: ଟିଙ୍କିନା ସାମଲ, ସୁକାନ୍ତି ରାଉଳ–ଗୋଲକିପର, ନନ୍ଦିନୀ ମୁଣ୍ଡା, ଜ୍ୟୋତ୍ସ୍ନା ମଲିକ, ସୋନାଲୀ ଓରାମ, ପାର୍ବତୀ କୁଜୁର, ଦିଗି ମାଝୀ, ଜୁଲି କିଶାନ–ଡିଫେଣ୍ଡର, ସିନୁଲତା ସାହୁ, ଜବାମଣୀ ସୋରେନ୍, ଜସମଣୀ ସାମଦ, ଆରତୀ ସେଠୀ, ସୁସ୍ମିତା ଦଳେଇ, ଝରଣା ମଲ୍ଲିକ, ଦମୟନ୍ତୀ ତିରିଆ, ବନ୍ୟା କବିରାଜ–ମିଡ଼ ଫିଲ୍ଡର, ପ୍ୟାରୀ ଖାଖା, ଅଞ୍ଜୁ ତମାଙ୍ଗ, ସତ୍ୟବତୀ ଖାଡ଼ିଆ, ସୁଭଦ୍ରା ସାହୁ–ଷ୍ଟ୍ରାଇକର। କୋଚ/ମ୍ୟାନେଜର– ଗାୟତ୍ରୀ ମଲ୍ଲିକ, ଫିଜିଓ–ମୋନାଲିସା ସାହୁ ।



ଜାତୀୟ ସିନିୟର ମହିଳା ଫୁଟବଲ ଚାମ୍ପିୟନଶିପ ପାଇଁ ମନୋନୀତ ଓଡ଼ିଶା ଦଳ ।

■ ଜାତୀୟ ଫେନ୍ସିଂ ଉଦ୍‌ଯାପିତ

# ମଣିପୁର ୩ ବିଭାଗରେ ଦଳଗତ ଚାମ୍ପିୟନ

କଟକ ଅଫିସ,୧୬।୯

ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ୨୦ତମ ସବଜୁନିୟର ଓ ୧୫ତମ କ୍ୟାଡେଟ୍ ଜାତୀୟ ଫେନ୍ସିଂ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ସବ୍‌ଜୁନିୟର ବାଳିକା, ବାଳକ ଓ କ୍ୟାଡେଟ ବାଳିକା ବର୍ଗରେ ମଣିପୁର ଦଳଗତ ଭାବେ ଚାମ୍ପିୟନ ହୋଇଛି। ଅନ୍ୟ ପକ୍ଷରେ ଆୟୋଜକ ଓଡ଼ିଶା ପଦକଶୂନ୍ୟ ରହିଛି। କ୍ୟାଡେଟ ବାଳିକାରେ ଦଳଗତ ଭାବେ ମଣିପୁର ଚାମ୍ପିୟନ ହୋଇଥିବା ବେଳେ ଜମ୍ମୁ ଓ କାଶ୍ମିରୀ ରନର୍ସଅପ, ହରିୟାଣା, କର୍ଣ୍ଣାଟକ ମିଳିତ ଭାବେ ଦ୍ୱିତୀୟ ରନର୍ସଅପ ହୋଇଛନ୍ତି। କ୍ୟାଡେଟ ବାଳକ ଦଳଗତ ଭାବେ ଛତିଶଗଡ଼ ଚାମ୍ପିୟନ, ସର୍ଭିସେସ୍ ରନର୍ସଅପ, ହରିୟାଣା ଦ୍ୱିତୀୟ ରନର୍ସଅପ, ସବ୍‌ଜୁନିୟର ବାଳକ ଦଳଗତ ଭାବେ ମଣିପୁର ଚାମ୍ପିୟନ, ସର୍ଭିସେସ୍ ରନର୍ସଅପ, କେରଳ ଦ୍ୱିତୀୟ ରନର୍ସଅପ, ସବ୍‌ଜୁନିୟର ବାଳିକା ଦଳଗତ ଭାବେ ମଣିପୁର ଚାମ୍ପିୟନ, କେରଳ ରନର୍ସଅପ, ମହାରାଷ୍ଟ୍ର ଦ୍ୱିତୀୟ ରନର୍ସଅପ ହୋଇଛି । ଉଦ୍‌ଯାପନୀ ଉତ୍ସବରେ ପୋଲିସ କମିଶନର ସତ୍ୟଜିତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଫେନ୍ସିଂ ଆସୋସିଏଶନ ଅଫ ଇଣ୍ଡିଆ ସମ୍ପାଦକ ବସିର ଅହମ୍ମଦ ଖାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧରେ ଓଡ଼ିଶା ରାଜ୍ୟ ଫେନ୍ସିଂ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କାର୍ଯ୍ୟକାରୀ ସଭାପତି ପ୍ରଦୀପ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କୃଷ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।





ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀ।



# ଉଲଗ୍ନ ଅବସ୍ଥାରେ ନାବାଳକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**କୋରେଇ,୧୬।୯(ସ୍ୱ.ପ୍ର)**

କୋରେଇ ଥାନା ଅନ୍ତର୍ଗତ ଏକ ମାର୍ବଲ ଏଣ୍ଡ ଫର୍ଟିଲାଇଜର ଦୋକାନର ଉପର ମହଲାରୁ ରବିବାର ଅପରାହ୍ନରେ ଜଣେ ନାବାଳକଙ୍କ ଉଲଗ୍ନ ମୃତଦେହ ଝରକାରେ ବନ୍ଧା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ମୃତ ନାବାଳକ ମକୁନ୍ଦପୁର ପଞ୍ଚାୟତର କଡମିଆଁ ଗ୍ରାମର ବେଣୁଧର ଗୁରୁଙ୍କ ପୁଅ ଜିତେନ୍ଦ୍ର (୧୧) ବୋଲି ଜଣାପଡିଛି। ଘଟଣାସ୍ଥଳଠାରୁ ୫ଶହ ମିଟର ଦୂରରେ ଏକ ଦୋକାନ ନିକଟରୁ ତାଙ୍କ ପ୍ୟାଣ୍ଟସାର୍ଟ ପୋଲିସ ଜବତ କରିଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ତାଙ୍କୁ ହତ୍ୟା କରାଯିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ଝରକାରେ ତାଙ୍କ ବେକକୁ ଗାମୁଛାରେ ବାନ୍ଧି ଝୁଲାଇ ଦିଆଯାଇଥିବା କୁହାଯାଉଛି। ଅପାପକ୍ଷରେ ତାଙ୍କ ବେକରେ ବନ୍ଧା ହୋଇଥିବା ଗାମୁଛା ନାବାଳକଙ୍କର ନୁହେଁ ବୋଲି ଚର୍ଚ୍ଚା ହେଉଛି। ଏଠାରେ ପ୍ରଶ୍ନ ଉଠୁଛି, ତାଙ୍କ ବେକରେ ବନ୍ଧା ଯାଇଥିବା ଗାମୁଛା କାହାର। ଏବଂ ଯଦି ସେ ଆତ୍ମହତ୍ୟା କରିଛନ୍ତି ତେବେ ସେ ଉଲଗ୍ନ କିପରି ହେଲେ। ତାଙ୍କ ମୃତଦେହ ଉଦ୍ଧାରସ୍ଥଳଠାରୁ ୫ଶହ ମିଟର ଦୂରରେ ତାଙ୍କ ପୋଷାକ ଉଦ୍ଧାର ହେବା ଘଟଣା ଏହି ଘଟଣାକୁ ଅଧିକ ସନ୍ଦେହ ଘେରକୁ ଟାଣି ନେଇଛି। ସୂଚନା ଥାଉକି, ନାବାଳକ ଜିତେନ୍ଦ୍ରଙ୍କ ମା'ଙ୍କ ମୃତ୍ୟୁ ପରେ ବାପା ବେଣୁଧର ଦ୍ୱିତୀୟ ବିବାହ କରିଥିଲେ। ଏହାପରେ ସେ ଘରକୁ ଯାଉ ନ ଥିଲେ। ଜିତେନ୍ଦ୍ର ବରୁଣ୍ଡାଇ କଲେଜ ଛକରେ ବୁଲି ଲୋକଙ୍କ କାମ କରିବା ପରେ ଯିଏ ଯାହା ଦେଉଥିଲେ ଖାଉଥିଲେ। ଅଚାନକ ତାଙ୍କର ଏଭଳି ମୃତ୍ୟୁ ଲୋକଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ମାମଲା ରୁଜୁ କରି ନ ଥିବା ବେଳେ ଘଟଣାର ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି
ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ରସୁଲପୁର,୧୬।୯(ଡି.ଏନ୍.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ବ୍ରାହ୍ମଣ ସାହିର ଅଧିକାରୀ ରାଜେନ୍ଦ୍ର ଦାଶ(୭୩) ଶନିବାର ବିଳମ୍ବିତ ରାତିରେ ଗାଁ ପୋଖରୀକୁ ଶୌଚ ହେବାକୁ ଯାଇ ପାଣିରେ ବୁଡ଼ି ଯାଇଥିଲେ। ରବିବାର ସକାଳୁ ଦଲୁଆ ପୋଖରୀରୁ ରସୁଲପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ବହୁ ଖୋଜାଖୋଜି ପରେ ବୃଦ୍ଧଙ୍କୁ ପୋଖରୀ ଭିତରୁ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ବୃଦ୍ଧ ରାଜେନ୍ଦ୍ର ୨ଦିନ ଧରି ଅସୁସ୍ଥ ଥିଲେ। ସେ ଶନିବାର ରାତିରେ ଗାଁ ମୁଣ୍ଡ ପୋଖରୀ ନିକଟରେ ପାଇଖାନା ସାରି ଶୌଚ ହେବାକୁ ପୋଖରୀ ଭିତରକୁ ଯାଇଥିଲେ। ସେଠାରେ ତାଙ୍କ ଗୋଡ ଖସିଯିବାରୁ ପାଣିରେ ପଡ଼ି ଯାଇଥିବା ସନ୍ଦେହ କରାଯାଉଛି। ରବିବାର ସକାଳୁ ଗାଁର ମହିଳାମାନେ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପୋଖରୀ କୂଳରେ ଏକ ଟର୍ଚ୍ଚ, ଚପଲ, ବାଡି ପଡିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପରିବାର ଲୋକେ ପୋଖରୀରେ ବହୁ ଖୋଜାଖୋଜି କରିଥିଲେ। ମାତ୍ର ପୋଖରୀରେ ଦଳ ଭର୍ତ୍ତି ଥିବାରୁ ବୃଦ୍ଧଙ୍କ କୌଣସି ପତ୍ତା ମିଳି ନ ଥିଲା। ପରେ ଖବର ପାଇଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବହୁ ଖୋଜିବା ପରେ ବୃଦ୍ଧଙ୍କ ମୃତଦେହକୁ ଦଳ ମଧ୍ୟରୁ ଉଦ୍ଧାର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଁଚି ମୃତଦେହ ଜବତ କରି ଧର୍ମଶାଳା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିଛି।

### ମାଟି ଉଠାଣକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଧର୍ମଶାଳା, ୧୬।୯(ଡି.ଏନ୍.ଏ.): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଦୁର୍ଗାପୂଜା ପାଇଁ ମାଟି ଉଠାକୁ କେନ୍ଦ୍ରକରି ରବିବାର ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (୨୩୬/୧୮) ରୁଜୁ କରି ଜଣଙ୍କୁ ଗିରଫ କରି ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ମୁକୁନ୍ଦପୁର ଗ୍ରାମର ପ୍ୟାରିମୋହନ ବଳ। ମାଟି ଉଠାକୁ କେନ୍ଦ୍ରକରି ପ୍ୟାରିମୋହନ ଗ୍ରାମର ପୀତାମ୍ବର ରାଉତଙ୍କ ହାତକୁ ଏକ ଛୁରିରେ ଭୁସିଦେଇଥିଲେ। ଗୁରୁତର ଅବସ୍ଥାରେ ପୀତାମ୍ବରଙ୍କୁ ପ୍ରାଥମିକ ଚିକିତ୍ସାପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏ ନେଇ ପୀତାମ୍ବରଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

### ଯୁବକଙ୍କୁ ଜାତିଆଣ ଆକ୍ଷେପ କରି ୨ଗିରଫ

ରସୁଲପୁର,୧୬।୯(ଡି.ଏନ୍.ଏ.): କୁଆଖିଆ ଥାନା ଅନ୍ତର୍ଗତ ପାରିକଇଁଚି ଗ୍ରାମରେ ଜନୈକ ଅନୁସୂଚିତ ଜାତି ଶ୍ରମିକଙ୍କୁ ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିବା ଅଭିଯୋଗରେ ରବିବାର ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ପ୍ରକାଶ ଯେ, ଏହି ଗ୍ରାମର ସୁବଳ ଚରଣ ମଲିକଙ୍କ ପୁଅ ତପନ ମଲିକ ଗ୍ରାମରେ ହେଉଥିବା ପ୍ରଧାନ ମନ୍ତ୍ରୀ ସଡ଼କ ଯୋଜନାରେ ଶ୍ରମିକ ଭାବରେ ସକାଳେ କାମ କରିବା ପାଇଁ ଯାଇଥିଲେ। ଏହି ସମୟରେ ବିନା କାରଣରେ ପାରିକଇଁଚିର କୈଳାସ ଦାସ(୭୦) ଓ ଚନ୍ଦନ ଦାସ(୩୨) ତପନଙ୍କୁ ତାର ଜାତିଆଣ ଆକ୍ଷେପ କରି ଗାଳି ଦେଇଥିଲେ। ଘଟଣା ସମ୍ପର୍କରେ ତପନ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ-୧୫୩/୧୮) ରୁଜୁ କରି ଅଭିଯୁକ୍ତ କୈଳାସ ଓ ଚନ୍ଦନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଗଣେଶ ପୂଜା ଭସାଣି ଆଳରେ ମଧ୍ୟାହ୍ନଭୋଜନ ବନ୍ଦ

ରସୁଲପୁର,୧୬।୯(ଡି.ଏନ୍.ଏ.)

**ବାଲାଙ୍ଗୀ ବାଉଁଶଅଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**



■ନିର୍ଦ୍ଧାରିତ ସମୟର ୨ଘଣ୍ଟା ପୂର୍ବରୁ ବିଦ୍ୟାଳୟ ଛୁଟି
■ମାଧ୍ୟମିକ ଶିକ୍ଷା ୱେବ ପୋର୍ଟାଲରେ ଦିଆଯାଇଛି ମିଥ୍ୟା ରିପୋର୍ଟ

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତର ବାଲାଙ୍ଗୀ ବାଉଁଶଅଣ୍ଟା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଶନିବାର ମଧ୍ୟାହ୍ନ ଭୋଜନ ମିଳି ନାହିଁ। ଏହି ଦିନରେ ବିଦ୍ୟାର୍ଥୀଙ୍କୁ ଗରମ ରନ୍ଧାଖାଦ୍ୟ ସହ ଅଣ୍ଡା ତରକାରୀ ଦିଆଯିବାରେ ବ୍ୟତିକ୍ରମ ଦେଖାଦେଇଛି। ଖାଦ୍ୟ ଦିଆଯାଇ ନ ଥିବାବେଳେ ପିଲାଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ବିଭାଗର ୱେବ ପୋର୍ଟାଲରେ ମିଥ୍ୟା ରିପୋର୍ଟ ଦର୍ଶାଯାଇଛି। ଶନିବାର ବିଦ୍ୟାଳୟରେ ୭୦ରୁ ଉର୍ଦ୍ଧ୍ୱ ପିଲା ମଧ୍ୟାହ୍ନ ଭୋଜନ ଖାଇଛନ୍ତି ବୋଲି ରିପୋର୍ଟରେ ଦର୍ଶାଯାଇଥିବାବେଳେ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଆଦୌ ରନ୍ଧା ଯାଇ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଗଣେଶ ପୂଜା, ପରଦିନ ନୂଆଖାଇ ପାଇଁ ବିଦ୍ୟାଳୟ ଛୁଟିଥିଲା। ଶନିବାର ଗଣେଶ ଭସାଣ କରାଯାଇ ବିଦ୍ୟାଳୟକୁ ଛୁଟି କରିଦିଆଯାଇଥିଲା। ଏଠାରେ ବିଦ୍ୟାଳୟ ପରିଚାଳନାରେ ସରକାରୀ ନିୟମକୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି । ଶନିବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଖୋଲା ରହିବା ନିୟମକୁ ନ ମାନି ପୂର୍ବାହ୍ନ ୯ଟାରେ ବିଦ୍ୟାଳୟରେ ତାଲା ପକା ଯାଇଥିଲା। ଏପରି କି ବିଦ୍ୟାଳୟରେ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆ ନ ଯାଇ ମିଥ୍ୟା ରିପୋର୍ଟ ଦିଆଯାଇଛି। ଯାହାକି ଅଭିଭାବକମାନେ ସହଜରେ ଗ୍ରହଣ କରିପାରି ନାହାନ୍ତି। ଏସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ବିଦ୍ୟାଳୟରେ କେହି ନ ଥିବାରୁ ତାହ ସମ୍ଭବ ହୋଇପାରି ନ ଥିଲା। ଏହି ବିଦ୍ୟାଳୟରେ ଅନ୍ୟ କାର୍ଯ୍ୟ ଦିବସଗୁଡିକରେ ମଧ୍ୟାହ୍ନ ଭୋଜନକୁ ନେଇ ଦିଆଯାଉଥିବା ରିପୋର୍ଟରେ ଅନିୟମିତିତା କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟର ଉପସ୍ଥାନଠାରୁ ଅଧିକ ପିଲା ଦର୍ଶାଇ ରିପୋର୍ଟ ପ୍ରଦାନ କରାଯାଉଛି ବୋଲି ସ୍ଥାନୀୟ ଅଂଚଳର କେତେକ ବ୍ୟକ୍ତି ନିଜର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏନେଇ ମଣ୍ଡଳ ସାଧନ କେନ୍ଦ୍ର ନିରୀକ୍ଷକ ନିହାର ରଞ୍ଜନ ଶତପଥୀଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ତଦନ୍ତକରି ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବରେ ଜଣାଇବେ ବୋଲି ପ୍ରକାଶ କରିଛନ୍ତି। ଏଭଳି ଅନିୟମିତତାକୁ ସେ କେବେ ବି ପ୍ରଶୟ ଦେବନାହିଁ ବୋଲି ମତ ରଖିଛନ୍ତି।

### ବ୍ଲକଗ୍ରାଣ୍ଟ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପ୍ରସ୍ତୁତି ବୈଠକ

# ପଞ୍ଚାୟତ ବୁଲିବେ ଶିକ୍ଷକ, କର୍ମଚାରୀ

ରସୁଲପୁର,୧୬।୯(ଡି.ଏନ୍.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଉ.ପ୍ରା. ବିଦ୍ୟାଳୟରେ ଓଷ୍ଟାର ଯାଜପୁର ଜିଲା କାର୍ଯ୍ୟକାରୀ ସଭାପତି ସୁନନ୍ଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପଞ୍ଚାୟତ ପଞ୍ଚାୟତ ବୁଲି ସରକାରଙ୍କ ଶିକ୍ଷକ ଓ ଶିକ୍ଷାମାରଣ ନୀତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ ବୋଲି ବୈଠକରେ ସ୍ଥିର ହୋଇଛି। ଏହି ଅଭିଯାନ ଆସନ୍ତା ୧୮ତାରିଖରୁ ଆରମ୍ଭ ହେବ। ଏହି ଦିନ ମଞ୍ଚ ପକ୍ଷରୁ ରାଜେନ୍ଦ୍ରପୁର ପଞ୍ଚାୟତର ଇଶାନେଶ୍ୱର ଉଚ୍ଚ ବିଦ୍ୟାଳୟରୁ ଶିକ୍ଷକ ଓ କର୍ମଚାରୀମାନେ ବିରାଟ ପଟୁଆରରେ ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରିବା ସହ ବ୍ରହ୍ମବରଦା ବଜାରଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହେବ। ଏହି ସଭାରେ ନିମନ୍ତ୍ରିତ ଅତିଥି ଓ ଶିକ୍ଷକନେତାମାନ ଉଦ୍‌ବୋଧନ ଦେବେ।

ସେହିପରି ସେପ୍ଟେମ୍ବର ୧୯ରେ ବାହାଦଲାପୁର ପଞ୍ଚାୟତରୁ ଶୋଭାଯାତ୍ରା ବାହାରି ଜାବରା ପଞ୍ଚାୟତକୁ ଯିବେ ପରେ ମଧୁବନଠାରେ ଏକ ସଭା ଅନୁଷ୍ଠିତ ହେବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବୈଠକରେ ଶିକ୍ଷକ ଦୁଃଶାସନ ସାହୁ, ରମେଶ ଚନ୍ଦ୍ର ସାହୁ, ପ୍ରଭାତ ଚନ୍ଦ, ନିରଞ୍ଜନ ଶତପଥି, ସୁଶାନ୍ତ ମହାରଣା, ବୈଦ୍ୟନାଥ ସାହୁ, ଅକ୍ଷୟ ବରାଳ, ବାବୁଲି ଦାସ, ଲକ୍ଷ୍ମୀଧର ସ୍ୱାଇଁ, ଅନନ୍ତ କୁମାର ପରିଡା, ଅଧ୍ୟାପକ ପ୍ରଦୀପ ବଳ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ପାଲଟିଛି ଚାଷୀଙ୍କ ଧାନଖଳା



ରାସ୍ତା ଉପରେ ଗଦା ହୋଇଥିବା ନଡ଼ା ଓ ପାଳ।

ରସୁଲପୁର,୧୬।୯(ଡିଏନଏ)

ରସୁଲପୁର ବ୍ଲକ ଅଧିନସ୍ଥ କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାରେ ଜବର ଦଖଲ ବଢି ଚାଲିଛି। ଫଳରେ ଯାତାୟତରେ ବାଧା ଉପୁଜୁଛି। ଏବେ ରାସ୍ତାକୁ ଚାଷୀମାନେ ଧାନଖଳା ଭାବରେ ବ୍ୟବହାର କରୁଛନ୍ତି। ଚାଷୀମାନେ ରାସ୍ତା ଉପରେ କଞ୍ଚା ନଡ଼ା ଓ କୁଟା ବିଛାଇ ଦେଉଛନ୍ତି । ଫଳରେ ଏହି ବାଟ ଦେଇ ଯାତାୟତ କରୁଥିବା ବାଇକ ଚାଳକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଡ଼ା ଉପରେ ବାଇକ୍ ଚକା ଖସି ଯାଉଥିବାରୁ ବାଇକ ଚଳକମାନେ ଦୁର୍ଘଟଣାର ସମ୍ମୁଖିନ ହେଉଛନ୍ତି । ଏହି ରାସ୍ତାର ଗରୁଆଳ ଗାଁ ନିକଟରେ ରାସ୍ତା ଉପରେ ବଡ ବଡ ଗାତ ସୃଷ୍ଟି ହୋଇଛି। ବର୍ଷାପାଣି ଜମି ଯାତାୟତରେ ବାଧା ସୃଷ୍ଟି ହେଉଛି । ଏ ଦିଗରେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ପାଇଁ ନାନା ଯୋଜନା କରୁଛନ୍ତି । ମାତ୍ର କଂକ୍ରିଟ ଧାନଖଳା ନିର୍ମାଣ ପାଇଁ ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦିଆଯାଉ ନ ଥିବାରୁ ସବୁଗାଁରେ ଚାଷୀଙ୍କ ପାଇଁ ଏହି ସୁବିଧା ଉପଲବ୍ଧ ହେଉନାହିଁ। ବର୍ଷାରେ ମାଟି ଧାନଖଳାଗୁଡ଼ିକ ଓଦା ରହୁଛି। ଧାନ ଅମଳପାଇଁ ଚାଷୀମାନଙ୍କ ଅସୁବିଧା ସୃଷ୍ଟି ହେଉଛି। ଫଳରେ ଚାଷୀମାନେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ପିଚୁ ରାସ୍ତାକୁ ଧାନଖଳା ଭାବରେ ବ୍ୟବହାର କରୁଛନ୍ତି। ଏ ଦିଗରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସାମଲଙ୍କୁ ପଚାରିବାରୁ ଲୋକେ ସେମାନଙ୍କ କଥାକୁ ଗୁରୁତ୍ୱ ଦେଉନାହାଁନ୍ତି ବୋଲି କହି ନିଜର ଅସହାୟତା ପ୍ରକାଶ କରିଛନ୍ତି ।

### ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ

ଧର୍ମଶାଳା, ୧୬।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ଅନ୍ତର୍ଗତ ବଡ଼ମଙ୍ଗଳପୁର ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଭାତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ସୁଚିସ୍ମିତା ସାମଲ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ଦାଶ, ଅବସରପ୍ରାପ୍ତ ଶିକ୍ଷକ ମହମ୍ମଦ ଅଜିଜୁଲ୍ଲା, ନାରାୟଣ ନନ୍ଦଙ୍କ ସମେତ ବହୁ ପୁରାତନ ଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ମୋ ସ୍କୁଲ ଅଭିଯାନକୁ ସଫଳ କରିବା ନିମନ୍ତେ ଉଭୟ ବିଦ୍ୟାଳୟର ପୁରାତନ ଛାତ୍ର କର୍ମକର୍ତ୍ତା ଚୟନ କରାଯାଇଛି। ପ୍ରାଥମିକ ବିଦ୍ୟାଳୟର ସଭାପତି ଭାବେ କଳ୍ପତରୁ ସାହୁ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଭାପତି ଭାବେ ମଦନ ମୋହନ ନାୟକ ପ୍ରମୁଖଙ୍କୁ ମନୋନୀତ କରାଯାଇଛି।

# ୨ ଅଙ୍ଗନୱାଡ଼ି ଗୃହ ଉଦ୍‌ଘାଟିତ

କାଳିଆପାଣି, ୧୬।୯(ଡି.ଏନ୍.ଏ)



ପ୍ରକଳ୍ପର ଶିଳାନ୍ୟାସ ବେଳେ ବିଧାୟକଙ୍କ ସହିତ ଅନ୍ୟମାନେ।

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତରେ ରବିବାର ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ସହ ୨ଟି ଅଙ୍ଗନୱାଡି ଗୃହ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଗ୍ରାମବାସୀ ରଙ୍ଗମାଟିଆ ଗ୍ରାମଠାରୁ ବିଧାୟକଙ୍କୁ ସ୍ୱାଗତକରି ଏକ ମୋଟରସାଇକେଲ ରାଲିରେ ଅରଡ଼ାପାଳ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ଚିଙ୍ଗୁଡ଼ିପାଳ, ପୋଡ଼ାଘରା, ଅରଡ଼ାପାଳରେ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ଘଡାଇ ଖଣିଜ ପାଣ୍ଠି ଅର୍ଥରେ ନିର୍ମିତ ହେବାକୁ ଥିବା ୧କୋଟି ୪୫ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ଅଟକଳରେ ଚିଙ୍ଗୁଡ଼ିପାଳରୁ ପାଟନା ପର୍ଯ୍ୟନ୍ତ ରାସ୍ତା, ପାଟନାରୁ ପିଡ଼ୁକୁଡ଼ି ରାସ୍ତା ନିମନ୍ତେ ୧ କୋଟି ୯୩ଲକ୍ଷ ୨୧ ହଜାର ଟଙ୍କା, ପାଟନାରୁ ପୋଡ଼ାଘରା ପର୍ଯ୍ୟନ୍ତ ୧ କୋଟି ୬୬ ଲକ୍ଷ ୪୯ ହଜାର, ପୋଡ଼ାଘରାରୁ ନଟୋର ରାସ୍ତା ପାଇଁ ୧ କୋଟି ୭୨ ଲକ୍ଷ ୨୯ ହଜାର, ଆରଡ଼ି ରାସ୍ତାଠାରୁ ଅରଡ଼ାପାଳ ୧ କୋଟି ୯୩ ଲକ୍ଷ ୪୯ ହଜାର ଟଙ୍କା ଅଟକଳରେ ରାସ୍ତାର ଶିଳାନ୍ୟାସ କରିଥିଲେ। ଏଥିସହ ରଗଦା ଓ ରୁଗୁଡ଼ିସାହିରେ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୨ଟି ଅଙ୍ଗନୱାଡି ଗୃହ ଉଦ୍‌ଘାଟନ କରିଛନ୍ତି । ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ସରପଞ୍ଚ ନୀଳେନ୍ଦ୍ର ପ୍ରଧାନ, ସମିତି ସଭ୍ୟା ଲଳିତା ମହାନ୍ତ, ପୂର୍ବତନ ସରପଞ୍ଚ ଅହଲ୍ୟା ଦେହୁରୀ, ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ପ୍ରମୁଖ ଯୋଗଦେଇଥିଲେ । ସୁକିନ୍ଦା ବ୍ଲକ ପୂର୍ବତନ ଅଧ୍ୟକ୍ଷା ଭଗବତୀ ମହାନ୍ତ ସମସ୍ତ କାର୍ଯ୍ୟକ୍ରମଗୁଡ଼ିକୁ ପରିଚାଳନା କରିଥିଲେ । ଗଣେଶ୍ୱର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଭରତ ଚନ୍ଦ୍ର ମହାନ୍ତ, ପ୍ରଭାତ ପ୍ରଧାନ, ବୈକୁଣ୍ଠ ମହାନ୍ତ। ଭରତ ଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା, ୧୬।୯(ଡି.ଏନ୍.ଏ.)

ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ୧୬ ଜଣ ଆଦର୍ଶ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ଶନିବାର ଧର୍ମଶାଳା କଲେଜ ପରିସରରେ ସମ୍ବର୍ଦ୍ଧନା କରାଯାଇଛି। ରୋଟାରୀ କ୍ଲବ ସଭାପତି ପ୍ରଦୀପ୍ତ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କଟକ ଜିଲା କମିଟି ଚେୟାରପର୍ଶନ ଶିବବ୍ରତ ଦାସ ଓ ରୋଟାରିଆନ୍ ନଳିନୀ ମହାପାତ୍ର ଯୋଗ ଦେଇଥିଲେ। ରୋଟାରୀ ପକ୍ଷରୁ ୧୦ ଜଣ ଓ ଇନରହୁଇଲ୍ କ୍ଲବ୍‌ରୁ ୬ଜଣଙ୍କୁ ମିଶାଇ ମୋଟ ୧୬ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିକୁଞ୍ଜ ବିହାରୀ ପୃଷ୍ଟି, ପ୍ରମୋଦ କୁମାର ପରିଡ଼ା, ହୃଷୀକେଶ ଜେନା, ରଜନୀକାନ୍ତ ପୃଷ୍ଟି, ପ୍ରଦୀପ କୁମାର ପ୍ରଧାନ, ମନୋରଞ୍ଜନ କର, ପୁରୁଷୋତ୍ତମ ଜେନା, ହୃଷୀକେଶ ସାମଲ, ସଦୀପ୍ତ କୁମାର ମହାନ୍ତି, ବାଣୀ ବଲ୍ଲରୀ ଦାସ, ଅଞ୍ଜୁଳତା ପଣ୍ଡା, ସାରଥି ସାମନ୍ତରାୟ, ସୁମନ ଓଝା, ମିନତି ତ୍ରିପାଠୀ, ବାସନ୍ତୀ ବିଶ୍ୱାଳ ପ୍ରମୁଖଙ୍କୁ ଅତିଥିମାନେ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରମୋଦ ସାମଲ ବିବରଣୀ ପାଠ, ଜୟ ପ୍ରକାଶ ତ୍ରିପାଠୀ ଅତିଥି ସ୍ୱାଗତ ଭାଷଣ, ପ୍ରତିଭା ସାହୁ ଅତିଥି ପରିଚୟ ପ୍ରଦାନ ଓ ଲୋପାମୁଦ୍ରା ସେଣ୍ଠ ସୂଚନା ପ୍ରଦାନ କରିଥିଲେ।

# ପାଟନାଳୀର ପୁନରୁଦ୍ଧାର କାର୍ଯ୍ୟରେ ଅନିୟମିତତା

ଚଣ୍ଡିଖୋଲ, ୧୬।୯(ଡି.ଏନ୍.ଏ)

ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷ ଜମିରେ ଜଳ ନିଷ୍କାସନ ନିମନ୍ତେ ପାଟ ନାଳୀର ପୁନରୁଦ୍ଧାର କାର୍ଯ୍ୟ କରାଯାଉଛି। ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ପୁନରୁଦ୍ଧାର ନିମନ୍ତେ ଓଳାଶୁଣି ପାହାଡ ନିକଟବର୍ତ୍ତୀ ୫ ନଂ (କ) ଜାତୀୟ ରାଜପଥ ନିକଟରୁ ପଣାସୁଧା ପର୍ଯ୍ୟନ୍ତ ଖନନ କାର୍ଯ୍ୟ ଏବଂ ପଳେଇଠାରୁ ଭରତପୁର ପର୍ଯ୍ୟନ୍ତ ଏକ ପାଟନାଳୀର ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି ଅଭିଯୋଗ କରଛନ୍ତି। ଗୋବରୀ ନଦୀ ଓ ପଳେଇ ପାଟନାଳୀ ପୁନରୁଦ୍ଧାର ନାମରେ ଡ୍ରେନେଜ ବିଭାଗ ତରଫରୁ କରାଯାଇଥିବା କାର୍ଯ୍ୟ କେବଳ ଠିକାଦାର ପୋଷା ନୀତି ବୋଲି କହିବା ସହ ଏହାର ଭିଜିଲାନ୍ସ ତଦନ୍ତ ମହାନ୍ତି ଦାବି କରିଛନ୍ତି। ଏଥିସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ମଧ୍ୟ ଦାବି କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷା ଜଳ ନିଷ୍କାସିତ ହୋଇ ନ ପାରିବାରୁ ୪ଟି ପଞ୍ଚାୟତରେ ଚାଷଜମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବିଶେଷକରି ପଳେଇ, ଭରତପୁର, ବାଲିପଡିଆ ଓ ବରଦା ଅଞ୍ଚଳର ୧୨ଶହ ଏକର ଚାଷଜମିରେ ପାଣି ଜମିରହିଛି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ପୁନରୁଦ୍ଧାର ନିମନ୍ତେ ୨୦୧୬ରେ ୧ କୋଟି ୫ ଲକ୍ଷ ଟଙ୍କା ବ୍ୟୟରେ ଓଳାଶୁଣି ପାହାଡ ନିକଟସ୍ଥ ୫ନଂ(କ) ଜାତୀୟ ରାଜପଥରୁ ପଣସୁଧା ପର୍ଯ୍ୟନ୍ତ ଦୀର୍ଘ ୭ କିମି ପର୍ଯ୍ୟନ୍ତ ଖନନ କରାଯାଇଥିଲା। ସେହିପରି ୨୪ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପଳେଇଠାରୁ ଭରତପୁର ପର୍ଯ୍ୟନ୍ତ ଏକ ପାଟନାଳୀ ମଧ୍ୟ ପୁନରୁଦ୍ଧାର କରାଯାଇଥିଲା। ଏହି ଦୁଇ ପ୍ରକଳ୍ପର କାମ ୨୦୧୭ରେ ସମାପ୍ତ ହୋଇଥିବା କାଗଜପତ୍ରରେ ଉଲ୍ଲେଖ ରହିଛି। ହେଲେ ଡ୍ରେନେଜ ପୁନରୁଦ୍ଧାର ନାମରେ ବ୍ୟାପକ ଦୁର୍ନୀତି କରାଯାଇଥିବାରୁ ଲଗାଣ ବର୍ଷାରେ ଉକ୍ତ ପାଟନାଳୀ କିମ୍ବା ଗୋବରୀ ଦେଇ ବର୍ଷା ଜଳ ନିଷ୍କାସିତ ହୋଇପାରୁ ନାହିଁ। ଫଳରେ ଚାଷଜମି ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ଜେନାଙ୍କୁ ପଚାରିବାରୁ ଡ୍ରେନେଜ ପୁନରୁଦ୍ଧାର କାର୍ଯ୍ୟ ସମୟରେ ସେ ଦାୟିତ୍ୱରେ ନ ଥିବାରୁ ସେ ଏ ସମ୍ପର୍କରେ ଠିକ ଭାବେ କହିପାରିବେ ନାହିଁ ବୋଲି କହିଛନ୍ତି।

### ବିଜେଡି ଅନୁସୂଚିତ ଜାତି, ଜନଜାତି କମିଟି ଘୋଷିତ

ଧର୍ମଶାଳା, ୧୬।୯(ଡି.ଏନ୍.ଏ.)

ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଜିଲା ସଭାପତିଙ୍କ ଅନୁମୋଦନକ୍ରମେ ରବିବାର ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଜେଡି ଜାତି ଓ ଅନୁସୂଚିତ ଜନଜାତି କମିଟି ବ୍ଲକ ସଭାପତି ନିରଞ୍ଜନ ବଳ ଘୋଷଣା କରିଛନ୍ତି। ସଭାପତିଭାବେ କାର୍ତ୍ତିକ ମଲିକ, ଉପସଭାପତି ସୁବାସ ମଲିକ, ଅନାମ ଚରଣ ମଲିକ, ଦୀପକ ଗୋଚ୍ଛାୟତ, ସୁଦର୍ଶନ ଦାସ, ଶଙ୍କର୍ଷଣ ମଲିକ, ସମ୍ପାଦକଭାବେ ନିରଞ୍ଜନ ମଲିକ, ସହ ସମ୍ପାଦକ ନିମାଇଁ ମଲିକ, ଲମ୍ବୋଧର ଦଳାଇ, ଗୋବିନ୍ଦ ମଲିକ, ଶାନ୍ତନୁ ମଲିକଙ୍କ ନାମ ଘୋଷଣା କରାଯାଇଥିଲା। ଏଥିସହିତ ୫୪ଟି ପଞ୍ଚାୟତର କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ନୂତନ କର୍ମକର୍ତ୍ତାଙ୍କୁ ବିଧାୟକ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

# ଶିବଦୁର୍ଗା କ୍ଲବ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ

ରସୁଲପୁର,୧୬।୯(ଡି.ଏନ୍.ଏ.)



ଅତିଥିଙ୍କ ଗହଣରେ ସମ୍ମାନିତ ପ୍ରତିଭା।

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତ ବ୍ରାହ୍ମଣବାଡ଼ ଗ୍ରାମସ୍ଥିତ ଶିବଦୁର୍ଗା କ୍ଲବ ପକ୍ଷରୁ ଗଣେଶ ପୂଜା ଅବସରରେ ଶନିବାର ରାତିରେ ଗୁରୁପୂଜନ ଓ ପ୍ରତିଭା ସମ୍ମାନ ସମାରୋହ ସମ୍ପନ୍ନ ହୋଇଛି। ଚଣ୍ଡିଖୋଲ ଆଇନଜୀବୀ ସଂଘର କାର୍ଯ୍ୟକାରୀ ସଦସ୍ୟ ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ଥାନା ଅଧିକାରୀ ଉମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବରେ ଦୌଡ଼ରଣୀ ସରସ୍ୱତୀ ଚାନ୍ଦ, ସାମାଜିକ କର୍ମୀ ରଞ୍ଜିତ ରାଉତ ପ୍ରମୁଖ ଯୋଗଦେଇ ବିଘ୍ନବିନାଶକଙ୍କ ପୂଜା ଅବସରରେ ଗାଁର ଯୁବକଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତ ରଖିଥିଲେ। ୩ଦିନ ବ୍ୟାପି ଅନୁଷ୍ଠିତ ଏହି ପୂଜା ଅବସରରେ ଗାଁର ପ୍ରତିଭାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷ ଦିବସରେ ଅନୁଷ୍ଠିତ ଏକ ମେଗା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଗ୍ରାମର ବୟସ୍କ ସଦସ୍ୟଙ୍କୁ ଗୁରୁବୋଲି ଅଭିହିତ କରାଯିବା ସହ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ଚର୍ଚ୍ଚିକା ହାଇସ୍କୁଲରେ ୨୦୧୭-୧୮ ବର୍ଷରେ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ଛାତ୍ରୀ,କଲଣ କଲେଜର ଯୁକ୍ତ ୨ ଓ ଯୁକ୍ତ ୩ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର, ଗାଁରୁ ପୋଲିସ ବିଭାଗ ଓ ଅଗ୍ନିଶମ ବିଭାଗରେ କାର୍ଯ୍ୟରତ ବ୍ୟକ୍ତି, ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ, ଦଧି ହାଣ୍ଡି ଭଙ୍ଗା, ଆକାଶ ଝୁଲା ପିଠା, ଝୋଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଞ୍ଝାରପୁର ବ୍ଲକରେ ବ୍ୟାପୁଛି ଚର୍ମରୋଗ

ବିଞ୍ଝାରପୁର,୧୬।୯(ଡିଏନଏ)



ଗତ କିଛି ଦିନ ହେବ ବିଞ୍ଝାରପୁର ଅଞ୍ଚଳରେ ବର୍ଷା ଲାଗି ରହିବା ଫଳରେ ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ମ ଓ ଅନ୍ୟାନ୍ୟ ସଂକ୍ରମିତ ରୋଗ ବ୍ୟାପିବାରେ ଲାଗିଛି। ଗତ ୪୫ ଦିନ ମଧ୍ୟରେ ୧୨୦୦ମିମି. ରୁ ଉର୍ଦ୍ଧ୍ୱ ବର୍ଷା ହୋଇଛି। ଯାହା ଫଳରେ ଏବେବି ବିଞ୍ଝାରପୁର ବ୍ଲକର ଅନ୍ୟୁନ୍ୟ ୧୨ହଜାର ହେକ୍ଟର ଚାଷଜମି ଜଳମଗ୍ନ ଥିବାବେଳେ ଗାଁ ଗଳିକନ୍ଦିରେ ବର୍ଷାଜଳ ଜମି ରହିଛି। ଫଳରେ ସଂକ୍ରମିତ ରୋଗ ବ୍ୟାପିବାରେ ଲାଗିଛି। ଦୈନିକ ଶତାଧିକ କାଛୁ ଓ କୁଣ୍ଡିଆ ରୋଗୀ ବିଞ୍ଝାରପୁର, ପ୍ରୀତିପୁର, ଜରୀ, କଣ୍ଟିପୁର, ବରପଦା, ହଳଦୀଡିଅ, ଉତ୍ତଙ୍ଗରା ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳିଛି। ଆବାଳ ବୃଦ୍ଧ ବନିତାଙ୍କୁ ଏହି ଚର୍ମ ରୋଗ ହେଉଥିବା ବେଳେ ହାରଫିସ ,ଡେଙ୍ଗୁ ଓ ମ୍ୟାଲେରିଆ ମଧ୍ୟ ବଢି ଚାଲିଛି। ବିଶେଷ କରି ହାରଫିସ ରୋଗରେ ଅଧିକାଂଶ ଆକ୍ରାନ୍ତ ହେଉଛନ୍ତି। ଏହି ରୋଗରେ ପୀଡିତ ରୋଗୀଙ୍କ ଦେହସାରା କୁଣ୍ଡାଇ କୁଣ୍ଡାଇ ନାଲିଦାଗ ସହ ଫୋଟକା ପଡ଼ି ଯାଇ ଶେଷରେ ଜ୍ୱର ଓ ଶରୀର ବିନ୍ଧା ଛିଟିକା ହେଉଛି। ଅପରିଷ୍କାର ପରିବେଶ ଯୋଗୁଁ ଏଭଳି ସଂକ୍ରମିତ ରୋଗ ବ୍ୟାପିଥାଏ ବୋଲି ଡାକ୍ତର ସଞ୍ଜୀବ କୁମାର ମିଶ୍ର କହିଛନ୍ତି। ଗାଁ ଗଣ୍ଡାରେ କାଛୁ ଓ କୁଣ୍ଡିଆ, ହାରଫିସ ଘରେ ଘରେ ଦେଖିବାକୁ ମିଳୁଥିବାବେଳେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ସଂକ୍ରମିତ ରୋଗ ବ୍ୟାପୁଛି। ଏପରି କି ପରିମଳ ବିଭାଗ ପକ୍ଷରୁ ବ୍ଲିଚିଂ ପାଉଡର ପକାଯାଉ ନ ଥିବାରୁ ଏହି ସମସ୍ୟା ବ୍ୟାପକ ଆକାରରେ ଧାରଣ କରିଛି। ପ୍ରଶାସନ ପକ୍ଷରୁ କେବଳ ଡେଙ୍ଗୁ ପ୍ରଭାବିତ ଅଞ୍ଚଳରେ ବ୍ଲିଚିଂ ପାଉଡର ପକାଇ ନିଜର ଦାୟିତ୍ୱ ସାରିଥିବା ବେଳେ ଅନ୍ୟାନ୍ୟ ଅଞ୍ଚଳରେ କାଛୁ, କୁଣ୍ଡିଆ ଓ ହାରଫିସ ଭଳି ସଂକ୍ରମିତ ରୋଗ ବୃଦ୍ଧି ହେବାରେ ଲାଗିଛି। ମିଳିଥିବାସୂଚନା ମୁତାବକ ବିଞ୍ଝାରପୁର ଅଞ୍ଚଳରେ ୨ହଜାରରୁ ଉର୍ଦ୍ଧ୍ୱ ଲୋକ କାଛୁ, କୁଣ୍ଡିଆ ଓ ହାରଫିସ ରୋଗରେ ପୀଡିତ ଥିବା ଜଣାପଡିଛି। ଏପରି କି ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ ହାରଫିସ ଭଳି ସଂକ୍ରମିତ ରୋଗରେ ପୀଡ଼ିତ ହୋଇଥିବା ଦେଖିବାକୁ ମିଳିଛି। ଏସମ୍ପର୍କରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସକ ସୁବ୍ରତ ନାୟକ କୁହନ୍ତି ଯେ, ଏହା ଏକ ଭୁତାଣୁ ଜନିତ ଡିଆଁ ରୋଗ ଅଟେ। ଏହା ପାଇଁ ଆମ ବିଭାଗ ନିକଟରେ କୌଣସି ପ୍ରତିଶୋଧକ ବ୍ୟବସ୍ଥା ନାହିଁ। ତେବେ ପରିବେଶ ଓ ପରିମଳ ବ୍ୟବସ୍ଥା ସ୍ୱଚ୍ଛ ରହିଲେ ଏହି ଭୁତାଣୁ ଜନିତ ରୋଗକୁ ପ୍ରତିହତ କରିହେବ ବୋଲି କହିଛନ୍ତି।



ଆଖି ଅନ୍ୟକୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ ବାଛି ବସେ, କିନ୍ତୁ ନିଜର ଭୁଲକୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ



## ସଂକ୍ଷେପରେ

### ଡକାୟତି ମାମଲାରେ ଅଭିଯୁକ୍ତ କୋର୍ଟ ଚାଲାଣ

କୋରେଇ,୧୬।୯(ସ୍ୱ.ପ୍ର): ଡକାୟତି ମାମଲାରେ କୋରେଇ ଥାନା ପୋଲିସ ତୁଳତୀ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଦୀର୍ଘଦିନ ଧରି ସେ ଫେରାର ଥିବା ବେଳେ ଶନିବାର ରାତିରେ ପୋଲିସ ତାଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଗିରଫ ବ୍ୟକ୍ତି ଜଣକ ତୁଳତୀ ଗ୍ରାମର ମୁକ୍ତେଶ୍ୱର ସାହୁ। ସେ ସେହି ଗ୍ରାମର ରାମ ସିଂହଙ୍କ ଉପରେ ଆକ୍ରମଣ କରି ନଗଦ ଅର୍ଥ ସମେତ ମୋବାଇଲ ଆଦି ଛଡାଇ ନେଇଥିଲେ। ଏନେଇ ସିଂହ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ମୁକ୍ତେଶ୍ୱର ସେହିଦିନଠାରୁ ଫେରାର ଥିଲେ। ପୋଲିସ ଏ ନେଇ ଏକ ମାମଲା (୧୭୦/୧୮) ରୁଜୁ କରି ତଦନ୍ତ ଜାରି ରଖିଥିଲା।

### ପାରିବାରିକ କଳହରୁ ମାର୍‌ପିଟ, ୨କୋର୍ଟ ଚାଲାଣ

କୋରେଇ,୧୬।୯(ସ୍ୱ.ପ୍ର): କୋରେଇ ଥାନା ଅନ୍ତର୍ଗତ ହଳଦୀଗଡିଆ ଗ୍ରାମରେ ପାରିବାରିକ କଳହରୁ ମାର୍‌ପିଟ ହେବା ଫଳରେ ରବିବାର ୨ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ହଳଦୀଗଡିଆ ଗ୍ରାମର ଅଭିମନ୍ୟୁ ପଳତା ଏବଂ ସୁରେଶ କୁମାର ପଳତା। ସେମାନେ ପୂର୍ବ ଶତ୍ରୁତା ଏବଂ ପାରିବାରିକ ବିବାଦକୁ ନେଇ ନିରଞ୍ଜନ ପଳତାଙ୍କୁ ମାଡ଼ ମାରିବା ସହିତ ଗାଳିଗୁଲଜ କରିଥିଲେ। ଏ ନେଇ ନିରଞ୍ଜନ ଶନିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (୧୮୯/୧୮) ରୁଜୁ କରି ରବିବାର ଅଭିମନ୍ୟୁ ଏବଂ ସୁରେଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ସର୍ପ ଦଂଶନରେ ଛାତ୍ରୀଙ୍କ ମୃତ୍ୟୁ

କୋରେଇ,୧୬।୯(ସ୍ୱ.ପ୍ର.): କୋରେଇ ବ୍ଲକ ଧନେଶ୍ୱର ପଞ୍ଚାୟତ ବେଗନା ଗ୍ରାମର ମାନସୀ ଜେନା(୯)ଙ୍କର ଶନିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ସ୍ଥାନୀୟ ବେଗନା ପ୍ରାଥମିକ ବିଦ୍ୟାଳୟରେ ୫ମ ଶ୍ରେଣୀରେ ପଢୁଥିଲେ। ପ୍ରକାଶ ଯେ, ମାନସୀ ଶୁକ୍ରବାର ରାତିରେ ଶୋଇଥିବାବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### କାନ୍ଥ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ସିଂହପୁର,୧୬।୯(ଡି.ଏନ୍.ଏ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ପଞ୍ଚାୟତ ୧୨ନଂ. ୱାର୍ଡର ରଘୁନାଥ ଆରୁଖଙ୍କ ମା' କାଳୀ ଦେଇ(୬୫) ଶନିବାର ରାତିରେ ଶୋଇଥିବାବେଳେ କାନ୍ଥ ପଡ଼ି ମୃତ୍ୟୁ ହୋଇଛି। ପରିବାର ଲୋକେ ସଙ୍ଗେସଙ୍ଗେ ଜରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗରିବ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

■ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାଁରେ ଅର୍ଥ ଆତ୍ମସାତ୍ ଘଟଣା

# ଜୋର ଧରିଲା ତଦନ୍ତ ଦାବି

ଦଶରଥପୁର,୧୬।୯(ଡିଏନ୍‌ଏ)

ମହାତ୍ମାଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ନାମରେ ଦଶରଥପୁର ବ୍ଲକରେ ୧କୋଟି ୨୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ଭାଜପା ଓ କଂଗ୍ରେସ ଅଭିଯୋଗ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ତେବେ ବ୍ଲକରେ ହୋଇଥିବା ଏହି ଦୁର୍ନୀତିର ପର୍ଦ୍ଦାଫାସ କରିବାକୁ ତଦନ୍ତ ପାଇଁ ଦାବି କରାଯାଇଥିବା ଜଣାଯାଇଛି।
ସୂଚନା ଯେ, ଏହି ବ୍ଲକର ଯାଜପୁର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ୨୦ରୁ ୧୧ପଞ୍ଚାୟତ ୨୦୧୭-୧୮ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୨୯ ଲକ୍ଷ ୭୦ହଜାର ୭ଶହ ୫୪ ଟଙ୍କା ଆତ୍ମସାତ କରାଯାଇଥିବାବେଳେ ଏହି ବ୍ଲକର ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ୧୫ରୁ ୧୦ପଞ୍ଚାୟତ ୯୪ଲକ୍ଷ ୫୧ହଜାର ୧ଶହ ୪୩ ଟଙ୍କା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ନାମରେ ଅର୍ଥ ହଡ଼ପ ହୋଇଥିବା ଉଭୟ ଦଳ ଅଭିଯୋଗ କରିଛନ୍ତି। ଏ ନେଇ ଶନିବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଘଟଣାର ତଦନ୍ତ କରିବାକୁ ଦାବି ଜୋରଦାର ହୋଇଛି। ଏହି ପର୍ଯ୍ୟାୟରେ ୭ନଂ ଜୋନ୍ କଂଗ୍ରେସର ପୂର୍ବତନ ଜିଲା ପରିଷଦ ସଭ୍ୟ ଭରତ ଚନ୍ଦ୍ର ପରିଡାଙ୍କ ସଭାପତିତ୍ୱରେ ମଙ୍ଗଳପୁରଠାରେ ରବିବାର ଏକ ସଭା କରାଯାଇଥିଲା। ଆୟୋଜିତ ସଭାରେ ୨୦୧୭-୧୮ ଆର୍ଥିକ ବର୍ଷରେ ଦଶରଥପୁର ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମରେ ହୋଇଥିବା ଅର୍ଥ ଆତ୍ମସାତ୍ ସମ୍ପର୍କରେ ଆଲୋଚନା କରାଯାଇ କେନ୍ଦ୍ର ସରକାରଙ୍କ ବିଭାଗୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ଯାଜପୁର ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି। ଅନୁଷ୍ଠିତ ବୈଠକରେ କଂଗ୍ରେସର ଯୁବନେତା ତଥା ପାଲଟପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ବିମଳ ମଲ୍ଲିକ୍, ଗୋପାଳପୁରର ପୂର୍ବତନ ସରପଞ୍ଚ ରବିନାରାୟଣ ଯେନା, ସବ୍ୟସାଚୀ ଦାସ, ଘନଶ୍ୟାମ ସାହୁ, ଚନ୍ଦ୍ରଶେଖର ସାହୁଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଶ୍ରମିକଙ୍କୁ ବର୍ଷରେ ୧୦୦ଦିନର କାମ ଯୋଗାଇ ଦେବାକୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବାବଦରେ କୋଟିକୋଟି ଟଙ୍କା ଯୋଗାଇ ଦେଉଥିବାବେଳେ ଦଶରଥପୁର ବ୍ଲକରେ ଏହି ଯୋଜନାରୁ ଶ୍ରମିକମାନେ ବଞ୍ଚିତ ହେଉଛନ୍ତି। ଶ୍ରମିକଙ୍କ ବ୍ୟତୀତ ବିଭାଗୀୟ ଦାୟିତ୍ୱରେ ରହୁଥିବା ସରକାରୀ ଅଧିକାରୀ, ରାଜନେତା ଓ କାମ କରୁଥିବା ଠିକାଦାରମାନେ ମାଲାମାଲ ହେଉଛନ୍ତି ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଦଶରଥପୁର ବ୍ଲକରେ ୨୦୧୭-୧୮ ଆର୍ଥିକ ବର୍ଷରେ ୨୧ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପ୍ରକଳ୍ପରେ କୌଣସି ଗୋଟିଏ ବି ପଞ୍ଚାୟତରେ ଶ୍ରମିକଙ୍କ ଦ୍ୱାରା କାମ କରାଯାଇ ନ ଥିବାବେଳେ ମେଶିନ୍ ଦ୍ୱାରା କାମ କରାଯାଇଥିବା ଜଣାପଡ଼ିଛି। ଏହା ସହିତ ବିଭିନ୍ନ ପଞ୍ଚାୟତରେ ମଷ୍ଟରରୋଲ୍ ପ୍ରସ୍ତୁତିରେ ଜାଲିଆତି କରାଯାଇଥିବା ଅଭିଯୋଗ ହୋଇଛି। ଜନପ୍ରତିନିଧି ଓ ଠିକାଦାରମାନେ ନିଜ ନିଜ ପଞ୍ଚାୟତରୁ ବିଭିନ୍ନ ଲୋକଙ୍କ ଜବ୍‌କାର୍ଡ ଯୋଗାଡ କରି ସେଥିରେ ଶ୍ରମିକମାନେ କାମ କରିଥିବା ଦର୍ଶାଇ ବ୍ଲକ ପ୍ରଶାସନର ପୂର୍ଣ୍ଣ ସହଯୋଗରେ ୧କୋଟି ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଣ କରିନେଇଛନ୍ତି। ଅପରପକ୍ଷେ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଗ୍ରାମନନ୍ଦିପୁର ପଞ୍ଚାୟତରେ ସର୍ବାଧିକ ୩୫ଲକ୍ଷ ୪୯ହଜାର ୭ଶହ ୯୨ ଟଙ୍କାର କାର୍ଯ୍ୟ ହୋଇଥିବାବେଳେ ଡାହଣହତାରେ ସର୍ବନିମ୍ନ ୪୯ହଜାର ୫ଶହ ୪ଟଙ୍କା ଉଠାଣ କରିଥିବା ବ୍ଲକ ରେକର୍ଡରୁ ଜଣାଯାଇଛି। ତେବେ ବହୁ ପଞ୍ଚାୟତରେ ପ୍ରକଳ୍ପ ନାମରେ ଆଦୌ କାର୍ଯ୍ୟ ନ ହୋଇ ମଧ୍ୟ ଟଙ୍କା ଉଠାଣ ହୋଇସାରିଥିବା ଅଭିଯୋଗ ହୋଇଛି। ଏ ନେଇ ବିଡିଓ ନାରାୟଣ ଚନ୍ଦ୍ର ନାୟକଙ୍କୁ ପଚାରିବାରେ, ବ୍ଲକ ପ୍ରଶାସନ ନିକଟକୁ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

**ଦଶରଥପୁର ବ୍ଲକ**
- ■ ତଦନ୍ତ ଦାବିରେ କଂଗ୍ରେସର ବୈଠକ
- ■ କେନ୍ଦ୍ର, ରାଜ୍ୟ ସରକାର ଓ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବାକୁ ନିଷ୍ପତ୍ତି

### ମୋ ସ୍କୁଲ ଅଭିଯାନ ବୈଠକ

ବିରଜାକ୍ଷେତ୍ର,୧୬।୯(ଡି.ଏନ୍.ଏ): ଯାଜପୁର ବ୍ଲକ୍ ବିଚିତ୍ରପୁର ପଞ୍ଚାୟତର ଗୋଖନାଠାରେ ଅବସ୍ଥିତ ଉପେନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟରେ ରବିବାର ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବାରିକଙ୍କ ସଭାପତିତ୍ୱରେ ବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଉକ୍ତ ଅଭିଯାନକୁ ସଫଳ କରିବାପାଇଁ ପ୍ରତିଶ୍ରୁତି ଦେଇଥିଲେ । ପ୍ରଭୁ ପ୍ରସାଦ ସାହୁଙ୍କୁ ମୋ ସ୍କୁଲ ଅଭିଯାନର ସଭାପତି ଭାବେ ମନୋନୀତ କରାଯାଇଥିଲା । ପୁରାତନ ଛାତ୍ର ତଥା ପୋଲସରା ଓ ବୁଗଡାଇ ବ୍ଲକ୍ ଶିକ୍ଷାଧିକାରୀ ରସାନନ୍ଦ ସାହୁ ଏହି ଅଭିଯାନ ସମ୍ପର୍କରେ ବୁଝାଇଥିଲେ । ବିଦ୍ୟାଳୟର ଋଣ ସୁଝିବାପାଇଁ ଏକ ସୁଯୋଗ ଆସିଛି ବୋଲି ଆଡଭୋକେଟ୍ କୁଳମଣି ନାୟକ କହିଥିଲେ। ବୈଠକରେ ଅଧ୍ୟାପକ ସୀତାକାନ୍ତ ସାହୁ, ଅକ୍ଷୟ ସ୍ୱାଇଁ, କମଳେଶ ବରାଳ, ରତିକାନ୍ତ ସାହୁ, ଦେବାଶିଷ ଦାସ, ଅନୀଲ ଯେନା, ଅମୀୟ ରଞ୍ଜନ ନାୟକ, ହୃଦାନନ୍ଦ ରାଉତ, ସୋମନାଥ ସ୍ୱାଇଁ, ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେବା ସହ ଅନ୍ୟ ଛାତ୍ରୀଛାତ୍ରଙ୍କୁ ସାହାଯ୍ୟ ପାଇଁ ଆହ୍ୱାନ ଦେଇଥିଲେ ।

■ ନିଷ୍କାସନ ହୋଇପାରୁନି ବର୍ଷାଜଳ, ଫସଲ ନଷ୍ଟ

## କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଲେ ଭାଜପା ମୁଖପାତ୍ର

ବାଲିଚନ୍ଦ୍ରପୁର,୧୬।୯(ସ୍ୱ.ପ୍ର.)

ଶନିବାର ଓ ରବିବାର ଦୁଇଦିନ ଧରି ଭାଜପା ମୁଖପାତ୍ର ତଥା ବଡ଼ଚଣା ଭାଜପା ନେତା ଅମର ନାୟକ କ୍ଷତିଗ୍ରସ୍ତ ଅଞ୍ଚଳ ଓ ନଷ୍ଟ ହୋଇଥିବା ଫସଲ ବୁଲି ଦେଖିଥିଲେ। ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦେବା ସହ କୃଷି ଋଣ ଛାଡ଼, ଫସଲ ବୀମା ମାଧ୍ୟମରେ କ୍ଷତି ପୂରଣ ପ୍ରଦାନ ଓ ଆସନ୍ତା ଖରିଫ ଚାଷ ପାଇଁ ମାଗଣାରେ ସାର ବିହନ ଯୋଗାଇଦେବାକୁ ଭାଜପା ମୁଖପତ୍ର ନାୟକ ଦାବି କରିଛନ୍ତି। ସପ୍ତାହେ ମଧ୍ୟରେ କ୍ଷତିପୂରଣ ନ ମିଳିଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଲଘୁଚାପ ଜନିତ ବର୍ଷା ଯୋଗୁ ଗୋବରୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିଲା। ଫଳରେ ବଡ଼ଚଣା ବ୍ଲକର ପଳାଇ, ଭରତପୁର, ବରଦା, ବିକ୍ରମତିରଣ, ବାଲିପଡ଼ିଆ ଆଦି ୫ ପଞ୍ଚାୟତର ଶହ ଶହ ଏକର ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ଏପରି କି ବନ୍ୟା ଛାଡ଼ିବାର ୧୫ ଦିନ ପରେ ମଧ୍ୟ ଭରତପୁର ପଞ୍ଚାୟତର କେତେକ ଗ୍ରାମରୁ ଜଳ ନିଷ୍କାସନ ହୋଇପାରିନାହିଁ। ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବାକୁ କୌଣସି ସରକାରୀ କର୍ମଚାରୀ ନ ପହଞ୍ଚିବା ଘଟଣାକୁ ସେ ନିନ୍ଦା କରିଛନ୍ତି। ତାଙ୍କ ସହ ରାଜ୍ୟ କିଷାନ ମୋର୍ଚ୍ଚା ସଂଯୋଜକ ଅଶୋକ ସାମଲ, ସୁଶାନ୍ତ ମହାପାତ୍ର, ଉତ୍କଳ କେଶରୀ ସାମଲ, ସୁବାସ ପ୍ରଧାନ, ଗୋକୁଳାନନ୍ଦ ମଲ୍ଲିକ, ବୈନେତେୟ ଦାଶ, ଶରତ ରାଉତ, କମଳ ଲୋଚନ ସ୍ୱାଇଁ ପ୍ରମୁଖ ପ୍ରତିନିଧି ଦଳ ସାମିଲ ଥିଲେ।



ଭାଜପା ନେତୃବୃନ୍ଦ କ୍ଷତିଗ୍ରସ୍ତ ଚାଷୀଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

### ଗ୍ଲୋବାଲ ପିସ୍ ଫାଉଣ୍ଡେଶନର ବାର୍ଷିକୋତ୍ସବ

ବିରଜାକ୍ଷେତ୍ର,୧୬।୯(ଡି.ଏନ୍.ଏ.): ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଶନିବାର ଗ୍ଲୋବାଲ ପିସ୍ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିସ୍ ଫାଉଣ୍ଡେସଶନର ଅଧ୍ୟକ୍ଷ ରାଜକିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୋହନ ଚରଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ବିଶ୍ୱକେଶରୀ ମହାନ୍ତି ମୁଖ୍ୟବକ୍ତା, ସିରେନ୍ଦ୍ର କୁମାର ଦାଶ ସମ୍ମାନିତ ଅତିଥି ଏବଂ ସଂଘମିତ୍ରା ସାବତ ପ୍ରମୁଖ ଯୋଗଦେଇ ଗ୍ଲୋବାଲ୍ ପିସ୍ ଫାଉଣ୍ଡେଶନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଖଣ୍ଡ ଭାରତ ଗଠନ ହେଲେ ଶାନ୍ତି ବଜାୟ ରହିବ ବୋଲି ଅତିଥିମାନେ ମତପୋଷଣ କରିଥିଲେ। ଉଦୟନାରାୟଣ ପରିଡ଼ା, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମଲ, ସାମାଜିକ କର୍ମୀ ଗୋବିନ୍ଦ ସ୍ୱାଇଁ, ପରମାନନ୍ଦ ନାୟକ, ଆଇନଜୀବୀ ପ୍ରବୀର ରାୟ, ମାନସ ରଞ୍ଜନ ମହାନ୍ତି, ସନ୍ତୋଷ ଦାସ, ଦାମୋଦର ବେହେରା, ରବିନ୍ଦ୍ର କୁମାର ସାମଲ, ଭାଜପା ନେତା ରମେଶ ସାମଲ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଶିଶିର ନାୟକ, ଗିରିଧାରୀ ସ୍ୱାଇଁ, ପାର୍ବତୀ ବଲ୍ଲଭ ପଟ୍ଟନାୟକ, କ୍ଷୀରୋଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଗ୍ଲୋବାଲ୍ ପିସ୍ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କବିତା ଆସର

ବାଲିଚନ୍ଦ୍ରପୁର,୧୬।୯(ସ୍ୱ.ପ୍ର.)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ମାସ ସ୍ମୃତି ଉଦ୍ଦେଶ୍ୟରେ ନଙ୍ଗୁଳି ମଠ ପରିସରରେ ବଡଚଣା ଭାଜପା ପକ୍ଷରୁ ରବିବାର କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ନିରଞ୍ଜନ ଜେନା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କବି ଅଶୋକ ସାମଲ ସଂଯୋଜନା କରିବା ସହ କବିତା ସମୀକ୍ଷା କରିଥିଲେ। ରାଜ୍ୟ ଭାଜପା ମୁଖପାତ୍ର ତଥା ବଡ଼ଚଣା ଭାଜପା ନେତା ଅମର ନାୟକ ମୁଖ୍ୟ ଅତିଥି, କୁଳମଣି ସାମଲ, ନିରଞ୍ଜନ ଜେନା, ପାଣ୍ଡବ ଚରଣ ଧଳ ପ୍ରମୁଖ ଯୋଗେଦେଇ ସ୍ୱରଚିତ କବିତା ମାଧ୍ୟମରେ ବାଜପେୟୀଙ୍କ ରାଜନୈତିକ ଜୀବନ ଓ ଶାସନ କ୍ଷମତାରେ ଥିବାବେଳେ ଜନହିତକର କାର୍ଯ୍ୟ ଉପରେ କବିତା ଆବୃତ୍ତି କରିଥିଲେ। ଜିଲା ଭାଜପା ଉପସଭାପତି ଜ୍ଞାନରଞ୍ଜନ ସାହୁ, କବିତା କାର୍ଯ୍ୟକ୍ରମର ସହାସଂଯୋଜକ ରମେଶ ପୃଷ୍ଟି, ସାମାଜିକ କର୍ମୀ ସୁମନ୍ତ ସାମଲ, ବ୍ଲକ ମିଡିଆ ସେଲ ଉପାଧ୍ୟକ୍ଷ ମହେଶ ଜେନା, ଦିପ୍ତିରଞ୍ଜନ ସାହୁ, ଜିଲା କୃଷକ ମୋର୍ଚ୍ଚା ସଭାପତି ଶାରଦାନନ୍ଦ ରାଉତ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ଦୀପକ ସାମଲ, ପଞ୍ଚାୟତ ଶକ୍ତି କେନ୍ଦ୍ର ପ୍ରମୁଖ ବିକ୍ରମ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବଡଚଣା ବ୍ଲକ ଭାଜପା ମିଡିଆ ସେଲ ଅଧ୍ୟକ୍ଷ ଉତ୍କଳ କେଶରୀ ସାମଲ ଧନ୍ୟବାଦ ଦେଇଥିଲେ।




କବି ସମ୍ମିଳନୀରେ ଯୋଗ ଦେଇଥିବା ଅତିଥିମାନେ।

## ଛତିଆ କରାଟେ ପ୍ରତିଯୋଗୀଙ୍କ କୃତିତ୍ୱ

ଛତିଆ,୧୬।୯(ଡି.ଏନ୍.ଏ)

ବାଲେଶ୍ୱର ଟାଉନ ହଲଠାରେ ଗତ ୮ ଏବଂ ୯ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଛତିଆଠାରେ ଥିବା ଟ୍ରାଡିସନାଲ କରାଟେ ଏକାଡେମୀ ଏବଂ ଟାଙ୍ଗୀସ୍ଥିତ ଡିଏଭି, ପଦ୍ମାବତୀର ସମୁଦାୟ ୨୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୪ ଝିଅ ଓ ୧୮ ପୁଅଙ୍କ ମଧ୍ୟରୁ ବାଳିକା କାଟାରେ ହିମାଦ୍ରୀ ତନୟା ନାୟକ(୧୨), ବାଳକ କାଟାରେ ରୁଦ୍ରନାରାୟଣ ଦାସ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ଡିଏଭିର ତପନ ବେହେରା(୧୨) ଫାଇଟ୍‌ରେ ରୌପ୍ୟ ଏବଂ କାଟାରେ କାଂସ୍ୟ ପଦକ ଜିତିଥିଲେ। ସେହିପରି ସାଇକୃଷ୍ଣ ବଳବର୍ମା(୧୦) ଫାଇଟ୍‌ରେ କାଂସ୍ୟ ଓ ଦେବସ୍ମିତା ନାଥ(୧୦) ଫାଇଟ୍‌ରେ କାଂସ୍ୟ ପଦକ ହାସଲ କରିଥିଲେ। ପ୍ରତିଯୋଗିତାରେ ଯାଜପୁର ଜିଲା କରାଟେ ସଂଘ ସମ୍ପାଦକ ସନକ କୁମାର ଦେଓ ରେଫ୍‌ରୀ ଏବଂ ପରିଚାଳନା ଉପଦେଷ୍ଟା ଭାବେ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ଯାଜପୁର ଜିଲା କରାଟେ ସଂଘ ସଭାପତି ଜୀବନକୃଷ୍ଣ ଜେନା ଅଭିନନ୍ଦନ ଜଣାଇବା ସହ ଇନଷ୍ଟିଚ୍ୟୁଟ୍‌ର ଉନ୍ନତି କାମନା କରିଥିଲେ। ଆଗାମୀ ଦିନରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏହାର ଶାଖା ଖୋଲିଯିବ ବୋଲି କହିଥିଲେ।



କୃତିତ୍ୱ ହାସଲ କରିଥିବା କରାଟେ ପ୍ରତିଯୋଗୀମାନେ।

## ଅଘୋଷିତ ବିଦ୍ୟୁତ୍‌କାଟ, ଲୋକେ ଅତିଷ୍ଠ

ବରୀ,୧୬।୯(ସ୍ୱ.ପ୍ର.)

ଯାଜପୁର ଜିଲା ବରୀ ବିଦ୍ୟୁତ୍ ସବ୍‌ଡିଭିଜନରେ କିଛି ଦିନ ହେବ ଅଘୋଷିତ ବିଦ୍ୟୁତ୍‌କାଟ ହେଉଛି। ଦୈନିକ ୭/୮ ଘଣ୍ଟା ବିଦ୍ୟୁତ୍‌କାଟ ହେଉଥିବାବେଳେ ଶନିବାରଠାରୁ ବାରମ୍ବାର ବିଦ୍ୟୁତ୍‌କାଟ ହେଉଛି। ଫଳରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଗଣେଶ ପୂଜା ସମୟରେ ବିଦ୍ୟୁତ୍‌କାଟ ହେବା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ଫିକା ପଡିଯାଉଛି। ଘଡଘଡି ମାରିଲେ ଶଙ୍ଖ ଫାଟିଯାଉଛି ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଶଙ୍ଖ ବାବଦରେ ବିଭାଗ ଅନେକ ଟଙ୍କା ଖର୍ଚ୍ଚ କରିଥିବାବେଳେ ନିମ୍ନମାନର ଶଙ୍ଖ ଲଗାଯାଇଥିବା ଅଭିଯୋଗ ହୋଇଛି। ପୁରୁଣା ବିଦ୍ୟୁତ୍ ଖୁଣ୍ଟ ବଦଳାଯାଉନାହିଁ। ମରାମତି ନାଁରେ ପ୍ରତ୍ୟେକ ଗୁରୁବାର ସକାଳ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିଦ୍ୟୁତକାଟ ହେଉଛି। ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାରେ ଗରିବ ହିତାଧିକାରୀଙ୍କୁ ମାଗଣାରେ ବିଦ୍ୟୁତ ସେବା ଯୋଗାଇ ଦେବାକୁ ନିୟମ ଥିବାବେଳେ ସମ୍ପୃକ୍ତ ଠିକାଦାର ୨ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଥିବା ଜଣାପଡିଛି। ବିଦ୍ୟୁତ ବିଭାଗ ଗ୍ରାହକଙ୍କଠାରୁ ମାସିକ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ କରୁଛି। ଏ ସଂକ୍ରାନ୍ତରେ ବରୀ ବିଦ୍ୟୁତ ବିଭାଗର ସହକାରୀ ଯନ୍ତ୍ରୀ ଦେବଦତ୍ତ ପଣ୍ଡାଙ୍କୁ ପଚାରିବାରେ, ବେଳେବେଳେ ୩୩ କେଭି ଫେଲ ରହୁଛି। ଘଡଘଡି ମାରିଲେ ପ୍ରାୟ ସମୟରେ ଶଙ୍ଖ ଫାଟିଯାଉଛି। ବିଭାଗୀୟ ଅର୍ଥ ତୋଳ୍ପରପାତ କରାଯାଉନାହିଁ। ଠିକାଦାରଙ୍କ ଜରିଆରେ ଅଧିକାଂଶ ମରାମତି କାମ କରାଯାଉଛି।

## କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଦାବି

ସିଂହପୁର,୧୬।୯(ଡି.ଏନ୍.ଏ): ବର୍ଷା ଯୋଗୁ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମର ୩ ପରିବାରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଏ ନେଇ ତୁରନ୍ତ ସହାୟତା ଯୋଗାଇଦେବାକୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ପ୍ରକାଶ ଯେ, ସିଂହପୁର ପଞ୍ଚାୟତ ୧ନଂ ୱାର୍ଡର ଗଗନ ଜେନା, ସୁରେଶ ଜେନା ଓ ରମେଶ ଜେନାଙ୍କ ମାଟିକାନ୍ଥ ଭାଙ୍ଗିଯାଇଛି। ଫଳରେ ଉକ୍ତ ପରିବାର ଅସହାୟ ହୋଇ ପଡିଛନ୍ତି।

## ଜଳିଗଲା ୨ ବଖରା: ୭ ଛେଳି ଜୀବନ୍ତ ଦଗ୍ଧ

ଦଶରଥପୁର,୧୬।୯(ଡିଏନ୍‌ଏ)

ଦଶରଥପୁର ବ୍ଲକ ନନ୍ଦିପୁର ପଞ୍ଚାୟତ ଶିରିପୁରା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପ୍ରସନ୍ନ ଦାସଙ୍କର ୨ବଖରା ସମ୍ପୂର୍ଣ୍ଣ ଜଳିଯାଇଥିବା ବେଳେ ଗୁହାଳରେ ଥିବା ୭ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଥିବା ଅଗ୍ନିବିପନ୍ନ ପରିବାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ପ୍ରସନ୍ନଙ୍କ ପରିବାର ଶନିବାର ରାତିରେ ଘରେ ଶୋଇଥିବା ବେଳେ ରାତି ୩ଟାରେ ହଠାତ ଘରର ଛପର ଜଳି ଉଠିଥିଲା। କ୍ଷଣକ ମଧ୍ୟରେ ନିଆଁ ଘର ଛପରର ଚତୁଃପାର୍ଶ୍ୱକୁ ବ୍ୟାପୀ ଯାଇଥିବା କାରଣରୁ ପରିବାର ଲୋକେ ଘରୁ କୌଣସି ଆସବାବପତ୍ର କିମ୍ବା ଗୁହାଳ ଘରୁ ଛେଳିଙ୍କୁ ଉଦ୍ଧାର କରିପାରି ନ ଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରସନ୍ନଙ୍କ ଘରର ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଖବରପାଇ ରାଜା ଯୁବ ପରିଷଦ (ବିରୁହାଁ) ସଭାପତି ଜୟନ୍ତ ଶଡଙ୍ଗୀ, ଅନ୍ନଦା ପ୍ରସାଦ ଦେବତା,ଭରତ ଚନ୍ଦ୍ର ସାମଲ ଏବଂ ପ୍ରସନ୍ନ କୁମାର ସାସ ବିପନ୍ନ ପରିବାର ପାଖରେ ପହଞ୍ଚି ୨ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ଏହି ଗରିବ ପରିବାରକୁ ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ପକ୍କାଘର ଯୋଗାଇ ଦେବା ଲାଗି ଦାବି କରିଛନ୍ତି ।

# ଆସନ ଅକ୍ତିଆର ପାଇଁ ଆରମ୍ଭ ହେଲାଣି କସରତ

ବରୀ,୧୬।୯(ସ୍ୱ.ପ୍ର)

୨୦୧୯ ସାଧାରଣ ନିର୍ବାଚନକୁ ରହିଛି ଆହୁରି ୬ମାସରୁ ଊର୍ଦ୍ଧ୍ୱ ସମୟ। ନିର୍ବାଚନକୁ ଆଖିରେ ରଖି ଏବେଠାରୁ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଲାଣି। ଏହି କ୍ରମରେ ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ମଧ୍ୟ ବିଭିନ୍ନ ଦଳଗୁଡ଼ିକ ମଧ୍ୟରେ ଦେଖାଗଲାଣି ତତ୍ପରତା। ୨୦୦୦ରୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରତିନିଧିତ୍ୱ କରି ଆସୁଛି। ଦୀର୍ଘ ବର୍ଷଧରି କ୍ଷମତାଠାରୁ ଦୂରରେ ରହିଥିବା କଂଗ୍ରେସ ଓ ଭାଜପା ଏଥର କିନ୍ତୁ ହାତଛଡ଼ା କରିବାକୁ ଆଉ ଚାହୁଁ ନାହାନ୍ତି। ୨୦୧୯ ନିର୍ବାଚନରେ ଆସନ ଅକ୍ତିଆର କରିବା ପାଇଁ ଭାଜପା ଓ କଂଗ୍ରେସ ମଧ୍ୟରେ ଏକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୌଡ଼ ଆରମ୍ଭ ହୋଇଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କଲେ ଜାଣିବାକୁ ମିଳୁଛି। ଭାଜପା ପକ୍ଷରୁ ରବିବାର ସ୍ୱଚ୍ଛ ଭାରତ ଅଭିଯାନ କରାଯାଇ ବରୀ ମାଉଣ୍ଡ ଜାଗୁଳାଇ ପୀଠ ଓ ବଜାର ଘାଟ ସଫା କରାଯାଇଛି। ସ୍ୱଚ୍ଛ ଭାରତ ଅଭିଯାନର ଯାଜପୁର ଜିଲା ସଂଯୋଜକ ପ୍ରଫୁଲ୍ଲ କୁମାର ଗିରି, ରାଜ୍ୟ ପଛୁଆ ବର୍ଗ ମୋର୍ଚ୍ଚାର ଉପସଭାପତି ତଥା ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା କାର୍ଯ୍ୟକାରଣୀ ସଦସ୍ୟ ଆଶୁତୋଷ ପରିଡା, ଜୋନ ସଂଯୋଜକ ନିର୍ମଳ କୁମାର ସାମଲ, ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର କୁମାର ଜେନା, ବ୍ଲକ ସଂଯୋଜକ ଅରୁଣ କୁମାର ସାମଲ, ପ୍ରଭାସ ଚନ୍ଦ୍ର ସାମଲ, ପ୍ରଶାନ୍ତ ଦେଓ, ବିରୁପାକ୍ଷ ଦ୍ୱିବେଦି, ନଟବର ସାହୁ ପ୍ରମୁଖ ଶତାଧିକ ଭାଜପା କର୍ମୀ ସଫେଇ କାର୍ଯ୍ୟରେ ସାମିଲ ହୋଇ ଭୋଟରଙ୍କ ନିକଟତର ହେବାକୁ ଅଭିଯାନ ଆରମ୍ଭ କରିଛନ୍ତି। ଏପରିକି ପ୍ରତ୍ୟେକ ଦିନ ଏହି ଅଭିଯାନ ଚାଲୁ ରହିଛି ବୋଲି ଜିଲା ସଂଯୋଜକ ଗିରି କହିଛନ୍ତି। ଇତମଧ୍ୟରେ ୨ ଶହରୁ ଊର୍ଦ୍ଧ୍ୱ ସ୍ଥାନ ସଫା କରାଯାଇଥିବା ଭାଜପା ପକ୍ଷରୁ କୁହାଯାଇଛି। ଯାଜପୁର ଜିଲା ବରୀ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱତନ୍ତ୍ର ପରିଚୟ ରହିଛି। ଭୌଗୋଳିକ ଦୃଷ୍ଟିରୁ ଏହି ନିର୍ବାଚନ ମଣ୍ଡଳୀ ବରୀ ବ୍ଲକର ୨୯, ରସୁଲପୁର ବ୍ଲକର ୧୦ ଏବଂ ଯାଜପୁର ବ୍ଲକର ୮ ପଞ୍ଚାୟତକୁ ନେଇ ଗଠିତ। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମତ ସାବ୍ୟସ୍ତ କରିବେ ବୋଲି ଜଣାପଡିଛି। ଶନିବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯାଜପୁର ଗସ୍ତରେ ଆସିଥିବାବେଳେ ବରୀ ନିର୍ବାଚନମଣ୍ଡଳୀର କଂଗ୍ରେସ ପକ୍ଷରୁ ପ୍ରାୟ ୫ହଜାର କର୍ମୀ ତାଙ୍କ ସହ ସାମିଲ ହୋଇଥିଲେ। ତୈଳଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଭାରତ ବନ୍ଦ ଆନ୍ଦୋଳନ କରି ଦଳକୁ ମଜଭୁତ କରିପାରିଥିବା କୁହାଯାଉଛି। ଦୀର୍ଘ ୧୮ ବର୍ଷ ବିଜେଡି ଶାସନରେ ବରୀ ବ୍ଲକରେ ବ୍ୟାପକ ଦୁର୍ନୀତି ହୋଇଥିବା କଂଗ୍ରେସ ଓ ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ପ୍ରଧାନମନ୍ତ୍ରୀ ଆବାସ, ବିଜୁ ପକ୍କାଘର, ଭତ୍ତା, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ଜିଜିୱାଇ କାମ ଆବଣ୍ଟନକୁ ନେଇ ହାଇକୋର୍ଟରେ ମାମଲା ରୁଜୁ କରାଯାଇଛି। ଏହିସବୁ ଦୁର୍ନୀତି ବିରୋଧରେ ଭାଜପା ଓ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ସରିଥିବାବେଳେ ଏହା ନିର୍ବାଚନରେ ଉଭୟ ଦଳକୁ କେତେଦୂର ସାହାଯ୍ୟ କରିବ ସେ ନେଇ ଚର୍ଚ୍ଚା ହେଉଛି। ବରୀ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଟିକେଟ ପାଇଁ ଏଆଇସିସିକୁ ୪ଜଣଙ୍କ ନାମ ସୁପାରିସ ହୋଇଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର, ନାରାୟଣ ଜେନା, ବରିଷ୍ଠ ନେତା ସନତ କୁମାର ଜେନାଙ୍କ ନାମ ରହିଛି। ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ ଯୁବ ନେତା ଉମେଶ ଜେନା ସଭାସମିତି ଆୟୋଜନ କରୁଛନ୍ତି। କଂଗ୍ରେସ ସ୍ଥିତିରେ ପରିବର୍ତ୍ତନ ଦେଖାଦେଇଥିଲାବେଳେ ଭାଜପା ନୂଆ ପୁରୁଣା ବିବାଦକୁ ନେଇ ସଙ୍କଟରେ ପଡ଼ିଯାଇଛି। ଭାଜପା ପକ୍ଷରୁ ବିଶ୍ୱରଞ୍ଜନ ମଲ୍ଲିକ, ରାଜ୍ୟ ଓବିସି ମୋର୍ଚ୍ଚାର ଉପସଭାପତି ଆଶୁତୋଷ ପରିଡା, ଜିଲା ସଂଯୋଜକ ପ୍ରଫୁଲ୍ଲ କୁମାର ଗିରି ବିଧାନସଭା ଆସନ ପାଇଁ ଟିକେଟ ଦୌଡରେ ରହିଥିବା ଜଣାପଡିଛି। ବିଜେଡି ପକ୍ଷରୁ ବିଧାୟକ ଦେବାଶିଷ ନାୟକ,ରାଜ୍ୟ ବିଜେଡି ସମ୍ପାଦକ ବିଜୟ ନାୟକ, ମୁଖପାତ୍ର ସୁଲୋଚନା ଦାସ, ସୁଲତା ଦେଓଙ୍କ ନାମ ଚର୍ଚ୍ଚା ହେଉଥିବାବେଳେ ବିଧାୟକ ଦେବାଶିଷ ପୁନର୍ବାର ଟିକେଟ ପାଇବେ ବୋଲି ଦଳୀୟ ସୂତ୍ରରୁ ଜଣାପଡିଛି। ସେହିପରି ବିଜେଡି ୧୮ ବର୍ଷ ଶାସନ ଭିତରେ ବରୀରେ ଶିକ୍ଷା, ସ୍ୱାସ୍ଥ୍ୟ ରାସ୍ତାଘାଟର ବିକାଶ କରିବା ସହ ପୋଲ ନିର୍ମାଣ କରି ସଂଯୋଗୀକରଣ କରିପାରିଛି। ଚାଷଜମିକୁ ଜଳ ଯୋଗାଇ ଦେବା ପାଇଁ ୩ଶହ ୫୦ କୋଟି ଟଙ୍କାର ମେଗା ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଦେବାଶିଷ ନାୟକ ଆସନକୁ ବଜାୟ ରଖିବା ପାଇଁ କସରତ ଜାରି ରଖିଥିବା ଜଣାପଡ଼ିଛି । ୨୦୧୪ର ବିଧାନସଭା ଭାଜପା ପ୍ରାର୍ଥୀ ନୀଳମଣି ସାମଲଙ୍କୁ ବିଜେଡିରେ ମିଶାଇ ନିଜର ସ୍ଥିତିକୁ ସୁଧାରିବାରେ ଲାଗିଛନ୍ତି।

**ବରୀ ନିର୍ବାଚନମଣ୍ଡଳୀ**



ଅନ୍ୟର କଲ୍ୟାଣ କରିବାଠାରୁ ବଡ଼ ଧର୍ମ କିଛି ନାହିଁ କି ଅନ୍ୟକୁ ପୀଡ଼ା ଦେବା ସମାନ ପାପ କିଛି ନାହିଁ।
- ଶ୍ରୀଚୈତନ୍ୟ



## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ, ଥାନାରେ ମାମଲା



**ଖଣ୍ଡପଡା,୧୬।୯(ସ୍ୱ.ପ୍ର.):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡପଡା ଥାନା ଅନ୍ତର୍ଗତ କଇଁଥପଲ୍ଲୀ ଗ୍ରାମରେ ଗିରିଶ ଚନ୍ଦ୍ର ନାୟକଙ୍କୁ ଗ୍ରାମର କେତେକ ଲୋକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗିରିଶଙ୍କ ପିତା ଜନାର୍ଦ୍ଦନ ନାୟକ ଏ ନେଇ ଖଣ୍ଡପଡା ଥାନାରେ ରବିବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନାରେ ୧୮୯/୧୮ରେ ମାମଲା ରୁଜୁ ହୋଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଅଭିଯୋଗକ୍ରମେ କଇଁଥପଲ୍ଲୀ ଗ୍ରାମର ଡାକ ସ୍ୱାଇଁ, ଟୁକୁନା ସ୍ୱାଇଁ, ଲୋକନାଥ ସ୍ୱାଇଁ, ବିଶିକା ସ୍ୱାଇଁ ପ୍ରମୁଖ ମିଳିତ ହୋଇ ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ନିକଟରେ ଗିରିଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଗିରିଶଙ୍କୁ ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳରୁ ଉଦ୍ଧାର କରି ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଥାନା ଏଏସ୍ଆଇ ସନ୍ତୋଷ କୁମାର ସୁବୁଦ୍ଧି ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି।

### ବୁଢୀଦେଈ ପୀଠର ଉନ୍ନତୀକରଣ ପାଇଁ ୩ କୋଟି ମଞ୍ଜୁର

**ଭାପୁର,୧୬।୯(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତରେ ରହିଛି ପର୍ଯ୍ୟଟନ କ୍ଷେତ୍ର ବୁଢୀଦେଈ ପୀଠ। ମୁଣ୍ଡିଆପଡ଼ା ପାହାଡ଼ ପାଦ ଦେଶରେ ଘଞ୍ଚ ବନାନୀ ଭିତରେ ରହିଥିବା ଏହି କ୍ଷେତ୍ରର ବିକାଶ ପାଇଁ ଜନସାଧାରଣ ଦୀର୍ଘବର୍ଷ ହେଲା ଦାବି କରିଆସୁଥିଲେ। ବିଶେଷକରି ଏହି ସ୍ଥାନକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନ ଥିବାରୁ ବହୁ ପର୍ଯ୍ୟଟକ ଇଚ୍ଛା ଥିଲେ ବି ଏଠାକୁ ଆସିପାରୁ ନାହାନ୍ତି। ଏ ନେଇ ପଞ୍ଚାୟତବାସୀ ବିଧାୟକଙ୍କୁ ଜଣାଇବା ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ପର୍ଯ୍ୟଟନ ସ୍ଥଳକୁ ସଂଯୋଗ କରୁଥିବା ଓଳାସ ଗ୍ରାମଠାରୁ ବୁଢୀଦେଈ ପୀଠ ରାସ୍ତାର ଉନ୍ନତୀକରଣ ପାଇଁ ୩ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି କାର୍ଯ୍ୟର ଶୁଭାରମ୍ଭ ଖୁବ୍‌ଶୀଘ୍ର ହେବ। ଏ ନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ବିଗତ ୩ବର୍ଷ ମଧ୍ୟରେ ଭାପୁର ବ୍ଲକରେ ଥିବା ତରବାଲୋ ଉଷ୍ଣପ୍ରସବଣ ପର୍ଯ୍ୟଟନ କ୍ଷେତ୍ର, ନାରାୟଣୀ ପୀଠ, ହନୁମନ୍ତପ୍ରସାଦ ଗ୍ରାମରେ ଥିବା ଝରଣା ଓ ଶ୍ରୀରାମ ମନ୍ଦିର ବିକାଶ ପାଇଁ ଅର୍ଥ ମଞ୍ଜୁର ହୋଇଛି।

### ବୃଦ୍ଧି ପାଉଛି କାଠ ମାଫିଆଙ୍କ ଦୌରାତ୍ମ୍ୟ ଶାଗୁଆନ କାଠ, ୨ ବାଇକ୍ ଜବତ



**ରଣପୁର,୧୬।୯(ସ୍ୱ.ପ୍ର.):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ନୟାଗଡ଼ ଜିଲା ରଣପୁର ବନବିଭାଗ ମାଳ ସଂରକ୍ଷିତ ଜଙ୍ଗଲରେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ଏମାନେ ଦିନ ଦିପହରରେ ମୂଲ୍ୟବାନ ଶାଳ ଓ ଶାଗୁଆନ ଗଛ କାଟି ବାହାରକୁ ଚାଲାଣ କରି ଚାଲିଥିବା ଅଭିଯୋଗ ହୋଇଆସୁଛି। ତେବେ ରବିବାର ମୂଲ୍ୟବାନ ଶାଗୁଆନ କାଠ କାଟି ବେଆଇନ୍ ଭାବେ ଚୋରାଚାଲାଣ କରୁଥିବା ଖବର ପାଇ ବନ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ଘଟଣାସ୍ଥଳରୁ ୨ଟି ବାଇକ୍ ଓ ଶାଗୁଆନ କାଠ ଜବତ ହୋଇଥିଲା। ମାତ୍ର ୨ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଖବରରୁ ପ୍ରକାଶ, ତୁଲବି ଗ୍ରାମଠାରେ ଓଆର୍ ୦୨ଏଓ୍ୱାଇ ୯୫୫୧ ଏବଂ ଓଡି୨୫ ବି ୯୭୭୨ ନମ୍ବର ବିଶିଷ୍ଟ ୨ଟି ମୋଟର ସାଇକେଲ ଓ ସାଇଜ୍ ଶାଗୁଆନ୍ କାଠ ବନବିଭାଗ ଜବତ କରିଥିଲା। କର୍ମଚାରୀମାନେ ଏହି ଜବତ କାଠ ଓ ମୋଟର ସାଇକେଲ ବିଭାଗୀୟ କାର୍ଯ୍ୟାଳୟକୁ ଆଣିଥିଲେ। ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି।

# ଫାର୍ମାସିଷ୍ଟ ଦେଖୁଛନ୍ତି ରୋଗୀ

**ନୟାଗଡ଼ ଅଫିସ,୧୬।୯**

ନୟାଗଡ଼ ଜିଲାରେ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିଗିଡ଼ିବାରେ ଲାଗିଲାଣି। ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ରୋଗୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ମୁହଁ ଫେରାଇ ନେଉଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ସମାନ ଅବସ୍ଥା। ସୂଚନାଯୋଗ୍ୟ ଜିଲାରେ ମଞ୍ଜୁର ହୋଇଥିବା ମୋଟ ୧୫୯ ଡାକ୍ତର ପଦବୀ ମଧ୍ୟରୁ ୯୧ଟି ଖାଲି ପଡ଼ିଛି। ଡାକ୍ତର ସମସ୍ୟା ଯୋଗୁ ଲୋକମାନେ ହଇରାଣ ହେଉଛନ୍ତି। ଅନେକ ସ୍ଥାନରେ ଫାର୍ମାସିଷ୍ଟମାନେ ଡାକ୍ତରଙ୍କ କାମ କରୁଛନ୍ତି। ଏପରି ଏକ ଡାକ୍ତରଖାନା ହେଉଛି ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏଠାରେ ଦୀର୍ଘ ୭ବର୍ଷ ହେଲା ଡାକ୍ତର ପଦବୀ ଖାଲି ପଡିଥିବାରୁ ଫାର୍ମାସିଷ୍ଟଙ୍କ ଦ୍ୱାରା କାମ ଚଳାଯାଉଛି। ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଗଲେ ଆଖାପାଖ ପଞ୍ଚାୟତର ଲୋକେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ ଜିଲାରେ ୧୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ୩୭ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି) ରହିଛି। ସେଥିମଧ୍ୟରେ ରଣପୁର ବ୍ଲକ ଦର୍ପନାରାୟଣପୁର ପଞ୍ଚାୟତରେ ଥିବା ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ନୂତନ) ଅନ୍ୟତମ। ୧୯୫୬ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ଭାଗ୍ୟ ଏବେ ଫାର୍ମାସିଷ୍ଟଙ୍କ ହାତରେ। ଦୀର୍ଘ ୭ବର୍ଷ ହେଲା ଏଠାରେ କୌଣସି ଡାକ୍ତରଙ୍କୁ ନିଯୁକ୍ତି କରାଯାଉ ନାହିଁ। ସେହିଭଳି ଏମ୍‌ବିବିଏସ୍ ଡାକ୍ତର ନ ଥିବାବେଳେ ଜଣେ ଆୟୁଷ ଡାକ୍ତର ଏହି କେନ୍ଦ୍ରର ମେଡ଼ିକାଲ ଅଫିସର ଚାର୍ଜରେ ଅଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନୟାଗଡ଼ ବ୍ଲକର କେନ୍ଦୁଡ଼ିପି, ନୋଡର, ଶଙ୍ଖେଇ ଓ ରଣପୁର ବ୍ଲକର ଦର୍ପନାରାୟଣପୁର, ବାଉଁଶଗଡ଼, ଖଡିଆ, ରଙ୍କଦେଉଳି, ସୁରକାବାଡ଼ି, ବଜ୍ରକୋଟ ଆଦି ପଞ୍ଚାୟତର ଲୋକମାନେ ନିର୍ଭର କରୁଛନ୍ତି। ଏହି ୧୦ଟି ପଞ୍ଚାୟତର ପାଖାପାଖି ୩୦ ହଜାର ଲୋକଙ୍କ ଭରସାରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ନ ହେବା ଘଟଣା ଜିଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ଏକ ଏଲୋପାଥିକ ଡାକ୍ତରଖାନା ହୋଇଥିବା ବେଳେ ମେଡ଼ିକାଲ୍ ଅଫିସର ଦାୟିତ୍ୱରେ ଜଣେ ହୋମିଓପାଥିକ ଆୟୁଷ ଡାକ୍ତର ଅଛନ୍ତି। ଡାକ୍ତର ବାଦ୍ ଏଠାରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଲାଗିରହିଛି। ଡାକ୍ତରଖାନାର ନୂଆ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ଓ ପାଣିର ଅସୁବିଧା ଥିବାରୁ ନୂତନ ଗୃହ ଉଦ୍‌ଘାଟନ ହୋଇପାରୁ ନାହିଁ। ଫଳରେ ଏକ ଛୋଟ କୋଠରିରେ ରୋଗୀମାନଙ୍କୁ ଦେଖାଯାଉଛି। ପୁଣି ଗୋଟିଏ ଗୃହରେ ଅଂଶୁଘାତ ଓ ପ୍ରସୂତିମାନଙ୍କ ସେବା ଚାଲିଛି। ପ୍ରତିଦିନ ଫାର୍ମାସିଷ୍ଟ ଜଣଙ୍କ ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କୁ ଦେଖନ୍ତି। ଏଠାରେ ଡାକ୍ତର ନିଯୁକ୍ତି ପାଇଁ ଉପରିସ୍ଥ ଅଧିକାରୀଙ୍କଠାରେ ବାରମ୍ବାର ଦାବି କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଫାର୍ମାସିଷ୍ଟ ଦିଲୀପ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ତୁରନ୍ତ ଏଠାରେ ଡାକ୍ତର ନିଯୁକ୍ତି କରା ନ ଗଲେ ଆଗାମୀ ଦିନରେ ୧୦ ପଞ୍ଚାୟତର ଲୋକମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଜିଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।

**ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**
- ୭ ବର୍ଷ ହେଲା ଡାକ୍ତର ପଦବୀ ଖାଲି
- ଅଞ୍ଚଳବାସୀଙ୍କ ଆନ୍ଦୋଳନ ଚେତାବନୀ

# ବାମ୍‌ରେ ବ୍ୟାପିଲା ଝାଡ଼ାବାନ୍ତି: ୧୮ ଆକ୍ରାନ୍ତ

**ଦଶପଲ୍ଲା,୧୬।୯ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଚଢେୟାପଲ୍ଲୀ ପଞ୍ଚାୟତର ବାମ ଗ୍ରାମରେ ଝାଡାବାନ୍ତିର ପ୍ରକୋପ ଦେଖାଦେଇଛି। ବର୍ତ୍ତମାନ ସୁଦ୍ଧା ଏଥିରେ ୧୮ଜଣ ଆକ୍ରାନ୍ତ ହୋଇଛନ୍ତି। ଏହି ସଂଖ୍ୟା ବଢିବା ସମ୍ଭାବନା ଥିବାରୁ ଏକ ଡାକ୍ତରୀ ଦଳ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ଆକ୍ରାନ୍ତ ୧୮ଜଣଙ୍କ ମଧ୍ୟରୁ ୯ଜଣଙ୍କୁ ୧୦୮ ଯୋଗେ ଅଣାଯାଇ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରହ୍ଲାଦ ମହାକୁଡ(୪୫), ରଞ୍ଜନ ମହାକୁଡ (୧୪), ରଶ୍ମିତା ମହାକୁଡ (୧୮), ମୁକୁନ୍ଦ ମହାକୁଡ (୨୭), ମନୋଜ ମହାକୁଡ (୧୧), ମୁରଲୀ ମହାକୁଡ (୬୦), ଅଭିମନ୍ୟୁ ମହାକୁଡ (୬୫), ଆଲୋକ ମହାକୁଡ (୨୫), ଅନୁଭବ ମହାକୁଡ (୧୪) ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଏହି ରୋଗ ବ୍ୟାପିବାର ନିର୍ଦ୍ଦିଷ୍ଟ କାରଣ ଜଣାପଡି ନ ଥିଲେ ମଧ୍ୟ ଦୂଷିତ ପାନୀୟ ଯୋଗୁ ଏପରି ହେଉଥିବା ଅନୁମାନ କରାଯାଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।


ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ।

# ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ସଂଘ ସମାବେଶ



ମୁଖ୍ୟ ଅତିଥି ନିଜର ବକ୍ତବ୍ୟ ରଖୁଛନ୍ତି।

**ନୟାଗଡ଼ ଅଫିସ,୧୬।୯**

ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀ ସଂଘ ଶାଖା ନୟାଗଡ଼ ଜିଲା ପକ୍ଷରୁ ରବିବାର ଇଟାମାଟି କଲେଜ ପଡ଼ିଆ ନିକଟରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ଇଟାମାଟି ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଓ ସ୍ୱର୍ଣ୍ଣରୌପ୍ୟ ମହାସଂଘର ରାଜ୍ୟ ସଭାପତି ଉଦୟ ମହାନ୍ତି, ସମ୍ପାଦକ ପ୍ରିୟରଞ୍ଜନ କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୋନାଲିକା ମଲ୍ଲିକ, ନିରଞ୍ଜନ ସାଥୁଆ ପ୍ରମୁଖ ମଞ୍ଚାସୀନ ଥିଲେ। ସମାବେଶରେ ସ୍ୱର୍ଣ୍ଣରୌପ୍ୟ ଶିଳ୍ପୀମାନଙ୍କ ସମସ୍ୟା ବିଷୟରେ ଆଲୋକପାତ କରାଯାଇଥିଲା। ଜିଲାରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ୯ଦଫା ଦାବି ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ସାଥୁଆ ବିବରଣୀ ପାଠ କରିଥିଲେ। ସଭାପତି ସନ୍ତୋଷ କୁମାର ସାଥୁଆ, ଉପଦେଷ୍ଟା ପ୍ରସନ୍ନ କୁମାର ପୃଷ୍ଟି, ଡ଼ିଆଇସି ମ୍ୟାନେଜର ଚିତ୍ତରଞ୍ଜନ ମିଶ୍ର, ଆଇପିଓ ସୀତାରାମ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶେଷରେ କୋଷାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

## ମୁକ୍ତ ବିଶ୍ୱବିଦ୍ୟାଳୟରେ ସ୍ୱାଗତ ସମାରୋହ

**ଖୋର୍ଦ୍ଧାଅଫିସ,୧୬।୯**

ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ମୈତ୍ରୀ ଭବନରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଅର୍ଡିନେଟର ପ୍ରଫେସର ମନୋଜ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଦ୍ୟାଧର ବେହେରା ଯୋଗଦେଇଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟରେ ଆଡମିଶନ ନେଇଥିବା ଛାତ୍ରୀଛାତ୍ରଙ୍କୁ ସେ ସ୍ୱାଗତ କରିଥିଲେ। ଶିକ୍ଷା ଏକ ଜୀବନ ତମାମ ପ୍ରକ୍ରିୟା। ମୁକ୍ତ ବିଶ୍ୱବିଦ୍ୟାଳୟରେ ଯେକୌଣସି ବ୍ୟକ୍ତି ଯେଉଁ ବିଷୟ ଚାହିଁବେ ଶିକ୍ଷାଲାଭ କରିପାରିବେ ବୋଲି ମତ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷା ମମତା ଦେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲକ୍ଷ୍ୟ, ମନୋବୃତ୍ତି ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଆରମ୍ଭ କରିଛି। ମ୍ୟାନେଜମେଣ୍ଟ, ରୁରାଲ ମ୍ୟାନେଜମେଣ୍ଟ, ସାମ୍ବାଦିକତା ଓ ଗଣ ଯୋଗାଯୋଗ, କମ୍ପ୍ୟୁଟର ଆପ୍ଲିକେଶନ, ୱେବ୍ ଡିଜାଇନିଂ ଆଦି ବିଭିନ୍ନ ବିଭାଗରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ସାର୍ଟିଫିକେଟ୍, ଡିପ୍ଲୋମା ଓ ଡିଗ୍ରୀ କୋର୍ସ ଏଠାରେ ଶିକ୍ଷା ଦିଆଯାଉଛି। ଏହା କ୍ୟାରିୟର ତଥା ଅଧିକ ଶିକ୍ଷା ପାଇବାକୁ ସହାୟକ ହୋଇପାରୁଛି।

## ବ୍ୟବସାୟିକ ଶତ୍ରୁତା: ଜଣକ ପାପୁଲି ହାଣି ଜେଲ ଗଲେ ଅଭିଯୁକ୍ତ

**ଓଡ଼ଗାଁ,୧୬।୯(ସ୍ୱ.ପ୍ର.)**

ଜୁଲାଇ ମାସରେ ଓଡଗାଁ ଥାନା ଗୌଡପୁଟ ବନ୍ଧସାହିର ଦୁଇଜଣଙ୍କୁ ଅବକାରୀ ବିଭାଗ କର୍ମଚାରୀ ଗିରଫ କରିବା ଘଟଣାକୁ ନେଇ ଜଣେ ଅନ୍ୟଜଣଙ୍କ ହାତ ପାପୁଲିକୁ ହାଣି ଦେଇଥିଲେ। ଏହି ମାମଲାରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ବନ୍ଧସାହିର ପ୍ରମୋଦ ପାତ୍ର(୩୬)ଙ୍କ ଦୁଇ ସହଯୋଗୀଙ୍କୁ ଅବକାରୀ ବିଭାଗ ଚୋରା ମଦ କାରବାରେ ଲିପ୍ତ ଥିବା ଅଭିଯୋଗରେ ଗିରଫ କରିଥିଲା। ହେଲେ ଏଥିରେ ନନ୍ଦିଘୋର ଗ୍ରାମର ଅଭିମନ୍ୟୁ ମଣ୍ଡଳଙ୍କ ହାତ ଥିବା ସନ୍ଦେହରେ ପ୍ରମୋଦ ଅଭିମନ୍ୟୁଙ୍କ ଗୋଟିଏ ହାତ ପାପୁଲିକୁ ହାଣି ଅଲଗା କରିଦେଇଥିଲେ। ଏ ନେଇ ଜୁଲାଇ ୧୦ ତାରିଖରେ ଅଭିଯୋଗ ପରେ ପୋଲିସ ୧୩୬/୧୮ରେ ମାମଲା ରୁଜୁ କରିଥିଲା। ଘଟଣା ଘଟାଇବା ପରେ ପ୍ରମୋଦ ଫେରାର ଥିବାରୁ ପୋଲିସ ତାଙ୍କୁ ଗିରଫ କରିପାରି ନ ଥିଲା । ସେ ଗାଁକୁ ଆସିଥିବା ପୋଲିସ ଜାଣିପାରି ରବିବାର ଭୋର ସମୟରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ମାମଲାର ତଦନ୍ତ କରୁଥିବା ଆଇଆଇସି ଅନିଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

## ମାରପିଟ ମାମଲାରେ ୨ ଜେଲ ଗଲେ

**ଓଡ଼ଗାଁ,୧୬।୯(ସ୍ୱ.ପ୍ର.)**

ଓଡଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ମଶାଣି ସାହିରେ ସାଇକେଲ ଲୁଚାଇବାକୁ ନେଇ ମାରପିଟ ହୋଇଥିଲା। ଏହି ମାମଲାରେ ପୋଲିସ ଦୁଇ ଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ପାଟନା ସାହିର ସନ୍ତୋଷ ସାହୁ(୩୮) ଓ ପ୍ରକାଶ ସାହୁ(୩୨) । କୌଣସି କାମରେ ସେଠାକୁ ସ୍ଥାନୀୟ ପାଇକ ସାହିର ଦୀନବନ୍ଧୁ ପରିଡା ଆସିଥିବା ବେଳେ ଦୁଇଭାଇଙ୍କ ମଧ୍ୟରୁ ସନ୍ତୋଷ ତାଙ୍କ ସାଇକେଲ ଲୁଚାଇଥିବା ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏପରିସ୍ଥଳେ ସନ୍ତୋଷ ସାନଭାଇ ପ୍ରକାଶଙ୍କ ସହିତ ମିଶି ଦୀନବନ୍ଧୁଙ୍କୁ ମାରପିଟ କରିଥିଲେ । ଏଥିରେ ଦୀନବନ୍ଧୁ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନରେ ଚିକିତ୍ସିତ ହୋଇଥିଲେ। ଏ ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଶୁକ୍ରବାର ଦୁଇଭାଇଙ୍କ ବିରୋଧରେ ୧୮୩/୧୮ରେ ମାମଲା ରୁଜୁ କରିଥିଲା। ପୋଲିସ ରବିବାର ଦୁଇଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପ୍ରକାଶ କରିଛି ।

## ମାଙ୍କଡ଼ ଓ ବାର୍‌ହା ଉପଦ୍ରବ: ବ୍ୟାପକ ଫସଲ ହାନି, ଚିନ୍ତାରେ ଚାଷୀ

**ଖଣ୍ଡପଡା,୧୬।୯ (ସ୍ୱ.ପ୍ର.)**

ଖଣ୍ଡପଡା ଅଞ୍ଚଳରେ ଦିନରେ ମାଙ୍କଡ ଓ ରାତିରେ ବାର୍‌ହାଙ୍କ ଉପଦ୍ରବ ଯୋଗୁ ପନିପରିବା, ଆଖୁ, ଧାନ ଓ ରବିଫସଲ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚାଷୀମାନେ କହିବା ଅନୁଯାୟୀ, ସଞ୍ଜ ନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଲ ପଲ ବାର୍‌ହା ଚାଷଜମିକୁ ଆସି ଫସଲ ନଷ୍ଟ କରୁଛନ୍ତି। ଚଳିତବର୍ଷ ଅନିୟମିତ ବୃଷ୍ଟିପାତ ସାଙ୍ଗକୁ ଲଘୁଚାପ ଜନିତ ଲଗାଣବର୍ଷାରେ ପନିପରିବା ଓ ଧାନଫସଲ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏବେ ବାର୍‌ହାଙ୍କ ଉପଦ୍ରବ ସାଙ୍ଗକୁ ମାଙ୍କଡଙ୍କ ଦୌରାତ୍ମ୍ୟ ବ୍ଲକର ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ମାଙ୍କଡ ଓ ବାର୍‌ହାଙ୍କ ଦାଉରୁ ରକ୍ଷା ପାଇବା ନିମନ୍ତେ ଚାଷୀମାନେ ଖଣ୍ଡପଡା ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖଣ୍ଡପଡା ବନାଞ୍ଚଳ ଅଧିକାରୀ ଓ ନୟାଗଡ ବନଖଣ୍ଡ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଭାଜପା ମହିଳା ମୋର୍ଚ୍ଚାର ବୁଥ୍ ଚାଲ ଅଭିଯାନ ପ୍ରସ୍ତୁତି

**ଖଣ୍ଡପଡା,୧୬।୯(ସ୍ୱ.ପ୍ର.)**

ଖଣ୍ଡପଡା ସହରର ମା' ଉମାଦେବୀଙ୍କ ପୀଠରେ ଭାଜପା ପକ୍ଷରୁ ବୁଥ୍ ଚାଲ ଅଭିଯାନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ମହିଳା ମୋର୍ଚ୍ଚା ଜିଲା ଉପସଭାପତି ଇଂ. ଅର୍ଚ୍ଚନା ଦାଶଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଦଳର ମହିଳା ସଦସ୍ୟମାନେ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ରାଜ୍ୟ ମହିଳା ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିମୟୀ ପଟ୍ଟନାୟକ ଓ ନୟାଗଡ ଜିଲା ମହିଳା ସଭାନେତ୍ରୀ ଅନୁସୂୟା ସାହୁ ପ୍ରମୁଖ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହ ବୁଥ୍ ଚାଲ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଦଳର କର୍ମକର୍ତ୍ତାମାନେ ବୁଥ୍‌ସ୍ତରରେ ପହଞ୍ଚି ସ୍ଥାନୀୟ ଜନସାଧାରଣଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା। ଖଣ୍ଡପଡାରେ ଏହି ଅଭିଯାନ ସୋମବାର ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଆଗାମୀ ଦିନରେ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଦଳୀୟ ନେତ୍ରୀ ଦାଶ ଦଳୀୟ ସଂଗଠକ ଓ କର୍ମକର୍ତ୍ତାଙ୍କ ସକ୍ରିୟ ସହଯୋଗ କାମନା କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୁକ୍ତା ମହାପାତ୍ର, ହରପ୍ରିୟା ସାହୁଙ୍କ ସମେତ ଖଣ୍ଡପଡା, ଖଳିସାହି ଓ ଆଖପାଖ ଅଞ୍ଚଳରୁ ୫୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ।


ବୈଠକରେ ଭାଜପା ମହିଳା ମୋର୍ଚ୍ଚା ସଦସ୍ୟା ଓ ଅନ୍ୟମାନେ।

# ଓଡ଼ଗାଁ, ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବାଇକ୍ ଚୋର ସକ୍ରିୟ

**ଓଡ଼ଗାଁ,୧୬।୯(ସ୍ୱ.ପ୍ର.)**

- ୫ ବାଇକ୍ ଉଦ୍ଧାର, ଜଣେ ଗିରଫ
- ଗଞ୍ଜାମ ଜିଲା ବେଗୁନିଆଁରେ ଚୋରି ର୍‍ୟାକେଟର ସନ୍ଧାନ

ଓଡଗାଁ ଓ ପଡୋଶୀ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବାଇକ୍ ଚୋରି ର୍‍ୟାକେଟ ସକ୍ରିୟ ହୋଇଉଠିଛନ୍ତି। ଲୁଟେରାମାନେ ପ୍ରଥମେ ବିଭିନ୍ନ ସ୍ଥାନରୁ ଲୋକଙ୍କୁ ଭୟଭୀତ କରି ବାଇକ୍ ଛଡାଇବା ପରେ ସେଗୁଡିକୁ ଲୁଟ୍ ଓ ଡକାୟତି କାମରେ ବ୍ୟବହାର କରୁଛନ୍ତି। ଏପରିସ୍ଥଳେ ଶନିବାର ସକାଳ ପ୍ରାୟ ସାଢେ ଦଶଟାରେ ନିକଟସ୍ଥ ଦୃତିକେଶ୍ୱର ମନ୍ଦିର ସ୍ୱାଗତ ତୋରଣ ନିକଟରୁ ଚାରି ଜଣ ଦୁର୍ବୃତ୍ତ ଶରଣକୁଳ ଥାନା ସିଙ୍ଗାରପୁର ଗ୍ରାମର ସଦାଶିବ ନାୟକଙ୍କୁ ବନ୍ଧୁକ ଦେଖାଇ ବାଇକ୍ ସହିତ ମନି ପର୍ସ, ମୋବାଇଲ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ସମ୍ପର୍କରେ ସଦାଶିବ ଥାନାକୁ ସୂଚନା ଦେବା ସହ ଜଣେ ସମ୍ପର୍କୀୟଙ୍କ ସହିତ ଅନ୍ୟ ଏକ ବାଇକ୍‌ରେ ପିଛା କରିଥିଲେ। ବେରୁଆଁବାରୀ ନିକଟ ଶାଳିଆ ଜଙ୍ଗଲରେ ବାଇକ୍ ଉପରେ ବସିଥିବା ଜଣେ ଲୁଟେରାଙ୍କ ସହିତ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ହେଲେ ଲୁଟେରା ପୁଣି ଥରେ ବନ୍ଧୁକ ଦେଖାଇ ଖସିଯାଇଥିଲେ। ଲୁଟେରାମାନେ ଗଞ୍ଜାମ ଜିଲା ପଞ୍ଚଭୂତି ନିକଟ ବେଗୁନିଆଁ ଗ୍ରାମକୁ ଯାଇଥିବା ସୂଚନା ପାଇ ସେମାନେ ପିଛା କରିଥିଲେ। ସ୍ଥାନୀୟ ପୋଲିସ ଏସ୍ଆଇ ରମେଶ ଚନ୍ଦ୍ର ବେହେରା ଜଗନ୍ନାଥପ୍ରସାଦ ପୋଲିସ ସହଯୋଗ ଲୋଡିଥିଲେ। ଦୁଇ ଥାନାର ପୋଲିସ ବେଗୁନିଆଁରେ ପହଞ୍ଚିଲା ବେଳକୁ ସଦାଶିବ ଚୋରମାନଙ୍କୁ ପିଛା କରି ସେଠାରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ସେଠାରେ ରଖିଥିବା ୪ ବାଇକ୍ ମଧ୍ୟରୁ ତାଙ୍କ ବାଇକ୍‌ର ନମ୍ବର ପ୍ଲେଟରେ ଧଳା ରଙ୍ଗ ବୋଳୁଥିବା ବେଳେ ଅନ୍ୟ ଏକ ବାଇକ୍‌ର ସାଇଡ ଫିଟିଂସ୍ ଖୋଲୁଥିଲେ। ତାଙ୍କ ବାଇକ୍ ଫେରାଇଦେବାକୁ ସଦାଶିବ ସେମାନଙ୍କୁ ନେହୁରା ହେଲେ ସୁଦ୍ଧା ସେମାନେ ଭୟଭୀତ କରି ଜାଗା ଛାଡିବାକୁ କହିଥିଲେ। ଏପରିସ୍ଥଳେ କିଛିସମୟ ବ୍ୟବଧାନରେ ପୋଲିସ ପହଞ୍ଚିଲାବେଳକୁ ଲୁଟେରାମାନେ ସମସ୍ତ ୪ ବାଇକ୍ ନେଇ ନିକଟସ୍ଥ ପଞ୍ଚୁପାଣ୍ଡବ ମୁଣ୍ଡିଆ ତଳ ଜଙ୍ଗଲକୁ ଚାଲିଯାଇଥିଲେ। ପୋଲିସ ସେମାନଙ୍କୁ ପିଛା କରି ୩ ବାଇକ୍ ଜବତ କରିବା ସହ ଜଣେ ଲୁଟେରାଙ୍କୁ କାବୁ କରିଥିଲେ। ଗିରଫ ଯୁବକ ଜଗନ୍ନାଥପ୍ରସାଦ ଚୋପରା ଗ୍ରାମର ରଞ୍ଜିତ ପ୍ରଧାନ(୨୪) ଓ ସେ ଗଞ୍ଜାମ ଜିଲା ପୋଲିସର ୱାଣ୍ଟେଡ ତାଲିକାରେ ଥିବାରୁ ଜଗନ୍ନାଥପ୍ରସାଦ ପୋଲିସ ତାଙ୍କୁ ଗିରଫ କରି ହେପାଜତକୁ ନେଇଛି। ସମସ୍ତ ୪ ବାଇକ୍ ଉକ୍ତ ଥାନା ଜିମା ଦିଆଯାଇଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଏହି ମାମଲାର ତଦନ୍ତ କରାଯିବ ଓ ଫେରାର ଲୁଟେରାଙ୍କୁ ଗିରଫ କରିବାକୁ ତନାଘନା ଚାଲିଥିବା ପୋଲିସ ସୂଚନା ଦେଇଛି । ଅନ୍ୟ ଏକ ଘଟଣାକ୍ରମେ ଏହି ଥାନା ସୁନାମୁହିଁ ଗ୍ରାମର ଦୃତିକୃଷ୍ଣ ନାୟକଙ୍କ ଚୋରି ଯାଇଥିବା ବାଇକ୍ ମଧ୍ୟ ବାହାଡ଼ାଝୋଲା କଲେଜ ନିକଟ ରାସ୍ତା ପାର୍ଶ୍ୱରୁ ଉଦ୍ଧାର ହୋଇଛି। ଦୁର୍ବୃତ୍ତମାନେ ସପ୍ତାହକ ତଳେ ବିଳମ୍ବିତ ରାତିରେ ତାଙ୍କ ଘର ଦୁଆରେ ରଖାଯାଇଥିବା ବାଇକ୍ ଚୋରି କରି ନେଇଥିଲେ। ଶନିବାର ଲୁଟରେ ବ୍ୟବହୃତ ବାଇକ୍‌ରୁ ପେଟ୍ରୋଲ ସରିଯିବାରୁ ରାସ୍ତାରେ ଛାଡି ଚାଲିଯାଇଥିବା ଅନୁମାନ କରାଯାଉଛି ।

**ସଂକ୍ଷେପରେ**

## ବାଜପେୟୀଙ୍କ ପରଲୋକର ମାସେ ପୂର୍ତ୍ତି ପାଳିଲା ଭାଜପା

ବ୍ରହ୍ମପୁର ଅଫିସ,୧୬।୯: ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପରଲୋକର ରବିବାର ୧ ମାସ ପୂରିଛି । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ଗଞ୍ଜାମ ଜିଲା ଭାଜପା ପକ୍ଷରୁ ମହାନଗରର ଫାଷ୍ଟଗେଟ ନିକଟ ଗଙ୍ଗାଧରେଶ୍ୱର ମନ୍ଦିରରେ ନୀରବ ପ୍ରାର୍ଥନା ସହ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲା ସଭାପତି କାହ୍ନୁ ଚରଣ ପତି ବାଜପେୟୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମକୁ ପୁରୁଣା ବ୍ରହ୍ମପୁର ମଣ୍ଡଳ ସଭାପତି ବିଘ୍ନରାଜ ନାୟକ, ଜିଲା ସଂଗଠନ ଉପସଭାପତି ପ୍ରଭାତ ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧରେ ଶିବ ସାହୁ, ଭୁବନେଶ୍ୱର ମିଶ୍ର, ନରେନ୍ଦ୍ର ବାଡ଼ତ୍ୟା, ମଧୁସୂଦନ ସାହୁ, ଶିଶିର ପାଢ଼ୀ, ମଦନ ମୋହନ ପାତ୍ର, କାମନା ପାଢ଼ୀ, ସରୋଜ ସାବତ ଓ ଶରତ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ହରିୟାଣା, ମହାରାଷ୍ଟ୍ରରୁ ଅପରାଧୀଙ୍କୁ ରିମାଣ୍ଡରେ ଆଣିବ ପୋଲିସ

ବ୍ରହ୍ମପୁର ଅଫିସ,୧୬।୯

ଜୁନ୍ ୨୫ ତାରିଖ ବିଳମ୍ବିତ ରାତ୍ରିରେ ବ୍ରହ୍ମପୁରକୁ ଏକ ଆନ୍ତଃରାଜ୍ୟ ଲୁଟେରା ଦଳ ଆସି ଗ୍ୟାସ୍ କଟରରେ ଏଟିଏମ୍‌ର ଟ୍ରେଲର୍ କାଟି ୧୮ ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ କରି ଫେରାର୍ ହୋଇଯାଇଥିଲେ । ମାତ୍ର ଅଢେଇ ଘଣ୍ଟାରେ ୭ ଏଟିଏମ୍ କାଉଣ୍ଟରର ଟ୍ରେଲର୍ ତାଡିଥିବା ଘଟଣାରେ ମହାରାଷ୍ଟ୍ର ଏବଂ ହରିୟାଣାରେ ଏଟିଏମ୍ ଲୁଟ୍ ସଂକ୍ରାନ୍ତରେ ଗିରଫ ହୋଇଥିବା ଆପରାଧୀଙ୍କୁ ରିମାଣ୍ଡରେ ଆଣିବ ବ୍ରହ୍ମପୁର ପୋଲିସ । ଢେଙ୍କାନାଳ ପୋଲିସ ଦ୍ୱାରା ଏଟିଏମ୍ ଲୁଟ୍‌ରେ ଜଣେ ଗିରଫ ହେବା ପରେ ବ୍ରହ୍ମପୁର ପୋଲିସ ସେଠାକୁ ଯାଇ ତଦନ୍ତ କରିଥିବା ବେଳେ ବର୍ତ୍ତମାନ ମହାରାଷ୍ଟ୍ର ଏବଂ ହରିୟାଣାକୁ ସ୍ୱତନ୍ତ୍ର ପୋଲିସ ଟିମ୍ ଯାଇଥିବା ଜଣାପଡିଛି । ସେହିପରି ସେମାନଙ୍କୁ ରିମାଣ୍ଡରେ ଅଣାଯିବା ନେଇ ଅନୁମତି ପତ୍ର ଆବେଦନ କରାଯାଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଜଣାଇଛନ୍ତି ।

ସୂଚନାଯୋଗ୍ୟ, ବ୍ରହ୍ମପୁର ସହରରେ ଥିବା ୫ ଏଟିଏମ୍ ତାଡି ୧୬ ଲକ୍ଷ ୮୫ ହଜାର ଟଙ୍କା ଲୁଟ୍ ହୋଇଥିବା ବେଳେ ସହର ବାହାରେ ୟୁନାଇଟେଡ୍ ବ୍ୟାଙ୍କର ଗୋଟିଏ ଏଟିଏମ୍‌ରୁ ୨ ଲକ୍ଷ ଟଙ୍କା ଲୁଟ୍ ହୋଇଥିଲା । ୬ ଏଟିଏମ୍ କେବଳ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ରହିଥିଲା । ସମସ୍ତ ଏଟିଏମ୍ ସୁରକ୍ଷା କର୍ମୀ ବିହୀନ ହୋଇଥିବାରୁ ପୂର୍ବରୁ ଲୁଟେରାଙ୍କ ଟାର୍ଗେଟ୍ ରହିଥିଲା ବୋଲି ଜଣାପଡିଛି । ବ୍ରହ୍ମପୁର ପୋଲିସ ଜିଲା ବୈଦ୍ୟନାଥପୁର ଥାନା ଅଧୀନସ୍ଥ ୩, ଗୋପାଳପୁର ଥାନା ଅଧୀନରେ ୨ ଏବଂ ଗୋଷାଣୀନୂଆଗାଁ ଓ ଗୋଳନ୍ଥରା ଥାନା ଅଧୀନରେ ଥିବା ଗୋଟିଏ ଲେଖାଏ ଏଟିଏମ୍ କାଉଣ୍ଟରରୁ ଗ୍ୟାସ୍ କଟର ମାଧ୍ୟମରେ ତାଡି ଟଙ୍କା ଲୁଟି ନେଇଯାଇଥିଲେ । ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ. ୧୩୩, ୧୩୪, ୧୩୫/୧୮, ଗୋଷାଣୀନୂଆଗାଁ ଥାନାରେ ନଂ. ୭୩/୧୮, ଗୋପାଳପୁର ଥାନାରେ ନଂ ୭୨, ୭୩/୧୮ ଏବଂ ଗୋଳନ୍ଥରା ଥାନାରେ ନଂ ୧୧୮/୧୮ରେ ପୃଥକ ପୃଥକ ୭ ମାମଲା ରୁଜୁ ହୋଇଛି। ଘଟଣାକୁ ୨ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଏ ସଂକ୍ରାନ୍ତରେ ପୋଲିସ କାହାରିକୁ ଗିରଫ କରିପାରିନାହିଁ ।

**ଏଟିଏମ୍‌ରୁ ଟଙ୍କା ଲୁଟ୍ ଘଟଣା**

ପ୍ରକାଶଯେ, ୨୦୧୬ରେ ବ୍ରହ୍ମପୁର ସହରର ୩ ଏଟିଏମ୍ କାଉଣ୍ଟରରୁ ଟଙ୍କା ଲୁଟ୍ ହୋଇଥିଲା। ଏ ସଂକ୍ରାନ୍ତରେ ପୋଲିସ ଲୁଟେରା ଦଳକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସମସ୍ତ ଅଭିଯୁକ୍ତ ଗଞ୍ଜାମ ଜିଲାର ଥିଲେ । ସେହିପରି ୨୦୧୪ରେ ଆଙ୍କୁଲିରେ ଏଟିଏମ୍ କାଉଣ୍ଟରରୁ ଲୁଟ୍ ଉଦ୍ୟମ ହୋଇଥିଲା । ଲୁଟେରାମାନେ ଟଙ୍କା ବାକ୍ସ ଖୋଲି ନ ପାରି ଏକ ନିର୍ଜନ ସ୍ଥାନରେ ଫୋପାଡିଦେଇ ଚାଲିଯାଇଥିଲେ। ଘଟଣାରେ ଆଙ୍କୁଲି ଅଞ୍ଚଳର ସମ୍ପୃକ୍ତ ଅପରାଧୀଙ୍କୁ ଗିରଫ କରିଥିଲା ପୋଲିସ । ସେହିପରି ସୁରକ୍ଷା କର୍ମୀ ବିହୀନ ଏଟିଏମ୍ କାଉଣ୍ଟରଗୁଡିକ ବନ୍ଦ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଏସ୍‌ପି ମିଶ୍ର କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛି' କରିବା ତାଙ୍କର ଗୁଣ;**
**ତେଲ ଦିନେ ଥିଲେ ନ ଥାଏ ଲୁଣ ।**

କିଛି ବ୍ୟକ୍ତି ଅଛନ୍ତି ଘରେ କିଛି ନ ଥାଉ ପଛେ ପରର ଜିନିଷ ବା ଦରବ ପ୍ରତି କିନ୍ତୁ ନାନା ଟିକାଟିପ୍‌ପଣୀ ଦେବାରେ ପଛଘୁଞ୍ଚା ଦେଇ ନ ଥାନ୍ତି। ନିଜର ବଡ଼ଲୋକୀ ଦେଖାଇ ନିଜର ଟେକ ବଜାୟ ରଖିବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଅଭାବ ଅନଟନରେ ରହୁଥିବା ବ୍ୟକ୍ତି ବାହାରେ ନିଜର ପ୍ରୌଢ଼ି ବା ଚାତୁରୀ ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଛିଣ୍ଡିଗଲେ ଗଇଣ୍ଠିବାକୁ ନାହିଁ;**
**ହଜିଗଲେ ଖୋଜିବାକୁ ନାହିଁ ।**

ଯାହାର କେହି ଆତ୍ମୀୟ କି ସଖା ସହୋଦର ନ ଥାଏ, ତା'ର ଭଲରେ ମନ୍ଦରେ ତଥା ବିପଦ ଆପଦରେ ପାଖରେ ଛିଡ଼ା ହୋଇ ସାହା ହେବାକୁ କେହି ନ ଥାଏ। ଦୁଃଖ ତା'ର ଚିରକାଳ ହୋଇଥିବା ବେଳେ ଜୀବନରେ ସେ କେବେ ହସଖୁସି ସାଉଁଟି ପାରି ନ ଥାଏ। ନିଃସଙ୍ଗ ଜୀବନ ବଡ଼ ସଂଘର୍ଷପୂର୍ଣ୍ଣ ଓ କଷ୍ଟଦାୟକ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଦକ୍ଷିଣ ଓଡ଼ିଶା ଥାଇରଏଡ଼ ସମ୍ମିଳନୀ

ବ୍ରହ୍ମପୁର ଅଫିସ୍,୧୬।୯

ବ୍ରହ୍ମପୁର ଡାଏବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ ପକ୍ଷରୁ ସ୍ଥାନୀୟ ଆଇଏମ୍‌ଏ ହଲ୍‌ରେ ଦ୍ୱିତୀୟ ଦକ୍ଷିଣ ଓଡ଼ିଶା ଥାଇଏରଡ୍ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଆୟୋଜକ ତଥା ଏଣ୍ଡୋକ୍ରାଇନୋଲୋଜିଷ୍ଟ ଡା. ସୁନିଲ କୁମାର କୋଟା ଅଧ୍ୟକ୍ଷତା କରିଥିଲେ। ଏହି ବୈଜ୍ଞାନିକ ଆଲୋଚନାଚକ୍ରରେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱରେ ବୃଦ୍ଧି ପାଉଥିବା ଥାଇଏରଡ୍ ସମସ୍ୟା ନେଇ ଚିନ୍ତା ପ୍ରକାଶ କରିଥିଲେ। ଡାକ୍ତରମାନେ ଚିକିତ୍ସା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏମ୍‌କେସିଜି ମେଡ଼ିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ରାଧାମାଧବ ତ୍ରିପାଠୀ, ଅଧୀକ୍ଷକ ପ୍ରଫେସର ଚରଣ ପଣ୍ଡା, ଭେଷଜ ବିଭାଗ ପୂର୍ବତନ ମୁଖ୍ୟ ପ୍ରଫେସର ପି.ସି. ସାହୁ, ଶଲ୍ୟ ବିଭାଗ ପୂର୍ବତନ ମୁଖ୍ୟ ପ୍ରଫେସର ଏନ୍.ସି. ପାଢୀ, ଆଇଏମ୍‌ଏ ବ୍ରହ୍ମପୁର ଶାଖା ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ ପାଢୀ ଏବଂ ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଏଭଳି ସମ୍ମିଳନୀ ଦ୍ୱାରା ଡାକ୍ତରମାନଙ୍କ ଚିକିତ୍ସା କୌଶଳ ବୃଦ୍ଧି ପାଇବ ବୋଲି କହିଥିଲେ ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

ଭାରତରେ ପ୍ରାୟ ୧୨ରୁ ୧୫ପ୍ରତିଶତ ଲୋକ ଥାଇରଏଡ୍ ସମସ୍ୟାରେ ଆକ୍ରାନ୍ତ। ପୂର୍ବରୁ କେବଳ ଆୟୋଡ଼ିନ୍ ଅଭାବରୁ ଥାଇରଏଡ୍ ହେଉଥିଲା । କିନ୍ତୁ ରୋଗ ପ୍ରତିଶେଧକ ପ୍ରଣାଳୀରେ ଅବ୍ୟବସ୍ଥା ଯୋଗୁ ଏହି ରୋଗ ଦେଖାଦେଉଛି। ସ୍ତ୍ରୀମାନଙ୍କ କ୍ଷେତ୍ରରେ ଏହା ପାଞ୍ଚ ଗୁଣା ଅଧିକ ଦେଖାଯାଏ। ଶରୀରରେ ଥାଇରଏଡ୍ ହର୍‌ମନ୍ ହ୍ରାସ ହେବା ଅବସ୍ଥାକୁ ହାଇପୋଥାଇରୋଇଡିଜିମ୍ କୁହାଯାଏ । ଏଥିରେ ଓଜନ ବୃଦ୍ଧି, ଭୋକ କମିବା, କ୍ଲାନ୍ତ ଅନୁଭବ, କେଶ ଝଡ଼ିବା, କୋଷ୍ଠ କାଠିନ୍ୟ, ଶୁଷ୍କ ଚର୍ମ, ଶରୀର ପିଡ଼ା, ରଜସ୍ରାବ ଅନିୟମିତତା, ଗର୍ଭଧାରଣରେ ସମସ୍ୟା ତଥା ମାନସିକ ଅବସାଦ ଲକ୍ଷଣ ଦେଖାଯାଏ । ଶରୀରରେ ଅତ୍ୟଧିକ ଥାଇରଏଡ୍ ହରମନ୍ ଥିବା ଅବସ୍ଥାକୁ ହାଇପର୍‌ଥାଇରୋଇଡିଜିମ୍ କୁହାଯାଏ । ନିୟମିତ ଚିକିତ୍ସା ଦ୍ୱାରା ଏହାର ନିକରାକରଣ କରାଯାଇପାରିବ ବୋଲି ଡା. କୋଟା କହିଥିଲେ। ଏଥିରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, କୋରାପୁଟ ଏବଂ ନବରଙ୍ଗପୁରରୁ ପ୍ରାୟ ୨୫୦ରୁ ଅଧିକ ଡାକ୍ତର ଯୋଗ ଦେଇଥିଲେ। ଶେଷରେ ଶଲ୍ୟ ଚିକିତ୍ସା ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର କେ.ଟି. ସୁବୁଦ୍ଧି ଆୟୋଜକଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

# ବ୍ରହ୍ମପୁରରେ ସାହିତ୍ୟ ଉତ୍ସବ

ବ୍ରହ୍ମପୁର ଅଫିସ,୧୬।୯

ସାହିତ୍ୟ ଏକ ଇତିହାସ । ସମାଜର ବିକାଶ କ୍ଷେତ୍ରରେ ସାହିତ୍ୟିକଙ୍କ ଅବଦାନ ଅତୁଳନୀୟ ବୋଲି ରବିବାର ବ୍ରହ୍ମପୁର ଅଭିନନ୍ଦନ ସମ୍ମିଳନୀ କକ୍ଷରେ ଆୟୋଜିତ ବ୍ରହ୍ମପୁର ସାହିତ୍ୟ ଉତ୍ସବ-୨୦୧୮ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ କହିଥିଲେ । ଉତ୍ସବକୁ ପ୍ରଫେସର ସୁଦର୍ଶନ ଆଚାର୍ଯ୍ୟ ଉଦ୍‌ଘାଟନ କରିବା ସହ ବ୍ରହ୍ମପୁର ସାହିତ୍ୟାନୁଷ୍ଠାନର ଐତିହାସିକ ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ । ପରିଷଦର ସଭାପତି ସୁଶାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବକ୍ତାଭାବେ ପରିଷଦ ଉପଦେଷ୍ଟା ଯାମିନୀ କାନ୍ତ ଦାଶ ଓ ପ୍ରଫେସର ଆନପା ମାର୍ଣ୍ଡି ଓ କବି ଅଶ୍ୱିନୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଉତ୍ସବର ଦ୍ୱିତୀୟ ଅଧିବେଶନରେ ସମ୍ପାଦକ ଅଜିତ କୁମାର ସାବତଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ ଡ.ରାଜେନ୍ଦ୍ର କୁମାର ବେହେରା ମୁଖ୍ୟଅତିଥି, କବି ନୀଳକଣ୍ଠ ସାହୁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ । ସୁଧାଞ୍ଜଳି ମିଶ୍ର, ନିରୁପମା ମିଶ୍ର, ସୁଚେତା ପାଣିଗ୍ରାହୀ କବିତା ପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ନାରାୟଣ ପଣ୍ଡାଙ୍କୁ ବ୍ରହ୍ମପୁର ସାହିତ୍ୟ ପରିଷଦ ସର୍ବୋଚ୍ଚ ସମ୍ମାନ, ଡ.ବିଧୁପ୍ରଭା ରଥଙ୍କୁ ଦାମିନୀ ଆଚାର୍ଯ୍ୟ ସ୍ମୃତି ସମ୍ମାନ, ଶୁଭ୍ରାଂଶୁ ପଣ୍ଡାଙ୍କୁ ଗଳ୍ପ ସମ୍ମାନ, ଗିରୀଶ ପାଢୀଙ୍କୁ କବିତା ସମ୍ମାନ, ସନ୍ତୋଷ ପଣ୍ଡାଙ୍କୁ ଯୁବ ପ୍ରତିଭା ସମ୍ମାନ, ଜ୍ୟୋସ୍ନାରାଣୀ ସ୍ୱାଇଁଙ୍କୁ ଶିଶୁ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ଏହା ବ୍ୟତୀତ ରାଜ୍ୟସ୍ତରୀୟ ପାଣ୍ଡୁଲିପି ପ୍ରତିଯୋଗିତାରେ ଚୟନ ହୋଇଥିବା ପ୍ରମୋଦ କୁମାର ଜେନା, ରଶ୍ମିରେଖା ତ୍ରିପାଠୀ, ଦ୍ୱିତୀଚନ୍ଦ୍ର ସାହୁ, ଗୀତାଞ୍ଜଳି ମହାରଣା, ଲିପସା ପଟେଲ, ଭାଗୀରଥି ବେହେରା, ଡ. କିଶୋର ମହାନ୍ତି, ଲିଙ୍ଗରାଜ ନାହାକ, ବଙ୍କିମ ଚନ୍ଦ୍ର ମଣ୍ଡଳ, ସୁଦାମ ବନ୍ଧୁ ଭଞ୍ଜମିଶ୍ର, ଅମିତାଭ ସାହୁ, ଅଙ୍ଗୁରବାଳା ପରିଡା, ବାସୁଦେବ ନାୟକ, ଦିଲୀପ ଚୌଧୁରୀ, ବୀଣାପାଣି ରାୟଗୁରୁ, ପ୍ରଭାତୀ ଦେବନାଥ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ପରିଷଦସଭାପତିଦାଶଙ୍କ ପକେଟ ଖାତା ଉନ୍ମୋଚିତ ହୋଇଥିଲା ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

FLY ASH BRICKS MACHINE
DEALERS REQUIRED ALL OVER ODISHA
M/s Rashmi Enterprises Rourkela Bisra
CONTACT
7749095348, 8249919890

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କଶିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
8658167603
7064382081

Global Communication Group
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍ ଉପରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୨୦ ଲକ୍ଷ, ଭଡ଼ା ୨୦,୦୦୦ + 30,000ର ଅନ୍ୟାନ୍ୟ ସୁବିଧା ସୁଯୋଗ + କୋର୍ଟ ଏଗ୍ରିମେଣ୍ଟ।
HN 6/4, Azad Nagar, 29, Lohara, Ludhiana
Call Now: 07496875194
07496852157

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580
95578-79781

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ

ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

GTL Network Company
ନିଜର ଖାଲି ଜମି, କୃଷି ଜମି, ଛାତରେ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ।
ଅଗ୍ରିମ 90,00,000/-
ଭଡ଼ା - 50,000/-।
ମାତ୍ର 72 ଘଣ୍ଟାରେ ଜମିର ଯାଞ୍ଚ ତଥା ଉପକରଣ ସ୍ଥାପନ + ମାସିକ 30,000ର ଅନ୍ୟାନ୍ୟ ସୁବିଧାସୁଯୋଗ।
ଯୋଗାଯୋଗ: ପବନ କୁମାର
G-57, Gunjan Bihar, Karolbhag, Delhi
9776389958
7894865967

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ
୧00000-୯000000 ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free
18001214188
8556894339
Office Add.: 102, Dalamal House, 3rd Floor, Nariman Point, Mumbai

ଭାରତର ସର୍ବଶ୍ରେଷ୍ଠ କମ୍ପାନୀ
BALAJI FINANCE
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ଜନକଲ୍ୟାଣ ଯୋଜନା ଅଧୀନରେ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗାଡ଼ି, ବ୍ୟବସାୟ, ପଶୁପାଳନ, କୃଷି ଏବଂ ଗ୍ରୁପ୍ ଋଣ ପାଆନ୍ତୁ 1 ଲକ୍ଷରୁ ୨5 ଲକ୍ଷ ପର୍ଯ୍ୟନ୍ତ 2% ସୁଧ 40% ରିହାତି ମାତ୍ର 12 ଘଣ୍ଟାରେ। ପ୍ରଥମେ ଆସନ୍ତୁ ପ୍ରଥମେ ପାଆନ୍ତୁ।
J/6, B Block, Jiwan Park, Delhi
********* Call Now **********
7310644383

FINANCE
Ganesh Puja Dhamaka
ଗଣପତି ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୧% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ
Sec-7/87, Old Airport Road, Kodihalli, Bangalore
9053123802
7027318854

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167
9973805993

!! LOAN LOAN LOAN !!
CAPITAL FINANCE LTD.
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

SHARMA FINANCE
25 ଲକ୍ଷ୍ୟରୁ ଅଧିକ ସନ୍ତୁଷ୍ଟ ଗ୍ରାହକ
Sharma Finance Company
ଶିକ୍ଷିତ ଓ ବେରୋଜଗାରୀ ମାନେ ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ ମାତ୍ର 24 ଘଣ୍ଟାରେ । 2% ବାର୍ଷିକ ସୁଧ 50% ଛାଡ । ଘରେ ବସି ପାଆନ୍ତୁ
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Plot No.-704/2019, Sector-5, Mysore, Bangalore
9674690190
7895084744

SMS JOB
Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର
FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638
9667693639

ALL INDIA NETWORK GROUP
(Govt. Approved)
ନିଜର ଖାଲି ଜମି, ଛାତ, ପ୍ଲଟ୍ ଏବଂ କ୍ଷେତିରେ ସବୁ କମ୍ପାନୀର ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ 70 ଲକ୍ଷ ଅଗ୍ରିମ, 45000 ଭଡ଼ା + 25000ର ଅନ୍ୟାନ୍ୟ ଲାଭ। ଜମି ମଞ୍ଜୁର ହେବା ପରେ Registration fees - 1000 ଟଙ୍କା।
Makrouli, Kalan (64), Rohtak Haryana - 124001
Call Now: 8826821679

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ
ପ୍ରଥମେ କାମ ପରେ ଦାମ୍
ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଗାଡ଼ି, ବ୍ୟବସାୟ ସମସ୍ତ ଋଣ 2% ସୁଧ, 40% ରିହାତି, ଘରେ ବସି ଉପଲବ୍ଧ।
MUDRA FINANCE
Ram Nagar, Narnel, Haryana
7310625906
7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

OM SAI FINANCE LTD
(Govt. Registered)
Regd. No.:- odh16652AD
ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ଏବଂ ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ 3ରୁ 4 ଦିନରେ 1% ସୁଧ, 40% govt. subsidy ମହିଳାଙ୍କ ପାଇଁ ବିଶେଷ ରିହାତି।
J/6, B Block, Jiwan Park, Delhi
Call Now
9953851922

Aital Companyରେ
ଘରେ ବସି ପୁଅ-ଝିଅମାନେ Part Time SMS Job କରି ରୋଜଗାର କରନ୍ତୁ। ମାସିକ 18,600-45,000।
Company ତରଫରୁ Laptop + Printer + Mobile + Sim Card ଫ୍ରିରେ।
Contact No.
70332-02011
70332-00821

ଦୀପାବଳି ଧମାକା
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ।
CAPITAL SMALL FINANCE LIMITED
ପଞ୍ଜୀକରଣ ନଂ. KA76108CH8928
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ବ୍ୟବସାୟ ସବୁ ଋଣ 24ରୁ 48 ଘଣ୍ଟାରେ ଘରେ ବସି 2% ସୁଧ, 40% ରିହାତି।
D-244, Tejendra Nagar, Zundal, Zundal-382421, Tal.- Gandhinagar, Dist- Gandhinagar
MOB +91 8126993527
+91 8126673652
ଠକମାନଙ୍କ ପ୍ରତି ସାବଧାନ

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।

| | |
|---|---|
| ଭୁବନେଶ୍ୱର | 9870548744 |
| କଟକ | 7290022882 |
| ଅନୁଗୁଳ | 7290027866 |
| ବଲାଙ୍ଗୀର | 9870548676 |
| ପୁରୀ | 7290022876 |
| ବରଗଡ଼ | 7290027864 |
| ଭଦ୍ରକ | 7290022886 |
| ଗଞ୍ଜାମ | 7290027860 |
| ଯାଜପୁର | 9870548373 |
| ଖୋର୍ଦ୍ଧା | 9870549050 |
| କୋରାପୁଟ | 9870549092 |
| ମୟୂରଭଞ୍ଜ | 7290022884 |
| ସମ୍ବଲପୁର | 7290022879 |
| ସୁନ୍ଦରଗଡ଼ | 7290027868 |

Shop No. 108, 1st Floor, M.G. Road, Gurgaon


9911436726, 9540938429

Dhanlaxmi Finance Services
ଓଡ଼ିଶା ସରକାରଙ୍କ ଦ୍ୱାରା ପଞ୍ଜୀକୃତ (Reg No.- od5348dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ସବୁ ପ୍ରକାର ଋଣ 72 ଘଣ୍ଟାରେ ପାଆନ୍ତୁ ।
(1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ)
1% ସୁଧ, 40% ରିହାତି।
74/8, Taaran, Punjab
dhanlaxmifin1991@gmail.com
Call Now: 09193648126

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

## ସଂକ୍ଷେପରେ

### ନଦୀରେ ଭାସିଯାଇ ଯୁବକ ନିଖୋଜ

**ବାଲିଗୁଡ଼ା,୧୬।୯(ଡି.ଏନ୍.ଏ.):** ବାଲିଗୁଡ଼ା-ସିନ୍ଧିଗାଁ ରାସ୍ତାରେ ଥିବା ଖଡ଼ଗ ନଦୀରେ ରବିବାର ଭାସିଯାଇ ଜଣେ ଯୁବକ ନିଖୋଜ ଅଛନ୍ତି। ସେ ହେଲେ କଟପଡ଼ି ସାହିର କାପୁ ଦିଗାଳ। କାପୁ ପ୍ରତିଦିନ ଭଳି ରବିବାର ସକାଳେ ନଦୀ ପାର ହୋଇ ଜଙ୍ଗଲକୁ କାଠ ଆଣିବାକୁ ଯାଇଥିଲେ। ଫେରିବା ବେଳେ ସେ ନଦୀରେ ଗାଧୋଉ ଥିଲେ। ଏହି ସମୟରେ ହଠାତ ପ୍ରଖର ସ୍ରୋତ ଆସିଯିବାରୁ କାପୁ ଭାସି ଯାଇଥିଲେ। ନିକଟରେ ଥିବା କିଛି ଗ୍ରାମବାସୀ ଏହା ଦେଖି କାପୁଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ପରେ ଏ ନେଇ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ଦମକଳ କର୍ମଚାରୀମାନେ ଅପରାହ୍ନ ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜି କରିଥିଲେ ମଧ ନିଖୋଜ କାପୁଙ୍କ ପତ୍ତା ମିଳି ନ ଥିଲା।

### ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘର ବୈଠକ

**ଭଞ୍ଜନଗର,୧୫।୯(ଡି.ଏନ.ଏ.):** ଓଡ଼ିଶା ମାଧମିକ ବିଦ୍ୟାଳୟ କର୍ମଚାରୀ ସଂଘ ଗଞ୍ଜାମ ଜିଲା ଶାଖା ପକ୍ଷର ବାର୍ଷିକ ଉତ୍ସବ ଚଳିତ ମାସ ୨୨ ଓ ୨୩ ତାରିଖ ୨ଦିନ ଧରି ଶେରଗଡ଼ ମହାତ୍ମାଗାନ୍ଧି ଉଚ୍ଚ ବିଦ୍ୟାଳୟରେ ପାଳନ ହେବା ଏନେଇ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଭଞ୍ଜନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଏ. ସନ୍ୟାସୀ ରାଓ, ସମ୍ପାଦକ ଲକ୍ଷ୍ମଣ କୁମାର ମଲିକ ଅତିଥି ଭାବେ ଯୋଗଦେଇ ବାର୍ଷିକ ସମ୍ମିଳନିକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବୈଠକରେ ବୃନ୍ଦାବନ ସାହୁ, ନଗେନ୍ଦ୍ର ନାୟକ, ପ୍ରଭାତ ଖଡ୍ଗାଇ, ରାମ ପାଢ଼ୀ, ପ୍ରମୋଦ କୁମାର ପ୍ରଧାନ, ବିଚିତ୍ରାନନ୍ଦ ସାହୁ, ଶରତ ଚନ୍ଦ୍ର ବରାଡ଼ ଓ ଦୟାନିଧି ପାଢ଼ୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ସିମନବାଡ଼ିରେ ଭାଜପାର ସାଙ୍ଗଠନିକ ବୈଠକ

**ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ):** ଦାରିଙ୍ଗବାଡ଼ି ବ୍ଲକ ଭାଜପାର ସାଙ୍ଗଠନିକ ବୈଠକ ମଣ୍ଡଳ ସଭାପତି ଅରୁଣ କୁମାର ପ୍ରଧାନଙ୍କ ଅଧକ୍ଷତାରେ ବୁଧବାର ସିମନବାଡ଼ି ଶିବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଦଳର ଜନଜାତି ମୋର୍ଚ୍ଚା ଜିଲା ସଭାପତି ବସନ୍ତ କୁମାର ପ୍ରଧାନ, ଉପସଭାପତି ମାନ ଗୋବିନ୍ଦ ପ୍ରଧାନ, ବିଷ୍ଣୁଚରଣ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦଳକୁ ମଜବୁତ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଥ୍ ଲେଭୁଲରେ ଜନସଚେତନ ପାଇଁ ଦଳୀୟ କର୍ମକର୍ତ୍ତା ପରାମର୍ଶ ଦେଇଥିଲେ। ସିମନବାଡ଼ି ପଞ୍ଚାୟତର ବୁଥ ଲେଭୁଲ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧରେ ଓକିଲ ଉମେଶ କର, ଅଶୋକ ଚୌଧୁରୀ, ମୋହନ ପ୍ରଧାନ, ମହେଶ୍ୱର ସାହୁ, ହରେକୃଷ୍ଣ ମୁଖି, ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୦ ନଂ ଜୋନ୍‌ର ବୁଥ୍ ସଭାପତି, ପ୍ରଭାରୀ, ପ୍ରମୁଖ ଯୋଗଦେଇଥିଲେ।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଧରାକୋଟ,୧୬।୯(ଡି.ଏନ.ଏ.):** ଧରାକୋଟ ତହସିଲ ବାହାରପୁର ପଞ୍ଚାୟତ ଟିଣିଟିଣାପଲ୍ଲୀ ଗ୍ରାମରେ ଶନିବାର ଅଗ୍ନିକାଣ୍ଡ ଘଟି ପୀତବାସ ମଲିକ, ବିଶ୍ୱନାଥ ମଲିକ, ଈଶ୍ୱର ମଲିକ, ଅଶୋକ ମଲିକ, ଗୋପୀ ମଲିକ, ବାଉରୀ ମଲିକ, ବିପ୍ର ମଲିକ, ମାଗୁଣି ମଲିକ ପ୍ରମୁଖ ୮ ପରିବାରର ୧୭ ବଖରା ପୋଡ଼ିଯାଇଥିଲା। ରବିବାର ସାନଖେମୁଣ୍ଡି ବିଧାୟିକା ନନ୍ଦିନୀ ଦେବୀ ଉକ୍ତ ଗ୍ରାମକୁ ଯାଇ ବିପନ୍ନ ପରିବାରକୁ ବସ୍ତ୍ର, ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ରାଜସ୍ୱ ଓ ପଞ୍ଚାୟତ ରାଜ ବିଭାଗ ଦ୍ୱାରା କ୍ଷୟକ୍ଷତିର ଆକଳନ କରାଯାଇ ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

### ବଜାରରେ ନିଶାସକ୍ତଙ୍କ ଦୌରାତ୍ମ୍ୟ

**ଜି.ଉଦୟଗିରି,୧୬।୯(ଡି.ଏନ.ଏ.)-** ଜି.ଉଦୟଗିରି ସହରରେ ନିଶାସକ୍ତଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଛି। ସନ୍ଧ୍ୟା ହେବା ମାତ୍ରେ ବଜାର ଛକରେ କେତେକ ଅସାମାଜିକ ବ୍ୟକ୍ତି ନିଶାସକ୍ତ ହୋଇ ଗାଳିଗୁଲଜ କରୁଛନ୍ତି। ତେଣୁ ବଜାର ଛକରେ ପ୍ରତ୍ୟେକ ଦିନ ପୋଲିସ ପାଟ୍ରୋଲିଂ ଗାଡ଼ି ବୁଲି ଏମାନଙ୍କୁ ସାବାଡ଼ କରିବାକୁ ବହୁ ଜନପ୍ରତିନିଧି ଜି.ଉଦୟଗିରି ଥାନାରେ ଜଣାଇଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ବାଳକୃଷ୍ଣ କହଁର କହିଛନ୍ତି ଯେ, ବିଶୃଙ୍ଖଳା କରୁଥିବା ଅସାମାଜିକ ବ୍ୟକ୍ତିଙ୍କୁ ଥାନାକୁ ଅଣାଯାଉଛି। ପାର୍ବଣ ଲାଗି ପୋଲିସ ପାଟ୍ରୋଲିଂକୁ ଥାନା ଅଞ୍ଚଳରେ ଅଧିକ କଡ଼ାକଡ଼ି କରାଯାଇଛି।

# ଲାଗୁନି ସିସି କ୍ୟାମେରା, ରହୁନାହାନ୍ତି ସୁରକ୍ଷାକର୍ମୀ

**ଗଞ୍ଜାମରେ ବ୍ୟାଙ୍କ ସୁରକ୍ଷା ଚିନ୍ତା**

- ୩୫୦ ଏଟିଏମ୍‌ରେ ସିସି କ୍ୟାମେରା ନାହିଁ
- ୩୯୯ ଏଟିଏମ୍‌ରେ ନାହାନ୍ତି ସୁରକ୍ଷା କର୍ମୀ

**ଛତ୍ରପୁର,୧୬।୯(ଡି.ଏ)**

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ଥିବା ବ୍ୟାଙ୍କ ଗୁଡିକର ଶାଖା ଓ ଏଟିଏମ୍‌ର ସୁରକ୍ଷା ନେଇ ପ୍ରଶାସନର ଚିନ୍ତା ବଢ଼ି ଯାଇଛି। ବାରମ୍ବାର ବ୍ୟାଙ୍କ ଶାଖା ଓ ଏଟିଏମ୍‌ରୁ ଚୋରି ହେଉଛି। ଗ୍ୟାସ କଟରରେ କାଟି ଏଟିଏମ୍ ଖୋଲାଯାଇ ଟଙ୍କା ଲୁଟ୍ ହେଉଛି। ଛତ୍ରପୁରରେ ପ୍ରତି ୩ ମାସକୁ ଥରେ ଗଞ୍ଜାମ ଜିଲା ବ୍ୟାଙ୍କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହେଉଛି। ବ୍ୟାଙ୍କ ଶାଖା ଓ ଏଟିଏମ୍‌ର ସୁରକ୍ଷା ନେଇ ଆଲୋଚନା ହୋଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ଏବଂ ଗଞ୍ଜାମ ଓ ବ୍ରହ୍ମପୁର ଏସ୍‌ପିଙ୍କ ପକ୍ଷରୁ କେତେକ ଆଡଭାଇଜରି ଜାରି କରାଯାଉଛି। ଚଳିତ ମାସ ୧୧ରେ ମଧ ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ପୋଲିସ ମୁଖ୍ୟାଳୟରେ ଛତ୍ରପୁର ବ୍ଲକର ବିଭିନ୍ନ ବ୍ୟାଙ୍କ ଅଧିକାରୀମାନଙ୍କୁ ଡାକି ସୁରକ୍ଷା ନେଇ ଆଲୋଚନା କରିବା ସହ କେତେକ ପରାମର୍ଶ ଦେଇଥିଲେ। ସୁରକ୍ଷା ନେଇ ବ୍ୟବସ୍ଥା କରିବା, ସିସିଟିଭି ଲଗାଇବା ଏବଂ ସୁରକ୍ଷା କର୍ମୀ ମୁତୟନ ରଖିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜୁନ୍ ୨୬ ତାରିଖ ରାତିରେ ବ୍ରହ୍ମପୁର ସହରରେ ଥିବା ୭ଏଟିଏମ୍‌ରୁ ଚୋରି ହେବା ପରେ ତତ୍କାଳୀନ ଜିଲାପାଳ ପ୍ରେମଚନ୍ଦ୍ର ଚୌଧୁରୀଙ୍କ ପକ୍ଷରୁ ସ୍ୱେଶାଲ ବ୍ୟାଙ୍କ ସୁରକ୍ଷା ବୈଠକ ଡାକିବାକୁ ପଡିଥିଲା। ଆରବିଆଇ ଗାଇଡଲାଇନ୍ ଅନୁସାରେ ଏଟିଏମ୍‌ଗୁଡିକୁ ପରିଚାଳନା କରାଯାଉ ନ ଥିବାରୁ ଏପରି ଘଟଣା ଘଟୁଥିବା କୁହାଯାଇଛି। ସମ୍ବେଦନଶୀଳ ସ୍ଥାନରେ ଥିବା ଏଟିଏମ୍ ପାଇଁ ପୋଲିସ ପାଟ୍ରୋଲିଂ କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶନାମା ରହିଛି। ଏଥିସହ ଅଧିକାଂଶ ଏଟିଏମ୍‌ରେ ସୁରକ୍ଷା କର୍ମୀଙ୍କର ବ୍ୟବସ୍ଥା କରାଯାଉ ନାହିଁ। ଏହା ମଧ ଲୁଟ୍‌ର ଏକ କାରଣ ବୋଲି ଜଣାପଡିଛି। ଜିଲାରେ ବିଭିନ୍ନ ବ୍ୟାଙ୍କର ୩୨ଏଟିଏମ୍ ସମ୍ବେଦନଶୀଳ ସ୍ଥାନରେ ରହିଛି। ଜିଲାରେ ବିଭିନ୍ନ ବ୍ୟାଙ୍କର ୩୩୯ ଶାଖା ଅଛି। ସେଗୁଡିକର ୫୫୬ ଏଟିଏମ୍ ମଧରୁ ବ୍ୟାଙ୍କ ନିକଟରେ ୨୮୮ ଓ ଅନ୍ୟସ୍ଥାନରେ ୨୬୮ ଥିବା ସୂଚନା ମିଳିଛି। ୩୫୦ ଏଟିଏମ୍‌ରେ ସିସି କ୍ୟାମେରା ଲାଗି ନ ଥିବାବେଳେ ୩୯୯ ଏଟିଏମ୍‌ରେ ୨୪ ଘଣ୍ଟା ସୁରକ୍ଷା କର୍ମୀ ନ ଥିବା ଜଣାପଡ଼ିଛି।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ



ମଞ୍ଚାସୀନ ଅତିଥି।

**ବେଗୁନିଆପଡ଼ା,୧୬।୯(ଡି.ଏନ.ଏ.)**

ବେଗୁନିଆପଡ଼ା ଜନତା ନୋଡାଲ ହାଇସ୍କୁଲ ପରିସରରେ ରବିବାର ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଁ ହିରୋ ରଥକୁ ବ୍ଲକ ପରିସରରୁ ଶୋଭାଯାତ୍ରାରେ ହାଇସ୍କୁଲ ପରିସର ହୋଇଥିବା ସଭାସ୍ଥଳକୁ ନିଆଯାଇଥିଲା। ସେଠାରେ ଅନୁଷ୍ଠିତ ସଭାରେ ବିଡିଓ ପ୍ରଦୀପ କୁମାର ପଣ୍ଡା ସଭାପତି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧକ୍ଷା କେ. ରାଜଲକ୍ଷ୍ମୀ ଦୋରା ମୁଖ୍ୟଅତିଥି, ଉପାଧକ୍ଷା ଭ୍ରମର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ମନୋଜ କୁମାର ପାଣ୍ଡି, ଗୀତାଞ୍ଜଳୀ ଭୂୟାଁ, ଜିଲା ସାଂସ୍କୃତିକ ଅଧିକାରୀ ଶୁକ୍ରୁ ସ୍ୱାଇଁ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ବିଜୁ ଯୁବ ବାହିନୀ ସଂଯୋଜକ ବିଭୂତି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଯୁବକମାନେ ଗ୍ରାମାଞ୍ଚଳରେ ନିଜ ପ୍ରତିଭା ଦେଖାଇ ସମାଜ ସେବା କରି ହିରୋ ହେବାକୁ କହିଥିଲେ। ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ କର୍ମଚାରୀ, ବିଜୁ ଯୁବ ବାହିନୀ, ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।

# ଅଙ୍ଗନୱାଡି ସହାୟିକାଙ୍କ ଦକ୍ଷତା ବୃଦ୍ଧି ତାଲିମ



ଅଙ୍ଗନୱାଡି ସହାୟିକାମାନଙ୍କୁ ତାଲିମ ଦିଆଯାଉଛି।

**ଫୁଲବାଣୀ ଅଫିସ, ୧୬।୯**

ବନ୍ଧଗଡସ୍ଥିତ ସ୍ୱାତୀ ତାଲିମ୍ କେନ୍ଦ୍ରରେ ଅଙ୍ଗନୱାଡି ସହାୟିକାଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସେଚ୍ଛାସେବୀ ସଂଗଠନ ସ୍ୱାତୀ ଓ ସେଭ୍ ଦ ଚିଲ୍‌ଡ୍ରେନ୍‌ର ମିଳିତ ସହଯୋଗରେ ଫିରିଙ୍ଗିଆ ବ୍ଲକ୍‌ରେ ଚାଲିଥିବା 'ସମାଜରେ ଅବହେଳିତ ଶିଶୁଙ୍କ ପାଇଁ ଶିକ୍ଷାର ସୁଯୋଗ ସୃଷ୍ଟି' ପ୍ରକଳ୍ପ ତରଫରୁ ଏହା କରାଯାଇଥିଲା। ଏହି ତାଲିମ୍ ଶିବିରକୁ ଫିରିଙ୍ଗିଆ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ମୂଳା ପ୍ରଧାନ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କର ବିକାଶରେ ଅଙ୍ଗନୱାଡି ସହାୟିକାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସହାୟିକାଙ୍କ ଦ୍ୱାରା ଶିଶୁର ସାମଗ୍ରିକ ବିକାଶ ସହିତ ଶିଶୁ ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ସମ୍ଭବପର ବୋଲି ଏହି ଅବସରରେ ଯୋଗେଦେଇଥିବା ସେଭ୍ ଦ ଚିଲ୍‌ଡ୍ରେନ୍‌ର ରାଜ୍ୟ ପରିଚାଳକ ଅଭିଜିତ୍ ଭଦ୍ର କହିଥିଲେ। ଅଙ୍ଗନୱାଡି ସହାୟିକାମାନଙ୍କୁ ଶିଶୁର ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ମୋଟ ୧୦୦ ଅଙ୍ଗନୱାଡି ସହାୟିକା ମାନଙ୍କୁ ୮ ଦିନ ଧରି ଆଦ୍ୟ ଶୈଶବ ଯତ୍ନ, ଶିକ୍ଷା ଏବଂ ଶିଶୁର ସ୍ୱାସ୍ଥ୍ୟ, ପରିଷ୍କାର ପରିଚ୍ଛନ୍ନତା ଓ ବନ୍ଧୁତ୍ୱ ପୂର୍ଣ୍ଣ ବାତାବରଣ ସମ୍ପର୍କିତ ତାଲିମ ପ୍ରଦାନ କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ର ତଥା ଶିଶୁମାନଙ୍କ ବିକାଶ ଦିଗରେ ଦୃଷ୍ଟି ଦିଆଯିବ ବୋଲି ସ୍ୱାତୀ ସମ୍ପାଦକ ଇଂ.ହରିଶଙ୍କର ରାଉତ ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ତାଲିମଦାତା ଭାବେ ପ୍ରକଳ୍ପ ସଂଯୋଜକ ପ୍ରତ୍ୟୁଷ ପଣ୍ଡା, ସରସ୍ୱତୀ ବିଦ୍ଧାଣି, ପ୍ରଣବ ମୁଖୀ, ଶିବାଶିଷ ପଣ୍ଡା, ଗାୟତ୍ରୀ ମହାରଣା, ମାଳତୀ ପ୍ରଧାନ, ଅର୍ଚ୍ଚନା ହେମ୍ବ୍ରମ୍ ଯୋଗ ଦେଇଥିଲେ। ରୀନା ପ୍ରଧାନ, ଶୁଭଶ୍ରୀ ପାତ୍ର, ସର୍ବେଶ୍ୱର ସାହୁ ଓ ସ୍ୱର୍ଣ୍ଣଲତା କହଁର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ସଂଘର ବୈଠକ

**ବୁଗୁଡ଼ା,୧୬।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ସଭାପତି ବିଶ୍ୱମୋହନ ମିଶ୍ରଙ୍କ ଅଧକ୍ଷତାରେ ରବିବାର ସ୍ଥାନୀୟ ବଳଦେବ ସ୍ୱାମୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଶୋଭାଚନ୍ଦ୍ର ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା ସହ ସ୍ମୃତିଚାରଣ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ନଭେମ୍ବର ୧୪ ଶିଶୁ ଦିବସରେ ବୟୋଜ୍ୟେଷ୍ଠ ଶିକ୍ଷକ ଗୋବିନ୍ଦ ଦାଶଙ୍କୁ ଶିକ୍ଷକ ସୌରଭ ସମ୍ମାନ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି । ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ, ଅନନ୍ତ କର, ମିନତି ପଟ୍ଟନାୟକ, ନାରାୟଣ ଗନ୍ତାୟତ ପ୍ରମୁଖ ଶିକ୍ଷକମାନେ ଉପସ୍ଥିତ ଥିଲେ । ପ୍ରଫୁଲ୍ଲ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂରକ୍ଷିତ ଜଙ୍ଗଲରୁ ଗଛ କଟା ଜାରି, ପହଞ୍ଚୁନି ପ୍ରଶାସନ

**ଦାରିଙ୍ଗବାଡ଼ି,୧୬।୯(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ବନାଞ୍ଚଳର ଗଦାପୁର ସଂରକ୍ଷିତ ଜଙ୍ଗଲ ଏବଂ ବ୍ରାହ୍ମଣୀଗାଁ ସେକ୍ସନର ଋଷିମାଳ ବନ ସଂରକ୍ଷିତ ଜଙ୍ଗଲରେ ବ୍ରାହ୍ମଣୀଗାଁ ଏବଂ ଗଦାପୁର ପଞ୍ଚାୟତ ଅଞ୍ଚଳର ମାଣ୍ଡିପଙ୍କା ଗ୍ରାମ ସହ ମେରାମାହା, ବୁଡାଗୁଡ଼ା, ଗଦାପୁର, ପୁଇଗୁଡ଼ା ଆଦି ଅଞ୍ଚଳର ଶହ ଶହ ପରିବାର ବ୍ରାହ୍ମଣୀଗାଁ ଦାରିଙ୍ଗବାଡ଼ି ପୂର୍ତ୍ତବିଭାଗ କଡ଼ରେ ରହିଥିବା ପୁଇଗୁଡ଼ା ଠାରୁ ପାଖାପାଖି ମହାଗୁଡ଼ି ପର୍ଯ୍ୟନ୍ତ ଶହ ଶହ ଗଛ କାଟି କୁଡ଼ିଆ କରି ସେଠାରେ ରହୁଛନ୍ତି। ରବିବାର ମଧ ଗଛକଟା ଜାରି ରହିଛି। ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ଲଳିତ ମୋହନ ନାୟକ ରବିବାର ଦାରିଙ୍ଗବାଡିରେ ପହଞ୍ଚି ତହସିଲଦାରଙ୍କୁ ଭେଟିବାକୁ ଉଦ୍ୟମ କରିଥିଲେ ମଧ ଛୁଟି ଥିବାରୁ ଭେଟି ପାରି ନାହାନ୍ତି।

ଏନେଇ ଦାରିଙ୍ଗବାଡ଼ି ତହସିଲଦାର ସୁନିଲ କୁମାର ପ୍ରଧାନଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଜମିପଟ୍ଟା ସାଥିରେ ସ୍କେଚମ୍ୟାପ ଦିଆଯାଇଛି। ଭୂମିହୀନମାନେ ଆବେଦନ କଲେ ତାଙ୍କୁ ଜମି ଯୋଗାଇ ଦିଆଯିବ। ଗଛ କାଟିବାର ଅଲଗା କାରଣ ଥାଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ବ୍ରାହ୍ମଣୀଗାଁ ଏବେ ଦାରିଙ୍ଗବାଡି ବ୍ଲକ ଅଧୀନରେ ରହିଛି। ଆଗକୁ ଅଲଗା ହୋଇ ବ୍ରାହ୍ମଣୀଗାଁ ବ୍ଲକ ହେଲେ ଏହିସବୁ ଅଞ୍ଚଳବାସୀ ରାସ୍ତା କଡ଼ରେ ରହିଥିଲେ ସରକାରଙ୍କ ସମସ୍ତ ଯୋଜନା ପାଇବେ ବୋଲି ଆଶା କରି ଏପରି କରୁଥିବା ଆଲୋଚନା ହେଉଛି। ମାତ୍ର ଆନ୍ଦୋଳନକାରୀ ଏହାକୁ ଖଣ୍ଡନ କରିଛନ୍ତି।

**■ ଭାଜପା ଛତ୍ରପୁର ମଣ୍ଡଳ ବୈଠକ**

# ପ୍ରଧାନମନ୍ତ୍ରୀ, ଶାହଙ୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ ପ୍ରସ୍ତୁତି

**ଛତ୍ରପୁର,୧୬।୯(ଡି.ଏନ.ଏ)**

ଭାଜପା ଛତ୍ରପୁର ମଣ୍ଡଳ ପକ୍ଷରୁ ରବିବାର ଏକ ବୈଠକ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ମଣ୍ଡଳ ସଭାପତି ପ୍ରଦୀପ ପାଢୀ ଅଧକ୍ଷତା କରିଥିଲେ। ରାଜ୍ୟ ଭାଜପା ସମ୍ପାଦକ ବିଭୂତି ଜେନା, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଏମ୍. ରାଜେନ୍ଦ୍ର, ରାଜ୍ୟ ହରିଜନ ମୋର୍ଚ୍ଚା ସାଧାରଣ ସମ୍ପାଦକ ଧରଣୀଧର ବେହେରା, ଜିଲା ହରିଜନ ମୋର୍ଚ୍ଚା ସଭାପତି ଚୈତନ୍ୟ ପ୍ରଧାନ, ଭିକାରୀପଲ୍ଲୀ ମଣ୍ଡଳ ସଭାପତି ଗାଣ୍ଡୁଧର ଗୌଡ, କଣମଣା ମଣ୍ଡଳ ସଭାପତି ପଦ୍ମଚରଣ ସାହୁ, ସନ୍ତୋଷପୁର ମଣ୍ଡଳ ସଭାପତି ଶ୍ରୀଧର ବାଡତିଆ, ଗଞ୍ଜାମ ମଣ୍ଡଳ ସଭାପତି କାନ୍ତାରୁ ଦଳାଇ, ରାଜ୍ୟ ପରିଷଦ ସଦସ୍ୟ ଭୀମସେନ ବେହେରା, ଜିଲା ଉପସଭାପତି କାନକେୟା ରେଡ୍ଡୀ, ମଣ୍ଡଳ ସମ୍ପାଦକ କେ. ରାମା ରାଓ, ସାଧାରଣ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଣ୍ଡା, ବସନ୍ତ ବେହେରା, ମନୋଜ ବେହେରା, ଉପସଭାପତି ନରସିଂହ ପାଢୀ, କୃଷକ ମୋର୍ଚ୍ଚା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରାଯିବା ସହ କବିତା ପାଠ କରାଯାଇଥିଲା। ପରେ ସାଙ୍ଗଠନିକ ଆଲୋଚନା ହୋଇଥିଲା। ଆସନ୍ତା ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଝାରସୁଗୁଡା ରାଲିରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ରାଜ୍ୟ ପ୍ରଭାରୀ ଗୋପୀନାଥ ପଣ୍ଡା ଆହ୍ୱାନ ଦେଇଥିଲେ। ସେହିପରି ୨୪ ତାରିଖରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଛତ୍ରପୁର ନିର୍ବାଚନ ମଣ୍ଡଳୀର ୮ ମଣ୍ଡଳରୁ ୧ ହଜାରରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ପୁରୀ ସମାବେଶରେ ଯୋଗ ଦେବାକୁ ସ୍ଥିର ହୋଇଥିଲା। ଏହା ପୂର୍ବରୁ ୨୩ ତାରିଖରେ ଭିକାରୀପଲ୍ଲୀଠାରେ ଆଉ ଏକ ବୈଠକ କରାଯିବ ବୋଲି ସ୍ଥିର ହୋଇଛି। ବୈଠକରେ ରୁଇନା ପଟ୍ଟନାୟକ, ପି. ତ୍ରିପତି ରାଓ, ଗଣପତି ବାରିକ, ଯୁବ ମୋର୍ଚ୍ଚା ସମ୍ପାଦକ ପି. ରଘୁ ରେଡ୍ଡୀ, ମଣ୍ଡଳ ଉପସଭାପତି ମନୋଜ ରେଡ୍ଡୀ, ଗଙ୍ଗାଧର ପଣ୍ଡା, ସୁରେନ୍ଦ୍ର ମିଶ୍ର, ହରିଜନ ମୋର୍ଚ୍ଚା ମଣ୍ଡଳ ସଭାପତି ଲିଙ୍ଗରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁ କନ୍ୟାରତ୍ନ ସଚେତନତା କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୧୬।୯**

ବାଳିକାମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟି ଓ ନିରାପତ୍ତା ସମ୍ପର୍କରେ ସଚେତନତା ଲକ୍ଷ୍ୟ ନେଇ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ କବିସୂର୍ଯ୍ୟନଗର ଏନ୍‌ଏସିସ୍ଥିତ ବିଘ୍ନେଶ ମହାବିଦ୍ୟାଳୟରେ ବିଜୁ କନ୍ୟାରତ୍ନ ସଚେତନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ବସନ୍ତ ମହାପାତ୍ରଙ୍କ ସଂଯୋଜନାରେ ଏନ୍‌ଏସି ଉପାଧକ୍ଷ ମନୋରଞ୍ଜନ ମହାପାତ୍ର ମୁଖ୍ୟଅତିଥି, ଏନ୍‌ଏସି ଅଧକ୍ଷା ଲକ୍ଷ୍ମୀପ୍ରିୟା ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ରୂପେ ଶିବ ପ୍ରସାଦ ରଥ, ଅଳକା ସାହୁ, କଲେଜର ପରିଚାଳନା ନିର୍ଦ୍ଦେଶକ ଏସ୍‌ପି ଶେଷଗିରି, କଲେଜ ଅଧକ୍ଷା ଜ୍ୟୋସ୍ନାରାଣୀ ସାହୁ, ଓଡ଼ିଆ ଅଧାପିକା ରେଣୁବାଳା ମିଶ୍ର ଓ ଯୁବନେତା ଦିଲ୍ଲୀପ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଘ୍ନେଶ କଲେଜର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ନିମ୍ନମାନର କାର୍ଯ୍ୟ: ଭୁଶୁଡ଼ିଲା ଗାର୍ଡୱାଲ


ଭାଙ୍ଗି ଯାଇଥିବା ଗାର୍ଡୱାଲ।

**ପୋଲସରା,୧୬।୯(ଡି.ଏନ.ଏ.)**

ପୋଲସରା ବ୍ଲକ ବର୍ତ୍ତନୀ ପଞ୍ଚାୟତର ବର୍ତ୍ତନୀ ଗ୍ରାମରେ ଥିବା ଶିବ ମନ୍ଦିର ନିକଟରେ ୪ର୍ଥ ରାଜ୍ୟ ଅର୍ଥ କମିଶନ (୨୦୧୭-୧୮)ରେ ୨ ଲକ୍ଷ ଟଙ୍କା ବ୍ୟୟରେ ଡ୍ରେନ ଓ କଂକ୍ରିଟ୍ ରାସ୍ତା ଓ ଗାର୍ଡ ୱାଲ ନିର୍ମାଣ କରାଯାଇଥିଲା। ତେବେ କାମ ସରିବାର ବର୍ଷେ ନ ପୂରୁଣୁ ଗାର୍ଡୱାଲ ଭୁଶୁଡ଼ି ପଡିଲାଣି। ଡ୍ରେନ ଓ କଂକ୍ରିଟ୍ ରାସ୍ତା ମଧ ବିପର୍ଯ୍ୟସ୍ତ ହେଲାଣି ବୋଲି ବର୍ତ୍ତନୀର ପୂର୍ବତନ ସରପଞ୍ଚ ଅଶୋକ ମହାନ୍ତିଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୩ଲକ୍ଷ ଟଙ୍କା ବ୍ୟୟରେ ଦେଉଳବନ୍ଧଠାରୁ ଠାକୁରାଣୀ ମନ୍ଦିର ପର୍ଯ୍ୟନ୍ତ କଂକ୍ରିଟ୍ ରାସ୍ତା ନିର୍ମାଣ କର୍ଯ୍ୟ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟ ନିମ୍ନମାନର ହୋଇଥିବା ଯୋଗୁ ଫାଟ ସୃଷ୍ଟି ହେଲାଣି। ଏସବୁ କାର୍ଯ୍ୟର ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ବ୍ଲକ କନିଷ୍ଠ ଯନ୍ତ୍ରୀ ଶଙ୍କର ନାରାୟଣ ସୁବୁଦ୍ଧି କହିଛନ୍ତି ଯେ, ଭାଙ୍ଗିଯାଇଥିବା ଗାର୍ଡ ୱାଲ ପୁନଃନିର୍ମାଣ କରିବା ଲାଗି ସରପଞ୍ଚଙ୍କୁ କୁହାଯାଇଛି।

**■ ଜାତୀୟ ସିନିୟର ଟାଏକୋଣ୍ଡୋ ପ୍ରତିଯୋଗିତା**

## ଭାଗ ନେବାକୁ ଗଲେ ଛତ୍ରପୁରର୨ ପ୍ରତିଯୋଗୀ

**ଛତ୍ରପୁର,୧୬।୯(ଡି.ଏନ.ଏ)**

ମଧ୍ୟପ୍ରଦେଶର ଜବଲପୁରଠାରେ ଆସନ୍ତା ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ୩୭ତମ ଜାତୀୟ ସିନିୟର ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡିଶାର ୨୨ ଖେଳାଳି ଭାଗ ନେବେ। ଓଡିଶାର ମନମୋହନ ଭଞ୍ଜଙ୍କ ନେତୃତ୍ୱରେ ଏମାନେ ପ୍ରତିଯୋଗିତାକୁ ଯାଉଛନ୍ତି। ପ୍ରତିଯୋଗୀଙ୍କ ମଧରେ ଗଞ୍ଜାମ ଜିଲା ଛତ୍ରପୁର ଟାଇକୋଣ୍ଡୋ ଆସୋସିଏଶନର ୨ ଜଣ ପ୍ରତିଯୋଗୀ ରହିଛନ୍ତି। ସେମାନେ ହେଲେ ସିଏଚ୍ ପ୍ରସାଦ କୁମାର ନାୟକ ଓ ଅଜିତ କୁମାର ମହାରଣା। ରବିବାର ଟ୍ରେନ୍ ଯୋଗେ ଉଭୟେ ଜବଲପୁର ଅଭିମୁଖେ ଯାତ୍ରା କରିଛନ୍ତି। ଗଞ୍ଜାମ ଜିଲା ଟାଇକୋଣ୍ଡୋ ଆସୋସିଏଶନର ସମ୍ପାଦକ ତଥା କୋଚ୍ କେ. ମନୋଜ ପ୍ରଧାନ ପ୍ରସାଦ ଓ ଅଜିତଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡିଶା ତଥା ଗଞ୍ଜାମ ଜିଲା ପାଇଁ ଏମାନେ ସଫଳତା ଆଣିବେ ବୋଲି ସେ ଆଶା ରଖିଛନ୍ତି।


କୋଚ୍‌ଙ୍କ ସହ ୨ ପ୍ରତିଯୋଗୀ।

# ଗ୍ରାମାଞ୍ଚଳର ବିକାଶ ପାଇଁ ଅର୍ଥର ଅଭାବ ନାହିଁ: ମନ୍ତ୍ରୀ

**ଦିଗପହଣ୍ଡି,୧୬।୯(ଡି.ଏନ.ଏ.)**

ରାଜ୍ୟ ସରକାର ଗ୍ରାମାଞ୍ଚଳର ସାମଗ୍ରିକ ବିକାଶ ନିମନ୍ତେ ବିଭିନ୍ନ ଜନକଲ୍ୟାଣ ଯୋଜନା ପ୍ରଣୟନ କରିଛନ୍ତି। ଏଥିପାଇଁ ଅର୍ଥର ଅଭାବ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ଗାଁ ଆମ ବିକାଶ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତକୁ ୨୫ ଲକ୍ଷ ଟଙ୍କା ଲେଖାଏ ଅନୁଦାନ ମଞ୍ଜୁର କରିଛନ୍ତି ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପରାମର୍ଶ ଦେଇଛନ୍ତି। ଶନିବାର ମଧାହ୍ନରେ ଦିଗପହଣ୍ଡି ବ୍ଲକ ଗୌଡ଼ଗାଁ ପଞ୍ଚାୟତ ଦାଉଣୀ ଗ୍ରାମସ୍ଥିତ ଶ୍ରୀଭୁଜଙ୍ଗେଶ୍ୱର ଶୈବପୀଠ ପରିସରରେ ଆୟୋଜିତ ବିଜେଡି କର୍ମୀ ସମାବେଶରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବିଜେଡି ଜିଲା ସମ୍ପାଦକ ବି. କ୍ରିଷ୍ଣାରାଓ ସୁବୁଦ୍ଧି, ହରିବନ୍ଧୁ ରେଡ୍ଡୀ, ଜିଲା ପରିଷଦ ସଦସ୍ୟା କୁରି ସେଠୀ, ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ଏମ. ନିରଞ୍ଜନ ରେଡ୍ଡୀ, ସମିତିସଭ୍ୟା ସଚଳା ସାହୁ, ନାଏବ ସରପଞ୍ଚ ଅନୀତା ପାଣିଗ୍ରାହୀ, ସମବାୟ ସଭାପତି ବିପିନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


କର୍ମୀ ସମାବେଶରେ ଉଦ୍‌ବୋଧନ ଦେଉଛନ୍ତି ମନ୍ତ୍ରୀ।

ଏଥିପୂର୍ବରୁ ମନ୍ତ୍ରୀ ଗୌଡ଼ଗାଁରେ ୮ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ମିଶନ ଶକ୍ତି କୋଠା ନିମନ୍ତେ ଶିଳାନ୍ୟାସ କରିଥିଲେ। ଦାଉଣୀ ଗ୍ରାମରେ ୫ ଲକ୍ଷ ବ୍ୟୟରେ କାଳୀ ମନ୍ଦିର ଗୋଷ୍ଠୀ କେନ୍ଦ୍ର ଓ ୪ ଲକ୍ଷ ବ୍ୟୟରେ ହେବାକୁ ଥିବା ବ୍ରାହ୍ମଣ ସମାଜ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୌଡ଼ଗାଁ ପଞ୍ଚାୟତ ପ୍ରାଥମିକ ସେବା ସମବାୟ ସମିତିର ୨୩ଟି ମିଳିତ ଦେୟ ଗୋଷ୍ଠୀ (ଜେଏଲଜି)ଙ୍କୁ ୧୩ ଲକ୍ଷ ଟଙ୍କାର ଚେକ୍ ବଣ୍ଟନ କରିଥିଲେ। ବ୍ରହ୍ମପୁର ସମବାୟ ବ୍ୟାଙ୍କର ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## ଜିଲାପାଳଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ବୁଗୁଡ଼ା,୧୬।୯(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୬ ଦଫା ସମ୍ବଳିତ ଦାବିପତ୍ର ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଇଓ ରସାନନ୍ଦ କରଙ୍କୁ ପ୍ରଦାନ କରିଛନ୍ତି। ବିଦ୍ୟାଳୟର ସମୟ ସାଢେ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତକୁ ପରିବର୍ତ୍ତନ କରିବା, ମଧାହ୍ନ ଭୋଜନ ପରିଚାଳନା ଦାୟିତ୍ୱ ପ୍ରଧାନ ଶିକ୍ଷକଙ୍କ ଠାରୁ ପ୍ରତ୍ୟାହାର କରିବା, ସଫେଇ କର୍ମଚାରୀ ନିଯୁକ୍ତି, ଗୁରୁ ଦକ୍ଷିଣା ନାମରେ ପୂର୍ବତନ ଛାତ୍ର ଓ ଅଭିଭାବକମାନଙ୍କ ଠାରୁ ପାଣ୍ଠି ଆଦାୟକୁ ବନ୍ଦ, ପ୍ରଧାନ ଶିକ୍ଷକଙ୍କ ଠାରୁ ସମସ୍ତ ପ୍ରକାର ଚେକ୍‌ବୁକ୍ ଓ ପାସବୁକ୍ କାର୍ଯ୍ୟ ପ୍ରତ୍ୟାହାର ପ୍ରମୁଖ ଦାବି ରହିଛି। ଦାବିପତ୍ର ପ୍ରଦାନବେଳେ ବୁଗୁଡ଼ା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶ, ସମ୍ପାଦକ ନଗେନ୍ଦ୍ର ନାଥ ଷଡ଼ଙ୍ଗୀ, କନିଷ୍ଠ ଶିକ୍ଷକ ସଂଘ ସଭାପତି ସିତାରାମ ତ୍ରିପାଠୀ, ସମ୍ପାଦକ ମିଟୁ ସେଠୀ, ଏକ୍ସ କ୍ୟାଡର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୀତବାସ ସାହୁ, ସମ୍ପାଦକ ପ୍ରାର୍ଥସାରଥୀ ପ୍ରଧାନ, ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପୁରୁଷୋତ୍ତମ ପ୍ରଧାନ ଓ ସମ୍ପାଦକ ଭବାନୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ସେପ୍ଟେମ୍ବର, ୨୦୧୮



ଆଖି ଅନ୍ୟକୁ ଦେଖିପାରେ, କିନ୍ତୁ ନିଜକୁ ଦେଖିପାରେ ନାହିଁ। ମଣିଷ ଅନ୍ୟର ଭୁଲ ବାଛି ବସେ, କିନ୍ତୁ ନିଜର ଭୁଲକୁ ସ୍ୱୀକାର କରି ନ ଥାଏ।
- ସତ୍ୟସାଇ



## ସଂକ୍ଷେପରେ

### ବିଧାୟକ ବିରୋଧୀଙ୍କ ସମାବେଶ

**ଦଶପଲ୍ଲା,୧୬।୯(ଡି.ଏନ.ଏ.):** ରବିବାର ସ୍ଥାନୀୟ କୁଆଁରିଆ ଡ୍ୟାମଠାରେ ବିଧାୟକ ବିରୋଧୀ ବିଜେଡି କର୍ମୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦଳୀୟ ନେତା ପୂର୍ବତନ ବ୍ଲକ ଚେୟାରମ୍ୟାନ, ବର୍ତ୍ତମାନର ବ୍ଲକ ଚେୟାରମ୍ୟାନ, ଭାଇସ ଚେୟାରମ୍ୟାନ ପ୍ରମୁଖ ଯୋଗଦେଇ ବିଧାୟକଙ୍କ ବିରୋଧରେ ଉଦ୍‌ବୋଧନ ଦେଇଥିଲେ। ପୂର୍ବରୁ ଏକ ବାଇକ୍ ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। କର୍ମୀମାନେ ଦଳୀୟ ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଶୋଭାଯାତ୍ରା କୁଆଁରିଆ ଡ୍ୟାମ ପର୍ଯ୍ୟନ୍ତ ଯିବା ପରେ ସେଠାରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ଓ ନୂଆଗାଁ ଅଞ୍ଚଳର ବହୁ କର୍ମୀ ଏଥିରେ ଯୋଗ ଦେଇଥିଲେ। ଆଗାମୀ ନିର୍ବାଚନରେ ଦଶପଲ୍ଲା ବ୍ଲକ ଡମାହାଣ୍ଡି ଗ୍ରାମର ଜଣେ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ବିଜେଡିରୁ ପ୍ରାର୍ଥୀ ହେଉଥିବା କର୍ମୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

### ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ



**ନୟାଗଡ଼ ଅଫିସ,୧୬।୯:** ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଦୁର୍ଦ୍ଧରା ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପକ୍ଷରୁ ରବିବାର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଞ୍ଜୟ କୁମାର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ଯୁବକମାନେ ଯୋଗଦାନ କରି ବିଭିନ୍ନ ସ୍ଥାନରେ ସଫେଇ କରିଥିଲେ। ସେହିଭଳି ଲୋକମାନଙ୍କୁ ସ୍ୱଚ୍ଛତା ଉପରେ ସଚେତନ କରାଇଥିଲେ। ପରିଷ୍କାର ରହିଲେ ରୋଗ ଜୀବାଣୁଠାରୁ ଦୂରେଇ ରହିପାରିବା ବୋଲି ବୁଝାଇଥିଲେ। ଏଥିରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ତୁଷାର ରାଉତ, ଉପେନ୍ଦ୍ର ସାହୁ, ସଞ୍ଜୟ ରାଉତ, ପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ବଣିକ ସଂଘ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ



**ବୋଲଗଡ଼,୧୬।୯(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅଞ୍ଚଳର ରାଜସୁନାଖଳା ଗଣେଶ ବଜାର ଓ ଗେଡ଼ିଆପଲ୍ଲୀଠାରେ ଗଣେଶ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି। ଏ ଅବସରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜସୁନାଖଳା ଗଣେଶ ବଜାର ବଣିକ ସଂଘ ଆୟୋଜକ କମିଟି ପକ୍ଷରୁ ସ୍ଥାନୀୟ ସ୍କୁଲ ଓ କଲେଜ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ବଣିକ ସଂଘର ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟପକ୍ଷରେ ଗେଡ଼ିଆପଲୀ ପଞ୍ଚାୟତର ଗୁଡୁପାଙ୍ଗୀଠାରେ ଗଣେଶ ପୂଜା ଉତ୍ସବ ଦାଶରଥି ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଶିକ୍ଷକ, ଖବରଦାତା, ରାଜସ୍ୱ ବିଭାଗର କର୍ମଚାରୀ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରାଜସୁନାଖଳା ଗଣେଶ ମନ୍ଦିର ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗୁରୁବାର ଶ୍ରୀମଦ୍ ଭାଗବତ ପଠନ, ଶୁକ୍ରବାର ମେଲୋଡ଼ି, ଶନିବାର ଡ୍ୟାନ୍ସ ଡ୍ୟାନ୍ସ ଓ ରବିବାର ସନ୍ଧ୍ୟାରେ ବାଦ ଦୁଆରୀ ପରିବେଷଣ ହୋଇଥିଲା।

### ନୂଆଗାଁରେ ଗଣେଶ ପୂଜା ଭସାଣି



**ନୂଆଗାଁ,୧୬।୯ (ଡି.ଏନ.ଏ.):** ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ସ୍ଥାନରେ ରବିବାର ଗଣେଶ ପୂଜା ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନ, ଗ୍ରାମ, ବଜାର ଆଦି ସ୍ଥାନରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। କେତେକ ସ୍ଥାନରେ ଶୁକ୍ରବାର ଓ ଆଉ କେତେକ ସ୍ଥାନରେ ରବିବାର ଶ୍ରୀଗଣେଶଙ୍କ ମୂର୍ତ୍ତି ବିସର୍ଜନ କରାଯାଇଛି। ନୂଆଗାଁ ଗଜାନନ କ୍ଲବର ଭସାଣି ମେଢ ପୂଜାସ୍ଥଳରୁ ବାହାରି ବଜାର ମଧ୍ୟ ଦେଇ ବ୍ଲକ ପର୍ଯ୍ୟନ୍ତ ପରିକ୍ରମା କରିବା ପରେ ମହାଦେବ ପୋଖରୀରେ ବିସର୍ଜନ କରାଯାଇଥିଲା। ବିଶ୍ୱଜିତ ଖଣ୍ଡୁଆଳ, ଜିତେନ୍ଦ୍ର ପରିଡା, ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳାର ସହ ଏହା ଅନୁଷ୍ଠିତ ହୋଇଥିଲା।

# ବେଳାଭୂମିରୁ ମିଳିଲା ଯୁବକଙ୍କ ଗୋଡ଼ବନ୍ଧା କଙ୍କାଳ

- ମୃତକଙ୍କ ଘର ଭୁବନେଶ୍ୱରରେ, ହତ୍ୟା ସନ୍ଦେହ
- ଚନ୍ଦ୍ରଶେଖରପୁର ଥାନାରେ ହୋଇଥିଲା ନିଖୋଜ ଅଭିଯୋଗ
- ମୋବାଇଲ ଟ୍ରାକିଂରୁ ମୃତଦେହ ଠାବ କଲା ପୋଲିସ

**ପୁରୀ ଅଫିସ,୧୬।୯**

ନିକଟରେ କମଳାଦେବୀ ମାତୃ ମଙ୍ଗଳ କେନ୍ଦ୍ର ହସ୍‌ପିଟାଲ ପରିସରରୁ ୭ ମଣିଷ ଖପୁରୀ ମିଳିଥିଲା। ଏହାପୂର୍ବରୁ ନୂଆନଈ ପୋଲତଳୁ ୨୫ରୁ ଅଧିକ ଖପୁରି ଜବତ କରାଯାଇଥିଲା। ଏହାର ରହସ୍ୟ ପୁରୀ ପୋଲିସ ପାଇପାରି ନ ଥିବାବେଳେ ଏବେ ବେଳାଭୂମିରୁ ମଣିଷ କଙ୍କାଳ ମିଳିଛି। ରବିବାର ପୁରୀ-କୋଣାର୍କ ମେରାଇନ ଡ୍ରାଇଭ ରୋଡ୍ ସୈକତ ନିବାସ ପଛ ବେଳାଭୂମିରୁ ଦୁଇ ଗୋଡ଼ ବନ୍ଧା ଅବସ୍ଥାରେ ଥିବା କଙ୍କାଳକୁ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା ପରେ ପ୍ରମାଣ ନଷ୍ଟ ଲାଗି ଏଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ ସନ୍ଦେହ କରାଯାଉଛି। ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ତେବେ ଉଦ୍ଧାର କଙ୍କାଳ ଭୁବନେଶ୍ୱରରୁ ନିଖୋଜ ଥିବା ମାନସ ଦାସଙ୍କର ବୋଲି ଜଣାପଡିବା ପରେ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ମୃତ ମାନସଙ୍କ କଙ୍କାଳରେ ଶାର୍ଟପ୍ୟାଣ୍ଟ ରହିଥିଲା। ପ୍ୟାଣ୍ଟ ପକେଟରୁ ମିଳିଥିବା କାଗଜପତ୍ର ଦେଖି ପରିବାର ଲୋକେ ଚିହ୍ନଟ କରିଥିଲେ।

ମୃତ ମାନସଙ୍କ ସମ୍ପର୍କୀୟା ଭଉଣୀଙ୍କ କହିବାନୁଯାୟୀ, ତାଙ୍କ ପରିବାର ଭୁବନେଶ୍ୱର ନିଳାଦ୍ରୀବିହାରରେ ରହୁଛନ୍ତି। ସେ ସ୍ଥାନୀୟ ଏକ ଘରୋଇ ହସ୍‌ପିଟାଲରେ କାର୍ଯ୍ୟ କରୁଥିଲେ। ଅଗଷ୍ଟ ୨୮ ତାରିଖରୁ କୌଣସି କାମରେ ପୁରୀ ଆସିଥିଲେ। ମାତ୍ର ସେ ଆଉ ନ ଫେରିବାରୁ ବାପା ବିମଳ ଦାସ ଚନ୍ଦ୍ରଶେଖରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କର କାହା ସହ ଶତ୍ରୁତା ନ ଥିଲା। ଚନ୍ଦ୍ରଶେଖରପୁର ଥାନାଧିକାରୀ ଦୀପକ ମିଶ୍ର କହିଛନ୍ତି ଯେ, ଅଭିଯୋଗ ଆଧାରରେ ଏକ ମାମଲା (ନଂ.୪୭/୧୮) ରୁଜୁ କରି ତଦନ୍ତ ଆରମ୍ଭ ହୋଇଥିଲା। ମାନସଙ୍କ ମୋବାଇଲକୁ ଟ୍ରାକ୍ କରାଯିବା ପରେ ପୁରୀ ସାମୁଦ୍ରିକ ଥାନା ସହିତ ଯୋଗାଯୋଗ କରାଯାଇଥିଲା। ରବିବାର ଚନ୍ଦ୍ରଶେଖରପୁର ଥାନାର ଏକ ପୋଲିସ ଟିମ୍ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ବେଳାଭୂମିରୁ ମାନସଙ୍କ ନରକଙ୍କାଳକୁ ଉଦ୍ଧାର କରାଯାଇଥିଲା। ପୁରୀ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣା ସ୍ଥଳରେ ତଦନ୍ତ କରିଥିଲା। ତେବେ ଗତବର୍ଷ ମଧ୍ୟ ମାନସ ନିଖୋଜ ହୋଇଯାଇଥିଲେ। କିଛିଦିନ ପରେ ତାଙ୍କୁ କଟକରୁ ଉଦ୍ଧାର କରାଯାଇଥିଲା। ସାମୁଦ୍ରିକ ଥାନା ଏଏସଆଇ ବିଜୟ କୁମାର ମଲିକ କୁହନ୍ତି, କଙ୍କାଳ ଉଦ୍ଧାର ପରେ ଘଟଣାର ତଦନ୍ତ ଜାରି ରହିଛି। ଏହାର ଭିସାରା ଟେଷ୍ଟ ଲାଗି ପଠାଯିବ। ମୃତକଙ୍କ ସମ୍ପର୍କୀୟା ଭଉଣୀ କୁହନ୍ତି ମାନସର କାହା ସହିତ କୌଣସି ଶତ୍ରୁତା ନଥିଲା। ଏନେଇ ନିଖୋଜ ଥିବା ନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ କରାଯାଇଥିଲା।

## କେକେଶୀକୁ ବଧ କଲେ ଶ୍ରୀକୃଷ୍ଣ



ଶ୍ରୀକୃଷ୍ଣ ଓ ବଳରାମ କେକେଶୀକୁ ବଧ କରିବାର ଦୃଶ୍ୟ।

**ପୁରୀ ଅଫିସ, ୧୬।୯**

ଭାଦ୍ରବ ଶୁକ୍ଳ ସପ୍ତମୀ ତିଥିରେ ରବିବାର ଶ୍ରୀମନ୍ଦିରରେ କୃଷ୍ଣଲୀଳା କ୍ରମରେ କେକେଶୀ ବଧ ଲୀଳା ସମ୍ପନ୍ନ ହୋଇଛି। ଭଗବାନ ଶ୍ରୀକୃଷ୍ଣ କେକେଶୀକୁ ବଧ କରିଛନ୍ତି। ସନ୍ଧ୍ୟାଧୂପ ପରେ ମଦନମୋହନ ଆଜ୍ଞାମାଳ ପାଇ ନାଟପା ମନ୍ଦିର ଖଟ ଉପରେ ବିଜେ କରିଥିଲେ। ସେଠାରେ କାଳିକା ଦେବୀ ସାହି ପକ୍ଷରୁ କେକେଶୀ ବଧ ଲୀଳା ପ୍ରସ୍ତାବ ଆଗତ ହୋଇଥିଲା। ଉକ୍ତ ସାହିର ଅନିଲ କୁମାର ମହାପାତ୍ର କେକେଶୀ, ରଘୁନାଥ ପ୍ରଧାନ କୃଷ୍ଣ ଓ ରୋହିତ ମହାପାତ୍ର ବଳରାମ ବେଶ ହୋଇ ଏହି ନୀତି ସମ୍ପାଦନ କରିଥିଲେ। ଏହି ଲୀଳା ସମ୍ପର୍କରେ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ବୃନ୍ଦାବନରେ ଲୀଳା କରୁଥିଲେ ତାଙ୍କୁ ମାରିବା ପାଇଁ କଂସାସୁର କେଶୀ ନାମକ ଦୈତ୍ୟକୁ ପଠାଇଥିଲେ। କଂସ ପ୍ରେରିତ ଏହି ଦୈତ୍ୟ ଭୟଙ୍କର ଘୋଟକ ରୂପରେ ଶ୍ରୀକୃଷ୍ଣଙ୍କୁ ଆକ୍ରମଣ କରିବାକୁ ଆସିଥିଲେ। ଯମୁନା ତଟରେ ଶ୍ରୀକୃଷ୍ଣ ତା' ପାଟି ଭିତରେ ହାତ ଭର୍ତ୍ତି କରି ତାକୁ ଶ୍ୱାସରୁଦ୍ଧ କରି ବିନାଶ କରିଥିଲେ। ଏବେ ମଧ୍ୟ ବୃନ୍ଦାବନ ଯମୁନା କୂଳରେ ଏକ ଘାଟର ନାମ କେଶୀଘାଟ ରହିଛି। ସେହି ସ୍ମୃତିରେ ଶ୍ରୀମନ୍ଦିରରେ କୃଷ୍ଣ ଲୀଳା କ୍ରମରେ କେଶୀ ବା କେକେଶୀ ବଧ ଲୀଳା ଅନୁଷ୍ଠିତ ହୋଇଥାଏ।

## ଲୁହାଶଙ୍ଖ ପୋଲର ଓସାର ବୃଦ୍ଧି ଦାବିରେ ରାସ୍ତାରୋକୋ

**ଜଟଣୀ, ୧୬।୯(ଡି.ଏନ.ଏ.)**



ରାସ୍ତାରୋକୋରେ ସାମିଲ ହୋଇଥିବା ସ୍ଥାନୀୟ ଜନସାଧାରଣ।

ଜଟଣୀ-ତଳଖେତା ସଡ଼କ ପଥର ଲୁହାଶଙ୍ଖ ପୋଲ ରାସ୍ତାର ଓସାର ବୃଦ୍ଧି କିମ୍ବା ଉଭୟପାର୍ଶ୍ୱରେ ପାଚେରୀ ନିର୍ମାଣ ଆଦି ଦାବି କରି ସ୍ଥାନୀୟ ଲୋକଙ୍କ ପକ୍ଷରୁ ରବିବାର ଏଠାରେ ରାସ୍ତାରୋକୋ କରାଯାଇଥିଲା। ଶନିବାର ରାତିରେ ଏଠାରେ ଦୁର୍ଘଟଣା ଘଟି ଏକ କାର୍ ଖସିପଡ଼ି ପାଣିରେ ବୁଡ଼ି ଯିବାରୁ ତା' ମଧ୍ୟରେ ରହି ଯାଇଥିବା ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ଏହିପରି ବାରମ୍ବାର ଏଠାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାରୁ ଲୁହାଶଙ୍ଖଠାରେ ଆନ୍ଦୋଳନ କରାଯାଇ ପ୍ରତିବାଦ କରାଯାଇଥିଲା। ବଜରଙ୍ଗୀ ସେବା ସଂଘର ସଭାପତି ପ୍ରଶାନ୍ତ ସାହୁ ଓ ଅନେକ ସଦସ୍ୟଙ୍କ ସମେତ ପୌରାଧ୍ୟକ୍ଷ ସଂଗ୍ରାମ କେଶରୀ ରାଉତରାୟ, ଜଟଣୀ ୟୁଥ୍ ଫେଡ଼େରେଶନର ସଭାପତି ପ୍ରଶାନ୍ତ ପାଇକରାୟ, ସମ୍ପାଦକ ଅନନ୍ତ ଶତପଥୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ଛୋଟରାୟ ଓ ନିକଟବର୍ତ୍ତୀ ଗ୍ରାମର ବହୁ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ। ପରେ ଜଟଣୀ ତହସିଲଦାର ସୁଜାତା ମହାରଣା ଓ କମିଶନରେଟ୍ ପୋଲିସର ଏସିପି ପି.କେ. ରାଉତ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ। ରହିଥିବା ସମସ୍ୟା ଦୂର ପାଇଁ ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ଅବଗତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପୂର୍ତ୍ତବିଭାଗ ପକ୍ଷରୁ ଲୁହାଶଙ୍ଖ ପୋଲର ଉଭୟପାର୍ଶ୍ୱରେ ରବିବାର ବାଉଁଶବାଡ଼ ଦେବା ଘଟଣାକୁ ଆନ୍ଦୋଳନକାରୀ ନପସନ୍ଦ କରିଛନ୍ତି। ବଜରଙ୍ଗୀ ସେବା ସଂଘର ପ୍ରଶାନ୍ତ କୁହନ୍ତି, ବାଡ଼ ଦିଆଯାଇଥିବା ବାଉଁଶଗୁଡ଼ିକ ଖଡିରା ଥିବାରୁ ସାମାନ୍ୟ ସାଇକେଲ୍ ଧକ୍କାରେ ଏହା ଭାଙ୍ଗିଯିବ।

## ଡାକ୍ତରଙ୍କୁ ମାଡ଼ ମାରିଥିବା ଯୁବକ ଗିରଫ

**ଖୋର୍ଦ୍ଧାଅଫିସ,୧୬।୯**

ଡାକ୍ତରଙ୍କୁ ମାଡ ମାରିବା ଅଭିଯୋଗରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ବାସେଳିସାହିର ସିଦ୍ଧ ପ୍ରକାଶ ବେହେରା(୩୦)ଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁସାରେ, ଗତମାସ ଅଗଷ୍ଟ ୨ ତାରିଖରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ଚକ୍ଷୁ ବିଭାଗର ଡାକ୍ତର ବି. ବି. ମହାନ୍ତିଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ମାରପିଟ୍ କରିଥିଲେ। ଏ ନେଇ ଡାକ୍ତରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୧୨/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

## ବେଆଇନ ଚାନ୍ଦା ମାଗି ୪ ଅଟକ

**ଖୋର୍ଦ୍ଧା ଅଫିସ,୧୬।୯**

ବେଆଇନ ଭାବେ ଚାନ୍ଦା ମାଗିବା ଅଭିଯୋଗରେ ଖୋର୍ଦ୍ଧା ଜିଲାର ଜଙ୍କିଆ ଥାନା ପୋଲିସ ମଳିପଡାର ୪ ଜଣ ଯୁବକଙ୍କୁ ଅଟକ ରଖି ପଚରାଉଚୁରା ଜାରି ରଖିଛି। ମିଳିଥିବା ସୂଚନା ଅନୁସାରେ, ଗୋଡିପଡା ଟୋଲଗେଟର ମ୍ୟାନେଜରଙ୍କୁ ଯୁବକମାନେ ରବିବାର ଗଣେଶ ପୂଜା ଭସାଣି ପରେ ଚାନ୍ଦା ମାଗିଥିଲେ। ଟୋଲଗେଟର ମ୍ୟାନେଜର ଥାନାରେ ଏ ନେଇ ଅଭିଯୋଗ କରିଥିଲେ।

## ଆଜି ଅତିବଡ଼ୀଙ୍କ ଜୟନ୍ତୀ

**ପୁରୀ ଅଫିସ, ୧୬।୯**

ଓଡ଼ିଆ ଭାଗବତର ସ୍ରଷ୍ଟା ଅତିବଡ଼ୀ ଜଗନ୍ନାଥ ଦାସ ପଞ୍ଚଶଖାଙ୍କ ମଧ୍ୟରୁ ଶ୍ରେଷ୍ଠ ସାଧକ। ପ୍ରତିଟି ଓଡ଼ିଆଙ୍କ ମନରେ ଭଗବତ ଚିନ୍ତା ଚେତନା ହିଁ ସୃଷ୍ଟି କରିଥିଲେ ଜଗନ୍ନାଥ ଦାସ। ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିବାରେ ତାଙ୍କର ଅବଦାନ ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ସୋମବାର ଏହି ତ୍ୟାଗୀଜନ୍ମାଙ୍କ ପବିତ୍ର ଜୟନ୍ତୀ। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କପିଳେଶ୍ୱରପୁର ଗ୍ରାମରେ ଭାଦ୍ରବ ଶୁକ୍ଳ ପକ୍ଷ ରାଧାଷ୍ଟମୀ ତିଥିରେ ଜନ୍ମଗ୍ରହଣ କରିଥିଲେ ଅତିବଡ଼ୀ। ତାଙ୍କର ଏହି ପୁଣ୍ୟ ତିଥି ଉପଲକ୍ଷେ ଜନ୍ମପୀଠ ସମେତ ସମାଧି ପୀଠ ସାତଲହଡ଼ି ମଠରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜନ୍ମ ପୀଠ କପିଳେଶ୍ୱରପୁରରେ ସୋମବାର ପୂର୍ବାହ୍ନରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବ। ଏହି ଅବସରରେ ଅତିବଡ଼ୀଙ୍କ ଆସୀନ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରାଯିବ। ୧୮ ତାରିଖରେ ସମାଧି ପୀଠ ସାତଲହଡି ମଠରେ ଉଦ୍‌ଘାଟନୀ ଅଧିବେଶନ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସେହିପରି ସାଧନା ପୀଠ ବଡ଼ ଓଡ଼ିଆ ମଠରୁ ଅତିବଡ଼ୀଙ୍କ ଚଳନ୍ତି ପ୍ରତିମା ଏବଂ ଭଗବତ ବାସୁଦେବ ସାଗର ବିଜେ କରିବେ। ସାଗର ବିଜେ ପରେ ଭଗବତ ବାସୁଦେବ ସାତଲହଡି ମଠକୁ ଯିବେ। ସେଠାରେ ଭାଗବତ ପାଠ, ପଙ୍କ୍ତିଭୋଗ ଓ ବନ୍ଦାପନା ପରେ ଭାଗବତ ଗୋସ୍ୱାମୀ ସାଧନା ପୀଠକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବଡ଼ ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସଗୋସ୍ୱାମୀ କହିଛନ୍ତି।

## ବୃଦ୍ଧି ପାଉଛି ଚୋରାମାଙ୍କଡ଼ା ପଥର ଚାଲାଣ
## ୧୦ ଗାଡ଼ି ଜବତ, ତହସିଲଦାରଙ୍କୁ ଘେରିଲେ ଗ୍ରାମବାସୀ

**ରଣପୁର,୧୬।୯(ସ୍ୱ.ପ୍ର)**

ରଣପୁର ତହସିଲ ଅନ୍ତର୍ଗତ ମୟୁରଝଲିଆ ଗ୍ରାମବାସୀ ମିଳିତ ହୋଇ ୧୦ରୁ ଉର୍ଦ୍ଧ୍ୱ ମାଙ୍କଡ଼ା ପଥର ବୋଝେଇ ଗାଡ଼ିକୁ ରବିବାର ଅଟକ ରଖିଥିଲେ। ଏ ଘଟଣା ନେଇ ଚାନ୍ଦପୁର ଥାନାକୁ ଖବର ଦେବାପରେ ଥାନା ଅଧିକାରୀ ଗାଡ଼ିଗୁଡିକୁ ଜବତ କରିଛନ୍ତି। ଉଲ୍ଲେଖଯୋଗ୍ୟ କି, ନୟାଗଡ଼ ଜିଲା ରଣପୁର ତହସିଲ ଅଧିନରେ ଥିବା ବିଭିନ୍ନ ଖଣିଖାଦାନକୁ ରାଜ୍ୟ ସରକାର ନିଲାମ ନ ଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ କେତେଜଣ ବିଭାଗୀୟ ଅସାଧୁ କର୍ମଚାରୀଙ୍କ ଯୋଗୁ ସମସ୍ତ ଖଣିଖାଦନରୁ ପଥର ଖନନ କରାଯାଇ ରାତିରେ ଚୋରାଚାଲାଣ କରାଯାଉଛି । ଯାହାଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀମାନେ ମାସିକିଆ ଚାନ୍ଦା ନେଇ ଏହାକୁ ପ୍ରଶୟ ଦେଉଛନ୍ତି । ପ୍ରତ୍ୟେକ ରାତ୍ରରେ ୧୦୦ରୁ ଉର୍ଦ୍ଧ୍ୱ ପଥର ବୋଝେଇ ଗାଡ଼ି ଚୋରାରେ ଚାଲାଣ ହେଉଛି । ଭାରୀଯାନରେ ପଥର ଚାଲାଣ ହେଉଥିବା ଯୋଗୁ ରାସ୍ତାଘାଟ ମଧ୍ୟ ନଷ୍ଟ ହେଉଛି। ଏହାକୁ ବିରୋଧ କରି ଗ୍ରାମବାସୀ ମିଳିତ ହୋଇ ଏହି ମାଙ୍କଡ଼ା ପଥର ବୋଝେଇ ଗାଡ଼ିଗୁଡ଼ିକୁ ଅଟକ ରଖି ଚାନ୍ଦପୁର ଥାନାକୁ ଖବର ଦେଇଥିଲେ। ଚାନ୍ଦପୁର ଥାନା ଅଧିକାରୀ ଛତ୍ରପତି କଅଁର ଗାଡ଼ିଗୁଡିକ ଜବତ କରି ଚାନ୍ଦପୁର ଫାଣ୍ଡିକୁ ଆଣିଛନ୍ତି। ଏ ଘଟଣା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେବାରୁ ରଣପୁର ତହସିଲଦାର ସୁଶାନ୍ତ କୁମାର ପତି ସେଠାରେ ପହଞ୍ଚିବା ପରେ ଉକ୍ତ ଗ୍ରାମବାସୀମାନେ ତାଙ୍କୁ ମଧ୍ୟ ଘେରାଉ କରିଥିଲେ। ତେବେ ଏଭଳି ଚୋରାଚାଲାଣ ଉପରେ ପ୍ରଶାସନ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି।

## ଗଣପତି ପୂଜା ଉତ୍ସବ

**ଖୋର୍ଦ୍ଧା ଅଫିସ,୧୬।୯:** ଖୋର୍ଦ୍ଧା ସହରର ବିଡିଏ କଲୋନୀରେ ଗଣପତି ବାପ୍ପା ୟୁଥ୍ ଆସୋସିଏଶନର ୮ମ ବାର୍ଷିକ ଗଣପତି ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ହେଭଲକ ଚିଲ୍ଡ୍ରେନ ହୋମରେ ରହୁଥିବା ଛାତ୍ରମାନଙ୍କୁ ରବିବାର ପାଠ୍ୟ ଉପକରଣ ଓ ଉତ୍ତରୀୟ ପ୍ରଦାନ କରାଯାଇଛି।

## ଚିଲିକାରେ ଡଙ୍ଗା ସର୍ବେକ୍ଷଣ ଶେଷ: ଲାଇସେନ୍ସକୁ ଅପେକ୍ଷା

**ଖୋର୍ଦ୍ଧା ଅଫିସ,୧୬।୯**

ଚିଲିକା ଡଙ୍ଗାବୁଡ଼ି ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିବା ପରେ ବିପ୍ପଜନକ ନୌଯାତ୍ରାରେ ଲଗାମ ଲାଗିଥିଲା। ଯାତ୍ରୀମାନଙ୍କର ସୁରକ୍ଷା ଓ ନିରାପତ୍ତା ଦୃଷ୍ଟିରୁ ଚିଲିକା ହ୍ରଦରେ ଆନୁଷଙ୍ଗିକ ଲାଇସେନ୍ସ, ଲାଇଫ ଜ୍ୟାକେଟ୍, ଫିଟ୍‌ନେସ ଆଳରେ ଡଙ୍ଗା ଚଳାଚଳ ନିଷିଦ୍ଧ ରହିଛି। ଅଘଟଣର ୩ ମାସ ହୋଇ ଯାଇଥିଲେ ବି ଡଙ୍ଗା ଚଳାଚଳ ଆରମ୍ଭ ହୋଇପାରିନାହିଁ। ଡଙ୍ଗା ଚଳାଚଳ ହେଉ ନ ଥିବାରୁ ଚାଳକ, ମାଲିକ, କର୍ମଚାରୀ ଜୀବିକା ହରାଇ ଅଭାବ ଅସୁବିଧାରେ ଚଳୁଛନ୍ତି। ଏଭଳିସ୍ଥଳେ ଚିଲିକାରେ ଡଙ୍ଗା ଚଳାଚଳ ପାଇଁ ତୁରନ୍ତ ସର୍ବେକ୍ଷଣ ଶେଷ କର ବୋଲି ଚାଳକ, ମାଲିକ, କର୍ମଚାରୀମାନେ ସଂଘ ମାଧ୍ୟମରେ ପ୍ରଶାସନ ଓ ସରକାରଙ୍କୁ ଚାପ ପକାଇ ଆସୁଥିଲେ। ଡଙ୍ଗା ସର୍ବେକ୍ଷଣ କାର୍ଯ୍ୟ ଶନିବାର ଶେଷ ହୋଇଛି ଉପଜିଲାପାଳ ସରୋଜ ସାହୁ ସୂଚନା ଦେଇଛନ୍ତି। ଅପରପକ୍ଷେ ଡଙ୍ଗା ଚଳାଚଳ ପାଇଁ ତୁରନ୍ତ ଲାଇସେନ୍ସ ପ୍ରଦାନ ଦାବିରେ ଆସନ୍ତା ୧୭ ତାରିଖରେ ଚିଲିକା ତହସିଲଦାରଙ୍କୁ ଭେଟି ସ୍ମାରକପତ୍ର ଦିଆଯିବ ବୋଲି ବସନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

# ମା' ଭଗବତୀଙ୍କ ପୀଠରେ ଶାରଦୀୟ ପାର୍ବଣର ଶୁଭାରମ୍ଭ

- ଚିଲିକାରେ ପାଣିତୋଳା ଉତ୍ସବ
- ମା' କାଳିଜାଈଙ୍କ ଆଜ୍ଞାମାଳ ନେଇ ଫେରିଲେ

**ବାଲୁଗାଁ,୧୬।୯ (ଡ଼ି.ଏନ୍.ଏ.)**

ରବିବାର ଭାଦ୍ରବ ଶୁକ୍ଳପକ୍ଷ ସପ୍ତମୀ ତିଥି ଅବସରରେ ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀଙ୍କ ପବିତ୍ର ଶାରଦୀୟ ପାର୍ବଣର ଶୁଭାରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ ମା'ଙ୍କ ତଥାକଥିତ ଛଅଭଉଣୀଙ୍କ ମଧ୍ୟରୁ ପୂର୍ବରୁ ୫ଭଉଣୀଙ୍କୁ ନିମନ୍ତ୍ରଣ ହୋଇଥାଏ। ଏହାପରେ ଆରମ୍ଭ ହୁଏ ପାଣି ତୋଳା ଉତ୍ସବ। ଘଣ୍ଟ, କାହାଳୀ, ହରିବୋଲ ଧ୍ୱନିରେ ଚିଲିକା ବକ୍ଷ ପ୍ରକମ୍ପିତ ହୋଇଉଠିଥିଲା। ପୂଜାନୀତି ସମାପନ ପରେ ମା' କାଳିଜାଈଙ୍କୁ ନିମନ୍ତ୍ରଣ ସ୍ୱରୂପ ଆଜ୍ଞାମାଳ ନେଇ ଭୋରରୁ ମା' ଭଗବତୀଙ୍କ କାଠି ଠାକୁରାଣୀ ବାଲୁଗାଁ ଚିଲିକା ତଟରେ ପହଞ୍ଚିବେ। ଅନ୍ତିମ ପର୍ଯ୍ୟାୟରେ ମା' ଭଗବତୀଙ୍କ କାଠି ଠାକୁରାଣୀ ଚିଲିକା ବକ୍ଷରେ ଅବସ୍ଥିତ ଅନ୍ୟତମ ଭଉଣୀ ମା' କାଳିଜାଈଙ୍କ ନିମନ୍ତ୍ରଣ ପାଇଁ ଆସିଥାନ୍ତି । ସପ୍ତମୀ ତିଥିରେ ଚିଲିକା ମଧ୍ୟରେ ଅନୁଷ୍ଠିତ ଏହି ନିମନ୍ତ୍ରଣ ଉତ୍ସବକୁ ପାଣିତୋଳା ଉତ୍ସବ କୁହାଯାଇଥାଏ। ଏଠାରୁ କାଳିଜାଈଙ୍କ ଆଜ୍ଞାମାଳ ନେଇ ମା' ଭଗବତୀ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । ରବିବାର ଲଳିତା ସପ୍ତମୀ ତିଥି ସନ୍ଧ୍ୟାରେ ପରମ୍ପରା ଅନୁଯାୟୀ ମା' ଭଗବତୀଙ୍କ କାଠି ଠାକୁରାଣୀ ସେବାୟତଙ୍କ ଗହଣରେ ଘଣ୍ଟ, ବାଦ୍ୟ, କାହାଳୀ ମଧ୍ୟରେ ଆସି ଚିଲିକା ବକ୍ଷରେ ପହଞ୍ଚିଥିଲେ । ସେଠାରୁ ଏକ ସୁସଜ୍ଜିତ ବୋଇତରେ ମା'ଙ୍କୁ ବିରାଜମାନ କରାଇ ଚିଲିକା ମଧ୍ୟଭାଗକୁ ନିଆଯାଇଥିଲା । ପୂର୍ବରୁ ଅନ୍ୟ ଏକ ବୋଇତରେ ମା' କାଳିଜାଈଙ୍କ ଆଜ୍ଞାମାଳ ଧରି ସେବାୟତମାନେ ଅପେକ୍ଷା କରି ରହିଥିଲେ । ବାଣପୁର ଫେରିବା ବାଟରେ ମା' ଭଗବତୀଙ୍କ କାଠି ଠାକୁରାଣୀ ପ୍ରଥମେ ବାଲୁଗାଁ ସାମନ୍ତରାପୁର ସାହି, ଗୁଣ୍ଡୁରୁପୁର ସାହି, ପାଟଣା ସାହିରେ ଭୋଗ ସାରି ଅନ୍ତରକିଆରୀ ଗ୍ରାମ ପରିଚ୍ଛା ଘରେ ପହଞ୍ଚି ସେଠାରେ ଭୋଗ ସାରନ୍ତି। ସୋମବାର ରାଧାଷ୍ଟମୀ ତିଥିରେ ଭଗବତୀଙ୍କର ଶୟନ ଉତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ଉତ୍ସବର ୮ଦିନ ପରେ ଅର୍ଥାତ୍ ଭାଦ୍ରବ ଶୁକ୍ଳ ତ୍ରୟୋଦଶୀ ତିଥିରେ ମା' ଦକ୍ଷିଣ ଦିଗକୁ ପାର୍ଶ୍ୱ ପରିବର୍ତ୍ତନ କରନ୍ତି । ପୁନଃ ଏହାର ଆଠଦିନ ପରେ ମୂଳାଷ୍ଟମୀ ତିଥିରେ ଶାରଦୀୟ ପୂଜା ପାଇଁ ମା'ଙ୍କୁ ମନ୍ତ୍ର ମୁତାବକ ଆରାଧନା କରାଯାଇ ଶୟନ ଅବସ୍ଥାରୁ ଉତ୍ଥାପନ କରାଯାଇଥାଏ ଏବଂ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୁଏ । ଉକ୍ତ ଦିନଠାରୁ ମା' ଭଗବତୀଙ୍କର ଷୋଡଶ ଦିବସୀୟ ଶାରଦୀୟ ପୂଜା ଆରମ୍ଭ ହୁଏ । ମୂଳାଷ୍ଟମୀଠାରୁ ପ୍ରଥମ ଆଠଦିନ ଅର୍ଥାତ୍ ଅମାବାସ୍ୟା ପର୍ଯ୍ୟନ୍ତ ଭଗବତୀ ମନ୍ଦିରରେ ଯେଉଁ ପୂଜା ଅନୁଷ୍ଠିତ ହୁଏ ତାହାକୁ ଭିତର ପୂଜା କୁହାଯାଏ । ତହିଁ ଆଠଦିନ ପର୍ଯ୍ୟନ୍ତ ଦକ୍ଷପ୍ରଜାପତି ମନ୍ଦିର ନିକଟସ୍ଥ ସାତବଖରା ଘରେ ବାହ୍ୟ ପୂଜା ଅନୁଷ୍ଠିତ ହୋଇଥାଏ । ଏଠାରେ ପୂର୍ବରୁ ଶାରଦୀୟ ପାର୍ବଣ ନିମନ୍ତେ ମା'ଙ୍କ ତଥାକଥିତ ଅନ୍ୟ ଭଉଣୀ ମା' ବିରଜାଇ, ମା' ନାରାୟଣୀ, ମା' ପୋଲକାଶୁଣୀ, ମା' କାଳିଜାଇ, ମା' ସିଦ୍ଧାମ୍ବରୀ ଓ ମା' ବୁଢ଼ୀ ଠାକୁରାଣୀ ଆସ୍ଥାନ ଗ୍ରହଣ କରିଥାନ୍ତି । ମହାନବମୀ ତିଥିରେ ଭଗବତୀଙ୍କ ମନ୍ଦିର ଗୃହରେ ନବକଳସ, ପୂଜା, ହୋମ ଓ ବଳିଦାନ ଇତ୍ୟାଦି ସମାପନ ପରେ ଦଶମୀ ତିଥିରେ ଶାରଦୀୟ ପାର୍ବଣ ପୂଜା ଅନୁଷ୍ଠିତ ହୋଇଥାଏ।



ସେବାୟତଙ୍କ ଗହଣରେ ମା' ଭଗବତୀଙ୍କ କାଠି ଠାକୁରାଣୀ।

## ଗଣେଶ ଭସାଣିରେ ଶବ୍ଦ ପ୍ରଦୂଷଣ

**ଖୋର୍ଦ୍ଧାଅଫିସ,୧୬।୯:** ଗଣେଶ ପୂଜା ଭସାଣିରେ ରବିବାର ଶବ୍ଦ ପ୍ରଦୂଷଣ ବୃଦ୍ଧି ପାଇଛି। ଡିଜେ ସାଉଣ୍ଡରେ ଖୋର୍ଦ୍ଧା ସହର ପ୍ରକମ୍ପିତ ହୋଇଥିଲା। ଘରର କାନ୍ଥ ଭୂମିକମ୍ପ ପରି ଥରି ଉଠୁଥିଲା। ବଜାରରେ ଯେଉଁ ଶବ୍ଦ ସାହି, ୱାର୍ଡ ଭିତରେ ବି ସେହି ପରି ହୋଇଥିଲା। ସାଉଣ୍ଡକୁ ଅନୁମତି ଦେଉଥିବା ପ୍ରଶାସନ କେତେ ପରିମାଣର ସାଉଣ୍ଡ ଭସାଣିରେ ବାଜୁଛି ତାହା ଉପରେ ସମୀକ୍ଷା କରୁ ନ ଥିବାରୁ ରୋଗୀ ଓ ଛୋଟ ପିଲା ବେଶୀ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି।

## ବଜାରରୁ ବାଇକ୍ ଚୋରି

**ଜଟଣୀ, ୧୬।୯(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ କୁଦିଆରୀ ବଜାର ଅଞ୍ଚଳରେ ରବିବାର ସନ୍ଧ୍ୟାରେ ସଂଗ୍ରାମ ରାୟଙ୍କ ହିରୋହୋଣ୍ଡା ପ୍ୟାସନ ବାଇକ୍ (ଓଆର୦୨ ଏଟି ୪୩୩୩) ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ସଂଗ୍ରାମ ବାଇକ୍‌ଟିକୁ ରଖି ମାର୍କେଟିଂ କରିବାକୁ ଯାଇଥିବା ବେଳେ ଏହି ଚୋରି ହୋଇଥିଲା। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।